# ଧରିତ୍ରୀ
DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ଗୁରୁବାର, ଏପ୍ରିଲ ୨୩/୨୦୨୬ (୧୬ ପୃଷ୍ଠା) | Bhubaneswar, Thursday, April 23/2026 | Page 16 | ₹ 7.00

୫୨ଶ ଭାଗ ୧୪୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 148 | ମୂଲ୍ୟ ₹୭/-








ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନ ପାଇଁ ବୀରଭୂମ ଜିଲା ବୋଲପୁରରେ ଜଣେ ପୋଲିଂ ଅଫିସର ବୁଧବାର ଭୋଟିଂ ସାମଗ୍ରୀ ନେଇ ମତଦାନ କେନ୍ଦ୍ର ଅଭିମୁଖେ ଯାଉଛନ୍ତି।

# ଆଜି ପଶ୍ଚିମବଙ୍ଗରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ

ନୂଆଦିଲ୍ଲୀ,୨୨।୪

ପଶ୍ଚିମବଙ୍ଗ ବିଧାନସଭାର ୧୫୨ ଆସନ ଲାଗି ଗୁରୁବାର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ହେବାକୁ ଯାଉଛି। ୧୬ ଜିଲାରେ ହେବାକୁ ଥିବା ଏହି ମତଦାନ ୪୪,୩୭୬ଟି ବୁଥ୍‌ରେ ଅନୁଷ୍ଠିତ ହେବ। ଶାନ୍ତିପୂର୍ଣ୍ଣ ମତଦାନ ଲାଗି ନିର୍ବାଚନ କମିଶନଙ୍କ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ମୋଟ ୪୦୭ କମ୍ପାନୀ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳ ନିୟୋଜିତ ହୋଇଛନ୍ତି। ସବୁ ବୁଥ୍‌ରେ ୱେବ୍‌କାଷ୍ଟିଂ କରାଯିବ। ଏହି ପର୍ଯ୍ୟାୟରେ ୩.୬୦ କୋଟି ଯୋଗ୍ୟ ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ। ସେଥିରୁ ୧.୮୪ କୋଟି ପୁରୁଷ, ୧.୭୫ କୋଟି ମହିଳା ଏବଂ ୪୬୫ ଜଣ ତୃତୀୟ ଲିଙ୍ଗୀ ଭୋଟର ଅଛନ୍ତି। ମାଲଦା, ମୁର୍ଶିଦାବାଦ, ଉତ୍ତର ଦିନାଜପୁର, କୁଚ୍‌ବିହର, ବୀରଭୂମ ଓ ବର୍ଦ୍ଧମାନ ଭଳି କେତେକ ଜିଲା ଆଂଶିକ ସମ୍ବେଦନଶୀଳ ହୋଇଥିବାବେଳେ ସେଠାରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ଶୁଭେନ୍ଦୁ ଅଧିକାରୀ (ଭାଜପା), ନିଶିଥ ପ୍ରାମାଣିକ(ଭାଜପା), ଉଦୟନ ଗୁହା(ଟିଏମ୍‌ସି) ଗୌତମ ଦେବ (ଟିଏମ୍‌ସି) ଏବଂ ଅଧୀର ରଞ୍ଜନ ଚୌଧୁରୀ (କଂଗ୍ରେସ) ପ୍ରମୁଖ ରହିଛନ୍ତି।

## ତାମିଲନାଡୁରେ ଭୋଟ ଆଜି




୨୩୪ ଆସନ ବିଶିଷ୍ଟ ତାମିଲନାଡୁ ବିଧାନସଭା ପାଇଁ ଗୁରୁବାର ଗୋଟିଏ ପର୍ଯ୍ୟାୟରେ ନିର୍ବାଚନ ହେବାକୁ ଥିବାବେଳେ ଏହା ପୂର୍ବରୁ ୪,୧୮,୫୪୧ଟି ପୋଷ୍ଟାଲ ଭୋଟ ରେକର୍ଡ କରାଯାଇଥିବା ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି। ରାଜ୍ୟର ୫.୭୩ କୋଟି ଭୋଟର ଗୁରୁବାର ୭୫,୦୬୪ଟି ମତଦାନ କେନ୍ଦ୍ରରେ ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ। ଅବାଧ ମତଦାନ ପାଇଁ ୧,୦୬,୪୧୮ ଇଭିଏମ୍ ବ୍ୟବହାର କରାଯାଉଥିବାବେଳେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ହୋଇଛି। ୮୩,୮୭୫ ପୋଲିସ ଏବଂ ୩୦୦ କମ୍ପାନୀ ସିଆର୍‌ପିଏଫ୍ ଯବାନଙ୍କୁ ମୁତୟନ କରାଯାଇଛି।

# 'ଆତଙ୍କବାଦ ଆଗରେ ମୁଣ୍ଡ ନୋଇଁବନି ଭାରତ'

## ପହଲଗାମ୍ ଆକ୍ରମଣକୁ ବର୍ଷେ

### ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲା ସାରା ଦେଶ

ନୂଆଦିଲ୍ଲୀ,୨୨।୪(ପି.ଟି.)

ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣକୁ ବୁଧବାର ବର୍ଷେ ପୂରିଛି। ଆକ୍ରମଣର ପ୍ରଥମ ବାର୍ଷିକୀ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ରମନ୍ତ୍ରୀମାନଙ୍କ ସମେତ ବିଭିନ୍ନ ଦଳର ନେତମାନେ ଆକ୍ରମଣରେ ପ୍ରାଣ ହରାଇଥିବା ଲୋକମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଭାରତ କୌଣସି ପ୍ରକାରର ଆତଙ୍କବାଦ ଆଗରେ କଦାପି ମୁଣ୍ଡ ନୁଆଁଇବ ନାହିଁ ବୋଲି ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିବା ସହ ଆତଙ୍କବାଦୀଙ୍କ ଘୃଣ୍ୟ ଷଡ଼ଯନ୍ତ୍ର କଦାପି ସଫଳ ହେବନାହିଁ ବୋଲି କହିଛନ୍ତି।

ଗତବର୍ଷ ଏପ୍ରିଲ ୨୨ରେ ପହଲଗାମ୍‌ରେ ପାକିସ୍ତାନୀ ଆତଙ୍କବାଦୀ ସଂଗଠନ ଲଶ୍କର-ଇ-ତୋଇବା ଆକ୍ରମଣ ଘଟାଇବାରୁ ୨୬ ଜଣ ନିରୀହ ଲୋକଙ୍କ ଜୀବନ ଯାଇଥିଲା। ସେମାନଙ୍କ ମଧ୍ୟରୁ ଅଧିକାଂଶ ପର୍ଯ୍ୟଟକ ଥିଲେ। ସେହି ଦୁଃଖଦ ଘଟଣାକୁ ଭୁଲିହେବ ନାହିଁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ପହଲଗାମ୍ ଆକ୍ରମଣର ଜବାବରେ ଭାରତ ପକ୍ଷରୁ ଅପରେଶନ ସିନ୍ଦୂର ନାମରେ ପାକିସ୍ତାନ ବିରୋଧରେ ସାମରିକ ଅଭିଯାନ ହୋଇଥିଲା। ଭାରତୀୟ ସେନା ପାକିସ୍ତାନ ଏବଂ ପାକ୍ ଅଧିକୃତ କଶ୍ମୀରରେ ଥିବା ସାମରିକ ଏବଂ ଆତଙ୍କବାଦ ଭିତ୍ତିଭୂମିକୁ ଧ୍ୱଂସ କରିଦେଇଥିଲା।

ସାରା ଦେଶ ଆତଙ୍କବାଦ ବିରୋଧରେ ଏକାଠି ଛିଡ଼ା ହୋଇଛନ୍ତି। ଭୟ ଓ ଘୃଣାର ପ୍ରସାର କରୁଥିବା କୌଣସି ଶକ୍ତି ଆଗରେ ଭାରତ କଦାପି ମୁଣ୍ଡ ନୁଆଁଇବ ନାହିଁ ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି। ଆତଙ୍କବାଦ ବିରୋଧରେ ଲଢ଼େଇ ପାଇଁ ଭାରତୀୟ ସେନା ଦୃଢ଼ ସଂକଳ୍ପ ନେଇଛି। ଭାରତ ବିରୋଧରେ ଯେକୌଣସି କାର୍ଯ୍ୟର ନିଶ୍ଚୟ ଜବାବ ଦିଆଯିବ ବୋଲି ସେନା ଦୋହରାଇଛି।

ପହଲଗାମ୍ ଆତଙ୍କବାଦୀ ଆକ୍ରମଣର ପ୍ରଥମ ବାର୍ଷିକୀ ଅବସରରେ ଆତଙ୍କବାଦ ବିରୋଧରେ ଭାରତର ଲଢ଼େଇକୁ ସାରା ବିଶ୍ୱର ଅନେକ ଦେଶ ସମର୍ଥନ ଜଣାଇଛନ୍ତି। ଆମେରିକା, ୟୁରୋପୀୟ ସଂଘ, ବ୍ରିଟେନ, ଫ୍ରାନ୍ସ, ଇସ୍ରାଏଲ୍ ଓ ଅଷ୍ଟ୍ରେଲିଆ ପ୍ରମୁଖ ଦେଶ ପହଲଗାମ୍ ଆକ୍ରମଣର ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଆତଙ୍କବାଦୀ କାର୍ଯ୍ୟକୁ ନିନ୍ଦା କରିଛନ୍ତି।

ଲଶ୍କର-ଇ-ତୋଇବାର ଶାଖା ସଂଗଠନ ଦି ରେଜିଷ୍ଟାନ୍ସ ଫ୍ରଣ୍ଟ(ଟିଆର୍‌ଏଫ୍)ର ଆତଙ୍କବାଦୀମାନେ ପହଲଗାମ୍‌ରେ ପହଞ୍ଚି ନିରୀହ ଲୋକମାନଙ୍କୁ ଟାର୍ଗେଟ କରି ଆଖିବୁଜା ଗୁଳି ଚଳାଇଥିଲେ। ନିକଟ ଅତୀତରେ ଏହା ନାଗରିକମାନଙ୍କ ଉପରେ ସବୁଠୁ ମରଣାନ୍ତକ ଆକ୍ରମଣ ଥିଲା। ଆକ୍ରମଣକାରୀ ଲୋକମାନଙ୍କୁ ସେମାନଙ୍କ ଧର୍ମ ପଚାରି ଗୁଳି କରୁଥିଲେ। ଆକ୍ରମଣରେ ସମ୍ପୃକ୍ତ ୩ ଜଣ ଆତଙ୍କବାଦୀ ସେନା ଗୁଳିରେ ନିହତ ହୋଇଥିଲେ।




ପହଲଗାମ୍ ଆତଙ୍କବାଦୀ ଆକ୍ରମଣର ପ୍ରଥମ ବାର୍ଷିକୀରେ ବୁଧବାର ଜମ୍ମୁରେ ଛାତ୍ରୀମାନେ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।

## ବ୍ରିଟେନ୍ ପାର୍ଲାମେଣ୍ଟରେ ବିଲ୍ ଗୃହୀତ

# ସିଗାରେଟ୍ କିଣିପାରିବେନି ଯୁବପିଢ଼ି

ଲଣ୍ଡନ,୨୨।୪

ବ୍ରିଟେନ୍‌ରେ ଭବିଷ୍ୟତ ପିଢ଼ିଙ୍କ ପାଇଁ ସିଗାରେଟ୍ କିଣା ନିଷିଦ୍ଧ କରିବା ଲାଗି ପାର୍ଲାମେଣ୍ଟରେ ଏକ ବିଲ୍ ଗୃହୀତ ହୋଇଛି। ଟବାକୋ ଆଣ୍ଡ ଭେପ୍‌ସ ବିଲ୍ ଅନୁଯାୟୀ, ୨୦୦୮ ଡିସେମ୍ବର ୩୧ ପରେ ଜନ୍ମିତ ପିଲାମାନେ ସିଗାରେଟ୍ କିଣିବାକୁ ନିଷେଧ କରାଯାଇଛି। ରାଜା ଚାର୍ଲ୍ସ ତୃତୀୟଙ୍କ ମଞ୍ଜୁରୀ ମିଳିବା ପରେ ଉକ୍ତ ବିଲ୍ ଆଇନରେ ପରିଣତ ହେବା ସହ ଦେଶରେ ଲାଗୁ ହେବ। ଉକ୍ତ ଆଇନ ବଳରେ କେବଳ ସିଗାରେଟ୍ ନୁହେଁ, ତମାଖୁ, ଇ-ସିଗାରେଟ୍ ଓ ଅନ୍ୟାନ୍ୟ ନିଶାଦ୍ରବ୍ୟ ଉପରେ ମଧ୍ୟ କଟକଣା ଲାଗିବ। ୨୦୨୨ରେ ନ୍ୟୁଜିଲାଣ୍ଡରେ ଅନୁରୂପ ବିଲ୍ ଗୃହୀତ ହୋଇଥିଲା। ତେବେ ପରବର୍ତ୍ତୀ ସରକାର ଏହାକୁ ରଦ୍ଦ କରିଦେଇଥିଲେ। ୭୦ ଦଶକ ତୁଳନାରେ ବ୍ରିଟେନ୍‌ରେ ଧୂମପାନକାରୀଙ୍କ ସଂଖ୍ୟା ଦୁଇତୃତୀୟାଂଶ କମିଛି। ଏବେ ଜନସଂଖ୍ୟାର ୧୩ ପ୍ରତିଶତ ଧୂମପାନ କରୁଥିବା ଏକ ତଥ୍ୟରୁ ଜଣାପଡ଼ିଛି।

# ନେପାଳ ଗୃହମନ୍ତ୍ରୀଙ୍କ ଇସ୍ତଫା

କାଠମାଣ୍ଡୁ,୨୨।୪

ନେପାଳ ନୂଆ ସରକାରର ଗୃହମନ୍ତ୍ରୀ ଭାବେ ଶପଥ ନେବାର ୩ ସପ୍ତାହ ପରେ ଗୃହମନ୍ତ୍ରୀ ସୁଦନ ଗୁରୁଙ୍ଗ ବୁଧବାର ତାଙ୍କ ପଦବୀରୁ ଇସ୍ତଫା ଦେଇଛନ୍ତି। ତାଙ୍କ ବିରୋଧରେ ଆର୍ଥିକ ଅନିୟମିତତା ଅଭିଯୋଗ ଆସିଥିଲା। ନୂଆ ସରକାର କ୍ଷମତାକୁ ଆସିବାର ୨୪ ଘଣ୍ଟା ମଧ୍ୟରେ ପୂର୍ବତନ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲି ଏବଂ ତତ୍କାଳୀନ ଗୃହମନ୍ତ୍ରୀ ରମେଶ ଲେଖକଙ୍କୁ ଜେଲ୍ ପଠାଇ ଗୁରୁଙ୍ଗ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲେ। ଜଣେ ବିବାଦୀୟ ବ୍ୟବସାୟୀଙ୍କ ସହ ବ୍ୟାବସାୟିକ ସମ୍ପର୍କ ରଖିବା ସହ ଶେୟାର କାରବାରକୁ ନେଇ ଗୁରୁଙ୍ଗ ସମାଲୋଚିତ ହୋଇଛନ୍ତି। ତାଙ୍କ ଆର୍ଥିକ କାରବାର ସମ୍ପର୍କିତ ଅଭିଯୋଗର ନିରପେକ୍ଷ ତଦନ୍ତ ପାଇଁ ସେ ଇସ୍ତଫା ଦେଇଥିବା ସୋସିଆଲ ମିଡିଆରେ ଲେଖିଛନ୍ତି।

# ଶୁକ୍ରବାର ସିୟୁଇଟି ପିଜି ରେଜଲ୍ଟ: ଏନ୍‌ଟିଏ

ନୂଆଦିଲ୍ଲୀ, ୨୨।୪ (ପି.ଟି.)

କମନ୍ ୟୁନିଭର୍ସିଟି ଏଣ୍ଟ୍ରାନ୍ସ ଟେଷ୍ଟ ପୋଷ୍ଟଗ୍ରାଜୁଏଟ (ସିୟୁଇଟି ପିଜି ୨୦୨୬)ର ଫଳାଫଳ ଆସନ୍ତା ୨୪ ଏପ୍ରିଲ (ଶୁକ୍ରବାର) ଘୋଷଣା କରାଯିବ ବୋଲି ନ୍ୟାଶନାଲ୍ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ବୁଧବାର ସୂଚନା ଦେଇଛି। ଏହା ସ୍ନାତକୋତ୍ତର (ପିଜି) ପାଠ୍ୟକ୍ରମରେ ନାମଲେଖା ପାଇଁ ଅପେକ୍ଷା କରିଥିବା ଛାତ୍ରୀଛାତ୍ରଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ। ଏନ୍‌ଟିଏ ପକ୍ଷରୁ ସୋସିଆଲ ମିଡିଆ ପ୍ଲାଟଫର୍ମ 'X' ମାଧ୍ୟମରେ ଏହି ସୂଚନା ଦିଆଯାଇଛି। ଏକ ପ୍ରଶ୍ନର ଉତ୍ତରରେ ଏଜେନ୍ସି ପକ୍ଷରୁ କୁହାଯାଇଛି ଯେ, ଫଳାଫଳ ଶୁକ୍ରବାର ସନ୍ଧ୍ୟା ୫ଟାରେ ପ୍ରକାଶ ପାଇବା ସମ୍ଭାବନା ରହିଛି। ଛାତ୍ରୀଛାତ୍ରମାନେ ଅଫିସିଆଲ୍ ୱେବ୍‌ସାଇଟ୍ exams.nta.nic.in/cuet-pgକୁ ଯାଇ ନିଜର ଫଳାଫଳ ଯାଞ୍ଚ କରିପାରିବେ। ଏଥିପାଇଁ ପରୀକ୍ଷାର୍ଥୀଙ୍କୁ ନିଜର ଆପ୍ଲିକେଶନ ନମ୍ବର ଏବଂ ଜନ୍ମ ତାରିଖ ବ୍ୟବହାରକରି ଲଗ୍-ଇନ୍ କରିବାକୁ ପଡ଼ିବ। ସୂଚନାଯୋଗ୍ୟ ଯେ, ଦେଶର ବିଭିନ୍ନ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଏବଂ ଅନ୍ୟାନ୍ୟ ଅଂଶଗ୍ରହଣକାରୀ ବିଶ୍ୱବିଦ୍ୟାଳୟରେ ପୋଷ୍ଟଗ୍ରାଜୁଏଟ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଏହି ପ୍ରବେଶିକା ପରୀକ୍ଷା ଆୟୋଜନ କରାଯାଇଥାଏ। ରେଜଲ୍ଟ ପ୍ରକାଶ ପାଇବା ପରେ ବିଶ୍ୱବିଦ୍ୟାଳୟଗୁଡ଼ିକ ପକ୍ଷରୁ କାଉନସେଲିଂ ଏବଂ ଆଡମିଶନ ପ୍ରକ୍ରିୟା ଆରମ୍ଭ ହେବ।

## ପ୍ରଧାନମନ୍ତ୍ରୀଙ୍କ ପ୍ରତି ଆତଙ୍କବାଦୀ ମନ୍ତବ୍ୟ

# ଖାର୍ଗେଙ୍କୁ ଇସି ନୋଟିସ

ନୂଆଦିଲ୍ଲୀ,୨୨।୪

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତି ଆତଙ୍କବାଦୀ ମନ୍ତବ୍ୟ ଦେଇଥିବା କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ନିର୍ବାଚନ କମିଶନ(ଇସି) ବୁଧବାର କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। କେନ୍ଦ୍ରମନ୍ତ୍ରୀ ନିର୍ମଳା ସୀତାରାମନ୍, କିରେନ୍ ରିଜିଜୁ, ଅର୍ଜୁନରାମ ମେଘୱାଲଙ୍କ ସମେତ ଭାଜପା ନେତାମାନଙ୍କର ଏକ ପ୍ରତିନିଧି ଦଳ ବୁଧବାର ଇସିଙ୍କୁ ଭେଟି ଖାର୍ଗେଙ୍କ ମନ୍ତବ୍ୟ ପାଇଁ ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ତଦନୁଯାୟୀ ଇସି ଖାର୍ଗେଙ୍କ ନିକଟକୁ ନୋଟିସ ପଠାଇଛନ୍ତି।



ମଲ୍ଲିକାର୍ଜୁନ ଖାର୍ଗେ

କଂଗ୍ରେସ ଅଧ୍ୟକ୍ଷ ତଥା ରାଜ୍ୟ ସଭାରେ ବିରୋଧୀ ଦଳ ନେତା ଖାର୍ଗେ ପ୍ରଧାନମନ୍ତ୍ରୀଙ୍କ ପ୍ରତି ନିନ୍ଦନୀୟ ଶବ୍ଦ ବ୍ୟବହାର କରିଛନ୍ତି। ଏ ସମ୍ପର୍କରେ ନିର୍ବାଚନ କମିଶନଙ୍କୁ ଜଣାଇବା ପାଇଁ ଆମେ ଆସିଥିଲୁ ବୋଲି ସୀତାରାମନ୍ ଗଣମାଧ୍ୟମକୁ କହିଛନ୍ତି। ତାମିଲନାଡୁରେ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧନ କଲାବେଳେ ଖାର୍ଗେ ପ୍ରଧାନମନ୍ତ୍ରୀଙ୍କୁ ଆତଙ୍କବାଦୀ କହିଥିଲେ। କଂଗ୍ରେସ ମୁଖିଆଙ୍କ ଏଭଳି ମନ୍ତବ୍ୟ ଉତ୍ତେଜନା ସୃଷ୍ଟିକାରୀ। ଦେଶବାସୀଙ୍କ ଜନାଦେଶକୁ ଏବଂ ସମଗ୍ର ବ୍ୟବସ୍ଥା ପ୍ରତି ଏହା ଅପମାନ। କଂଗ୍ରେସ ସମ୍ପୂର୍ଣ୍ଣ ନିରାଶ ହୋଇପଡ଼ିଥିବାରୁ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ଏଭଳି ମନ୍ତବ୍ୟ ଦେଉଥିବା ସୀତାରାମନ୍ କହିଛନ୍ତି।

# ୨୬ ଲକ୍ଷ ପରିବାର ସ୍ୱଗଣନାରେ ଭାଗ ନେଇଛନ୍ତି

ନୂଆଦିଲ୍ଲୀ,୨୨।୪(ପି.ଟି.)

ଦେଶର ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଜନଗଣନା ପ୍ରକ୍ରିୟାର ପ୍ରଥମ ପର୍ଯ୍ୟାୟ ଚାଲିଥିବାବେଳେ ୨୬ ଲକ୍ଷରୁ ଊର୍ଦ୍ଧ୍ୱ ପରିବାର ସ୍ୱଗଣନା ସୁବିଧା ନେଇଥିବା ଭାରତର ମହାପଞ୍ଜିକାର (ଆର୍‌ଜିଆଇ) ବୁଧବାର କହିଛନ୍ତି। ୨୦୨୭ ଜନଗଣନା ପାଇଁ ଡିଜିଟାଲ ପଦକ୍ଷେପ ପ୍ରତି ଯୋଗଦାନ ବଢ଼ୁଥିବା ଏଥିରୁ ସୂଚିତ ହେଉଛି ବୋଲି ଆର୍‌ଜିଆଇ Xରେ ଲେଖିଛନ୍ତି। ଅନ୍‌ଲାଇନରେ ତଥ୍ୟ ଦେବା ସୁଯୋଗ ଆପଣାଇ ଉକ୍ତ ପରିବାରଗୁଡ଼ିକୁ ରାଷ୍ଟ୍ରନିର୍ମାଣ ଦିଗରେ ଦ୍ରୁତତର, ସ୍ମାର୍ଟ ଏବଂ ଅଧିକ ସୁବିଧାଜନକ ଉପାୟ ଆପଣାଇଛନ୍ତି।

## ପ୍ରଥମ ପର୍ଯ୍ୟାୟ ଜନଗଣନା

ଦେଶ ସ୍ୱାଧୀନ ହେବା ପରେ ଏହା ଅଷ୍ଟମ ଜନଗଣନା ହୋଇଥିବାବେଳେ ପ୍ରଥମ ପର୍ଯ୍ୟାୟରେ ଗୃହ ତାଲିକା ଓ ଗୃହ ଗଣନା କରାଯାଉଛି। ଦ୍ୱିତୀୟ ପର୍ଯ୍ୟାୟରେ ଜନଗଣନା କରାଯିବ। ବିଭିନ୍ନ ରାଜ୍ୟରେ ଜନଗଣନାକାରୀ କର୍ମଚାରୀମାନେ ଏପ୍ରିଲ ୧୬ରୁ ଘରକୁ ଘର ଯାଇ ଗୃହ ତାଲିକା ଓ ଗୃହ ଗଣନା କରୁଛନ୍ତି। ଏପ୍ରିଲ ୧ରୁ ସେପ୍ଟେମ୍ବର ୩୦ ମଧ୍ୟରେ ଏହି ପ୍ରଥମ ପର୍ଯ୍ୟାୟ ଜନଗଣନା ପାଇଁ ପ୍ରତ୍ୟେକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଦ୍ୱାରା ବିଜ୍ଞପିତ କରାଯାଇଛି। ସ୍ୱଗଣନା ପାଇଁ ୧୫ ଦିନ ସମୟ ରହିଥିବାବେଳେ ଏହି ସମୟ ମଧ୍ୟରେ ନାଗରିକମାନେ ପୋର୍ଟାଲ ଜରିଆରେ ଏଚ୍‌ଏଲ୍‌ଓ ପର୍ଯ୍ୟାୟ ପ୍ରଶ୍ନଗୁଡ଼ିକର ଉତ୍ତର ଦେଇପାରିବେ। ସେମାନେ ଆବଶ୍ୟକ ତଥ୍ୟ ଦେଇ ପୋର୍ଟାଲରେ ଏକ ସ୍ୱତନ୍ତ୍ର ଆଇଡି ସୃଷ୍ଟି କରିବା ପରେ ପ୍ରଶ୍ନଗୁଡ଼ିକର ଉତ୍ତର ଦେବେ। ଯାଞ୍ଚ ପାଇଁ ଏଚ୍‌ଏଲ୍‌ଓ ପ୍ରକ୍ରିୟା ସମୟରେ ଗଣନାକାରୀମାନେ ସେମାନଙ୍କ ଘରକୁ ଗଲାବେଳେ ଉକ୍ତ ଉତ୍ତର ପ୍ରଦାନ କରାଯିବ।

# ଆଇଆର୍‌ଏସ୍ ଅଫିସରଙ୍କ ଝିଅଙ୍କୁ ବଳାତ୍କାର ପରେ ହତ୍ୟା

ନୂଆଦିଲ୍ଲୀ,୨୨।୪

ଦିଲ୍ଲୀର ଜଣେ ବରିଷ୍ଠ ଭାରତୀୟ ରାଜସ୍ୱ ସେବା (ଆଇଆର୍‌ଏସ୍) ଅଫିସରଙ୍କ ୨୨ ବର୍ଷୀୟା ଝିଅଙ୍କୁ ତାଙ୍କ ଦିଲ୍ଲୀସ୍ଥିତ ବାସଭବନରେ ବୁଧବାର ସକାଳେ ବଳାତ୍କାର ପରେ ହତ୍ୟା କରାଯାଇଛି। ଯୁବତୀଙ୍କ ମୃତଦେହ ଘରୁ ମିଳିବା ପରେ ପୂର୍ବତନ ଘରୋଇ ସହାୟକ ରାହୁଲ ମୀନା (୨୧)ଙ୍କୁ ସନ୍ଦେହ କରାଯାଇଥିଲା। ପୋଲିସ୍ ଅଭିଯୁକ୍ତ ରାହୁଲଙ୍କୁ ଦ୍ୱାରକାସ୍ଥିତ ଏକ ହୋଟେଲରୁ ଗିରଫ କରିଛି। ରାହୁଲ

## ଘରୋଇ ସହାୟକ ଗିରଫ

ଆଇଆର୍‌ଏସ୍ ଅଫିସରଙ୍କ ଘରେ ୮ ମାସ କାମ କରିଥିଲେ। ତେବେ ଟଙ୍କା ହେରଫେର ଅଭିଯୋଗରେ ତାଙ୍କୁ ମାସେ ପୂର୍ବରୁ ବାହାର କରିଦିଆଯାଇଥିଲା। ମୋବାଇଲ ଫୋନ୍ କେବୁଲ ସହାୟତାରେ ଯୁବତୀଙ୍କୁ ଶ୍ୱାସରୁଦ୍ଧ କରି ହତ୍ୟା କରାଯିବା ପୂର୍ବରୁ ବଳାତ୍କାର କରାଯାଇଥିବା ଜଣାପଡ଼ିଛି। ହତ୍ୟା ପୂର୍ବଦିନ ରାହୁଲ ଅସଦାଚରଣ ମାମଲାରେ ଜଡ଼ିତ ଥିବା ଜଣାପଡ଼ିଛି।

# ବାସ୍ତବତା ପ୍ରତି ଆଖିବୁଜି ଦେଇପାରିବୁ ନାହିଁ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୨।୪

ଆଇ-ପିଏସି ନିର୍ଦ୍ଦେଶକଙ୍କ କୋଲକାତା ବାସଭବନରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଚଢ଼ାଉ ବେଳେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏଥିରେ ହସ୍ତକ୍ଷେପ କରିବା ଘଟଣାକୁ ସୁପ୍ରିମକୋର୍ଟ ବୁଧବାର କଡ଼ା ସମାଲୋଚନା କରିଛନ୍ତି। ନିର୍ବାଚନ ହେବାକୁ ଯାଉଥିବା ପଶ୍ଚିମବଙ୍ଗର ସାମାଜିକ-ରାଜନୈତିକ ପାଣିପାଗକୁ ସର୍ବୋଚ୍ଚ ଅଦାଲତ ଏକ ଅସାଧାରଣ ସ୍ଥିତି ବୋଲି କହିଛନ୍ତି। ଆଇ-ପିଏସି ନିର୍ଦ୍ଦେଶକଙ୍କ ବାସଭବନରେ ଚଢ଼ାଉ ଚାଲିଥିବାବେଳେ ମୁଖ୍ୟମନ୍ତ୍ରୀ ଅଚାନକ ସେଠାରେ ପହଞ୍ଚି ଟିଏମ୍‌ସିର ନିର୍ବାଚନ ପ୍ରଚାର ସହ ଜଡ଼ିତ ଫାଇଲ୍‌ଗୁଡ଼ିକୁ ନେଇଯିବା ପ୍ରସଙ୍ଗରେ ଅଦାଲତ ଏହା କହିଛନ୍ତି। ଏହା ଅତ୍ୟନ୍ତ ଚିନ୍ତାଜନକ ସ୍ଥିତି। କ୍ଷମତାରେ ଥିବା ଜଣେ ମୁଖ୍ୟମନ୍ତ୍ରୀଙ୍କ ଏଭଳି କାର୍ଯ୍ୟ ଗଣତନ୍ତ୍ରକୁ ବିପଦରେ ପକାଇଥିବା ସୁପ୍ରିମକୋର୍ଟ କହିଛନ୍ତି।

ଏହା କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ବିବାଦ ନୁହେଁ। ଦେଶରେ ଏଭଳି ଦିନ ଆସିବ, ଯେତେବେଳେ କ୍ଷମତାରେ ଥିବା ଜଣେ ମୁଖ୍ୟମନ୍ତ୍ରୀ ତଦନ୍ତ ଚାଲିଥିବାବେଳେ ଅଫିସ୍‌ରେ ପଶି ହସ୍ତକ୍ଷେପ କରିବେ ଏହା କଦାପି ଚିନ୍ତା କରାଯାଇ ନ ଥିଲା। ଏହାକୁ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ବିବାଦର ରୂପ ଦେବାକୁ ଚେଷ୍ଟା କରନାହିଁ। ଏହା

## ଆଇ-ପିଏସି ଚଢ଼ାଉ ମାମଲାରେ ମମତାଙ୍କ ହସ୍ତକ୍ଷେପକୁ ନିନ୍ଦାକଲେ

ପ୍ରକୃତରେ ଏକ ବ୍ୟକ୍ତିଗତ କାର୍ଯ୍ୟ, ଯାହା ଜଣେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କରାଯାଇଛି, ଯାହା ସମ୍ପୂର୍ଣ୍ଣ ଗଣତନ୍ତ୍ରକୁ ବିପଦରେ ପକାଉଛି ବୋଲି ଜଷ୍ଟିସ୍ ପି.କେ. ମିଶ୍ରା ଏବଂ ଏନ୍.ଭି. ଅଞ୍ଜାରିଆଙ୍କ ଖଣ୍ଡପୀଠ କହିଛନ୍ତି। ପଶ୍ଚିମବଙ୍ଗ ପ୍ରଶାସନ ଏବଂ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ତରଫରୁ ଯୁକ୍ତି ଉପସ୍ଥାପନ କରୁଥିବା ଓକିଲଙ୍କୁ ଖଣ୍ଡପୀଠ କହିଥିଲେ, ରାଜ୍ୟରେ ବାସ୍ତବରେ ଯାହା ଘଟିଚାଲିଛି, ସେଥିପ୍ରତି କୋର୍ଟ ଆଖିବୁଜି ଦେଇପାରିବ ନାହିଁ।

ଆଇ-ପିଏସି ସମ୍ପୃକ୍ତ ଥିବା ଆର୍ଥିକ ଅନିୟମିତତାର ତଦନ୍ତ କରୁଥିବା ଇଡି ଗତ ଜାନୁଆରୀ ୮ରେ କୋଲକାତା, ଦିଲ୍ଲୀ ସମେତ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ଆଇ-ପିଏସିର ନିର୍ଦ୍ଦେଶକଙ୍କ କୋଲକାତାସ୍ଥିତ ବାସଭବନରେ ଚଢ଼ାଉ ବେଳେ ମମତା ହସ୍ତକ୍ଷେପ କରି ଗୁରୁତ୍ୱପୂର୍ଣ୍ଣ ତଥ୍ୟପ୍ରମାଣ ଥିବା ଫାଇଲଗୁଡ଼ିକୁ ନେଇଯାଇଥିଲେ। ଉକ୍ତ ଘଟଣା ସେତେବେଳେ ରାଜନୈତିକ ବିବାଦର କେନ୍ଦ୍ରବିନ୍ଦୁ ପାଲଟିଥିଲା।

ଧରିତ୍ରୀ 52 Years
ଧରିତ୍ରୀ DHARITRI
ଭୁବନେଶ୍ୱର, ଗୁରୁବାର, ଏପ୍ରିଲ ୨୩/୨୦୨୬ | Bhubaneswar, Thursday, April 23/2026


# 'ଓଡ଼ିଶା ସିଟି ଗ୍ୟାସ୍ ଡିଷ୍ଟ୍ରିବ୍ୟୁଶନ' ନୀତିକୁ ଅନୁମୋଦନ

**ରାଜ୍ୟରେ ରନ୍ଧନ ଗ୍ୟାସ୍ ସଙ୍କଟକୁ ଏଡ଼ାଇବା ସହିତ ଗମନାଗମନରେ ଉନ୍ନତି ଆଣିବା ଭଳି ବିଭିନ୍ନ ଦିଗକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ବୁଧବାର ଅନୁଷ୍ଠିତ କ୍ୟାବିନେଟ୍‌ରେ ୮ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ଅନୁମୋଦନ ଦିଆଯାଇଛି। ସେଥିମଧ୍ୟରେ ଓଡ଼ିଶା ରାଜ୍ୟ ଡାଟା ନୀତି-୨କୁ ମଞ୍ଜୁରୀ ମିଳିଥିବାବେଳେ ବଲାଙ୍ଗୀରରେ ଅତ୍ୟାଧୁନିକ ସୂତା ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା ଏବଂ ରାଜ୍ୟରେ ଆପାର୍ଟମେଣ୍ଟ ପଞ୍ଜୀକରଣ ରାଶି ହ୍ରାସକୁ କ୍ୟାବିନେଟ୍ ମୋହର ବାଜିଛି।**

ଭୁବନେଶ୍ୱର,୨୨।୪(ରବିନାରାୟଣ ଜେନା)

ରାଜ୍ୟରେ ରନ୍ଧନ ଗ୍ୟାସ୍ ସଙ୍କଟକୁ ଏଡ଼ାଇବା ସହିତ ଗମନାଗମନରେ ଉନ୍ନତି ଆଣିବା ଭଳି ବିଭିନ୍ନ ଦିଗକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ରାଜ୍ୟ କ୍ୟାବିନେଟ୍‌ରେ ବୁଧବାର ୮ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ଅନୁମୋଦନ ଦିଆଯାଇଛି। ଲୋକସେବା ଭବନର ତୃତୀୟ ମହଲାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକ ପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଗଣମାଧ୍ୟମକୁ କହିଛନ୍ତି, ରାଜ୍ୟରେ ସ୍ୱଚ୍ଛ ଓ ସୁଦୂରପ୍ରସାରୀ ଶକ୍ତିର ବ୍ୟବହାରକୁ ବ୍ୟାପକ କରିବା ପାଇଁ ରାଜ୍ୟ କ୍ୟାବିନେଟ୍ 'ଓଡ଼ିଶା ସିଟି ଗ୍ୟାସ୍ ଡିଷ୍ଟ୍ରିବ୍ୟୁଶନ୍(ସିଜିଡି) ନୀତି'କୁ ଅନୁମୋଦନ ☞ପୃଷ୍ଠା-୨

ଅଧିକ ରିପୋର୍ଟ: ପୃଷ୍ଠା-୯



ଲୋକସେବା ଭବନରେ ବୁଧବାର ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ଉପସ୍ଥିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ।

**୮ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍‌ର ମୋହର**

## ରାଜ୍ୟ ତଥ୍ୟ ନୀତି-୨କୁ ମଞ୍ଜୁରୀ

ରାଜ୍ୟରେ 'ଆଇଟି' କ୍ଷେତ୍ରକୁ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ବୁଧବାର ରାଜ୍ୟ କ୍ୟାବିନେଟ୍ ଓଡ଼ିଶା ରାଜ୍ୟ ତଥ୍ୟ ନୀତି-୨କୁ ଅନୁମୋଦନ ଦେଇଛି। ଏ ନେଇ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି, ତଥ୍ୟ ପରିଚାଳିତ ପ୍ରଶାସନକୁ ସୁଦୃଢ଼ କରିବା ଏବଂ ଡିଜିଟାଲ ରୂପାନ୍ତରଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପସ୍ୱରୂପ ସରକାର ଏହି ନୀତିକୁ ମଞ୍ଜୁରୀ ଦେଇଛନ୍ତି। ଏହି ନୀତିର ଉଦ୍ଦେଶ୍ୟ ହେଉଛି, ସମଗ୍ର ଡାଟା ଜୀବନଚକ୍ରରେ ଏକ ବ୍ୟାପକ ଏବଂ ସୁଦୃଢ଼ ଡାଟା ଗଭର୍ନାନ୍ସ ଫ୍ରେମ୍‌ୱର୍କକୁ ସଂସ୍ଥାଗତ କରିବା। ଏହାସହ ବିଭିନ୍ନ ବିଭାଗ ଏବଂ ସମ୍ପୃକ୍ତ ସଂଗଠନଗୁଡ଼ିକ ଦ୍ୱାରା ଉତ୍ପନ୍ନ ଡାଟାର ସଠିକ୍ ବ୍ୟବହାର କରିବାକୁ ଲକ୍ଷ୍ୟ ରହିଛି।

ମୁଖ୍ୟ ସଚିବ ପୁଣି କହିଛନ୍ତି, ଏହି ନୀତିର ମୂଳ ଲକ୍ଷ୍ୟ ହେଉଛି ମାନକ ପ୍ରୋଟୋକଲ, ସ୍ପଷ୍ଟ ସଂସ୍ଥାଗତ ଭୂମିକା, ସମଗ୍ର ତଥ୍ୟ ଜୀବନଚକ୍ରରେ ଉତ୍ତରଦାୟିତ୍ୱ, ଗୋପନୀୟତା-ଅନୁପାଳନ, ତଥ୍ୟ ଆଦାନପ୍ରଦାନ ଏବଂ ଦାୟିତ୍ୱବାନ୍ ଅଂଶୀଦାରଙ୍କ ସହଯୋଗ ସହିତ ଏକ ସୁରକ୍ଷିତ ଏବଂ ଉଚ୍ଚଗୁଣବତ୍ତା ଡାଟା ଇକୋସିଷ୍ଟମ ପ୍ରତିଷ୍ଠା କରିବା। ଫଳପ୍ରଦ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବା ପାଇଁ କ୍ୟାବିନେଟ୍ ଏକ ବହୁସ୍ତରୀୟ ପ୍ରଶାସନିକ ଢାଞ୍ଚାକୁ ମଞ୍ଜୁରୀ ଦେଉଛି, ଯେଉଁଥିରେ ରାଜ୍ୟ ଡାଟା ଷ୍ଟିଅରିଂ ଏବଂ ଗଭର୍ନାନ୍ସ କମିଟିଗୁଡ଼ିକ ରଣନୈତିକ ଦିଗ୍‌ଦର୍ଶନ ଏବଂ ତଦାରଖ ☞ପୃଷ୍ଠା-୨

## କଟକ କାଠଯୋଡ଼ିରେ ହେବ ନୂଆ ସେତୁ

କଟକ ସହରରେ କାଠଯୋଡ଼ି ନଦୀ ଉପରେ ନୂତନ ସେତୁ ନିର୍ମାଣ ପାଇଁ ବୁଧବାର ରାଜ୍ୟ କ୍ୟାବିନେଟ୍ ନିଷ୍ପତ୍ତି ନେଇଛି। ଏହି ଅବସରରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି, ରାଜ୍ୟ ସରକାର କାଠଯୋଡ଼ି ନଦୀ ଉପରେ ବର୍ତ୍ତମାନର ସେତୁ ସହ ସମାନ୍ତର ଭାବେ ଉପର ପ୍ରବାହ ପକ୍ଷରେ ନୂତନ ସେତୁ ନିର୍ମାଣ କରିବା ପାଇଁ ସ୍ଥିର କରିଛନ୍ତି, ଯାହା ତ୍ରିଶୂଳିଆ ଛକକୁ ଜୁଡିସିଆଲ୍ ଏକାଡେମୀ ଛକ ସହ ସଂଯୋଗ କରିବ। ଏହି ସେତୁଟି ଭୁବନେଶ୍ୱର ଓ କଟକ ଦ୍ୱୈତ୍ୟନଗରୀକୁ ସଂଯୋଗ କରୁଥିବା ଜାତୀୟ ରାଜପଥ-୧୬ ଉପରେ ଯାତାୟାତ ଜଟିଳତାକୁ କମାଇବ ଏବଂ ସମୟ ଅପଚୟକୁ ରୋକାଯାଇପାରିବ। ବିଭିନ୍ନ ସରକାରୀ ତଥା ନିଜସ୍ୱ କାର୍ଯ୍ୟ ପାଇଁ ଦ୍ୱୈତ୍ୟନଗରୀ ଉପରେ ନିର୍ଭର କରୁଥିବା ସାଧାରଣ ଲୋକେ ଏହାଦ୍ୱାରା ବିଶେଷ ଉପକୃତ ହେବେ। କଟକରେ ଅବସ୍ଥିତ ଅନେକ କେନ୍ଦ୍ର ଓ ରାଜ୍ୟ ସରକାରୀ କାର୍ଯ୍ୟାଳୟ, ଓଡ଼ିଶା ଉଚ୍ଚ ନ୍ୟାୟାଳୟ, ଏସ୍‌ସିବି ମେଡିକାଲ କଲେଜ ଓ ଚିକିତ୍ସାଳୟ ଏବଂ ବିଭିନ୍ନ କର୍ପୋରେଟ୍ କାର୍ଯ୍ୟାଳୟକୁ ଆସୁଥିବା ଜନସାଧାରଣ ଏହାଦ୍ୱାରା ବିଶେଷଭାବେ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** | ଶାକାହାରୀ ଦୟାଳୁ କି




No. 27001/32/2627

ଓଡ଼ିଶା ଶାସନ



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

# ନିଯୁକ୍ତି ମେଳା

ମୁଖ୍ୟମନ୍ତ୍ରୀ
ଶ୍ରୀ ମୋହନ ଚରଣ ମାଝୀଙ୍କ
କରକମଳରେ
ନୂତନ ଭାବେ ଚୟନୀତ ୭ଟି ବିଭାଗର
୪,୬୨୩ ଜଣ ପ୍ରାର୍ଥୀଙ୍କୁ
ନିଯୁକ୍ତିପତ୍ର ପ୍ରଦାନ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

୪,୧୧୩ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ
୧୫୪ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ
୧୪୩ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ
୭୭ ଇସ୍ପାତ ଓ ଖଣି ବିଭାଗ
୭୦ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ
୫୨ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ
୧୪ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ

୨୩ ଅପ୍ରେଲ ୨୦୨୬ । ସନ୍ଧ୍ୟା ୬.୦୦ ଘଟିକା । କଳିଙ୍ଗ ଷ୍ଟାଡିୟମ୍, ଭୁବନେଶ୍ୱର

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ । ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ । ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ । ଇସ୍ପାତ ଓ ଖଣି ବିଭାଗ
ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ । ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ । ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ
ଓଡ଼ିଶା ସରକାର

OIPR-27001/27001/2/26-27/0002

# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଜୟକିରଣ ଟ୍ରଷ୍ଟ ପକ୍ଷରୁ ଶ୍ରୀଜଗନ୍ନାଥଭିତ୍ତିକ ଆଲୋଚନାଚକ୍ର, ସ୍ଥାନ: ବୁଦ୍ଧମନ୍ଦିର, ସମୟ: ଅପରାହ୍ନ ୫ଟା ୩୦।
- ମା' ବାସେଲୀ କୈବର୍ତ୍ତ ସଂଘ ପକ୍ଷରୁ ପ୍ରଥମ ବାର୍ଷିକ ଚଇତି ଘୋଡ଼ା ନାଚ ପରିବେଷଣ, ସ୍ଥାନ: ପାହାଳ ନିକଟ ଯୋହଳସ୍ଥିତ ଦୋଳ ମଣ୍ଡପ ପରିସର, ସମୟ: ସନ୍ଧ୍ୟା ୭ ଟା।
- ଭାଗବତ ମେଳକ ଓ ଯାତ୍ରା ମହୋତ୍ସବ ଉପଲକ୍ଷେ ଅପେରା ପାର୍ଟିର ଫିସେଲରେ ନାଟକ ପରିବେଷଣ, ସ୍ଥାନ: ପାହାଳ ବଜାର ଛକ ନିକଟ ଯାତ୍ରା ପଡିଆ, ସମୟ: ରାତି ୧୧ଟା।
- ଭାଗବତ ମେଳଣ ଉପଲକ୍ଷେ ଫିସେଲରେ ଅପେରା ପାର୍ଟିର ନାଟକ ପରିବେଷଣ, ସ୍ଥାନ: ବାଲିଅନ୍ତା ବ୍ଲକର ବୁଢାଲୋ ଗ୍ରାମ ମେଳଣ ପଡିଆ, ସମୟ: ରାତି ୧୧ଟା।

**କଟକ**
- କେନ୍ଦ୍ରୀୟ ଧାନ ଗବେଷଣା ପ୍ରତିଷ୍ଠାନର ୮୧ତମ ପ୍ରତିଷ୍ଠା ଦିବସ, ସ୍ଥାନ: ଏମ୍‌କେସିଜି ପ୍ରେକ୍ଷାଳୟ, ପ୍ରତିଷ୍ଠାନ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଲାଲବାଗ ଥାନା ସ୍ଥାନାନ୍ତରଣ କରା ନ ଯିବା ଦାବିରେ ହିନ୍ଦୁସେନା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଶ୍ରୀଶ୍ରୀ ଜଗନ୍ନାଥ ସେବାୟତ ସଂଘ ପକ୍ଷରୁ ଶ୍ରୀଶ୍ରୀରାମକଥା ପ୍ରବଚନର ଚତୁର୍ଥ ଦିବସ, ସ୍ଥାନ: ଶ୍ରୀଜଗନ୍ନାଥ ମନ୍ଦିର ପରିସର, ଚାନ୍ଦିନୀଚୌକ, ସମୟ: ସନ୍ଧ୍ୟା ୬ଟା।
- ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ପ୍ରଫେସର ବିକ୍ରମ ଦାସ ସ୍ମାରକୀ ବକ୍ତୃତା, ସ୍ଥାନ: ଶତାବ୍ଦୀ ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

**ଖୋର୍ଦ୍ଧା**
- ଶ୍ରୀଶ୍ରୀ ଶନିଶ୍ଚର ଦେବଙ୍କ ୧୧ତମ ବିଶ୍ୱ ଶାନ୍ତି ମହାଯଜ୍ଞ ଜଳଯାତ୍ରା, ସ୍ଥାନ: ରାମଚନ୍ଦ୍ରପୁର ବଜାର, ବାବା ଆଖଣ୍ଡଳମଣି ଦେବଙ୍କ ମନ୍ଦିର ପରିସର, ଜଟଣୀ, ସମୟ: ସକାଳ ୭ଟା।

**ବାଲେଶ୍ୱର**
- ପଶୁପତିନାଥ ମହାଦେବ, ବୀର ହନୁମାନ ଓ ମା' ଚଣ୍ଡି ମନ୍ଦିର ଉଦ୍‌ଘାଟନ ଉତ୍ସବ, କଳସ ଶୋଭାଯାତ୍ରା, ସ୍ଥାନ: ମଧ ଜଳସୋହରିଆ ଗ୍ରାମ, ଭୋଗରାଇ, ସମୟ : ସକାଳ ୭ଟା।
- ୭୮ତମ ଓଡ଼ିଶା ପୋଲିସ୍ ଭଲିବଲ୍ ଓ ବାସ୍କେଟବଲ୍ ଚାମ୍ପିୟନ୍‌ଶିପ୍-୨୦୨୬, ସ୍ଥାନ: ପୋଲିସ୍ ରିଜର୍ଭ ପଡ଼ିଆ, ବାଲେଶ୍ୱର, ସମୟ: ସକାଳ ୮ଟା।
- ହାତିମଶାହା ପୀର ବାବାଙ୍କ ବାର୍ଷିକ ଉର୍ସ, ସ୍ଥାନ: ରାଉତପଡ଼ା କାନ୍ଥି ବସ୍ତି, ରୂପସା, ସମୟ: ସକାଳ ୮ଟା।
- ସିଏମ୍ ଟ୍ରଫି କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲା କଂଗ୍ରେସ କାର୍ଯ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।

**ଭଦ୍ରକ**
- ମା' ଗଜଲକ୍ଷ୍ମୀ ମନ୍ଦିର ପ୍ରତିଷ୍ଠା, ନଗର ପରିକ୍ରମା, ଚକ୍ର ଓ ଦଧିନଉତି ସ୍ଥାପନ, ସ୍ଥାନ: ମତୋ, ଚାନ୍ଦବାଲି, ସମୟ: ସକାଳ ୯ଟା।
- ରାଧାକୃଷ୍ଣ ଓ ମା' ଅମ୍ବିକା ଯୁଗ୍ମ ମନ୍ଦିରର ବିଗ୍ରହ ସ୍ଥାପନ, ମନ୍ଦିର ପ୍ରତିଷ୍ଠା ନେଇ କଳସ ଶୋଭାଯାତ୍ରା, ସ୍ଥାନ: ଟିଲୋ ବୁଢି ପୁଷ୍କରିଣୀ, ବନ୍ତ, ସମୟ: ସକାଳ ୯ଟା।

**କେନ୍ଦୁଝର**
- ଶ୍ରୀ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ଶ୍ରୀ ଶ୍ରୀ ନର୍ମଦେଶ୍ୱର ମହାଦେବଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଯୋଡ଼ା, ସମୟ: ସକାଳ ୮ଟା।
- ଜିଲା ଭାଜପା ପକ୍ଷରୁ ମହିଳା ସଂରକ୍ଷଣ ବିଲ୍ ନାକଚ ହେବାକୁ ନେଇ ପ୍ରତବଦା, ସ୍ଥାନ: ଯୋଡ଼ା ବସ୍‌ଷ୍ଟାଣ୍ଡ, ସମୟ: ଅପରାହ୍ନ ୪ଟା।
- ସିଏମ୍ ଟ୍ରଫି ୨୦୨୬ ଫାଇନାଲ, ସ୍ଥାନ: ସଦର ବ୍ଲକ୍ ଶଙ୍କରପୁର ଷ୍ଟାଡ଼ିୟମ, ସମୟ: ଅପରାହ୍ନ ୪ଟା।

**ମୟୂରଭଞ୍ଜ**
- ଅଖଣ୍ଡ ଚବିଶ ପ୍ରହର ନାମଯଜ୍ଞର କଳସାଧିବାସ, ସ୍ଥାନ: ପୂର୍ଣ୍ଣେଶ୍ୱର ମନ୍ଦିର ପରିସର, କରଞ୍ଜିଆ, ସମୟ: ସକାଳ ୮ଟା।
- ଆମେ-୮୦ ପକ୍ଷରୁ ଜଳଛତ୍ର ସ୍ଥାନ: ପୂର୍ତ୍ତବିଭାଗ ଅଫିସ ସମ୍ମୁଖ, କଚେରୀ ରୋଡ୍, ବାରିପଦା, ପୂର୍ବାହ୍ନ ୧୦ଟା।
- ବଳାଙ୍ଗୀ ମହୋତ୍ସବରେ ସମ୍ବଲପୁରୀ ନାଇଟ୍ସ, ହୋ ନୃତ୍ୟ ଓ ଭଜନ ସନ୍ଧ୍ୟା, ସ୍ଥାନ:ବୁଢ଼ାବଳଙ୍ଗ,ଚିପଟ ଓ ଇଟାଯୋଡ଼ି ନଦୀ ସଙ୍ଗମ ସ୍ଥଳ ବାରିପଦା,ସମୟ: ଅପରାହ୍ନ ୫ଟା।
- ବିଶ୍ୱ ପୁସ୍ତକ ଦିବସ ପାଳନ, ସ୍ଥାନ: ମୟୂରଭଞ୍ଜ ସାହିତ୍ୟ ପରିଷଦ ବାରିପଦା, ସମୟ: ଅପରାହ୍ନ ୫ଟା।

**ବ୍ରହ୍ମପୁର**
- ମନ୍ଦିର ପ୍ରତିଷ୍ଠା ପାଇଁ ନାମଯଜ୍ଞ, ସ୍ଥାନ: କୁମ୍ଭାରପଲ୍ଲୀ, ସମୟ: ଅପରାହ୍ନ ୫ଟା ୪୭।

**କନ୍ଧମାଳ**
- ଶ୍ରୀଲକ୍ଷ୍ମୀନୃସିଂହ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା ଉପଲକ୍ଷେ ଘୃତଯଜ୍ଞ, ସ୍ଥାନ: ଭଗମୁଣ୍ଡା ସାହି, ବାଲିଗୁଡା,ସମୟ: ସକାଳ ୯ଟା।
- ପ୍ରଦେଶ କଂଗ୍ରେସ ବ୍ଲକ୍ କମିଟିର ସାଙ୍ଗଠନିକ ଓ କର୍ମୀ ସମ୍ମିଳନୀ, ସ୍ଥାନ: ଦାରିଙ୍ଗବାଡ଼ି ସାରିଙ୍ଗିଇର୍ପି ସଭା ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- କ୍ଲିନ ଦାରିଙ୍ଗବାଡ଼ି ଗ୍ରୀନ୍ ଦାରିଙ୍ଗବାଡି ପ୍ରସ୍ତୁତି ଓ ସଚେତନ ବୈଠକ, ସ୍ଥାନ: ଦାରିଙ୍ଗବାଡ଼ି ବ୍ଲକ୍ ସଭାଗୃହ, ସମୟ: ଅପରାହ୍ନ ୩ ଟା।
- ଭାଗବତ କଥା ପ୍ରବଚନ, ସ୍ଥାନ: ଭଗମୁଣ୍ଡା ସାହି ପଡିଆ, ବାଲିଗୁଡା, ସମୟ: ସନ୍ଧ୍ୟା ୬ଟା।

**ଢେଙ୍କାନାଳ**
- ଶ୍ରୀଶ୍ରୀ ଶଙ୍କଟମୋଚନ ହନୁମାନଙ୍କ ୧୮ତମ ଜନ୍ମବାର୍ଷିକୀ, ସ୍ଥାନ: ହନୁମାନ ବାଟିକା, ଷ୍ଟାଡିୟମ ଛକ, ଢେଙ୍କାନାଳ, ସମୟ : ସକାଳ ୯ଟା।
- ଜିଲା ସଡ଼କ ସୁରକ୍ଷା ସମିତି ବୈଠକ, ସ୍ଥାନ: ଜିଲାପାଳଙ୍କ ସଦ୍‌ଭାବନା ଗୃହ, ସମୟ: ପୂର୍ବାହ୍ନ ୧୧ଟା।

**ଅନୁଗୋଳ**
- ମା' ବିମଳା ଓ ଲକ୍ଷ୍ମୀଙ୍କ ମନ୍ଦିର ପ୍ରତିଷ୍ଠା, ବିଗ୍ରହ ସ୍ଥାପନ ଉତ୍ସବ, ସ୍ଥାନ: ଆଠମଲ୍ଲିକ ବ୍ଲକ ଠାକୁରଗଡ଼, ସମୟ: ଅପରାହ୍ନ ୩ଟା।
- ଶ୍ରୀମଦ୍ ଭାଗବତ ପାରାୟଣ ସପ୍ତାହର ପଞ୍ଚମ ଦିବସରେ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଆଠମଲ୍ଲିକ ମା' ମାହେଶ୍ୱରୀ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

**ଜଗତ୍‌ସିଂହପୁର**
- ଜାତୀୟ ନାଟ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ଓଡ଼ିଆ ନାଟକ ସେକ୍ସପିଅର ମଞ୍ଚସ୍ଥ ହେବ, ସ୍ଥାନ: ଜୟଦେବ ଭବନ ବଡପଡିଆ ପାରାଦୀପ, ସମୟ: ସନ୍ଧ୍ୟା ୭ଟା।

**କେନ୍ଦ୍ରାପଡ଼ା**
- ତୁଳସୀକ୍ଷେତ୍ର ପଣ୍ଡିତ ସଭା ପକ୍ଷରୁ ସାମୂହିକ ବ୍ରତୋପନୟନ, ସ୍ଥାନ: ଶ୍ରୀ ଗୋପୀନାଥଜୀଉ ମନ୍ଦିର, ତଳବାରଙ୍ଗ, କେନ୍ଦ୍ରାପଡା ସହର, ସମୟ: ସକାଳ ୮ଟା।
- ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବର ତୃତୀୟ ଦିବସ, ସ୍ଥାନ: ମହାବିଦ୍ୟାଳୟ ପରିସର, ପଟ୍ଟାମୁଣ୍ଡାଇ, ସମୟ: ଅପରାହ୍ନ ୪ଟା।
- ଶ୍ରୀ ବଜରଙ୍ଗବାଲିଙ୍କ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ପୀଠ ପରିସର, କନ୍ହେଇପୁର, କେନ୍ଦ୍ରାପଡା, ସମୟ: ଅପରାହ୍ନ ୫ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଶ୍ରୀ ମା'କନ୍ତେଇ ଠାକୁରାଣୀ ପୀଠ, ବାଙ୍କିମୁଣ୍ଡାଇ, ଚାନ୍ଦୋଳ, ଡେରାବିଶ, ସମୟ: ସନ୍ଧ୍ୟା ୬ଟା।

**ଯାଜପୁର**
- ନୂତନ ମନ୍ଦିର ପ୍ରତିଷ୍ଠା, ସ୍ଥାନ: ଧର୍ମଶାଳା ବ୍ଲକର ପାଖର ଗ୍ରାମ,ସମୟ: ସକାଳ ୭ଟା।
- ଜିଲାର ବିଭିନ୍ନ କୋର୍ଟ ମାମଲା ଉପରେ ସମୀକ୍ଷା ବୈଠକ, ସ୍ଥାନ : ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୧ଟା।
- ଶ୍ରୀରାମଚରିତ ମାନସ ପାରାୟଣ, ସ୍ଥାନ : ବ୍ୟାସନଗର ଗୋଶାଳା ଦେବେଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ : ସନ୍ଧ୍ୟା ୭ଟା।

**ନୟାଗଡ଼**
- ସମଗ୍ର ଶିକ୍ଷା ଜନ ଶୁଣାଣି ଶିବିର, ସ୍ଥାନ:ନୂଆଗାଁ ବ୍ଲକ ନୂଆଗାଁ ସରକାରୀ ଉଚ୍ଚବିଦ୍ୟାଳୟ ପରିସର, ସ୍ଥାନ:ସକାଳ ୯ଟା।
- ଶିକ୍ଷାନବିସର ୩ୟ ଦିବସ, ସ୍ଥାନ:ନୟାଗଡ଼ ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟ, ସମୟ:ପୂର୍ବାହ୍ନ ୧୦ଟା।
- ନୀଳକଣ୍ଠେଶ୍ୱର କ୍ରିକେଟ ମ୍ୟାଚର ପଞ୍ଚମ ଦିବସ, ସ୍ଥାନ: କଣ୍ଟିଲୋ ପଞ୍ଚାୟତ ଗୋଡିବଣିଆ, ସମୟ:ପୂର୍ବାହ୍ନ ୧୧ଟା।
- ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ ମହୋତ୍ସବର ଚତୁର୍ଥ ଦିବସ, ସ୍ଥାନ:ଓଡଗାଁ ରଘୁନାଥ ଜୀଉ ମନ୍ଦିର ପ୍ରଙ୍ଗଣ, ସମୟ:ମଧ୍ୟାହ୍ନ ୧୨ରୁ ରାତ୍ର ୧୦ଟା।
- ଚନ୍ଦନ ଯାତ୍ରାର ଚତୁର୍ଥ ଦିବସ, ସ୍ଥାନ: ନୟାଗଡ଼ ପୁରୁଣା ସହର ଜଗନ୍ନାଥ ଜୀଉ ମନ୍ଦିର ; ଶରଣକୁଳ ଲଡୁବାବାଙ୍କ ମନ୍ଦିର ; ଓଡଗାଁ ରଘୁନାଥ ଜୀଉ ମନ୍ଦିର, ସମୟ:ମଧ୍ୟାହ୍ନ ୧୨ଟା ୩୦।
- ଚନ୍ଦନ ଯାତ୍ରା ଚତୁର୍ଥ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ଅପରାହ୍ନ ୧ଟା।
- ଚନ୍ଦନ ଯାତ୍ରା ଚତୁର୍ଥ ଦିବସ, ସ୍ଥାନ: ଖଣ୍ଡପଡା ଜଗନ୍ନାଥ ଜୀଉ ମନ୍ଦିର ; ରଣପୁର ଜଗନ୍ନାଥ ଜୀଉ ମନ୍ଦିର, ସମୟ: ଅପରାହ୍ନ ୨ଟା।
- ଲଙ୍କାପୋଡି ଯାତ୍ରା ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ଗଣିଆ, ସମୟ:ଅପରାହ୍ନ ୫ଟା।

**ନବରଙ୍ଗପୁର**
- ତାରିଣୀ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଭାସ୍କେଲ ନଦୀ ଛକ, କୋଷାଗୁମୁଡା, ସମୟ: ସକାଳ ୭ ଟା।

**ସମ୍ବଲପୁର**
- ଜିଲା କ୍ରୀଡା ସଂଘ ପକ୍ଷରୁ ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ସକାଳ ୮ଟା।
- ଜିଲା ପ୍ରଶାସନ ପକ୍ଷରୁ ପୋଷଣ ପକ୍ଷର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ତପସ୍ୱିନୀ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଉଡାନ ସାଂସ୍କୃତିକ ଅନୁଷ୍ଠାନର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ଅପରାହ୍ନ ୧୧ଟା।
- ସମ୍ବଲପୁର କବାଡି ପ୍ରିମିୟର ଲିଗ-୨୦୨୬ର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଗଙ୍ଗାଧର ମୁକ୍ତ ପଣ୍ଡପ, ସମୟ: ଅପରାହ୍ନ ୫ଟା।
- ଜିଲା କ୍ରୀଡା ସଂଘ ପକ୍ଷରୁ ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ଅପରାହ୍ନ ୫ଟା।
- ଗୋ ସେବକ ସଂଘର ବୈଠକ, ସ୍ଥାନ: ଅଗ୍ରସେନ ଭବନ, ସମୟ: ଅପରାହ୍ନ ୫ଟା।

**ରାଉରକେଲା**
- ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ କଂଗ୍ରେସ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ: ସେକ୍ଟର-୨୧, ସମୟ: ପୂର୍ବାହ୍ନ ୯ଟା ୩୦।
- ଭାଜପା ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ବ୍ରାହ୍ମଣୀ କ୍ଲବ, ପାନପୋଷ, ସମୟ: ମଧ୍ୟାହ୍ନ ୧୨ଟା।
- ଅଖଣ୍ଡ ପାଠ, ସ୍ଥାନ: ଗୁରୁସିଂହ ସଭା, ଗୁରୁଦ୍ୱାରା, ସମୟ: ମଧ୍ୟାହ୍ନ ୧୨ଟା ୧୫।
- ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା, ୪ର୍ଥ ଦିବସ, ସ୍ଥାନ: ସେକ୍ଟର-୩ ଜଗନ୍ନାଥ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ରାଜ୍ୟସ୍ତରୀୟ ନାଟକ ୪ର୍ଥ ସନ୍ଧ୍ୟା, ସ୍ଥାନ: ସିଭିକସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୩୦।

**ବରଗଡ଼**
- ମହାଲକ୍ଷ୍ମୀ ଦେବୀଙ୍କ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା,ସ୍ଥାନ:କଲେଜ ରୋଡ଼, ବରଗଡ଼,ସମୟ: ସକାଳ ୭ଟା।
- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ,ସ୍ଥାନ:ଜାମୁଟପାଲି, ଗାଇସିଲେଟ,ସମୟ:ସକାଳ ୭ଟା।
- ଜିଲା ଉନ୍ନୟନ ସମନ୍ୱୟ ଓ ପରିଚାଳନା କମିଟି ବୈଠକ,ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ବରଗଡ଼,ସମୟ:ଅପରାହ୍ନ ୧୦ଟା ୩୦।
- ମନ୍ଦିର ପ୍ରତିଷ୍ଠା ଅବସରରେ ନାମଯଜ୍ଞ, ସ୍ଥାନ:ଜାମୁଟପାଲି, ଗାଇସିଲେଟ,ସମୟ:ଅପରାହ୍ନ ୩ଟା ୫।
- ନାଟ୍ୟାଚାର୍ଯ୍ୟ ହରେକୃଷ୍ଣ ପୂଜାରୀଙ୍କ ଜୟନ୍ତୀ ସମାରୋହ,ସ୍ଥାନ:ସାରଦା କମ୍ପ୍ଲେକ୍ସ, ବରଗଡ଼, ସମୟ: ଅପରାହ୍ନ ୫ଟା।
- ଓଡ଼ିଶା ରାଜ୍ୟ କୃଷକ ସଙ୍ଗଠନ, ଅତାବିରା ପକ୍ଷରୁ ନୂତନ କମିଟି ଗଠନ ସମ୍ବନ୍ଧରେ ଏକ ବୈଠକ, ସ୍ଥାନ:ଅତାବିରା ମାର୍କେଟ ୟାର୍ଡ଼,ସମୟ:ଅପରାହ୍ନ ୫ଟା।

**କଳାହାଣ୍ଡି**
- ପୋଷଣ ପକ୍ଷ ପାଳନ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- କଳାହାଣ୍ଡି ଲେଖିକା ସଂଘର ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ: ଭବାନୀପାଟଣା ବ୍ରଜ ବିହାର ଶିଶୁ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।

**ଦେବଗଡ଼**
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଦେବଗଡ଼ସ୍ଥିତ ଶ୍ରୀ ସତ୍ୟସାଇ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ଦେବଗଡ଼ ପ୍ରଧାନପାଟ ରୋଡ ଶିରିଡ଼ି ସାଇ ମନ୍ଦିର, ସମୟ: ସନ୍ଧ୍ୟା ୭ଟା ୩୦।

**ସୁବର୍ଣ୍ଣପୁର**
- ମହିଳା ସଂରକ୍ଷଣ ବିଲ ସପକ୍ଷରେ ଭାଜପା ଯୁବ ମୋର୍ଚ୍ଚାର ସଚେତନତା କାର୍ଯକ୍ରମ, ସ୍ଥାନ: ସୁବର୍ଣ୍ଣପୁର ସହର ବିଜୁ ପଟ୍ଟନାୟକ ଛକ, ସମୟ: ସକାଳ ୯ ଟା।
- ୨୪ ପ୍ରହର ନାମଯଜ୍ଞ ଉଦ୍‌ଯାପିତ, ସ୍ଥାନ: ବନ୍ଧପାଲି ନାମଯଜ୍ଞ ମଣ୍ଡପ,ସମୟ: ଅପରାହ୍ନ ୪ ଟା।

**ନୂଆପଡ଼ା**
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ନୂଆଗାଁ ପଞ୍ଚାୟତ କାଳିମାଟି ଗାଁ, ସମୟ: ସକାଳ ୯ଟା।
- ଶ୍ରୀମଦ୍ ଭାଗବତ ମହାପୁରାଣ ଜ୍ଞାନଯଜ୍ଞ ଚତୁର୍ଥ ଦିବସ ଶ୍ରୀକୃଷ୍ଣ ଜନ୍ମ କଥା, ସ୍ଥାନ: ନୂଆପଡା ଏନ୍‌ଏସି ଶାଖାତରା ୱାର୍ଡ ନଂ.୧, ସମୟ: ଅପରାହ୍ନ ୪ଟାରୁ ରାତ୍ର ୮ଟା।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ଉପଲକ୍ଷେ କଳସ ଯାତ୍ରା ଓ ଅଧିବାସ, ସ୍ଥାନ: କୋମନା ବ୍ଲକ ଲଟକନପଡ଼ା ଗାଁ, ସମୟ: ଅପରାହ୍ନ ୪ଟା।

**ଝାରସୁଗୁଡ଼ା**
- ସିଏମ୍ ଟ୍ରଫି ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଦ୍ୱିତୀୟ ଓଏସ୍‌ଏପି ପଡ଼ିଆ, ଝାରସୁଗୁଡ଼ା, ସମୟ: ସକାଳ ୮ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜିର ଗ୍ରହସ୍ଥିତିର ଶୁଭପ୍ରଭାବ ଆପଣଙ୍କ ଜୀବନଯାତ୍ରାକୁ ହର୍ଷୋତ୍‌ଫୁଲ୍ଲିତ କରାଇବ। ସରକାରୀ ସ୍ତରରେ ଅଟକି ରହିଥିବା କାମକୁ ସମ୍ପନ୍ନ କରି ଆଶ୍ୱସ୍ତି ଲାଭ କରିବେ। ଆତ୍ମୀୟସ୍ୱଜନଙ୍କ ପରୋକ୍ଷ ଶତ୍ରୁତା ଏବଂ ବୃଥା ଅଭିଯୋଗରେ କ୍ଷୁବ୍ଧ ହୋଇପାରନ୍ତି। ରବିଙ୍କ ସୁପ୍ରଭାବରୁ ରାଜନୀତିରେ ସଫଳତା ପ୍ରାପ୍ତିର ଆଶା ରହିଛି।

**ବୃଷ** – ଶୁକ୍ରଙ୍କ ଶୁଭ ପ୍ରଭାବରୁ କର୍ମକ୍ଷେତ୍ରରେ ସାହାଯ୍ୟ ଓ ସହଯୋଗର ସୁଅ ଆପଣଙ୍କ ପାଖକୁ ଆପଣାଛାଏଁ ମାଡି ଆସିବ। ଅର୍ଥ ଓ ସମ୍ମାନ ସାଙ୍ଗକୁ ନିଜ ପରିସରର ହିତୈଷୀମାନଙ୍କ ଗହଣରେ ନିଜକୁ ହଜାଇ ଦେଇପାରନ୍ତି। ଆକସ୍ମିକ ଭାବେ ମତାନ୍ତରଜନିତ କୌଣସି ବନ୍ଧୁଙ୍କ ପ୍ରତ୍ୟାଗମନ ଯୋଗୁ ଦୁଃଖ ପ୍ରକାଶ କରିବେ।

**ମିଥୁନ** – ଆଜି ଉଚ୍ଚପଦସ୍ଥ ବ୍ୟକ୍ତିଙ୍କ ଆଶୀର୍ବାଦ ସହ ଅର୍ଥ, ଉପହାର, ଉପଢ଼ୌକନାଦି ପାଇପାରନ୍ତି। ବୁଧଙ୍କ ଦୃଷ୍ଟିରେ ବନ୍ଧୁବର୍ଗ, ଆତ୍ମୀୟ କିମ୍ବା ପଡ଼ୋଶୀଙ୍କ ସହାୟତାରେ ଅଭିଳଷିତ କର୍ମ ସମ୍ପାଦନ କରିବେ। ଯାତ୍ରା, ବାଣିଜ୍ୟ, ଚୁକ୍ତିପତ୍ର, ସଭାସମିତି, ନୂତନ ଯୋଜନାର ଆଲୋଚନା କ୍ଷେତ୍ରରେ ସୁଫଳ ମିଳିବ।

**କର୍କଟ** – ପଦାଧିକାରୀଙ୍କ ସହାନୁଭୂତିପୂର୍ଣ୍ଣ ପରାମର୍ଶ ଅଶାନ୍ତ ମନକୁ ଶାନ୍ତ କରିବାରେ ସହାୟକ ହେବ। ପାରିବାରିକ ବ୍ୟତିକ୍ରମକୁ ସମାଧାନ କରିବାରେ ପଡ଼ୋଶୀଙ୍କ ଅବଦାନ ଅବିସ୍ମରଣୀୟ ରହିବ। ସମ୍ପର୍କୀୟଙ୍କ ବିୟୋଗ ଖବର ପାଇ ବିବ୍ରତ ହେବେ। ପ୍ରକାଶନ, ଆଇନ, ଧାର୍ମିକ ତଥା ଆନୁଷ୍ଠାନିକ କାମରେ ଲକ୍ଷ୍ୟ ପୂରଣ ହେବାର ଆଶା ରହିଛି।

**ସିଂହ** – ଯାତ୍ରା, ବାଣିଜ୍ୟ, ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ସଫଳତା ହାସଲ କରିବେ। ଧର୍ମକାର୍ଯ୍ୟ, ବନ୍ଧୁମିଳନ, ବିଶିଷ୍ଟବ୍ୟକ୍ତିଙ୍କ ସାନ୍ନିଧ୍ୟଲାଭରୁ ଦିନଟି ଖୁସିରେ କଟିବ। ପାରିବାରିକ କ୍ଷେତ୍ରରେ ପ୍ରତିବନ୍ଧକଜନିତ ସ୍ଥଗିତ କାର୍ଯ୍ୟ ସକାଶେ ଚିନ୍ତିତ ରହିପାରନ୍ତି। କର୍ମକ୍ଷେତ୍ରରେ ମତପାର୍ଥକ୍ୟରୁ ଆଲୋଚନା ଅମୀମାଂସିତ ରହିଯାଇପାରେ।

**କନ୍ୟା** – ରାଶିପ୍ରତି ପାପଗ୍ରହଙ୍କ ପ୍ରତ୍ୟକ୍ଷଦୃଷ୍ଟି କାରଣରୁ ମାନସିକ ସ୍ତରରେ ଅସ୍ଥିରତା ଅନୁଭବ କରିବେ। ସହକର୍ମୀ ଓ ଆତ୍ମୀୟସ୍ୱଜନଙ୍କ ଯେତେ ମନ ଧରି କାମ କଲେ ମଧ ସେମାନଙ୍କୁ ସନ୍ତୁଷ୍ଟ କରି ପାରିବେ ନାହିଁ। ଅବଶ୍ୟ ବାଣିଜ୍ୟ, ବ୍ୟବସାୟ, ପରିବହନ, ହୋଟେଲ ଶିଳ୍ପ, ଗୃହନିର୍ମାଣ, ଜମି କିଣାବିକା କ୍ଷେତ୍ରରେ ସୁଫଳ ପାଇବେ।

**ତୁଳା** – ଭାଗ୍ୟାଧିପତି ବୁଧଙ୍କ ଦୁର୍ବଳତା ଯୋଗୁ କୌଣସି କାମରେ ପୂର୍ଣ୍ଣ ସଫଳତା ଆଶା କରାଯାଇ ନ ପାରେ। କର୍ମକ୍ଷେତ୍ରରେ ବିଭ୍ରାନ୍ତିକର ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଶୁକ୍ରଙ୍କ ସୁପ୍ରଭାବରୁ ଦୈହିକ ସୁସ୍ଥତା ପୂର୍ବପରି ରହିବ ଓ ବନ୍ଧୁମାନଙ୍କ ଗହଣରେ ସମୟ ଅତିବାହିତ କରିବେ।

**ବିଛା** – ଧନସ୍ଥାନ ପ୍ରତି ଚନ୍ଦ୍ର ଏବଂ ବୃହସ୍ପତିଙ୍କ ଶୁଭଦୃଷ୍ଟି ଉଚ୍ଚପଦବୀ ଓ ଅର୍ଥ ଗୌରବ ପ୍ରଦାନ କରିବେ। ସାମାଜିକ ସ୍ତରରେ ସମ୍ମାନଜନକ ସ୍ଥିତିରେ ରହିବେ। ଶିକ୍ଷାରେ ସଫଳତା, ସନ୍ତାନଙ୍କ କୃତିତ୍ୱ, ପ୍ରଭାବଶାଳୀ କଥା ମାଧ୍ୟମରେ ଅନ୍ୟମାନଙ୍କୁ ଆପଣେଇ ନେବେ। ମାଙ୍ଗଳିକ କାମ ଓ ବ୍ୟବସାୟିକ କ୍ଷେତ୍ରରେ ସମସ୍ୟା ଆସିପାରେ।

**ଧନୁ** – ରାଶି ଗ୍ରହଶୂନ୍ୟ ଏବଂ ସପ୍ତମସ୍ଥ ଗ୍ରହଜନିତ ବିବାଦୀୟ କ୍ଷେତ୍ରରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବେ। ଭୁଲ୍ ବୁଝାମଣା ହେତୁ ପାରିବାରିକ କଳହର ଆଶଙ୍କା ରହିଛି। ନିଜର ଲୋକ ଦୂରେଇ ଯିବାରୁ କୌଣସି ଅଭାବ ନ ଥାଇ ମଧ ମନଟା ଭଲ ଲାଗି ନ ପାରେ। ତଥାପି ଆର୍ଥିକ ସ୍ଥିତି କୌଣସି ପ୍ରକାରର ପରିସ୍ଥିତିରେ ମଧ ପ୍ରଭାବିତ ହେବ ନାହିଁ।

**ମକର** – ସୁସ୍ଥ ଚିନ୍ତାଧାରା ସାଙ୍ଗକୁ ଆପଣଙ୍କ ସୁସଂଯତ ଏବଂ ଶୃଙ୍ଖଳିତ କାର୍ଯ୍ୟଶୈଳୀ ସଫଳତା ପ୍ରଦାନରେ ସହାୟକ ହୋଇପାରିବ। କିନ୍ତୁ ଚତୁର୍ଥସ୍ଥ ଅଷ୍ଟମାଧିପତି ଯୋଗୁ ବନ୍ଧୁବର୍ଗ ଓ ଆତ୍ମୀୟସ୍ୱଜନଙ୍କ ଦ୍ୱାରା ଭର୍ତ୍ସିତ ହୋଇପାରନ୍ତି। କର୍ମକ୍ଷେତ୍ର କିମ୍ବା ବୃତ୍ତିଗତ ଧନ୍ଦାରେ ଗୁରୁତ୍ୱପୂର୍ଣ୍ଣ କାମଗୁଡିକ ଅଟକି ରହିଥିବା କାରଣରୁ ଅନୁତାପ କରିବେ।

**କୁମ୍ଭ** – ଶୁକ୍ରଙ୍କ ପ୍ରଭାବରୁ ବାକ୍‌ବିଳାସ ବିଜ୍ଞ ବ୍ୟକ୍ତିଙ୍କ ଦ୍ୱାରା ପ୍ରଶଂସିତ ହେବେ। ଯାତ୍ରା, ପ୍ରକାଶନ, ଆଇନ, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର ପ୍ରଭୃତିରେ ସଫଳତା ପାଇବେ। ଯାନ୍ତ୍ରିକ ଜିନିଷ,ବିଳାସବ୍ୟସନ ସମ୍ପର୍କିତ ବସ୍ତୁ, ଯାନବାହନ ପ୍ରଭୃତି ପାଇଁ ମନ ବଳାଇପାରନ୍ତି। ରାହୁଙ୍କ ପ୍ରଭାବରୁ କୌଣସି ଭୁଲ୍ ନିଷ୍ପତ୍ତି ନେଇ ପଶ୍ଚାତେ ଅନୁତାପ କରିପାରନ୍ତି।

**ମୀନ** – କେନ୍ଦ୍ରସ୍ଥ ବୃହସ୍ପତି ଯୋଗୁ ଦିନଟି ଆପଣଙ୍କ ପାଇଁ ଭଲ ରହିବ। ଅର୍ଥ, ସମ୍ମାନ, ମାନସିକ ସୁସ୍ଥତା, ବନ୍ଧୁଙ୍କ ସହୃଦୟତା, ପାରିବାରିକ ସଦ୍‌ଭାବ ପାଇବେ। ସାମୟିକ ଭାବରେ ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ। ଆଲୋଚନା ପରିସରରେ ଯଥା ସମ୍ଭବ ନୀରବତା ଅବଲମ୍ବନ କରିବା ଭଲ ହେବ।

ଆଜି ଏପ୍ରିଲ ୨୩ ତାରିଖ, ଗଙ୍ଗୋତ୍ପତ୍ତି, ବିଶ୍ୱ ପୁସ୍ତକ ଦିବସ, ବିଶ୍ୱ କପି ରାଇଟ୍ ଦିବସ, ଇଂଲିଶ ଭାଷା ଦିବସ, ବୈଶାଖ ଶୁକ୍ଳ ସପ୍ତମୀ ଗୁରୁବାର। ରାଶିନକ୍ଷତ୍ର-ପୁନର୍ବସୁ/ମିଥୁନ। ଦିବା ଘ.୦୩।୧୩ମି. ଗତେ କର୍କଟଚନ୍ଦ୍ର, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଅଦ୍ୟ ବ୍ରତୋପନୟନ, ଗୃହପ୍ରବେଶ, ଦେବତା ଗଠନ ଓ ପ୍ରତିଷ୍ଠା ଏବଂ ନବବଧୂ ଯାତ୍ରା ପାଇଁ ଶୁଭ ଦିନ। ସକାଳ ଘ. ୦୫।୨୬ ମି. ଗତେ ଘ.୦୭।୦୭ମି. ମଧ୍ୟେ, ଘ.୧୦।୨୯ମି. ଗତେ ଘ.୦୧।୦୦ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୧।୧୯ମି. ଗତେ ଘ.୦୨।୫୪ମି. ମଧ୍ୟେ ରାହୁ କାଳ।

## ଦୁର୍ଘଟଣାରେ କେନ୍ଦୁଝର ପୌରାଧ୍ୟକ୍ଷାଙ୍କ ପୁଅଙ୍କ ମୃତ୍ୟୁ

**କେନ୍ଦୁଝର,୨୨।୪(ଦୀପକ ମିଶ୍ର)**

କେନ୍ଦୁଝର ସହର ସନ୍ନିକଟ ବାଙ୍ଗାର ନିକଟରେ ବୁଧବାର ରାତି ୯ ଟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ସ୍କୁଲ ବସ୍ ଧକ୍କାରେ ଜଣେ ବାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କେନ୍ଦୁଝର ପୌରପାଳିକାର ଅଧ୍ୟକ୍ଷା ନିକୁ ସାହୁ ଓ ବ୍ୟବସାୟୀ ଜିତୁ ସାହୁଙ୍କ ପୁଅ ଦୀପକ ସାହୁ। ବୁଧବାର ରାତିରେ ବୁଲେଟ୍ ଯୋଗେ କେଉଁଆଡ଼େ ଯାଉଥିବା ବେଳେ ସ୍କୁଲ ବସ୍‌ରେ ଧକ୍କାହୋଇ ଚକା ତଳେ ପଡ଼ିଯାଇଥିଲେ। ମୁଣ୍ଡ ଉପରେ ବସ୍‌ର ପଛ ଚକା ମାଡ଼ିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ଲେଖା ହେବା ବେଳକୁ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଢମଣା ପଶିଛି ଗାତେ,**
**ବୋହୂ ଭୁଆସୁଣୀ ହାଟକୁ ଯିବେ**
**ଓଢ଼ଣା ଟାଣିଛି ହାତେ।**

ବୟୋଜ୍ୟେଷ୍ଠମାନଙ୍କୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ମୁଣ୍ଡରେ ଓଢ଼ଣା ପକାଯାଇଥାଏ। ମଥାରେ ଓଢ଼ଣି ଦେବା ନାରୀର ଲଜ୍ଜାଶୀଳା ଗୁଣକୁ ପରିପ୍ରକାଶ କରିଥାଏ। ଗ୍ରାମ୍ୟ ବୋହୂ ଭୁଆସୁଣୀ ବଜାର ହାଟ ବୁଲିବା ପାଇଁ ଘରୁ ଗୋଡ଼ କାଢ଼ିଥିବାବେଳେ ନିଜକୁ ଦୃଷ୍ଟି ଆଢୁଆଳରେ ରଖିବାକୁ ଯାଇ ହାତେ ଲମ୍ବର ଓଢ଼ଣା ଟାଣିଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଢୋଲ ଖାଏ ମାଡ଼,**
**ହାଡ଼ି ଖାଏ କଉଡ଼ି।**

ହାଡ଼ି ଢୋଲ ବଜାଏ ଏବଂ ସେ ଏହାର ପାଉଣା ପାଏ। ଅର୍ଥାତ୍ କଷ୍ଟ ସହିବା ଲୋକର ଫଳପ୍ରାପ୍ତିର ଦାବି ନ ଥାଏ, ଅଥଚ କଷ୍ଟ ଦେବା ଲୋକ ହିଁ ଏହି ଫଳ ଭୋଗକରେ। ପରୋକ୍ଷରେ ଜଣକର କଷ୍ଟାର୍ଜିତ ଫଳ ଆଉ ଜଣେ ଭୋଗ କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ହାତୀ ଆକ୍ରମଣରେ ମା', ଶିଶୁପୁତ୍ର ମୃତ



### ଗ୍ରାମରେ ଚାପା ଉତ୍ତେଜନା, କ୍ଷତିପୂରଣ ଦାବି

**ବଡ଼ମ୍ବା,୨୨।୪(ମାୟାଧର ମଲ୍ଲିକ)**

କଟକ ଜିଲା ନରସିଂହପୁର ଥାନା ଅନ୍ତର୍ଗତ ନୂଆଗାଁରେ ବୁଧବାର ହାତୀ ଆକ୍ରମଣରେ ମା' ଓ ଶିଶୁପୁତ୍ରର ମୃତ୍ୟୁ ହୋଇଛି। ଅପରାହ୍ନ ପ୍ରାୟ ୩. ୩୦ରେ ନରସିଂହପୁର ରେଞ୍ଜ ସେରମୁଣ୍ଡା ବିଟ୍ ଅନ୍ତର୍ଗତ ନୂଆଗାଁ ଅଞ୍ଚଳର ବଂଶୀଧର ନାଏକଙ୍କ ସ୍ତ୍ରୀ ସସ୍ମିତା ନାଏକ(୩୫) ଓ ତାଙ୍କ ଶିଶୁପୁତ୍ର ଅନୁଜ ନାଏକ(୫)କୁ ନେଇ ଘର ପଛପାଖ ବଗିଚାରୁ ଆମ୍ବ ତୋଳୁଥିଲେ। ଏହି ସମୟରେ ହଠାତ୍ ଏକ ବଣୁଆ ହାତୀ ଆସି ସେମାନଙ୍କୁ ଆକ୍ରମଣ କରିଥିଲା। ଫଳରେ ଘଟଣାସ୍ଥଳରେ ଶିଶୁଟି ମୃତ୍ୟୁ ହୋଇଥିବା ବେଳେ ସସ୍ମିତା ଗୁରୁତର ହୋଇଥିଲେ। ଖବରପାଇ ସେରମୁଣ୍ଡା ବିଟ୍ ବନବିଭାଗ କର୍ମଚାରୀ ଉଭୟଙ୍କୁ ହିନ୍ଦୋଳ ଉପଖଣ୍ଡ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ସସ୍ମିତା ଏବଂ ତାଙ୍କ ଶିଶୁ ପୁତ୍ରକୁ ମୃତ ଘୋଷଣା କରିଥିଲେ। ଉକ୍ତ ଖବର ପ୍ରଚାରିତ ହେବାପରେ ଗ୍ରାମରେ ଚାପା ଉତ୍ତେଜନା ଦେଖାଯିବା ସହିତ କ୍ଷତିପୂରଣ ଦାବି କରାଯାଇଥିଲା। ନରସିଂହପୁର ବନବିଭାଗ ପକ୍ଷରୁ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କାର ସହାୟତା ରାଶି ଦେବାପାଇଁ ପ୍ରତିଶ୍ରୁତି ଦିଆଯିବା ପରେ ଉତ୍ତେଜନା ଥମିଥିଲା। ନରସିଂହପୁର ପୋଲିସ,ବନବିଭାଗ ଅଧିକାରୀ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ତଦନ୍ତ ଜାରି ରଖିଛନ୍ତି। ଅନ୍ୟ ପକ୍ଷରେ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତକଙ୍କ ପରିବାରକୁ ବିଭାଗୀୟ ସହାୟତା ରାଶି ପ୍ରଦାନ କରାଯିବ ବୋଲି ବନ ବିଭାଗ ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି।

## ଆନନ୍ଦପୁର କଲେଜ ସାମ୍ସ ରୁମ୍‌ରେ ଅଗ୍ନିକାଣ୍ଡ

### ୧୦ରୁ ଊର୍ଦ୍ଧ୍ୱ କମ୍ପ୍ୟୁଟର, ଫାଇଲ ନଷ୍ଟ


ଅଗ୍ନିଶମ କର୍ମଚାରୀ ନିଆଁ ଲିଭାଉଛନ୍ତି।

**ବଞ୍ଜୋ,୨୨।୪(ପ୍ରଦୋଷ କୁମାର ବିଶ୍ୱାଳ)**

କେନ୍ଦୁଝର ଜିଲା ଆନନ୍ଦପୁର କଲେଜର ସାମ୍ସ ରୁମ୍‌ରେ ବୁଧବାର ଅଗ୍ନିକାଣ୍ଡ ଘଟିଥିଲା। ନିଆଁ ଲାଗି ରୁମ୍‌ରେ ଥିବା ୧୦ରୁ ଊର୍ଦ୍ଧ୍ୱ କମ୍ପ୍ୟୁଟର ସହ ଛାତ୍ରୀଛାତ୍ରଙ୍କ ଅନେକ ଜରୁରୀ ଡକ୍ୟୁମେଣ୍ଟ ଓ ଫାଇଲ ସମ୍ପୂର୍ଣ୍ଣ ଜଳି ନଷ୍ଟ ହୋଇଯାଇଛି। ଆନନ୍ଦପୁର ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ନିୟନ୍ତ୍ରଣ କରିଥିଲେ। ଘଟଣା ସମ୍ପର୍କରେ ଖବର ପାଇ ଆନନ୍ଦପୁର ଉପ ଜିଲାପାଳ ନୀଳମାଧବ ସୁନା ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିର ଅନୁସନ୍ଧାନ କରିଥିଲେ। ଶୀଘ୍ର ତଦନ୍ତ କରିବା ସହ ଆବଶ୍ୟକ ପଦକ୍ଷେପ ନେବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରାଥମିକ ତଦନ୍ତରୁ ବିଦ୍ୟୁତ୍ ଶର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି।

**ପ୍ରଥମ ପୃଷ୍ଠାରୁ...**

## 'ଓଡ଼ିଶା ସିଟି ଗ୍ୟାସ୍...

କରିଛନ୍ତି। ଏହି ନୀତି ଦ୍ୱାରା ସାରାରାଜ୍ୟରେ ପାଇପ୍‌ଡ ନାଚୁରାଲ୍ ଗ୍ୟାସ୍ (ପିଏନ୍‌ଜି) ଏବଂ କମ୍ପ୍ରେସନ୍ ନାଚୁରାଲ୍ ଗ୍ୟାସ୍(ସିଏନ୍‌ଜି) ଭିତ୍ତିଭୂମିର ସମ୍ପ୍ରସାରଣ ତ୍ୱରାନ୍ୱିତ ହେବ, ଯାହା ଜାତୀୟସ୍ତରର ସ୍ୱଚ୍ଛ ଇନ୍ଧନ ଅଭିଯାନ ସହ ସାମଞ୍ଜସ୍ୟ ରକ୍ଷା କରିବ।

ମୁଖ୍ୟ ସଚିବ କହିଛନ୍ତି, ପୂର୍ବରୁ ବିଭିନ୍ନ ସଂସ୍ଥାଠାରୁ ଅନୁମତି ପାଇବାରେ ହେଉଥିବା ବିଳମ୍ବ ଏବଂ ଏକ ସମନ୍ୱିତ ନୀତିର ଅଭାବ ଯୋଗୁ ପ୍ରକଳ୍ପ କାର୍ଯ୍ୟକାରୀ କରିବାରେ ବାଧା ସୃଷ୍ଟି ହେଉଥିଲା। ଏହି ନୂତନ ନୀତି ପ୍ରକ୍ରିୟାକୁ ସରଳୀକୃତ କରିବା ସହ ପ୍ରକଳ୍ପଗୁଡ଼ିକର ଶୀଘ୍ର ସମାପ୍ତିକୁ ନିଶ୍ଚିତ କରାଯାଇପାରିବ। ପିଏନ୍‌ଜି ଏବଂ ସିଏନ୍‌ଜି ଭିତ୍ତିଭୂମି ପାଇଁ ଏକ ସ୍ପଷ୍ଟ ତଥା ଦକ୍ଷ କାର୍ଯ୍ୟଖସଡ଼ା ପ୍ରସ୍ତୁତ ହେବ। ବିଭିନ୍ନ ବିଭାଗୀୟ ଅନୁମତି ପ୍ରକ୍ରିୟାକୁ ସହଜ କରିବା ଏବଂ ସ୍ୱଚ୍ଛ ଜାଳେଣିର ବ୍ୟବହାରକୁ ପ୍ରୋତ୍ସାହିତ କରିବାରେ ଏହା ସହାୟକ ହେବ। ସିଟି ଗ୍ୟାସ୍ ଡିଷ୍ଟ୍ରିବ୍ୟୁଶନ୍ ପ୍ରକଳ୍ପଗୁଡ଼ି ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ ହୋଇପାରିବ। ପ୍ରକଳ୍ପ ସମ୍ପର୍କର ଠିକ୍ ପରିଚାଳନା ମାଧ୍ୟମରେ ନିରାପଦ ଏବଂ ନିରନ୍ତର ଗ୍ୟାସ୍ ଯୋଗାଣ ନିଶ୍ଚିତ କରିବା। 'ସ୍ୱଚ୍ଛ ଭାରତ ମିଶନ' ଅନ୍ତର୍ଗତ କମ୍ପ୍ରେସ୍‌ଡ ବାୟୋ ଗ୍ୟାସ୍(ସିଭିଜି) ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଆବଶ୍ୟକ ସମନ୍ୱୟ ରକ୍ଷା କରିବ।

ମୁଖ୍ୟ ସଚିବ କହିଛନ୍ତି, ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଏଥିପାଇଁ ନୋଡାଲ ଏଜେନ୍ସି ଭାବେ କାର୍ଯ୍ୟ କରିବ। ଏହାର ସଫଳ ରୂପାୟନ ପାଇଁ ରାଜ୍ୟସ୍ତରୀୟ ଉଚ୍ଚାଧିକାରୀ କମିଟି ଏବଂ ଜିଲାସ୍ତରୀୟ ମନିଟରିଂ କମିଟି ଗଠନ କରାଯିବ। ଏହି ନୀତି ଦ୍ୱାରା ରାଜ୍ୟ ସରକାରଙ୍କ ଉପରେ କୌଣସି ଆର୍ଥିକ ବୋଝ ପଡ଼ିବ ନାହିଁ ବରଂ ଏହା ଘରୋଇ ପୁଞ୍ଜିନିବେଶକୁ ଆକୃଷ୍ଟ କରିବା ସହ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ବ୍ୟବସାୟିକ ସହଜତାକୁ ବୃଦ୍ଧି କରିବା ସହ ମାର୍ଚ୍ଚ ୨୦୨୭ ପର୍ଯ୍ୟନ୍ତ ଅନୁମୋଦନ ଶୁଳ୍କ ଉପରେ ରିହାତି ପ୍ରଦାନ କରିବାକୁ ପ୍ରସ୍ତାବରେ ରହିଛି। ଓଡ଼ିଶାର ଶକ୍ତି ସୁରକ୍ଷା, ପରିବେଶ ସୁରକ୍ଷା ଏବଂ ଜନସାଧାରଣଙ୍କ ଜୀବନଶୈଳୀରେ ଉନ୍ନତି ଆଣିବା ଦିଗରେ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ମୁଖ୍ୟ ସଚିବ କହିଛନ୍ତି।

## ରାଜ୍ୟ ତଥ୍ୟ...

କରିବାର ବ୍ୟବସ୍ଥା ରହିଛି। ଏହି ନୀତି ପ୍ରଶାସନିକ ଦକ୍ଷତାକୁ ଉଲ୍ଲେଖନୀୟ ଭାବେ ବୃଦ୍ଧି କରିବା ସହ ସାର୍ବଜନୀନ ଯୋଜନା ଏବଂ କଲ୍ୟାଣମୂଳକ କାର୍ଯ୍ୟକ୍ରମରେ ବ୍ୟବହୃତ ତଥ୍ୟର ସଠିକତା ଏବଂ ବିଶ୍ୱସନୀୟତାରେ ଉନ୍ନତି ଆଣିବ। ଏହାସହିତ ନିରବଚ୍ଛିନ୍ନ ତଥ୍ୟ ଆନ୍ତଃ କାର୍ଯ୍ୟକାରିତାକୁ ସକ୍ଷମ କରିବ ଏବଂ ସ୍ୱଚ୍ଛ, ବିଶ୍ୱସନୀୟ ଏବଂ ତଥ୍ୟ ପରିଚାଳିତ ଶାସନ ବ୍ୟବସ୍ଥାରେ ଓଡ଼ିଶାକୁ ଏକ ଜାତୀୟ ନେତୃତ୍ୱ ପ୍ରଦାନ କରିବ ବୋଲି ଗର୍ଗ କହିଛନ୍ତି।

## କଟକ କାଠଯୋଡ଼ିରେ...

ଉପକୃତ ହେବେ। ସେ ପୁଣି କହିଛନ୍ତି, ରାଜ୍ୟ କ୍ୟାବିନେଟ୍ ୧୫୮ କୋଟି ୮୮ ଲକ୍ଷ ୯୦ ହଜାର ୩୦୫ ଟଙ୍କାରେ ମେସର୍ସ ଏସ୍.ପି.ଏସ୍. କନ୍‌ଷ୍ଟ୍ରକ୍ସନ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌କୁ ଏହାର ନିର୍ମାଣ ଦାୟିତ୍ୱ ଦେବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି କାର୍ଯ୍ୟ ୩୬ ମାସ ଭିତରେ ଶେଷ କରିବାକୁ ସମୟ ଧାର୍ଯ୍ୟ କରାଯାଇଛି ବୋଲି ମୁଖ୍ୟ ସଚିବ ଗର୍ଗ କହିଛନ୍ତି।

ଧରିତ୍ରୀ
DHARITRI
52 Years





ଭୁବନେଶ୍ୱର ପଳାଶୁଣୀ ଗଙ୍ଗୁଆ ନାଳ ଓଭରବ୍ରିଜ୍ ଉପରେ ବୁଧବାର ଅପରାହ୍ନରେ ଟ୍ରକ୍‌ରେ ନିଆଁ ଲାଗି ଜଳିଯାଉଛି। (ଫଟୋ: ବିକାଶ ନାୟକ)

# ଗୁଜରାଟ ଆସୁଥିବା ଜାହାଜକୁ କବ୍‌ଜା କଲା ଇରାନ୍

**ହର୍ମୁଜ୍ ପ୍ରଣାଳୀରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଛି। ବୁଧବାର ଇରାନ୍‌ର ରିଭୋଲ୍ୟୁଶନାରି ଗାର୍ଡ (ଆଇଆର୍‌ଜିସି) ୩ଟି ମାଲବାହୀ ଜାହାଜକୁ ଜବତ କରିବା ସହ ଅନ୍ୟ ତିନୋଟି ଜାହାଜ ଉପରକୁ ଗୁଳି ଚଳାଇଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅସ୍ତ୍ରବିରତି ଘୋଷଣା କରିବାର ମାତ୍ର କିଛି ଘଣ୍ଟା ପରେ ଇରାନ୍ ଏହି ପଦକ୍ଷେପ ନେଇଛି। ଇରାନ୍ ଦ୍ୱାରା ଜବତ ହୋଇଥିବା ୩ଟି ଜାହାଜ ମଧ୍ୟରୁ ଗୋଟିଏ ହେଉଛି ଲାଇବେରିଆ ପତାକାଧାରୀ ଜାହାଜ 'ଏପାମିନୋଣ୍ଡାସ୍'। ଏହା ଗୁଜରାଟର ମୁନ୍ଦ୍ରା ବନ୍ଦର ଅଭିମୁଖେ ଆସୁଥିଲା। ଇରାନ୍‌ର ଦାବି ଅନୁଯାୟୀ ଏହି ଜାହାଜଗୁଡ଼ିକ ସାମୁଦ୍ରିକ ନିୟମ ଉଲ୍ଲଂଘନ କରିବା ସହ ନେଭିଗେଶନ ସିଷ୍ଟମ ସହ ହେରଫେର କରୁଥିଲେ। ଟ୍ରମ୍ପ୍ ମଙ୍ଗଳବାର ରାତିରେ ଘୋଷଣା କରିଥିଲେ ଯେ ଶାନ୍ତି ଆଲୋଚନା ପାଇଁ ସୁଯୋଗ ଦେବାକୁ ଆମେରିକା ପକ୍ଷରୁ ଅସ୍ତ୍ରବିରତି ବଳବତ୍ତର ରହିବ। କିନ୍ତୁ ଇରାନ୍‌ର ବନ୍ଦରଗୁଡ଼ିକ ଉପରେ ଲାଗିଥିବା ନୌସେନା ଅବରୋଧ ଜାରି ରହିବ ବୋଲି ସେ ସ୍ପଷ୍ଟ କରିଥିଲେ। ଇରାନ ଏହି ଅବରୋଧକୁ 'ସାମୁଦ୍ରିକ ଡକାୟତି' ବୋଲି କହି ବୁଧବାର ପ୍ରତିଶୋଧମୂଳକ ଭାବେ ହର୍ମୁଜ୍‌ରେ ଜାହାଜଗୁଡ଼ିକ ଉପରେ ଆକ୍ରମଣ କରିଥିବା ଜଣାପଡ଼ିଛି। ଏହି ଘଟଣା ପରେ ବିଶ୍ୱ ବଜାରରେ ଅଶୋଧିତ ତୈଳ ଦରରେ ପ୍ରବଳ ବୃଦ୍ଧି ଘଟିଛି। ବ୍ରେଣ୍ଟ୍ କ୍ରୁଡ୍ ମୂଲ୍ୟ ବ୍ୟାରେଲ ପିଛା ପ୍ରାୟ ୧୦୦ ଡଲାର ପାଖାପାଖି ପହଞ୍ଚିଛି।**

■ ଆମେରିକାର ଅସ୍ତ୍ରବିରତି ବଳବତ୍ତର ଘୋଷଣା ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ
■ ବଢ଼ିଲା ଅଶୋଧିତ ତୈଳ ଦର

ଦୁବାଇ,୨୨।୪

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଅସ୍ତ୍ରବିରତି ସମୟସୀମା ବଢ଼ାଇବାର କିଛି ଘଣ୍ଟା ପରେ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ଅତିକ୍ରମ ଉଦ୍ୟମ କରୁଥିବା ୩ଟି ଜାହାଜ ଉପରେ ଇରାନର ରିଭଲ୍ୟୁଶନାରି ଗାର୍ଡ (ଆଇଆର୍‌ଜିସି) ଗୁଳିମାଡ଼ କରିବା ଚିନ୍ତା ବଢ଼ାଇଦେଇଛି। ହର୍ମୁଜ୍ ବନ୍ଦ ଯୋଗୁ ବିଶ୍ୱ ଶକ୍ତି ଯୋଗାଣ ଗୁରୁତର ପ୍ରଭାବିତ ହୋଇଥିବାବେଳେ ଯୁଦ୍ଧ ବନ୍ଦ ଲାଗି ଆମେରିକା ଓ ଇରାନକୁ ଆଲୋଚନା ପାଇଁ ଏକାଠି କରିବା ଉଦ୍ୟମକୁ ଏହା ଜଟିଳ କରିଛି। ବିଶ୍ୱର ତୈଳ ଏବଂ ପ୍ରାକୃତିକ ଗ୍ୟାସ୍ ପରିବହନର ୨୦ ପ୍ରତିଶତ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ଦେଇ ହୋଇଥାଏ। ଜାହାଜ ଉପରେ ଆକ୍ରମଣ ଯୋଗୁ ଉକ୍ତ ଜଳପଥ ଦେଇ ମାଲ୍ ପରିବହନ ପ୍ରତି ବିପଦ ସୃଷ୍ଟି ହୋଇଛି।

୨ଟି ଜାହାଜ ନିୟମ ଉଲ୍ଲଂଘନ କରି ହର୍ମୁଜ୍ ଅତିକ୍ରମ କରୁଥିଲାବେଳେ ଆଇଆର୍‌ଜିସିର ନୌସେନା ବୁଧବାର ସକାଳେ ସେଗୁଡ଼ିକୁ ଚିହ୍ନଟ କରି ଅଟକାଇଥିଲା। ପରେ ୨ ଜାହାଜକୁ ଜବତ କରାଯାଇ ଇରାନ ଉପକୂଳ ଆଡ଼େ ନିଆଯାଇଥିଲା ବୋଲି ଆଇଆର୍‌ଜିସି କହିଥିଲା। ସେହି ଜାହାଜ ହେଲେ ଏମ୍‌ଏସ୍‌ସି-ଫ୍ରାନ୍ସେସ୍କା ଯାହା ଇସ୍ରାଏଲ୍ ସହ ସମ୍ପୃକ୍ତ। ଅନ୍ୟ ଜାହାଜର ନାମ ଏପାମିନୋଣ୍ଡାସ୍ ବୋଲି କୁହାଯାଇଛି। ପରେ ଆଇଆର୍‌ଜିସି ନୌସେନା ୟୁଫୋରିଆ ନାମରେ ତୃତୀୟ ଜାହାଜ ଉପରେ ଆକ୍ରମଣ କରିଥିବା ସେଠାରେ ଗଣମାଧ୍ୟମ ରିପୋର୍ଟ କରିଛି। ଉକ୍ତ ଜାହାଜ ଇରାନ ଉପକୂଳରେ ଅଟକି ରହିଛି। ବ୍ରିଟିଶ ସେନାର ୟୁନାଇଟେଡ୍ କିଙ୍ଗଡମ୍ ଟ୍ରେଡ୍ ଅପରେଶନ ସେଣ୍ଟରର ସୂଚନା ଅନୁଯାୟୀ, ବୁଧବାର ସକାଳ ୭ଟା ୫୫ ମିନିଟ୍‌ରେ ପ୍ରଥମ ଆକ୍ରମଣ ଏକ କଣ୍ଟେନର ଜାହାଜ ଉପରେ ହୋଇଥିଲା। ଓମାନଠାରୁ ଉତ୍ତରପୂର୍ବରେ ୧୫ ନଟିକାଲ ମାଇଲ୍ ଦୂରରେ ଆକ୍ରମଣ ହୋଇଥିବାବେଳେ ସମସ୍ତ କ୍ରିଉ ସଦସ୍ୟ ସୁରକ୍ଷିତ ଥିବା ଉକ୍ତ ସେଣ୍ଟର ପକ୍ଷରୁ କୁହାଯାଇଛି। ଇରାନ ଆଇନଗତ ଭାବେ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ନିୟନ୍ତ୍ରଣ କରୁଥିବାବେଳେ ସତର୍କ ସୂଚନାକୁ ଅଣଦେଖା କରିବାରୁ ଜାହାଜ ଉପରେ ଆକ୍ରମଣ କରାଗଲା ବୋଲି ଇରାନର ଅର୍ଦ୍ଧସରକାରୀ ଫାର୍ସ ନ୍ୟୁଜ୍ ଏଜେନ୍ସି କହିଛି। ସୂଚନାଯୋଗ୍ୟ, ଗତ ସପ୍ତାହାନ୍ତରେ ଆମେରିକା ନୌସେନା ଏକ ଇରାନୀୟ କଣ୍ଟେନର ଜାହାଜକୁ ଗୁଳି କରିବା ସହ ଏହାକୁ ଜବତ କରିବା ପରେ ଇରାନ ଏଭଳି ଆକ୍ରମଣ କରିଥିବା କୁହାଯାଉଛି।

## ଅସ୍ତ୍ରବିରତି ଅବଧି ବଢ଼ାଇଲେ ଟ୍ରମ୍ପ୍

ୱାଶିଂଟନ/ଇସ୍‌ଲାମାବାଦ,୨୨।୪

ମଧ୍ୟସ୍ଥତା କରୁଥିବା ପାକିସ୍ତାନର ଅନୁରୋଧ କ୍ରମେ ଆମେରିକା ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପ୍ ଇରାନ ସହ ଅସ୍ତ୍ରବିରତି ଅବଧିକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବଢ଼ାଇଛନ୍ତି। ଇରାନ ସହ ୭ ସପ୍ତାହ ଧରି ଚାଲିଥିବା ଯୁଦ୍ଧ ବନ୍ଦ ଲାଗି ଏକ ଏକୀକୃତ ପ୍ରସ୍ତାବ ଆଣିବା ପାଇଁ ତେହରାନ୍‌ର ବିଭାଜିତ ନେତୃତ୍ୱକୁ ସମୟ ଦେବା ଅସ୍ତ୍ରବିରତି ବୃଦ୍ଧିର ଲକ୍ଷ୍ୟ ବୋଲି ଟ୍ରମ୍ପ୍ କହିଛନ୍ତି। ଏହା ସତ୍ତ୍ୱେ ବୁଧବାର ଆମେରିକା-ଇରାନ ଶାନ୍ତି ଆଲୋଚନା ହେବା ନେଇ ଅନିଶ୍ଚିତତା ଲାଗିରହିଛି। ଅସ୍ତ୍ରବିରତି ଅବଧି ବୃଦ୍ଧିକୁ ଇରାନ ବହିର୍ବ୍ୟାପାର ମନ୍ତ୍ରଣାଳ ମୁଖପାତ୍ର ଏସ୍‌ମାଇଲ ବାଘାଇ ସ୍ୱୀକାର କରିଥିଲେ ମଧ୍ୟ ଇସ୍‌ଲାମାବାଦରେ ଆମେରିକା ସହ ନୂତନ ପର୍ଯ୍ୟାୟ ଆଲୋଚନା ଲାଗି ତେହରାନ୍ ପ୍ରସ୍ତୁତ ଥିବା ନେଇ କିଛି ସ୍ପଷ୍ଟ କରିନାହାନ୍ତି।

ଗତ ୮ ତାରିଖରୁ ଇରାନ ଏବଂ ଆମେରିକା ମଧ୍ୟରେ ଚାଲିଥିବା ୨ ସପ୍ତାହର ଅସ୍ତ୍ରବିରତି ସମୟସୀମା ପୂରିବାକୁ ଆଉ ଅଳ୍ପ କେତେଘଣ୍ଟା ବାକି ଥିବାବେଳେ ଟ୍ରମ୍ପ୍ ପୁନର୍ବାର ଏହାକୁ ବୃଦ୍ଧି କରିଥିବାରୁ ପାକିସ୍ତାନର ଶୀର୍ଷ ନେତୃତ୍ୱ ଏହାର ସ୍ୱାଗତ କରିଛି। ଅସ୍ତ୍ରବିରତି ଅବଧି ଶେଷ ହେବା ପୂର୍ବରୁ ଏକ ଚୁକ୍ତିନାମାରେ ପହଞ୍ଚିବା ପାଇଁ ତେହରାନ ଓ ୱାଶିଂଟନ ମଧ୍ୟରେ ଶାନ୍ତି ଆଲୋଚନା ☞ପୃଷ୍ଠା-୧୧

# ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ୩୪ ପଇସା ହ୍ରାସ

ମୁମ୍ବାଇ, ୨୨।୪ (ପି.ଟି.)

**୧ ଡଲାର : ୯୩.୭୮ ଟଙ୍କା**

ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି ଏବଂ ଆମେରିକା-ଇରାନ୍ ମଧ୍ୟରେ ଜାରି ରହିଥିବା ଯୁଦ୍ଧ ପରିସ୍ଥିତି ଯୋଗୁ ଭାରତୀୟ ମୁଦ୍ରା 'ଟଙ୍କା'ର ମୂଲ୍ୟରେ ବଡ଼ ହ୍ରାସ ଘଟିଛି। ବୁଧବାର କ୍ରମାଗତ ତୃତୀୟ ଦିନ ପାଇଁ ଟଙ୍କାର ମୂଲ୍ୟ ହ୍ରାସ ପାଇ ଆମେରିକୀୟ ଡଲାର ତୁଳନାରେ ୩୪ ପଇସା କମି ୯୩.୭୮ ସ୍ତରରେ ବନ୍ଦ ହୋଇଛି। ଏହା ଏବେ ୯୪ର ଐତିହାସିକ ସ୍ତର ଆଡ଼କୁ ଗତି କରୁଛି।

ଆମେରିକା ଏବଂ ଇରାନ୍ ମଧ୍ୟରେ ଶାନ୍ତି ଆଲୋଚନାକୁ ନେଇ ଦେଖାଦେଇଥିବା ଅନିଶ୍ଚିତତା ଏବଂ ହର୍ମୁଜ୍ ପ୍ରଣାଳୀରେ ଜାହାଜ ଉପରେ ହୋଇଥିବା ଆକ୍ରମଣ ପରିସ୍ଥିତିକୁ ଜଟିଳ କରିଛି। ଏହାର ପ୍ରଭାବରେ ବ୍ରେଣ୍ଟ କ୍ରୁଡ୍ ମୂଲ୍ୟ ପ୍ରାୟ ୧.୨୯% ବୃଦ୍ଧି ପାଇ ବ୍ୟାରେଲ ପିଛା ୯୯.୭୫ ଡଲାରରେ ପହଞ୍ଚିଛି। ଭାରତୀୟ ଶେୟାର ବଜାରରେ ପ୍ରବଳ ବିକ୍ରି ଏବଂ ବିଦେଶୀ ପୁଞ୍ଜି ପ୍ରତ୍ୟାହାର ଯୋଗୁ ଟଙ୍କା ଉପରେ ଚାପ ପଡ଼ିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ସାକ୍ଷାତ୍‌କାରରେ ଧମକ ଦେଇଛନ୍ତି ଯେ, ଯଦି ନିର୍ଦ୍ଧାରିତ ସମୟ ମଧ୍ୟରେ କୌଣସି ଶାନ୍ତି ଚୁକ୍ତି ନ ହୁଏ, ତେବେ ସେ ଇରାନ ଉପରେ ପୁଣି ଥରେ ବୋମା ମାଡ଼ କରିବାକୁ ପ୍ରସ୍ତୁତ ଅଛନ୍ତି। ଏହି ବୟାନ ପରେ ବିଶ୍ୱ ବଜାରରେ ଭୟର ବାତାବରଣ ଖେଳିଯାଇଛି। ବୁଧବାର କାରବାର ଆରମ୍ଭ ସମୟରେ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ୯୩.୬୯ ଥିଲା। କାରବାର ଶେଷ ବେଳକୁ ୯୩.୭୮ ରେ ସ୍ଥିର ହୋଇଛି। ବମ୍ବେ ଷ୍ଟକ ଏକ୍ସଚେଞ୍ଜର ସେନ୍‌ସେକ୍ସ ପ୍ରାୟ ୭୫୬ ପଏଣ୍ଟ ହ୍ରାସ ପାଇ ୭୮,୫୧୬ ରେ ବନ୍ଦ ହୋଇଛି। ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍ଟି ୧୯୮ ପଏଣ୍ଟ ଖସି ୨୪,୩୭୮ ସ୍ତରରେ ରହିଛି।

# ଆଉ ଦେବାକୁ ପଡ଼ିବନି ପ୍ରଫେସନାଲ ଟାକ୍ସ

## ଆଇନ ବିଭାଗର ଅଧ୍ୟାଦେଶ

ଭୁବନେଶ୍ୱର,୨୨।୪(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ବୃତ୍ତିଗତ ଟିକସ(ପ୍ରଫେସନାଲ ଟାକ୍ସ)କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାଦେଶ ଅଣାଯାଇଛି। ଏ ସଂକ୍ରାନ୍ତରେ ଆଇନ ବିଭାଗ ପକ୍ଷରୁ ମଙ୍ଗଳବାର ଜାରି କରାଯାଇଥିବା ଅଧ୍ୟାଦେଶରେ କୁହାଯାଇଛି, ଓଡ଼ିଶା ସରକାର ୨୦୦୦ ମସିହାର ପ୍ରଫେସନ୍ ଟାକ୍ସ ଆଇନକୁ ରଦ୍ଦ କରିଦେଇଛନ୍ତି। ଏହି ନୂତନ ଅଧ୍ୟାଦେଶ ଏପ୍ରିଲ ପହିଲାରୁ ଲାଗୁହେବ ବୋଲି ଅଧ୍ୟାଦେଶରେ ଦର୍ଶାଯାଇଛି।

ସଂପ୍ରତି ବିଧାନସଭାର ଅଧିବେଶନ ନ ଥିବାରୁ ଏହାର ଆବଶ୍ୟକତାକୁ ଅନୁଭବ କରି ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ଅଧ୍ୟାଦେଶ ଅଣାଯାଇଛି। ଏଣିକି ଓଡ଼ିଶାରେ ବୃତ୍ତି, ଚାକିରି କିମ୍ବା ବ୍ୟବସାୟ ଉପରେ ରାଜ୍ୟ ସରକାର 'ପ୍ରଫେସନାଲ ଟାକ୍ସ' ନେବେନାହିଁ। ଯେଉଁମାନେ ପୂର୍ବରୁ ଏହି କର ଦେଉଥିଲେ, ସେମାନଙ୍କୁ ଆଉ ଆଗକୁ ଦେବାକୁ ପଡ଼ିବ ନାହିଁ। ମାତ୍ର ପୂର୍ବରୁ ଯେଉଁ କର ଦିଆଯାଇଛି, ରିଟର୍ନ ଦାଖଲ ହୋଇଛି କିମ୍ବା କେସ୍ ଚାଲିଛି ସେଗୁଡ଼ିକ ବାତିଲ କରାଯିବ ନାହିଁ। ସେଗୁଡ଼ିକ ପୁରୁଣା ନିୟମ ଅନୁଯାୟୀ ଚାଲିବ ବୋଲି ଅଧ୍ୟାଦେଶରେ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି ଦର୍ଶାଇଛନ୍ତି।

# ଡାର୍କ ମ୍ୟାଟର ରହସ୍ୟ ଖୋଜିବ 'ରୋମାନ ସ୍ପେସ୍ ଟେଲିସ୍କୋପ୍'

## 'ହବଲ୍'ଠାରୁ ୧୦୦ ଗୁଣ ଅଧିକ ଶକ୍ତିଶାଳୀ

ମେରିଲ୍ୟାଣ୍ଡ, ୨୨।୪ (ଆମେରିକା)




ମହାକାଶ ବିଜ୍ଞାନ କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ଆରମ୍ଭ କରିବାକୁ ଯାଉଛି ଆମେରିକୀୟ ମହାକାଶ ସଂସ୍ଥା 'ନାସା'। ବ୍ରହ୍ମାଣ୍ଡର ଗୁପ୍ତ ରହସ୍ୟ 'ଡାର୍କ ମ୍ୟାଟର' ଏବଂ 'ଡାର୍କ ଏନର୍ଜି' ଉପରେ ଗବେଷଣା କରିବା ସହ ସୌରମଣ୍ଡଳ ବାହାରେ ଥିବା ଅନେକ ହଜାର ନୂଆ ଗ୍ରହର ସନ୍ଧାନ କରିବା ପାଇଁ ନାସା ମଙ୍ଗଳବାର ତା'ର ଅତ୍ୟାଧୁନିକ 'ନାନ୍ସି ଗ୍ରେସ୍ ରୋମାନ' ସ୍ପେସ୍ ଟେଲିସ୍କୋପ୍‌କୁ ଉନ୍ମୋଚନ କରିଛି।

ଆମେରିକାର ମେରିଲ୍ୟାଣ୍ଡସ୍ଥିତ ଗୋଡାର୍ଡ ସ୍ପେସ୍ ଫ୍ଲାଇଟ୍ ସେଣ୍ଟରରେ ଆୟୋଜିତ ଏକ ସମ୍ମିଳନୀରେ ନାସା ପ୍ରଶାସକ ଜେରେଡ ଆଇଜାକମ୍ୟାନ କହିଛନ୍ତି, ରୋମାନ ଟେଲିସ୍କୋପ୍ ପୃଥିବୀକୁ ବ୍ରହ୍ମାଣ୍ଡର ଏକ ନୂଆ ଆଟଲାସ ବା ମାନଚିତ୍ର ପ୍ରଦାନ କରିବ। ପ୍ରାୟ ୧୨ ମିଟର (୩୯ ଫୁଟ) ଲମ୍ବର ଏହି ରୁପେଲି ରଙ୍ଗର ଟେଲିସ୍କୋପ୍‌ଟି ବିଶାଳ ସୋଲାର ପ୍ୟାନେଲ ସହିତ ସଜ୍ଜିତ ହୋଇଛି। ପ୍ରାୟ ୩୬ ବର୍ଷ ପୂର୍ବେ ମହାକାଶକୁ ଯାଇଥିବା 'ହବଲ୍' ଟେଲିସ୍କୋପ ତୁଳନାରେ ଏହାର ଦୃଶ୍ୟ କ୍ଷମତା ଅତିକମ୍‌ରେ ୧୦୦ ଗୁଣ ଅଧିକ। ଏହା ଆକାଶର ଏକ ବିଶାଳ ଅଂଶକୁ ଏକାଥରେ ସ୍କାନ୍ କରିପାରିବ। ଏହି ଟେଲିସ୍କୋପ ପ୍ରତିଦିନ ୧୧ ଟେରାବାଇଟ (୧୧ ଟିବି) ଡାଟା ପୃଥିବୀକୁ ପଠାଇବ। ବୈଜ୍ଞାନିକଙ୍କ ମତରେ, ବ୍ରହ୍ମାଣ୍ଡର ପ୍ରାୟ ୯୫ ପ୍ରତିଶତ ଅଂଶ ଡାର୍କ ମ୍ୟାଟର ଏବଂ ଡାର୍କ ଏନର୍ଜି ଦ୍ୱାରା ଗଠିତ, ଯାହା ଏପର୍ଯ୍ୟନ୍ତ ଅଦୃଶ୍ୟ ହୋଇ ରହିଛି। ଏହା ଏକ ଗ୍ଲୁ (ଅଠା) ପରି କାମ କରେ, ଯାହା ଗାଲାକ୍ସିଗୁଡ଼ିକୁ ବାନ୍ଧି ରଖିଥାଏ। ଏହା ଗାଲାକ୍ସିଗୁଡ଼ିକୁ ପରସ୍ପରଠାରୁ ଦୂରେଇ ନେଇ ବ୍ରହ୍ମାଣ୍ଡକୁ ସମ୍ପ୍ରସାରିତ କରିଥାଏ। ରୋମାନ ଟେଲିସ୍କୋପ ତା'ର ଇନଫ୍ରାରେଡ୍ ଦୃଷ୍ଟିଶକ୍ତି ବ୍ୟବହାର କରି ବହୁ କୋଟି ବର୍ଷ ପୂର୍ବରୁ ଆସୁଥିବା ଆଲୋକକୁ ଅନୁଧ୍ୟାନ କରିବ ଏବଂ ବ୍ରହ୍ମାଣ୍ଡର ଇତିହାସ ଖୋଲିବ।

No. 10001/78/2627

ଓଡ଼ିଶା ଶାସନ

# ଅଂଶୁଘାତ ସତର୍କତା

**ଲକ୍ଷଣ**

- ପ୍ରବଳ ଝାଳ ବୋହିବା
- ମୁଣ୍ଡ ବୁଲାଇ ଅନ୍ଧାର ଦିଶିବା ଓ ବାନ୍ତି ଲାଗିବା
- ପ୍ରବଳ ଶୋଷ ଲାଗିବା
- ମାଂସପେଶୀ ଟାଣି ହେବା
- ଚର୍ମ ଶୁଷ୍କ, ଲାଲ୍ ଓ ଉତ୍ତପ୍ତ ହେବା
- ଅଚେତ ହେବା କିମ୍ବା ବାତ ମାରିବା

**ସତର୍କତା**

- ଦିନ ୧୧ଟା ରୁ ୩ଟା ମଧ୍ୟରେ ଖରା ତାତି ଅଧିକ ଥାଏ। ଏହି ସମୟ ମଧ୍ୟରେ ବାହାରକୁ ଯାଆନ୍ତୁ ନାହିଁ। ଜରୁରୀ କାମ ଥିଲେ ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ପାଣି ପିଅନ୍ତୁ ଓ ସାଥିରେ ଛତା, ଚପଲ ଓ ପିଇବା ପାଣି ନିଅନ୍ତୁ
- ଧଳା ରଙ୍ଗର ଢ଼ିଲା ପୋଷାକ, ଛତା ଓ ଜୋତା ବ୍ୟବହାର କରନ୍ତୁ
- ମଝିରେ ମଝିରେ ଛାଇରେ ବିଶ୍ରାମ ନିଅନ୍ତୁ
- ଖରାରେ କଠିନ ପରିଶ୍ରମ କରନ୍ତୁ ନାହିଁ/ ଅଧିକ ଦୂର ଚାଲନ୍ତୁ ନାହିଁ
- କୌଣସି ପ୍ରକାର ମାଦକ ଦ୍ରବ୍ୟ ସେବନ କରନ୍ତୁ ନାହିଁ



**ପ୍ରତିକାର**

- ଅଂଶୁଘାତ ଆକ୍ରାନ୍ତଙ୍କୁ ଖୋଲା ଓ ଥଣ୍ଡା ଯାଗାକୁ ନେଇଯାଆନ୍ତୁ, ଓ.ଆର୍.ଏସ୍./ ଚିନି ଲୁଣ ସର୍ବତ/ ସାଦାପାଣି ପିଆନ୍ତୁ
- ପୋଷାକ ଯଥାସମ୍ଭବ ଖୋଲି ଦିଅନ୍ତୁ
- ମୁଣ୍ଡ ଧୋଇ ଦିଅନ୍ତୁ, ଓଦା କପଡ଼ାରେ ପୋଛନ୍ତୁ
- ରୋଗୀକୁ ପଙ୍ଖା/ କୁଲର/ ଏସି ପବନରେ ଶୁଆଇ ଦିଅନ୍ତୁ ଓ ପାଣି ସିଞ୍ଚନ କରନ୍ତୁ
- ଅବସ୍ଥାରେ ଉନ୍ନତି ନହେଲେ ତୁରନ୍ତ ଡ଼ାକ୍ତରଖାନା ନେଇ ଚିକିତ୍ସା କରାନ୍ତୁ

**ବୟସ୍କ ତଥା ଅସୁସ୍ଥ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଅଂଶୁଘାତର ଆଶଙ୍କା ଅଧିକ**

NATIONAL HEALTH MISSION
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
@HFWOdisha
http://www.health.odisha.gov.in/

OIPR-10001/10003/2/26-27/0006

ପ୍ରତ୍ୟେକ ବ୍ୟକ୍ତି ଭିତରେ କିଛି ଦିବ୍ୟଗୁଣ ଓ କିଛି ସ୍ୱକୀୟ ବିଶେଷତ୍ୱ ରହିଛି। ଯେତେ କ୍ଷୁଦ୍ର ପରିସର ଭିତରେ ଜଣେ ରହିଥାଉ ନା କାହିଁକି, ପୂର୍ଣ୍ଣତା ଓ ସାମର୍ଥ୍ୟ ହାସଲ ଲାଗି ତା'ପାଇଁ ମଧ୍ୟ ଏକ ଭଗବତ ସୁଯୋଗ ରହିଛି। ... କର୍ତ୍ତବ୍ୟ ହେଲା– ତାକୁ ଠାବ କରିବା, ବିକଶିତ କରିବା ଓ ପ୍ରୟୋଗ କରିବା। –ଶ୍ରୀମା

# ଶାକାହାରୀ ଦୟାଳୁ କି



ଦେବଦତ୍ତ ପଟ୍ଟନାୟକ

ନାଥୁରାମ ଗଡ୍‌ସେ ମହାତ୍ମା ଗାନ୍ଧୀଙ୍କୁ ହତ୍ୟା କରିଥିଲେ। ସେ କ'ଣ ଶାକାହାରୀ ଥିଲେ କି? ହିନ୍ଦୁ ପୁରାଣ ଅନୁଯାୟୀ, ପର୍ଶୁରାମ ଅନେକ ପିଢ଼ିର କ୍ଷତ୍ରିୟଙ୍କୁ ହତ୍ୟା କରିଥିଲେ। ସେ କ'ଣ ଶାକାହାରୀ ଥିଲେ? ଜୈନ ପୁରାଣ ଅନୁଯାୟୀ, ଆକବର ଓ ଔରଙ୍ଗଜେବ ଶାକାହାରବାଦକୁ ଗ୍ରହଣ କରିଥିଲେ। ତେବେ ତାହା କ'ଣ ସେମାନଙ୍କୁ ଅହିଂସକ କରିଥିଲା କି? ମାଂସ ଆହାର କଲେ ଲୋକମାନେ ହିଂସକ ହୋଇଯାଆନ୍ତି ବୋଲି ରାଜନୀତିଜ୍ଞମାନେ ଦାବି କରୁଥିଲା ବେଳେ ଏହିସବୁ ପ୍ରଶ୍ନ ପରପିଢ଼ିର ଐତିହାସିକ ଓ ବୈଜ୍ଞାନିକଙ୍କୁ ପଚାରିବା ଦରକାର।

ଏହାର ବିପରୀତ କ'ଣ ସତ? ଶାକାହାରୀମାନେ କ'ଣ ଦୟାଳୁ? ଶାକାହାରୀମାନେ ହତ୍ୟାକାରୀ ହେବାର ସମ୍ଭାବନା କମ୍ ରହିଛି କି? ତେବେ ଶାକାହାର ଖାଦ୍ୟ ଖାଇଲେ ଜଣେ ବ୍ୟକ୍ତି ନୈତିକ ରୂପରେ ଶ୍ରେଷ୍ଠ, ସରଳ କିମ୍ବା ଦୟାଳୁ ହୋଇଥାଏ ବୋଲି କୌଣସି ବୈଜ୍ଞାନିକ ଗବେଷଣାରୁ ସିଦ୍ଧ ହୋଇନାହିଁ। ତଥାପି ଭାରତରେ ଏହି ବିଶ୍ୱାସ ରହିଛି ଯେ, ଶାକାହାରୀମାନେ ଭଲ ଲୋକ, ଯେଉଁମାନେ ଆଧ୍ୟାତ୍ମିକତା ସହ ଗଭୀର ଭାବେ ଜଡ଼ିତ ଓ ଅଧ୍ୟାତ୍ମବାଦୀ ବୋଲି ଗର୍ବ କରିଥାନ୍ତି।

ଶାକାହାରବାଦ ସହ ଜୈନ, ବ୍ରାହ୍ମଣ, ବୈଶ୍ୟ ଓ ଶୈବ ଉପାସକଙ୍କର ସମ୍ପର୍କ ରହିଛି। ଏପରିକି ପବିତ୍ରତାର ବିଚାର ଥିଲେ ମଧ୍ୟ କଶ୍ମୀରୀ, ମୈଥିଳୀ, ବେଙ୍ଗଲୀ ଏବଂ ଓଡ଼ିଆ ବ୍ରାହ୍ମଣମାନେ ମାଂସ ଖାଇଥାନ୍ତି। ଯେଉଁମାନଙ୍କୁ ଅସ୍ପୃଶ୍ୟ ଏବଂ ଅପବିତ୍ର ସମୁଦାୟ ଯଥା ଆଦିବାସୀ, ଦଳିତ, ଚଣ୍ଡାଳ ଓ ଅତିଶୂଦ୍ର ବୋଲି କୁହାଯାଉଛି, ସେମାନେ ବିଶେଷକରି ମାଂସ ଖାଉଥିଲେ। ସମୟକ୍ରମେ, ଖାଦ୍ୟ ଜାତିର ପ୍ରତୀକ ହୋଇଯାଇଛି। ଉଚ୍ଚଜାତିର ଉତ୍ପୀଡ଼କଙ୍କୁ ଆତ୍ମସଂଯମୀ, ଅଧ୍ୟାତ୍ମବାଦୀ ତଥା ଅହିଂସା ଅନୁଗାମୀ ଭାବେ ଦେଖାଗଲା। ସମାଜରେ ଦମିତ ହୋଇ ରହୁଥିବା ନୀଚ ଜାତିର ଲୋକଙ୍କୁ ଆକ୍ରାମକ, ଏପରିକି ବିପଜ୍ଜନକ ବୋଲି ଗଣାଗଲା। ଏହି ଦୁଇପ୍ରକାର ବିଚାର ଲଗାତର ଭାବରେ ସାମାଜିକ ଦୃଷ୍ଟିକୋଣକୁ ଗଢ଼ିବାରେ ଲାଗିଲା। ତେବେ ଗାନ୍ଧିଜୀ ତାଙ୍କ ଆଶ୍ରମରେ ମାଂସ ଖାଇବା ଉପରେ କଟକଣା ଲଗାଇ ଶାକାହାର ବିଚାରକୁ ପ୍ରୋତ୍ସାହିତ କରିଥିଲେ। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆର୍‌ଏସ୍‌ଏସ୍) ମଧ୍ୟ ହିନ୍ଦୁଙ୍କୁ ଏକାଠି କରିବାର ପ୍ରୟାସ କରୁଛି ଏବଂ ତାହାର ମଧ୍ୟ ଶୁଦ୍ଧ ଶାକାହାର କ୍ୟାଣ୍ଟିନ ରହିଛି।

ବାସ୍ତବତା କିନ୍ତୁ ଅତି ଜଟିଳ। ଜଣେ ଶାକାହାରୀ ବ୍ୟବସାୟୀ ବି ଉପକୂଳରେ ହେନ୍ତାଳ ବନ ନଷ୍ଟ କରୁଥିବା, ଆଣ୍ଡାମାନରେ ଜଙ୍ଗଲ କାଟିବା, ଆରାବଳିରେ ବିସ୍ଫୋରଣ କରି ପାହାଡ଼ ଫଟାଇବା କିମ୍ବା ଭଙ୍ଗୁରଶୀଳ ହିମାଳୟ ପର୍ବତାଞ୍ଚଳରେ ଭିତ୍ତିଭୂମିକୁ ନଷ୍ଟ କରୁଥିବା ଭଳି ପ୍ରୋଜେକ୍ଟକୁ



ସ୍ୱୀକୃତି ଦେଇପାରନ୍ତି। ଏହିସବୁ କାର୍ଯ୍ୟ ପରିସଂସ୍ଥାକୁ କ୍ଷତି କରେ, ବିଭିନ୍ନ ସମୁଦାୟର ଲୋକଙ୍କୁ ବିସ୍ଥାପିତ କରିଥାଏ ଏବଂ ପ୍ରାଣୀ ଜୀବନକୁ ସମୂଳେ ଧ୍ୱଂସ କରି ଦେଇଥାଏ। କିନ୍ତୁ ଏସବୁକୁ ହିଂସା ବୋଲି କୁହାଯାଇ ନ ଥାଏ, ବରଂ ସେଗୁଡ଼ିକୁ ବିକାଶ କୁହାଯାଏ। ଖାଦ୍ୟ ପାଇଁ ଛେଳିହତ୍ୟାକୁ ନିନ୍ଦା କରାଯାଏ, ଏପରିକି ଅନେକ ହଜାର ଏକର ଜଙ୍ଗଲ ସଫା କରିବାକୁ ବି ଯୁକ୍ତିଯୁକ୍ତ ବୋଲି ଦର୍ଶାଯାଏ। ଏହି ନୈତିକ ମତଭେଦ ବା ଅସଙ୍ଗତିକୁ ଦେଖିଲେ ଆଶ୍ଚର୍ଯ୍ୟ ଲାଗେ। ପରିସଂସ୍ଥାକୁ ନଷ୍ଟ କରୁଥିବା କାର୍ଯ୍ୟରେ ସଂଶ୍ଲିଷ୍ଟ ରହି ଅନେକେ ଦୃଢ଼ତାର ସହ ବିଶ୍ୱାସ କରନ୍ତି ଯେ, ଗୋଟିଏ ଶାକାହାର ରୋଷଘର ପରିଚାଳନା କରିବା, ମନ୍ଦିର ଗଢ଼ିବା, ବିଭିନ୍ନ ଧର୍ମୀୟ ଉତ୍ସବକୁ ପାଣ୍ଠି ଯୋଗାଇବା ଏବଂ ଗୁରୁମାନଙ୍କୁ ସମର୍ଥନ କରି ଆଧ୍ୟାତ୍ମିକ ପୁଣ୍ୟ ପ୍ରାପ୍ତି ହୋଇପାରିବ।

ଆମେ ଯଦି ପୁରାତନ ଗ୍ରନ୍ଥଗୁଡ଼ିକୁ ଦେଖିବା, ତେବେ ଦୃଶ୍ୟପଟ ପରିବର୍ତ୍ତନ ହୋଇଥିବା ଲକ୍ଷ୍ୟ କରିପାରିବା। ବୈଦିକ କର୍ମକାଣ୍ଡରେ ପ୍ରାଣୀ ବଳିପ୍ରଥା ରହିଥିଲା। ଘୋଡ଼ା ମାଂସ, ଛେଳି ମାଂସ ଏବଂ ଅନ୍ୟ ପ୍ରାଣୀ ମାଂସ ବିଷୟରେ ବର୍ଣ୍ଣନା କରାଯାଇଛି। ତା'ପରବର୍ତ୍ତୀ ଗ୍ରନ୍ଥଗୁଡ଼ିକରେ ଏହିସବୁ ପରମ୍ପରା ଉପରେ ଆଲୋଚନା କରାଯାଇ ସେଗୁଡ଼ିକୁ ପୁନଃ ବ୍ୟାଖ୍ୟା କରାଯାଇଛି କିମ୍ବା ଏହାକୁ ପ୍ରତୀକାତ୍ମକ ସମର୍ପଣର ଏକ ମାତ୍ର ବିକଳ୍ପ ରୂପେ ଦର୍ଶାଯାଇଛି। ଜୈନ ଧର୍ମଶାସ୍ତ୍ର ଯୁକ୍ତି ଅନୁଯାୟୀ, ପ୍ରାଣୀମାନେ ମାନବ ରୂପେ ପୁନର୍ଜନ୍ମ ଲାଭ କରିପାରନ୍ତି। ଏଣୁ ପ୍ରାଣୀମାଂସ ଖାଇବା ନରମାଂସ ଭକ୍ଷଣ ସଦୃଶ। ବୈଦିକ ଶତପଥ ବ୍ରାହ୍ମଣରେ, ଭୃଗୁଙ୍କ ସ୍ୱପ୍ନ ଅନୁଯାୟୀ, ଏହି ଜନ୍ମରେ ଆମେ ଗଛକୁ ଖାଇଲେ ପରଜନ୍ମରେ ସେ ଆମକୁ ଖାଏ। ଗଛମାନଙ୍କର ବି ଜୀବନ ଅଛି। ଇସ୍‌ଲାମ ଲୋକକଥାରେ ଏକ କାହାଣୀ ଅଛି ଏବଂ ଏଥିରେ ବର୍ଣ୍ଣନା କରାଯାଇଛି ଯେ, ହଲାଲ ଖାଦ୍ୟ ଖାଇଲେ ହାରାମ କାର୍ଯ୍ୟ (ଖରାପ କାମ)ର ପ୍ରାୟଶ୍ଚିତ୍ତ ହୁଏ ନାହିଁ। ଏଠାରେ ମଧ୍ୟ ସମାନ ପ୍ରକାର ଯୁକ୍ତି ରଖାଯାଇପାରେ। ଏକ ଶାକାହାର ଖାଦ୍ୟ ସ୍ୱତଃ ଲୋଭ, ନକାରାତ୍ମକ ପ୍ରବୃତ୍ତି କିମ୍ବା ଶୋଷଣ ଭାବନାକୁ ଦୂର କରେ ନାହିଁ। ନୈତିକ, ଧର୍ମୀୟ କିମ୍ବା ଭଲ ଜୀବନ କେବଳ କର୍ମ ନିୟମର ଏକ ସୂଚୀ ନୁହେଁ, ବରଂ ଏହା ଚରିତ୍ର, ବିବେକ ତଥା ଅନ୍ତର୍ଗୁଣର ବିକାଶ ଉପରେ ନିର୍ଭର କରେ।

ଭାରତର ଇତିହାସରେ ଅଛି, ଶାକାହାରୀ ବ୍ୟାଙ୍କର୍ ଏବଂ ବଣିକମାନେ ଇସ୍‌ଲାମିକ ସୁଲତାନ ଏବଂ ଇଷ୍ଟ ଇଣ୍ଡିଆ କମ୍ପାନୀକୁ ପାଣ୍ଠି ଯୋଗାଉଥିଲେ। ସେମାନେ ବ୍ୟବସ୍ଥା ମାଧ୍ୟମରେ ଧନ ଲାଭ କରି ଯୁଦ୍ଧ କରିବାକୁ ସକ୍ଷମ ହେଲେ ଏବଂ ବିଜୟୀ ହୋଇଥିଲେ। କ୍ଷମତା ରାଜନୀତିରେ ଭାଗ ନେବାର ପ୍ରବୃତ୍ତିକୁ ଖାଦ୍ୟ ରୋକି ପାରି ନ ଥିଲା। ସପ୍ତଦଶ ଶତାବ୍ଦୀରେ ରାଜପୁତ ଦରବାରରେ ନିର୍ଦ୍ଦିଷ୍ଟ ବୈଷ୍ଣବ ଓ ଜୈନ ଗୋଷ୍ଠୀ ଶାକାହାର କ୍ଷମତା ମାଧ୍ୟମରେ ହିନ୍ଦୁ ପରିଚୟ ନିର୍ଦ୍ଧାରଣ କରିବା ଆରମ୍ଭ କରିଥିଲେ। ସମୟକ୍ରମେ ଶାକାହାରବାଦ ଧର୍ମୀୟ ପ୍ରାମାଣିକତାର ଏକ ପ୍ରତୀକ ପାଲଟିଗଲା। ଏହି ସିଦ୍ଧାନ୍ତ ଏବେ ହିନ୍ଦୁଙ୍କୁ ଶୁଦ୍ଧ ଏବଂ ଅଶୁଦ୍ଧ ଗୋଷ୍ଠୀ, ଉଚ୍ଚ ଓ ନୀଚ ଭାବେ ଧୀରେ ଧୀରେ ବିଭକ୍ତ କରୁଛି।

ଆଦିବାସୀ ଏବଂ ତଥାକଥିତ 'ଅଶୁଦ୍ଧ' ସମୁଦାୟଗୁଡ଼ିକ ଯେଭଳି ଥିଲେ ମୁସଲମାନମାନଙ୍କୁ ସେଥିରୁ ବାଦ୍ ଦିଆଯାଇଥିଲା। ତେବେ ଏବେ ବି ଆଦିବାସୀ ଏବଂ ତଥାକଥିତ 'ନୀଚ' ସମୁଦାୟଗୁଡ଼ିକୁ ହିନ୍ଦୁ ଭୋଟ ବ୍ୟାଙ୍କର ଏକ ଅଂଶ କରିବା ପାଇଁ ସେମାନଙ୍କୁ ହିନ୍ଦୁ କୁହାଯାଉଛି ଏବଂ ହନୁମାନ ଚାଳିଶା ଶିଖାଯାଉଛି। ସେମାନେ ଯଦି ସଂସ୍ଥାଗତ ପଦାନୁକ୍ରମରେ ଉପରକୁ ଉଠି ଉଚ୍ଚ ପଦବୀ ହାସଲ କରିବା ପାଇଁ ଚାହୁଁଛନ୍ତି, ତେବେ ସେମାନଙ୍କୁ ସେମାନଙ୍କ ଖାଦ୍ୟ ପରିବର୍ତ୍ତନ କରି ନିଜକୁ 'ଶୁଦ୍ଧ' ବା ପବିତ୍ର ହେବାକୁ ପ୍ରୋତ୍ସାହିତ କରାଯାଉଛି। ଏହା ହେଉଛି ଶାକାହାରର ଏକ ସାମାଜିକ ଟେକ୍‌ନିକ ଏବଂ ଏହାକୁ ସେହିମାନେ ହିଁ ଦୟା ଏବଂ କରୁଣାର ରୂପ ଭାବେ ପ୍ରଚାର କରୁଛନ୍ତି, ଯେଉଁମାନେ ସେମାନଙ୍କ କ୍ଷମତା ଓ ଧନର ବିରୋଧକୁ ସହ୍ୟ କରିପାରନ୍ତି ନାହିଁ। ଏଥିରେ ମଧ୍ୟ ଏକ ଆର୍ଥିକ ବିଡ଼ମ୍ବନା ରହିଛି। ଭାରତ ହେଉଛି ସର୍ବବୃହତ୍ ଗୋମାଂସ ରପ୍ତାନିକାରୀ ଦେଶ ଏବଂ ସବୁଠୁ ବଡ଼ ରପ୍ତାନିକାରୀ କେନ୍ଦ୍ରଗୁଡ଼ିକର ମାଲିକ ଥିବା ପରିବାରଗୁଡ଼ିକୁ ଶାକାହାରୀ ଭାବେ ଚିହ୍ନଟ କରାଯାଇଛି।

ଖାଦ୍ୟ ଯେତେବେଳେ ମାନବ ମୂଲ୍ୟର ମାପକ ହୁଏ, ସେତେବେଳେ ସମସ୍ୟା ସାମ୍ନାକୁ ଆସେ। ହିଂସା କେବଳ ପ୍ରାଣୀହତ୍ୟା କେନ୍ଦ୍ରରେ ସୀମିତ ନାହିଁ। ସମସ୍ୟା ବାସ୍ତବରେ ସଭାଗୃହ, ନୀତିଗତ ନିଷ୍ପତ୍ତି ଏବଂ ବିତ୍ତୀୟ ଚୁକ୍ତିରେ ରହିଛି। ଆମେ ଯାହା ଖାଇବାକୁ ମନା କରୁଛେ, ତାହାଦ୍ୱାରା ଦୟାଳୁତା ନିଶ୍ଚିତ ହେବ ନାହିଁ। ଆମେ ଯେଭଳି ଆମ କ୍ଷମତାର ଉପଯୋଗ କରୁ, ସେହିଅନୁସାରେ ଦୟାଭାବନା ପ୍ରକାଶପାଏ।

–devduttofficial@gmail.com

## ଏଇ ଭାରତରେ

ମୁମ୍ବାଇର ମୁଲୁନ୍ଦ ବସ୍ତିରେ ଝିଅଙ୍କ ଶିକ୍ଷାର ଆଲୋକବର୍ତ୍ତିକା ସାଜିଛନ୍ତି ଆରତି ନାୟକ। ଆରତି ପ୍ରଥମେ ୬ ଝିଅଙ୍କୁ ପଢ଼ାଇବା ଆରମ୍ଭ କରିଥିଲେ। ଏବେ ସେ ୩୦୦୦ ଝିଅଙ୍କୁ ବିଭିନ୍ନ ବସ୍ତିରେ ଶିକ୍ଷାଦେବାର ବ୍ୟବସ୍ଥା କରିଛନ୍ତି। ଆରତି ମୁଲୁନ୍ଦ ବସ୍ତିରେ ଜନ୍ମ ହୋଇ ବଢ଼ିଛନ୍ତି। ସେ ଅର୍ଥାଭାବରୁ ଦଶମରୁ ପାଠ ଛାଡ଼ି ପରିବାର ଚଳାଇବା ପାଇଁ ଦୈନିକ ମଜୁରି କରୁଥିଲେ। ଉପାର୍ଜିତ ଅର୍ଥରେ ସେ ପୁଣି ପଢ଼ି ୧୦ମ ପାସ୍ କରିଥିଲେ ଓ ପରେ ସାମାଜିକ ବିଜ୍ଞାନରେ ଡିଗ୍ରୀ ହାସଲ କଲେ। ଝିଅମାନେ ବସ୍ତିରେ ଶିକ୍ଷାରୁ ବଞ୍ଚିତ ହେଉଥିବା କଥା ସେ ଲକ୍ଷ୍ୟ କରିଥିଲେ ଏବଂ ସେଥିରେ ପରିବର୍ତ୍ତନ ଆଣିବା ପାଇଁ ୨୦୧୩ରେ ଗର୍ଲ୍ସ ଲର୍ନିଂ ସେଣ୍ଟର ଖୋଲି ପ୍ରଥମେ ୬ ଜଣଙ୍କୁ ପଢ଼ାଇବା ଆରମ୍ଭ କଲେ। ପ୍ରାରମ୍ଭିକ ସ୍ତରରେ ଘରେ ନ ପଢ଼ି ରହୁଥିବା ଝିଅମାନଙ୍କୁ ଲର୍ନିଂ ସେଣ୍ଟରକୁ ଆଣିବା ସକାଶେ ସେମାନଙ୍କ ମାତାପିତାଙ୍କୁ ବୁଝାଇବାକୁ ପଡ଼ିଥିଲା। ସ୍ଥିତି ଧୀରେ ଧୀରେ ବଦଳିବାକୁ ଲାଗିଲା ଏବଂ ଝିଅମାନେ ଆରତିଙ୍କ ପାଖକୁ ପଢ଼ିବାକୁ ଆସିଲେ। ପିଲାସଂଖ୍ୟା ବଢ଼ିଲା ଏବଂ ଆରତି ବିଭିନ୍ନ ବସ୍ତିରେ ଲର୍ନିଂ ସେଣ୍ଟର ଖୋଲିଛନ୍ତି। ଆରତି ମଧ୍ୟ ମା'ମାନଙ୍କୁ ସଶକ୍ତ କରିବା ପାଇଁ ବିଭିନ୍ନ ବୃତ୍ତିଗତ କୌଶଳ ଶିକ୍ଷାଦେବାର ବ୍ୟବସ୍ଥା କରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୨୩ ଏପ୍ରିଲ ୧୯୭୭

- ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟ ପ୍ରଦେଶ କଂଗ୍ରେସ କାର୍ଯ୍ୟକାରୀ କମିଟି ସଦସ୍ୟ ଅଚ୍ୟୁତାନନ୍ଦ ମହାନନ୍ଦଙ୍କ କଂଗ୍ରେସ ଦଳରୁ ଇସ୍ତଫା ପ୍ରଦାନ।
- ପାକିସ୍ତାନର ଆଭ୍ୟନ୍ତରୀଣ ବିଶୃଙ୍ଖଳା ଚରମ ସୀମାରେ ପହଞ୍ଚିବାରୁ କରାଚୀ, ଲାହୋର ଓ ହାଇଦ୍ରାବାଦ ସହରରେ ସାମରିକ ଆଇନ ଜାରି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 6 | | | | | 4 | |
| 1 | | 8 | | | 6 | 5 | | |
| | | | 7 | 4 | | 2 | | |
| | | | | 2 | | | | |
| | | | | 5 | | 4 | | 3 |
| | 6 | | | | | 1 | 8 | 2 |
| 3 | | | 8 | | | | | |
| | | | | | 4 | | | |
| 5 | | | | | 9 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 1 | 2 | 6 | 5 | 9 | 7 | 8 | 3 |
| 5 | 8 | 7 | 3 | 2 | 1 | 4 | 9 | 6 |
| 9 | 3 | 6 | 8 | 7 | 4 | 2 | 5 | 1 |
| 1 | 2 | 4 | 7 | 3 | 5 | 9 | 6 | 8 |
| 7 | 6 | 3 | 9 | 8 | 2 | 5 | 1 | 4 |
| 8 | 9 | 5 | 1 | 4 | 6 | 3 | 7 | 2 |
| 6 | 7 | 9 | 4 | 1 | 3 | 8 | 2 | 5 |
| 2 | 4 | 1 | 5 | 9 | 8 | 6 | 3 | 7 |
| 3 | 5 | 8 | 2 | 6 | 7 | 1 | 4 | 9 |

ଗତକାଲିର ଉତ୍ତର

# ଓଡ଼ିଶାରେ ଗଛର ବିବିଧତା



ସୁଧାଂଶୁ ରଞ୍ଜନ ଦାସ

ପ୍ରକୃତି ଓଡ଼ିଶାକୁ ଗଛର ବିବିଧତାରେ ଭରିଦେଇଛି। ଓଡ଼ିଶାର ଆର୍ଥିକ, ସାମାଜିକ ଓ ସାଂସ୍କୃତିକ ବିକାଶ ପାଇଁ ଗଛର ବିବିଧତାର ସୁରକ୍ଷା ଏବଂ ବିକାଶ ଆବଶ୍ୟକ। ଭାରତୀୟ ସଂସ୍କୃତିରେ ଗଛକୁ ଅଧିକ ଆଦର ଓ ସମ୍ମାନ ଦିଆଯାଉଥିଲା। ମୁନିଋଷିମାନେ ପ୍ରତ୍ୟେକ ଗଛର ମନୁଷ୍ୟ ସମାଜ, ଜଳବାୟୁ ଓ ପରିବେଶ ପ୍ରତି ଉପକାରିତା ବିଷୟରେ ଶାସ୍ତ୍ରରେ ବର୍ଣ୍ଣନା କରିଛନ୍ତି। ଗଛର ବିବିଧତା ଓଡ଼ିଶାବାସୀଙ୍କ ଖାଦ୍ୟ ସମସ୍ୟା ଦୂର କରିବା ସଙ୍ଗେ ହସ୍ତଶିଳ୍ପୀଙ୍କୁ ହସ୍ତଶିଳ୍ପ ସାମଗ୍ରୀ ତିଆରି କରିବା ପାଇଁ କାଠ, ବାଉଁଶ, ପତ୍ର ଓ ପ୍ରାକୃତିକ ରଙ୍ଗ ଆଦି ଅନେକ ପଦାର୍ଥ ଯୋଗାଉଥିଲା।

ଗଛର ବିବିଧତା ଥିବାରୁ ଓଡ଼ିଶାରେ ଶହେରୁ ଅଧିକ ଜଙ୍ଗଲଜାତ ଦ୍ରବ୍ୟ ମିଳିଥାଏ। ଏହି ପଦାର୍ଥଗୁଡ଼ିକ ଭିତରୁ ମହୁ, ମୂଲ୍ୟବାନ କାଠ, ବାଉଁଶ, ଲାଖ, ମହୁମାଛି ବସାରୁ ହେଉଥିବା ୱାକ୍ସ ଓ ଅନେକ ଜାତିର କୋଳି, ଖାଦ୍ୟ ଉପଯୋଗୀ ପୁଷ୍ଟିକର ଲତା, ପତ୍ର ଓ ମୂଳ ଇତ୍ୟାଦି ଅତ୍ୟନ୍ତ ଉପକାରୀ ହୋଇଥାଏ। ୨୦୨୭ରେ ସାରା ବିଶ୍ୱରେ କେବଳ ମହୁର ଚାହିଦା ୧୨.୫ ବିଲିଅନ ଆମେରିକୀୟ ଡଲାର ହେବ ବୋଲି ଆକଳନ କରାଯାଇଛି। ଓଡ଼ିଶାରେ ମିଳୁଥିବା ଅନେକ କିସମର ମହୁକୁ ଘରୋଇ ବଜାର ଓ ବାହାରେ ବିକ୍ରି କରାଯାଇ ପାରିବ। ଦୁଃଖର କଥା ଦୀର୍ଘ କୋଡ଼ିଏ ବର୍ଷ ହେଲା କେତେଜଣ ମୁଷ୍ଟିମେୟ ଅସାଧୁ ଲୋକ ଦୂରଦୃଷ୍ଟି ଅଭାବରୁ ଗଛର ବିବିଧତାକୁ ନଷ୍ଟ କରି ରାଜ୍ୟର ଆର୍ଥିକ, ସାମାଜିକ ଓ ସାଂସ୍କୃତିକ ପରିବେଶକୁ ନଷ୍ଟ କରିବାରେ ଲାଗିଛନ୍ତି।

ଏବେ ଗ୍ରୀଷ୍ମ ଉତ୍ତାପ ଯେଭଳି ଭାବରେ ବଢୁଛି, ଗଛର ବିବିଧତା କମିଗଲେ ଉପକୂଳବର୍ତ୍ତୀ ଓଡ଼ିଶା ଆଗାମୀ କିଛି ଭିତରେ ଏକ ଅଗ୍ନିପିଣ୍ଡରେ ପରିଣତ ହେବ। ଅଗ୍ନି ପୁରାଣରେ ଉଲ୍ଲେଖ ଅଛି ଯଦି କିଏ ଗଛ କାଟନ୍ତି ସେ ଗଛ ସାଙ୍ଗରେ ଗଛର ପତ୍ର, ପୁଷ୍ପ ଓ ଫଳକୁ ମଧ୍ୟ ନଷ୍ଟ କରିଦେଇଥାନ୍ତି। ଗଛ କାଟିବା ଦ୍ୱାରା ବୃଷ୍ଟିପାତ କମିଯାଇ ରାଜ୍ୟରେ ଦୁର୍ଭିକ୍ଷ ପଡ଼ିଥାଏ। ବାମନ ପୁରାଣରେ ଉଲ୍ଲେଖ ଅଛି ଗଛ ପ୍ରାଣୀଙ୍କୁ ସୁରକ୍ଷା ଦେଇଥାଏ। ଗଛ ନଷ୍ଟ ହେଲେ ସମଗ୍ର ପୃଥିବୀ ନର୍କ ଭଳି ଦୃଷ୍ଟିଗୋଚର ହୁଏ। ପ୍ରାଚୀନ ଭାରତରେ ବୃକ୍ଷ ରୋପଣକୁ ଗୁରୁତ୍ୱ ଦିଆଯାଉଥିଲା। ମହାଭାରତର ଅନୁ ପର୍ବରେ ଲେଖା ହୋଇଛି ବୃକ୍ଷ ରୋପଣ କରୁଥିବା ବ୍ୟକ୍ତି ମୃତ୍ୟୁ ପରେ ସ୍ୱର୍ଗଲୋକକୁ ଯାଇଥାଏ। ଅଁଳା ଗଛରେ ଭଗବାନ ବିରାଜମାନ ହୁଅନ୍ତି ବୋଲି ପଦ୍ମପୁରାଣରେ ଉଲ୍ଲେଖ ଅଛି। ମତ୍ସ୍ୟ ପୁରାଣରେ ଗଛ କାଟୁଥିବା ବ୍ୟକ୍ତିଙ୍କ ପାଇଁ ଅନେକ ପ୍ରକାର ଦଣ୍ଡର ବିଧାନ କରାଯାଇଛି। ଭାରତର ରାଜା ମହାରାଜାମାନେ ବିନା ଅନୁମତିରେ ଗଛ କାଟୁଥିବା ଅପରାଧୀମାନଙ୍କଠାରୁ ଜରିମାନା ସଦୃଶ ସ୍ୱର୍ଣ୍ଣ ମୁଦ୍ରା ଆଦାୟ କରିବା ସଙ୍ଗ ସଙ୍ଗେ ଜେଲ ଦଣ୍ଡ ଦେଉଥିଲେ। ଫଳନ୍ତି ଗଛ କାଟିଲେ କଠୋର ଦଣ୍ଡ ଦିଆଯାଉଥିଲା। ଆଜି ମଧ୍ୟ ଗଛ କାଟିବା ପାଇଁ ଭାରତୀୟ ନ୍ୟାୟ ବ୍ୟବସ୍ଥାରେ ଅନେକ ଦଣ୍ଡର ପ୍ରାବଧାନ ଅଛି। ରାଜନୈତିକ ଇଚ୍ଛାଶକ୍ତିର ଅଭାବ, ବୁଦ୍ଧିଜୀବୀମାନଙ୍କ ନିଷ୍କ୍ରିୟତା, ଗଣମାଧ୍ୟମ ଓ ଶିକ୍ଷିତ ଯୁବପିଢ଼ିଙ୍କ ଉଦାସୀନତା ଇତ୍ୟାଦି ରାଜ୍ୟରେ ଗଛର ବିବିଧତାକୁ ହ୍ରାସ କରିଛି। ଓଡ଼ିଶାର ବିଭିନ୍ନ ଜଙ୍ଗଲରେ ନିରବଚ୍ଛିନ୍ନ ଭାବରେ ଚାଲୁଥିବା ଗଛକଟାକୁ ରୋକିବା ପାଇଁ ଦୃଢ଼ମନା, ଦକ୍ଷ ଓ ସଚୋଟ ରାଜନୈତିକ ନେତା, ସରକାରୀ କର୍ମଚାରୀ ଓ ଶିକ୍ଷିତ ସମାଜସେବୀଙ୍କର ଆବଶ୍ୟକତା ଅଛି। ଓଡ଼ିଶାକୁ ଶୀତଳ, ସୁନ୍ଦର, ସତେଜ ଓ କ୍ରିୟାଶୀଳ ରଖିବା ପାଇଁ ଓଡ଼ିଶାବାସୀ ନିଜ ଗାଁ ଓ ସହରରେ ଦେଶୀ ଗଛଗୁଡ଼ିକର ସୁରକ୍ଷା ଓ ରୋପଣ କରିବା ନିହାତି ଦରକାର।

ଦେଶୀ ଗଛଗୁଡ଼ିକରସାମାଜିକ,ସାଂସ୍କୃତିକ,ଧାର୍ମିକ ଓ ଆର୍ଥିକ ମହତ୍ତ୍ୱ ଓଡ଼ିଶାବାସୀଙ୍କୁ ଅଗୋଚର ଅଛି। ଜନବସତିରୁ ଏହି ଗଛଗୁଡ଼ିକ ଅପସରି ଯିବାରୁ ଆଜି ଅନେକ ଗାଁ ଓ ସହର ପ୍ରାଣଶୂନ୍ୟ ଲାଗୁଛି। ଓଡ଼ିଶାର ପୁରାତନ ରାଜଧାନୀ ଓ ସାଂସ୍କୃତିକ ପୀଠ କଟକ ନଗରରେ ଅନେକ ଦେଶୀ ଗଛ ଥିଲା। ଏହି ଗଛଗୁଡିକ ଜାଗାରେ କଂକ୍ରିଟ ଜଙ୍ଗଲ ଠିଆ ହୋଇଛି। ଗଛର ବିବିଧତା ଓଡ଼ିଶାରେ ଅନେକ ହସ୍ତଶିଳ୍ପ ପରମ୍ପରାକୁ ଜନ୍ମ ଦେଇଥିଲା। ଗଛର ବିବିଧତା କମିଯିବାରୁ ଆଜି ଓଡ଼ିଶାର ହସ୍ତଶିଳ୍ପୀମାନେ ଆଗପରି ଉଚ୍ଚକୋଟୀର କାମ କରିପାରୁନାହାନ୍ତି। ଓଡିଶାବାସୀଙ୍କ ଆର୍ଥିକ, ସାମାଜିକ, ସାଂସ୍କୃତିକ, ଶାରୀରିକ ଓ ବୌଦ୍ଧିକ ବିକାଶ ପାଇଁ ଗଛର ବବିଧତା ଆବଶ୍ୟକ।

ମୋ: ୭୭୦୨୩୮୩୮୮୦

# ଯୁଗେ ଯୁଗେ ଇଚ୍ଛାମୃତ୍ୟୁ



ବୈକୁଣ୍ଠନାଥ ମିଶ୍ର

କୌଣସି କାରଣରୁ ବ୍ୟକ୍ତି ଇଚ୍ଛାକରି ମୃତ୍ୟୁକୁ ଆଦରି ନେବା ହେଉଛି ଇଚ୍ଛାମୃତ୍ୟୁ, ଯାହା ପୁରାଣ ପୃଷ୍ଠା ମଣ୍ଡନକରି ପାଠକର ମନ ହୃଦୟକୁ ଆନ୍ଦୋଳିତ କରେ। ରାମାୟଣ ଯୁଦ୍ଧର ଅବସାନ ପରେ ଶ୍ରୀରାମ ସୀତାଙ୍କୁ ଲଙ୍କାରୁ ଉଦ୍ଧାର କରି ଆଣିଲେ ସତ; କିନ୍ତୁ ଲୋକ ସନ୍ଦେହ ଦୂର କରିବା ଉଦ୍ଦେଶ୍ୟରେ ସୀତାଙ୍କ ସତିତ୍ୱ ପରୀକ୍ଷା କରିବା ଆଳରେ ପ୍ରଜ୍ୱଳିତ ଅଗ୍ନିସ୍ନାନ କରିବା ପାଇଁ ନିର୍ଦ୍ଦେଶ ଦେଲେ। ଅଯୋଧ୍ୟାରେ କିଛିଦିନ ରହିବା ପରେ ରାତିରେ ଛଦ୍ମବେଶରେ ନଗର ପରିକ୍ରମା କରୁଥିବା ସମୟରେ ଶ୍ରୀରାମଙ୍କ କର୍ଣ୍ଣଗୋଚର ହେଲା ରଜକ ଓ ତା' ସ୍ତ୍ରୀଙ୍କ ମଧ୍ୟରେ ହେଉଥିବା କଳହ। କଳହର କେନ୍ଦ୍ରବିନ୍ଦୁ ଥିଲେ ମା' ସୀତା। ରଜକୀର ଅଭିଯୋଗ ଥିଲା ରାବଣପୁରୀରେ ଏତେକାଳ ରହିଥିଲେ ମଧ୍ୟ ସୀତାଙ୍କର ଚରିତ୍ର ଯଦି ଶୁଦ୍ଧ ହୋଇପାରିଲା ଏବଂ ଶ୍ରୀରାମ ତାଙ୍କୁ ପତ୍ନୀରୂପେ ଗ୍ରହଣ କଲେ ମୁଁ ପିତା ଗୃହରେ କିଛିଦିନ ରହି ଆସିବା ପରେ ମୋର ସତିତ୍ୱ କ'ଣ ନଷ୍ଟ ହୋଇଗଲା? ଏକଥା ଶୁଣି ଶ୍ରୀରାମ ସ୍ତ୍ରୀ ସୀତାଙ୍କୁ ବନବାସ ଦଣ୍ଡ ଦେଲେ। ସେତେବେଳେ ସୀତା ଅନ୍ତଃସତ୍ତ୍ୱା ଥିବା ଜାଣି ମଧ୍ୟ ଶ୍ରୀରାମ ଅନୁଜ ଲକ୍ଷ୍ମଣଙ୍କୁ ନିର୍ଦ୍ଦେଶ ଦେଲେ ସୀତାଙ୍କୁ ଗଙ୍ଗାତୀରସ୍ଥ ବନରେ ଛାଡ଼ି ଆସିବା ପାଇଁ। ବାଲ୍ମୀକି ଆଶ୍ରମରେ ସୀତା ଲବକୁଶ ଯମଜ ସନ୍ତାନଙ୍କୁ ଜନ୍ମଦେଲେ। ମହର୍ଷି ବାଲ୍ମୀକି ରାମାୟଣ ରଚନା କରି ଲବକୁଶ ଓ ସୀତାଙ୍କୁ ସଙ୍ଗରେ ନେଇ ଅଯୋଧ୍ୟାରେ ଉପସ୍ଥିତ ହେଲେ। ସେଠାରେ ମଧ୍ୟ ସୀତାଙ୍କୁ ପୁନର୍ବାର ଅଗ୍ନି ପରୀକ୍ଷା ଦେବାକୁ ଆଦେଶ ମିଳିଲା। ହେଲେ ସୀତା ଧରିତ୍ରୀ ମା'ଙ୍କୁ ଆକୁଳ ପ୍ରାର୍ଥନା କଲେ ତାଙ୍କ କୋଳରେ ସ୍ଥାନ ଦେବା ପାଇଁ। ଧରିତ୍ରୀ ସୀତାଙ୍କୁ କୋଳରେ ଧରି ଭୂଗର୍ଭକୁ ଚାଲିଗଲେ। ଏହା ସୀତାଙ୍କର ଇଚ୍ଛାମୃତ୍ୟୁ ଭିନ୍ନ ଆଉ କ'ଣ ହୋଇପାରେ?

ସାରଳା ମହାଭାରତର ଅନୁସରଣରେ ଯେଉଁ ରୋଚକ କଥାଟି ଜନ ସମକ୍ଷକୁ ଆସେ ତାହା ହେଉଛି ପିତାମହ ଭୀଷ୍ମଙ୍କର ଇଚ୍ଛାମୃତ୍ୟୁ। ଗଙ୍ଗା ଦେବୀ ଯୌବନ କାଳରେ ତ୍ରିଲୋଚନ ଶିବଙ୍କୁ ପତିରୂପେ ପାଇବା ପାଇଁ ସଂକଳ୍ପ ନେଇଥିଲେ। କିନ୍ତୁ ତିନିଯୁଗ ଅତିକ୍ରାନ୍ତ ହେବାକୁ ବସିଥିଲେ ମଧ୍ୟ ଶିବଙ୍କର କୌଣସି ଠିକଣା ମିଳିଲା ନାହିଁ। ଏଣେ ପିତା ନିର୍ଘାତଋଷି କନ୍ୟାର ବିବାହ ନେଇ ବିଚଳିତ ହୋଇପଡ଼ିଲେ। କରୁନନ୍ଦନ ଶାନ୍ତନୁଙ୍କ ସହ ବିବାହ ଦେବାର ଆୟୋଜନ କରିବାରୁ ଗଙ୍ଗା ଦେବୀ ଅପ୍ରସନ୍ନ ହେଲେ। ଶିବଙ୍କର ଇଚ୍ଛାରେ ଶାନ୍ତନୁ ରୁଦ୍ରାବତାର ଧାରଣ କରି ହାତରେ ପିନାକ ଧନୁ, ତ୍ରିଶୂଳ ଓ ଡମ୍ବରୁଧରି ନିର୍ଘାତ ଋଷିଙ୍କ କୁଟୀରରେ ଉପସ୍ଥିତ ହେଲେ। ଗଙ୍ଗାଦେବୀ ଶାନ୍ତନୁଙ୍କୁ ଶିବ ମନେକରି ତାଙ୍କୁ ପତିରୂପେ ବରଣ କଲେ। କିନ୍ତୁ ପରେ ଗଙ୍ଗାଦେବୀ ଜ୍ଞାତ ହେଲେ ଯେ ସେ ଶିବ ନୁହନ୍ତି। ସେହି ମୁହୂର୍ତ୍ତରୁ ଗଙ୍ଗାଦେବୀ ସ୍ୱାମୀଙ୍କ ପ୍ରତି ବିମୁଖ ହୋଇ ତାଙ୍କର ଔରସରୁ ଜନ୍ମିଥିବା ଷଡ଼ପୁତ୍ରଙ୍କୁ ବଧକଲେ। ସପ୍ତମ ପୁତ୍ର ଜନ୍ମ ହେବାକ୍ଷଣି ଶାନ୍ତନୁ ଅନ୍ତୁଡିଶାଳରେ ଝଡ଼ଭଳି ପ୍ରବେଶକରି ପୁତ୍ରକୁ ଗଙ୍ଗା କୋଳରୁ ଛଡ଼ାଇ ଆଣିଲେ ଓ ତାଙ୍କୁ ତତ୍‌କ୍ଷଣାତ୍ ଇଚ୍ଛାମୃତ୍ୟୁ ବରଦାନ ଦେଇ ପୁତ୍ରର ନାମ ଭୀଷ୍ମ ରଖିଲେ। ମହାଭାରତ ଯୁଦ୍ଧର ଦଶମ ଦିବସରେ ଅମ୍ବାରୂପୀ ଶୀଖଣ୍ଡିଙ୍କୁ ବିପକ୍ଷର ସେନାପତି ରୂପେ ଦେଖି ଭୀଷ୍ମଙ୍କର ସମସ୍ତ ବଳବୀର୍ଯ୍ୟ ଲୋପ ପାଇଲା। ଅର୍ଜୁନ କର୍ତ୍ତୃକ ଶରଶଯ୍ୟାରେ ରହି ସେ ସୂର୍ଯ୍ୟଙ୍କର ଉତ୍ତରାୟଣ ଗତିକୁ ଅପେକ୍ଷା କଲେ ଓ ଶେଷରେ ଇଚ୍ଛାମୃତ୍ୟୁ ବରଣ କଲେ।

ମଣିଷ ଜୀବନରେ ଦୁଇଟି ବିଶେଷତ୍ୱ ହେଲା ଆବେଗହୀନ ପ୍ରଜ୍ଞା ଓ ପ୍ରଜ୍ଞା ବିହୀନ ଆବେଗ। ସ୍ୱାମୀ ସୁଖବୋଧାନନ୍ଦଙ୍କ ମତରେ ବ୍ୟକ୍ତି ଯେତେବେଳେ ପ୍ରଜ୍ଞାବିହୀନ ଆବେଗର ବଶୀଭୂତ ହୁଏ, ସେତେବେଳେ ସେ ଭଲ ମନ୍ଦ ବୁଝିବାର ଶକ୍ତି ହରାଇ ଆତ୍ମହତ୍ୟାର ପଥ ବାଛିନିଏ। କାରଣ ପ୍ରଜ୍ଞା ତା'ଠାରୁ ବିଚ୍ଛିନ୍ନ ହୋଇଯାଏ। କେବଳ ଆବେଗ ସର୍ବସ୍ୱ ହୋଇ ସେ ଭୁଲ୍ ସିଦ୍ଧାନ୍ତ ନେଇ ଆତ୍ମହତ୍ୟା କରେ। ପ୍ରଜ୍ଞା ବିହୀନ ଆବେଗ ମଣିଷକୁ କେବଳ ଆବେଗରେ ବଶୀଭୂତ କରି ରଖେ ଓ ପ୍ରଜ୍ଞାର ଅଭାବରୁ ସେ ଆତ୍ମହତ୍ୟା ରୂପକ ଇଚ୍ଛାମୃତ୍ୟୁକୁ ଆଦରି ନିଏ।

ସାଂପ୍ରତିକ ସମୟରେ ଇଚ୍ଛାମୃତ୍ୟୁର ଏକ ଭିନ୍ନ ସଂଜ୍ଞା ବହୁଦେଶରେ ପ୍ରଚଳିତ। ଏ ପ୍ରକାର ଇଚ୍ଛାମୃତ୍ୟୁ ମୃତକ ଉପରେ ନିର୍ଭର କରେନା। ବରଂ ବ୍ୟକ୍ତିର ମାତା ପିତା ଇଚ୍ଛାମୃତ୍ୟୁର ସନନ୍ଦ ଧରି ବିଚାରାଳୟର ଦ୍ୱାରସ୍ଥ ହୁଅନ୍ତି। କୌଣସି ଦୁରାରୋଗ୍ୟ ରୋଗ ଭୟଙ୍କର ଦୁର୍ଘଟଣା ଓ ଅନ୍ୟକିଛି ଘାତକ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ପୀଡ଼ିତ ବ୍ୟକ୍ତିଟି ଦୀର୍ଘଶଯ୍ୟାଶାୟୀ ହୋଇ କେବଳ ଏକ ଜୀବନ୍ତ ଶବର ରୂପଧାରଣ କରି ବିଛଣାରେ ପଡ଼ିରହେ। ଶରୀର ଇହଜଗତରେ ଥିଲେ ମଧ୍ୟ ସେ ମୃତ୍ୟୁରାଜ୍ୟରେ ପହଞ୍ଚି ସାରିଥାଏ। ତେଣୁ ମା' ବାପା ବିଚାରାଳୟରେ ପିଲାର ମୃତ୍ୟୁ ଭିକ୍ଷା କରନ୍ତି। ନିକଟରେ ଭାରତରେ ପ୍ରଥମ ଇଚ୍ଛାମୃତ୍ୟୁ ବିଚାରାଳୟରେ ସ୍ୱୀକୃତି ଲାଭ କରିଛି। ୨୦୧୩ରେ ପଞ୍ଜାବ ବିଶ୍ୱବିଦ୍ୟାଳୟର କୃତୀ ଛାତ୍ର ହରିଶ୍ ରାଣା ହଷ୍ଟେଲ କୋଠାର ଚତୁର୍ଥ ମହଲାରୁ ଖସିପଡି ଗୁରୁତର ଆହତ ହେଲେ। ଦୀର୍ଘ ୧୩ବର୍ଷ ସେ ଶଯ୍ୟାରେ ପଡିରହିଥିଲେ। ତାଙ୍କ ମାତା ପିତା ତା'ର କଷ୍ଟ ଦେଖି ନ ପାରି ତାକୁ ମୁକ୍ତିଦେବା ପାଇଁ କୋର୍ଟରେ ଦ୍ୱାରସ୍ଥ ହେଲେ। ସର୍ବୋଚ୍ଚ ନ୍ୟାୟାଳୟ ଭାରତବର୍ଷର ପ୍ରଥମ ଇଚ୍ଛାମୃତ୍ୟୁକୁ ଅନୁମତି ଦେଲେ। ଶେଷରେ ୨୦୨୬ ମାର୍ଚ୍ଚ ୨୫ରେ ହରିଶ୍ ରାଣାଙ୍କର ଜୀବନର ଅବସାନ ଘଟିଲା।



ଏହା ପୂର୍ବରୁ ୧୯୭୩ ନଭେମ୍ବର ୨୭ରେ ମୁମ୍ବାଇର କିଙ୍ଗ୍ ଏଡ୍‌ୱାର୍ଡ୍ ମେମୋରିଆଲ ହସ୍ପିଟାଲର ୨୫ ବର୍ଷୀୟା ନର୍ସ ଅରୁଣା ସାନବାଗ୍ ସେହି ହସ୍ପିଟାଲର ୱାର୍ଡବୟ ମୋହନଲାଲଙ୍କ ଦ୍ୱାରା ବଳାତ୍କାରର ଶିକାର ହୋଇଥିଲେ। ଅରୁଣା ବଞ୍ଚି ଯାଇଥିଲେ ସିନା; କିନ୍ତୁ କେବଳ ଏକ ଜୀବନ୍ତ ଶବ ଭଳି ମେଡିକାଲ ଖଟରେ ପଡିରହିଥିଲେ। ଦୀର୍ଘ ୪୨ବର୍ଷ ସେ ମେଡିକାଲ ବେଡରେ ପଡିରହି ଚିକିତ୍ସିତ ହେଲେ। ତାଙ୍କ ପରିବାର ତରଫରୁ ତାଙ୍କର ଇଚ୍ଛାମୃତ୍ୟୁର ଆବେଦନକୁ ସର୍ବୋଚ୍ଚ ବିଚାରାଳୟ ସେତେବେଳେ ଅଗ୍ରାହ୍ୟ କରିଥିଲେ। ଶେଷରେ ୨୦୧୫ ମେ ୧୮ରେ ଅରୁଣାଙ୍କର ମୃତ୍ୟୁ ଘଟିଲା। ବିଚାରାଳୟ ତାଙ୍କ ଇଚ୍ଛାମୃତ୍ୟୁ ଅଗ୍ରାହ୍ୟ କରିବାର ଅନ୍ୟତମ କାରଣ ଥିଲା ଅରୁଣା ଖାଦ୍ୟଗ୍ରହଣ କରିପାରୁଥିଲେ ଓ ସମୟେ ସମୟେ କିଛି ପ୍ରତିକ୍ରିୟା ପ୍ରକାଶ କରୁଥିଲେ। ଇଚ୍ଛାମୃତ୍ୟୁ ସମ୍ବନ୍ଧରେ ବିଚାରାଳୟଙ୍କ ସ୍ୱଷ୍ଟ ମତ ହେଲା ଯେ ଯଦି କୌଣସି ବ୍ୟକ୍ତି ସୁସ୍ଥ ହୋଇ ତା' ଚିରାଚରିତ ଜୀବନକୁ ଫେରିବାର ସମସ୍ତ ସମ୍ଭାବନା ବନ୍ଦ ହୋଇଯାଏ ତେବେ ତାକୁ ଇଚ୍ଛାମୃତ୍ୟୁ ଦେବାର କୌଣସି ଅସୁବିଧା ନାହିଁ; ଯେପରି ହରିଶ ରାଣାଙ୍କୁ ଦିଆଗଲା।

ସିଦ୍ଧଳ, ଜଗତ୍‌ସିଂହପୁର
ମୋ:୯୯୩୭୪୫୦୫୪୦

## ପାଠକ ଶ୍ରେଷ୍ଠ ବିଚାରକ

### ଅଦିନିଆ ବର୍ଷାରେ ମୁଗ ଫସଲ ନଷ୍ଟ

ମହାଶୟ,

ଅଦିନିଆ ବର୍ଷାରେ ପୁରୀ ଜିଲା ସତ୍ୟବାଦୀ(ସାକ୍ଷୀଗୋପାଳ) ବ୍ଲକ ଅଞ୍ଚଳରେ ମୁଗ ଫସଲ ନଷ୍ଟ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ଗତ କିଛିଦିନ ହେଲା କାଳବୈଶାଖୀ ପ୍ରଭାବରେ ବର୍ଷା ଓ ପବନ ଲାଗିରହିଛି। ପୁରୀ ଜିଲା ସତ୍ୟବାଦୀ ବ୍ଲକର ୨୪ ଗୋଟି ପଞ୍ଚାୟତରେ ଲକ୍ଷ ଲକ୍ଷ ଟଙ୍କାର ମୁଗ ଫସଲ ଉଜୁଡ଼ିବାକୁ ବସିଛି। ହାତ ଉଧାରି ହେଉ ଅବା ଋଣକରି ଫସଲ କରିଥିବା ଚାଷୀ ଚିନ୍ତାରେ ପଡ଼ିଛନ୍ତି। ଲାଭ କଥା ଦୂରରେ ଥାଉ, କେମିତି ଋଣ ଶୁଝିବେ ସେ ଚିନ୍ତା ଚାଷୀଙ୍କୁ ଘାରିଲାଣି। ଜଣେ ଜଣେ ଚାଷୀ ୩ରୁ ୫ ଏକର ପର୍ଯ୍ୟନ୍ତ ମୁଗଚାଷ କରିଛନ୍ତି। ଫୁଲ ଧରିବାବେଳକୁ ମୁଗ ଫସଲରେ ପାଣି ପଶିଯିବାରୁ ଫସଲ ନଷ୍ଟ ହେବାକୁ ବସିଲାଣି। ଆଖିଆଗରେ ପରିଶ୍ରମର ଫଳ ଉଜୁଡ଼ି ଯାଉଥିବା ବେଳେ ଚାଷୀ ମୁଣ୍ଡରେ ସତେଯେମିତି ଚଡ଼କ ପଡ଼ିଛି। ଅଦିନିଆ ବର୍ଷାରେ ହୋଇଥିବା କ୍ଷତି ଆକଳନ କରି ରାଜ୍ୟ ସରକାର କ୍ଷତିପୂରଣ ଦେବାର ବ୍ୟବସ୍ଥା କରନ୍ତୁ।

–ଦେବତିକ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com
(Use only for letters to Editor, news & news photos)

## ଚିରନ୍ତନୀ

କେବେ ନଦୀକୋଳେ କହି ତା' ବ୍ୟଥିତ ବାଣୀ
ରକତ ଚୁମ୍ବ ରଖିଲା ସନ୍ଧ୍ୟା–ରାଣୀ
ଏକାକୀ ନାଉରୀ ସଙ୍ଗୀତ–ଶୋକେ
ନାବ ବାହୁଥିଲା ଲୋହିତ ଆଲୋକେ,
ଉପରେ ତାହାର ସନ୍ଧ୍ୟର–ସରମ ଠାଣି
ତଳେ ଜଳରାଶି–ପୀଡ଼ିତ–ମରମ ବାଣୀ ।
–(ଲୋହିତ ବ୍ୟଥା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ




# ବନାନ ସଂଶୋଧନ: ମତାମତ ଲୋଡ଼ିଲେ ସରକାର

ଭୁବନେଶ୍ୱର, ୨୨।୪(ସୁନିତ୍ ମିଶ୍ର)

ରାଜ୍ୟର ବିଭିନ୍ନ ସ୍ଥାନର ଓଡ଼ିଆ ଉଚ୍ଚାରଣ ଅନୁଯାୟୀ ଇଂରାଜୀ ବନାନ ସଂଶୋଧନ ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ସାର୍ବଜନୀନ ସୂଚନା ଜାରି କରାଯାଇଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକ୍ରମେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅରବିନ୍ଦ ପାଢ଼ୀ ଓଡ଼ିଶାର ସବୁ ଏମ୍‌ପି ଏବଂ ଓଡ଼ିଶା ବିଧାନସଭାର ସଚିବଙ୍କ ମାଧ୍ୟମରେ ସବୁ ବିଧାୟକଙ୍କୁ ଓ ଜିଲାପାଳମାନଙ୍କୁ ଚିଠି ଲେଖାଯାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ପୂର୍ବ ପ୍ରକାଶିତ ସାର୍ବଜନୀନ ବିଜ୍ଞପ୍ତି ମାଧ୍ୟମରେ ରାଜ୍ୟର ବିଭିନ୍ନ ଜିଲା, ଜିଲା ସଦର ମହକୁମା, ଉପଖଣ୍ଡ, ତହସିଲ ଏବଂ ବ୍ଲକ୍‌ଗୁଡ଼ିକର ସରକାରୀ ଭାବେ ବ୍ୟବହୃତ ଇଂରାଜୀ ନାମ ଯଦି ମୂଳ ଓଡ଼ିଆ ନାମର ଅପଭ୍ରଂଶ ହୋଇଥାଏ, ତେବେ ସେଗୁଡ଼ିକର ମୂଳ ଓଡ଼ିଆ ନାମର ପୁନରୁଦ୍ଧାର ପାଇଁ ସର୍ବସାଧାରଣ ଏବଂ ଜନପ୍ରତିନିଧିମାନଙ୍କଠାରୁ ପରାମର୍ଶ ତଥା ପ୍ରସ୍ତାବ ଆହ୍ୱାନ କରାଯାଇଥିଲା। ଏହି କ୍ରମରେ ରାଜ୍ୟର ଜନପ୍ରତିନିଧିମାନେ ଏବଂ ସାଧାରଣ ନାଗରିକଙ୍କଠାରୁ ଅନେକ ପ୍ରସ୍ତାବ ଓ ପରାମର୍ଶ ପ୍ରାପ୍ତ ହୋଇଛି। ପ୍ରାପ୍ତ ହୋଇଥିବା ସମସ୍ତ ପ୍ରସ୍ତାବ ବିଶିଷ୍ଟ ଓଡ଼ିଆ ସାହିତ୍ୟିକ ପଦ୍ମବିଭୂଷଣ ପ୍ରତିଭା ରାୟଙ୍କ ଅଧ୍ୟକ୍ଷତାରେ ଗଠିତ ଏକ କମିଟି ଦ୍ୱାରା ସମୀକ୍ଷା କରାଯାଇ ସୁପାରିସ ହୋଇଥିବା ପ୍ରସ୍ତାବଗୁଡ଼ିକୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଉପସ୍ଥାପନ କରାଯାଇ ମତାମତ ଓ ପରାମର୍ଶ ଆହ୍ୱାନ କରାଯାଇଛି। ସେହି ପ୍ରସ୍ତାବଗୁଡ଼ିକ ଉପରେ ଜନପ୍ରତିନିଧିମାନେ ଏବଂ ଜନସାଧାରଣ ସେମାନଙ୍କ ମତାମତ ତଥା ସୁଚିନ୍ତିତ ପରାମର୍ଶ ଗୁରୁବାରଠାରୁ ମାସେ ପର୍ଯ୍ୟନ୍ତ ରାଜସ୍ୱ ଓ ପରିଚାଳନା ବିଭାଗ ଠିକଣାରେ ପ୍ରେରଣ କରିବାକୁ ଅନୁରୋଧ କରାଯାଇଛି।

# ବଦଳି ନିର୍ଦ୍ଦେଶକୁ ବଦଳାଇ ପାରିବେ ନାହିଁ ଜିଲାପାଳ: ଏସିଏସ୍

ଭୁବନେଶ୍ୱର,୨୨।୪
(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ଏବଂ ଓଡ଼ିଶା ରାଜସ୍ୱ ସେବା (ଓଆର୍‌ଏସ୍) ଅଧିକାରୀଙ୍କୁ ଯେଉଁ ବଦଳି କରାଯାଉଛି ତାହାକୁ ଜିଲାପାଳ କିମ୍ବା କଣ୍ଟ୍ରୋଲିଂ ଅଧିକାରୀମାନେ ପରିବର୍ତ୍ତନ କରିପାରିବେ ନାହିଁ। ଏହାଦ୍ୱାରା ସରକାରଙ୍କ ବଦଳି ନିର୍ଦ୍ଦେଶନାମାରେ ବାଧା ଉପୁଜୁଛି ବୋଲି ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ(ଏସିଏସ୍) ଡ. ଅରବିନ୍ଦ କୁମାର ପାଢ଼ୀ କହିଛନ୍ତି। ମଙ୍ଗଳବାର ଡ. ପାଢ଼ୀ ଏ ସଂକ୍ରାନ୍ତରେ ଏକ ନିର୍ଦ୍ଦେଶନାମା ଜାରିକରି କହିଛନ୍ତି, କେତେକ କ୍ଷେତ୍ରରେ ସରକାରଙ୍କ ବଦଳି ନିର୍ଦ୍ଦେଶନାମାକୁ କଣ୍ଟ୍ରୋଲିଂ ଅଧିକାରୀ ପରିବର୍ତ୍ତନ କରୁଥିବା ବିଭାଗର ଦୃଷ୍ଟିକୁ ଆସିଛି। ସରକାରଙ୍କ ବିନା ଅନୁମୋଦନରେ ଏଭଳି ଭାବେ ବଦଳି ନିର୍ଦ୍ଦେଶକୁ ବଦଳାଯିବା ସାଂଘାତିକ ବ୍ୟତିକ୍ରମ। ଏହାକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ଏହି ନିର୍ଦ୍ଦେଶନାମା ଜାରି ହୋଇଛି। ଆଗାମୀ ଦିନରେ ଯେପରି ଏହି ବର୍ଗର ଅଧିକାରୀଙ୍କ ବଦଳି ନିର୍ଦ୍ଦେଶନାମାକୁ ସରକାରଙ୍କ ବିନା ଅନୁମୋଦନରେ ପରିବର୍ତ୍ତନ କରାଯିବ ନାହିଁ ସେଥିପ୍ରତି ଦୃଷ୍ଟିଦେବାକୁ ଡ. ପାଢ଼ୀ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଆଜି ୪,୧୧୩ ଶିକ୍ଷକଙ୍କୁ ମିଳିବ ନିଯୁକ୍ତି

ଭୁବନେଶ୍ୱର,୨୨।୪(ସୁଚିସ୍ମିତା ସାହୁ)

ରାଜ୍ୟ ସରକାରଙ୍କ ୭ଗୋଟି ବିଭାଗକୁ ନେଇ ଗୁରୁବାର କଳିଙ୍ଗ ହକି ଷ୍ଟାଡିୟମଠାରେ ନିଯୁକ୍ତି ମେଳା କାର୍ଯ୍ୟକ୍ରମ ଆୟୋଜିତ କରାଯାଇଛି। ଏହି ନିଯୁକ୍ତି ମେଳା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ମୋଟ ୪ହଜାର ୬୨୩ଜଣ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିବେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ୩୨୧୫ ସ୍ନାତକଶିକ୍ଷକ ଓ ୮୯୮ଜଣ ସ୍ନାତକୋତ୍ତର ଶିକ୍ଷକଙ୍କୁ ନିଯୁକ୍ତି ପ୍ରଦାନ କରାଯିବ। ସେହିପରି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ୧୧୩ଜଣ ବନାଞ୍ଚଳ ଅଧିକାରୀ ଏବଂ ୪୧ଜଣ ସହକାରୀ ବନ ସଂରକ୍ଷକଙ୍କୁ ନିଯୁକ୍ତି ମିଳିବ।

# ରେଳ ଟ୍ରାକ୍‌ର ଆଧୁନିକୀକରଣ


ଅଶ୍ୱିନୀ ବୈଷ୍ଣବ
**କେନ୍ଦ୍ର ରେଳ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରୀ**

ପ୍ରତିଦିନ ସାରା ଭାରତରେ ୨୫,୦୦୦ରୁ ଅଧିକ ଟ୍ରେନ୍ ଚାଲିଥାଏ। ୧,୩୭,୦୦୦ କିଲୋମିଟରରୁ ଅଧିକ ଟ୍ରାକ୍ ନେଟ୍‌ୱର୍କରେ ସେଗୁଡ଼ିକ ଦୈନିକ ୨ କୋଟିରୁ ଅଧିକ ଯାତ୍ରୀଙ୍କୁ ପରିବହନ କରିବା ସହିତ ବହୁ ପରିମାଣରେ କୋଇଲା, ଲୁହାପଥର, ଶସ୍ୟ, ଇସ୍ପାତ, ସିମେଣ୍ଟ ଏବଂ ଅନ୍ୟାନ୍ୟ ସାମଗ୍ରୀ ପରିବହନ କରନ୍ତି।

ରେଳ ଟ୍ରାକ୍ ହେଉଛି ସେହି ଭିତ୍ତିଭୂମି, ଯାହା ଉପରେ ଏହି ସମଗ୍ର ବ୍ୟବସ୍ଥା କାମ କରେ। ଯେତେବେଳେ ଏହା ଭଲ ଅବସ୍ଥାରେ ଥାଏ, ଟ୍ରେନ୍‌ଗୁଡ଼ିକ ଅଧିକ ବେଗରେ ଓ ସୁରକ୍ଷିତ ଭାବରେ ଚାଲିଥାଏ। ଏହା ଭଲ ଅବସ୍ଥାରେ ନ ଥିଲେ, ଗତି ପ୍ରତିବନ୍ଧକ ଏବଂ ବିଳମ୍ବଠାରୁ ଆରମ୍ଭ କରି ସୁରକ୍ଷା ସହ ଜଡ଼ିତ ବିପଦ ପର୍ଯ୍ୟନ୍ତ ବିଭିନ୍ନ ଅସୁବିଧା ହୋଇଥାଏ। ଭଙ୍ଗା ରେଳ, ଢିଲା ଫିଟିଂ କିମ୍ବା ଗେଟି ପରସ୍ତ ଟ୍ରେନ୍‌ର ଗତିକୁ ପ୍ରଭାବିତ କରିପାରେ।

ରେଳ ଟ୍ରାକ୍‌ର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଭାରତୀୟ ରେଳବାଇ ଏକ ଦଶନ୍ଧି ପୂର୍ବରୁ ବ୍ୟାପକ ଆଧୁନିକୀକରଣ କାର୍ଯ୍ୟକ୍ରମ ଆରମ୍ଭ କରିଥିଲା। ଏହି କାର୍ଯ୍ୟରେ ଆଧୁନିକ ମେଶିନ ବ୍ୟବହାର କରି ଟ୍ରାକ୍ ନବୀକରଣ, ଉନ୍ନତ ପଦ୍ଧତି ମାଧ୍ୟମରେ ପରୀକ୍ଷଣ ଓ ଯାଞ୍ଚ, ଯାନ୍ତ୍ରିକ ରକ୍ଷଣାବେକ୍ଷଣ, ସୁରକ୍ଷା ବାଡ଼ ଇତ୍ୟାଦି ଅନ୍ତର୍ଭୁକ୍ତ ଥିଲା। ମିଳିତ ଭାବେ ଏହି ପ୍ରୟାସଗୁଡ଼ିକ ନେଟ୍‌ୱର୍କର ସ୍ଥିତିରେ ଆଖିଦୃଶିଆ ପରିବର୍ତ୍ତନ ଆଣିଛି।

୨୦୧୪ ମସିହାରୁ ପ୍ରାୟ ୫୫,୦୦୦ କିଲୋମିଟର ଟ୍ରାକ୍‌ର ନବୀକରଣ କରାଯାଇଛି। ଏହା ଦ୍ୱାରା ସୁରକ୍ଷା ସହିତ ଯାତ୍ରାର ଗୁଣବତ୍ତା ବୃଦ୍ଧି ପାଇଛି ଏବଂ ବାରମ୍ବାର ମରାମତିର ଆବଶ୍ୟକତା ହ୍ରାସ ପାଇଛି। ୨୬୦ ମିଟର ଲମ୍ବ ବିଶିଷ୍ଟ ପ୍ରାୟ ୪୪,୦୦୦ ଟ୍ରାକ୍ କିଲୋମିଟର ଦୀର୍ଘ ରେଳ ପ୍ୟାନେଲ ବିଛାଯାଇଛି। ଲମ୍ବା ପ୍ୟାନେଲଗୁଡ଼ିକର ଅର୍ଥ ହେଉଛି କମ୍ ଯୋଡ଼େଇ, ଯାହା ସୁଗମ ଏବଂ ସୁରକ୍ଷିତ ଟ୍ରେନ ଗତିକୁ ସକ୍ଷମ କରିଥାଏ। ୮୦,୦୦୦ କିଲୋମିଟରରୁ ଅଧିକ ଭାଗରେ ମଜଭୁତ ୬୦ କିଲୋଗ୍ରାମ ବିଶିଷ୍ଟ ରେଳ ଟ୍ରାକ୍ ବର୍ତ୍ତମାନ ବ୍ୟବହାର ହେଉଛି, ଯାହା ଅଧିକ ଭାର ଏବଂ ଗତିକୁ ସମର୍ଥନ କରେ।

ମଜଭୁତ ରେଳଟ୍ରାକ୍ ବିଛାଇବା ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ଠିକ୍ ସମୟରେ ତ୍ରୁଟି ଖୋଜିବା ମଧ୍ୟ ଜରୁରୀ। ପ୍ରାୟ ୩୬.୨ ଲକ୍ଷ ଟ୍ରାକ୍ କିଲୋମିଟର ଏବଂ ୨.୨୫ କୋଟି ୱେଲ୍ଡର ଅଲ୍‌ଟ୍ରାସୋନିକ ଫାଟ ଚିହ୍ନଟ (ୟୁଏସ୍‌ଏଫ୍‌ଡି) ଯାଞ୍ଚ କରାଯାଇଛି। ଏହା ଜରିଆରେ ବାହାରୁ ଦେଖାଯାଉ ନ ଥିବା ରେଳ ଭିତରର ଲୁକ୍କାୟିତ ଫାଟ ଚିହ୍ନଟ କରାଯାଉଛି। ଫଳସ୍ୱରୂପ ରେଳ ଏବଂ ୱେଲ୍ଡ ତ୍ରୁଟି ପ୍ରାୟ ୯୦% ହ୍ରାସ ପାଇଛି। କୌଣସି ଘଟଣା ଘଟିବା ପରେ ସମସ୍ୟା ସମାଧାନ କରିବା ବଦଳରେ ପୂର୍ବରୁ ସେଗୁଡ଼ିକୁ ରୋକିବା ପାଇଁ ଏକ ପରିବର୍ତ୍ତିତ ବ୍ୟବସ୍ଥା ହୋଇଛି।

ବର୍ତ୍ତମାନ ବ୍ୟବହୃତ ହେଉଥିବା ଅନ୍ୟ ପଦ୍ଧତିଗୁଡ଼ିକ ମଧ୍ୟରେ ଫ୍ଲାସ-ବଟ ୱେଲ୍ଡ ପାଇଁ ପର୍ଯ୍ୟାୟବଦ୍ଧଆରେ ପରୀକ୍ଷା, ନୂତନ ୱେଲ୍ଡ ପାଇଁ ଚୁମ୍ବକୀୟ ପାର୍ଟିକିଲ ନିରୀକ୍ଷଣ ଏବଂ ଜିପିଏସ୍‌ଚାଳିତ ଓସିଲେଶନ ମନିଟରିଂ ସିଷ୍ଟମ (ଓଏମ୍‌ଏସ୍) ଅନ୍ତର୍ଭୁକ୍ତ, ଯାହା ଯାତ୍ରାର ଗୁଣବତ୍ତା ମାପ କରେ ଏବଂ ଟ୍ରାକରେ ଥିବା ଖରାପ ସ୍ଥାନଗୁଡ଼ିକର ସଠିକ୍ ଭାବେ ଚିହ୍ନଟ କରେ।

| ଗତି (ଘଣ୍ଟା ପ୍ରତି କିଲୋମିଟର) | ୨୦୧୪ | | ୨୦୨୬ | |
|---|---|---|---|---|
| | ରନିଂ ଟ୍ରାକ୍ କିଲୋମିଟର | % | ରନିଂ ଟ୍ରାକ କିଲୋମିଟର | % |
| ୧୩୦ ରୁ ଅଧିକ | ୪,୦୩୬ | ୬.୩ | ୨୪,୧୬୩ | ୨୨.୪ |
| ୧୧୦-୧୩୦ | ୨୬,୪୦୯ | ୩୩.୩ | ୬୨,୪୮୨ | ୪୮.୨ |
| ୧୧୦ ଠାରୁ କମ୍ | ୪୭,୮୯୭ | ୬୦.୪ | ୨୦,୬୭୯ | ୧୯.୩ |
| ମୋଟ | ୭୯,୩୪୨ | ୧୦୦ | ୧,୦୭,୩୩୪ | ୧୦୦ |

ଟ୍ରାକ୍ ମେଶିନ ସଂଖ୍ୟା ୨୦୧୪ରେ୭୪୮ରୁଦ୍ୱିଗୁଣିତହୋଇ ୨୦୨୬ରେ ୧,୬୮୫ରେ ପହଞ୍ଚିଛି। ଏହି ମେଶିନଗୁଡ଼ିକ ଟାମ୍ପିଂ, ବାଲାଷ୍ଟ ସଫା କରିବା ଏବଂ ରେଳ ଗ୍ରାଇଣ୍ଡିଂକୁ ପାରମ୍ପରିକ ପଦ୍ଧତି ବା ମାନୁଆଲ କାମ ଅପେକ୍ଷା ଭଲ, ଦ୍ରୁତ ଏବଂ ଅଧିକ ସମାନ ଭାବରେ କରନ୍ତି।

ମେଶିନ୍‌ଗୁଡ଼ିକ ବାଲାଷ୍ଟର ଗଭୀର ସ୍କ୍ରିନିଂରେ ଏକ ଉଲ୍ଲେଖନୀୟ ଫରକ ଆଣିଛି। ଟ୍ରାକ୍ ତଳେ ଚୂର୍ଣ୍ଣ ପଥରର ସ୍ତର ଜଳ ନିଷ୍କାସନ ପ୍ରଦାନ କରେ, କମ୍ପନ ଶୋଷଣ କରେ ଏବଂ ଟ୍ରାକ୍‌କୁ ସ୍ଥିର ରଖେ। ସମୟ ସହିତ ବାଲାଷ୍ଟ ପଥରଗୁଡ଼ିକ ଟ୍ରେନ୍‌ର ସ୍ଥିର ଓଜନ ଏବଂ କମ୍ପନରେ ଗୁଣ୍ଡ ହୋଇଯାଏ। ଏହା ଫଳରେ ବେଡ୍ ବନ୍ଦ ହୋଇଯାଏ ଏବଂ ଏହାର କାର୍ଯ୍ୟ କରିବାର କ୍ଷମତା ହ୍ରାସ କରେ। ସ୍କ୍ରିନିଂ ଟ୍ରାକ୍ ବେଡ୍‌କୁ ସଠିକ ଅବସ୍ଥାରେ ପୁନଃ ସ୍ଥାପିତ କରେ। ଏହି କାର୍ଯ୍ୟ ୧ ଲକ୍ଷରୁ ଅଧିକ ଟ୍ରାକ୍ କିଲୋମିଟରରେ କରାଯାଇଛି, ମୁଖ୍ୟତଃ ମେଶିନ ଦ୍ୱାରା।

ପୃଷ୍ଠର ତ୍ରୁଟି ଦୂର କରିବା ଏବଂ ଯାତ୍ରାର ଗୁଣବତ୍ତା ଓ ସୁରକ୍ଷାକୁ ଉନ୍ନତ କରିବା ପାଇଁ ୧ ଲକ୍ଷ କିଲୋମିଟରରୁ ଅଧିକ ରେଳର ଗ୍ରାଇଣ୍ଡିଂ କରାଯାଇଛି।

ପ୍ରତିବର୍ଷ ଟ୍ରେନ୍ ଟ୍ରାଫିକ୍ ବୃଦ୍ଧି ପାଉଥିବାରୁ ଟ୍ରେନଗୁଡ଼ିକ ମଧ୍ୟରେ ରକ୍ଷଣାବେକ୍ଷଣ ୱିଣ୍ଡୋ ସଙ୍କୁଚିତ ହେଉଛି। ମେଶିନଗୁଡ଼ିକ ସେବାଗୁଡ଼ିକୁ ବାଧାପ୍ରାପ୍ତ ନ କରି କମ୍ ସମୟରେ ଅଧିକ କାର୍ଯ୍ୟ କରିବାରେ ସାହାଯ୍ୟ କରେ। କିନ୍ତୁ ଟ୍ରେନ୍‌ଗୁଡ଼ିକ ପଏଣ୍ଟ ଓ କ୍ରସିଂ ଦେଇ କିପରି ଯାତାୟାତ କରେ, ତାହା ଉପରେ ମଧ୍ୟ ସୁରକ୍ଷା ନିର୍ଭର କରେ। ଭାରତୀୟ ରେଳ ଟ୍ରାକ୍ ନବୀକରଣ ସହିତ ଅନେକ ସହାୟକ ପଦକ୍ଷେପ ଗ୍ରହଣ କରିଛି।

ପ୍ରାୟ ୧୭,୫୦୦ କିଲୋମିଟର ସୁରକ୍ଷା ବାଡ଼ ସ୍ଥାପନ କରାଯାଇଛି, ବିଶେଷକରି ଯେଉଁଠାରେ ଟ୍ରେନ୍‌ଗୁଡ଼ିକ ୧୧୦ କିଲୋମିଟର ପ୍ରତି ଘଣ୍ଟା ବେଗରେ ଚାଲେ, ସେଠାରେ ଏପରି କରାଯାଇଛି। ଏହା ସାଧାରଣ ଲୋକ ଏବଂ ପ୍ରାଣୀମାନଙ୍କ ଅନୁପ୍ରବେଶକୁ ରୋକିବାରେ ସାହାଯ୍ୟ କରେ। ପଏଣ୍ଟ ଏବଂ କ୍ରସିଂରେ ୩୬,୦୦୦ ମୋଟା-ୱେବ ସ୍ୱିଚ ଏବଂ ୭,୫୦୦ ୱେଲ୍ଡେବଲ ସିଏମ୍‌ଏସ୍ କ୍ରସିଂ ଯୋଗାଇ ଦିଆଯାଇଛି। ଏଗୁଡ଼ିକ ଅଧିକ ସମୟ ପର୍ଯ୍ୟନ୍ତ ରହିଥାଏ ଏବଂ ସୁଗମ ଟ୍ରେନ୍ ଚଳାଚଳକୁ ସକ୍ଷମ କରେ। ୨୦୧୯ରେ କାର୍ଯ୍ୟକ୍ଷମ କରାଯାଇଥିବା ପ୍ରଶସ୍ତ, ଭାରୀ ସ୍ଲିପରଗୁଡ଼ିକ ସ୍ଥିରତାକୁ ଉନ୍ନତ କରିଛି, ବିଶେଷକରି ଗ୍ରୀଷ୍ମଋତୁର ଗରମ ସମୟରେ। ଗିର୍ଡର ବ୍ରିଜ ଏବଂ ୟାର୍ଡ ମାଧ୍ୟମରେ ଲମ୍ବା ୱେଲ୍ଡିଂ ରେଳ ଉପରେ ଏଚ୍-ବିମ୍ ସ୍ଲିପରଗୁଡ଼ିକ ନେଟ୍‌ୱର୍କକୁ ଆହୁରି ମଜଭୁତ କରିଛି।

ରେଳ ଟ୍ରାକ୍ ଆଧୁନିକୀକରଣର ସବୁଠୁ ସ୍ପଷ୍ଟ ପ୍ରଭାବ ହେଉଛି ଟ୍ରେନ୍ ଗତି ବୃଦ୍ଧି ପାଇବା:

୧୩୦ କିଲୋମିଟର ପ୍ରତି ଘଣ୍ଟା ଏବଂ ତଦୂର୍ଦ୍ଧ୍ୱ ବେଗକୁ ସମର୍ଥନ କରୁଥିବା ଟ୍ରାକ ୬%ରୁ ପ୍ରାୟ ୨୩% ବୃଦ୍ଧି ପାଇଛି। ୧୧୦ କିଲୋମିଟର ପ୍ରତି ଘଣ୍ଟା ଏବଂ ତଦୂର୍ଦ୍ଧ୍ୱ ବେଗ ପାଇଁ ଟ୍ରାକ୍ ପ୍ରାୟ ୪୦%ରୁ ୮୦% ବୃଦ୍ଧି ପାଇଛି। ଏହା ଯାତ୍ରା ସମୟ ହ୍ରାସ କରିଛି, ସମୟାନୁବର୍ତ୍ତିତାରେ ଉନ୍ନତି ଆଣିଛି ଏବଂ ବନ୍ଦେ ଭାରତ ଏକ୍ସପ୍ରେସ ପରି ସେମି ହାଇସ୍ପିଡ ସେବା ଯୋଗାଇବା ସମ୍ଭବ କରିଛି।

ଏହି ଆଧୁନିକୀକରଣ ପଦକ୍ଷେପଗୁଡ଼ିକର ମିଳିତ ପ୍ରଭାବ ସୁରକ୍ଷା ତଥ୍ୟରେ ପ୍ରତିଫଳିତ ହୋଇଛି। ଫଳସ୍ୱରୂପ ଟ୍ରେନ୍ ଦୁର୍ଘଟଣା ୨୦୧୪-୧୫ରେ ୧୩୫ରୁ ହ୍ରାସ ପାଇ ୨୦୨୫-୨୬ରେ ୧୬କୁ ହ୍ରାସ ପାଇଛି, ଅର୍ଥାତ୍ ପ୍ରାୟ ୮୯% ହ୍ରାସ ଦେଖାଦେଇଛି। ପ୍ରତି ୧୦ ଲକ୍ଷ କିଲୋମିଟରରେ ଟ୍ରେନ୍‌ର ଦୁର୍ଘଟଣା ହାର ୦.୧୧ରୁ ୦.୦୧ ହୋଇଛି, ଯେଉଁଥିରେ ପ୍ରାୟ ୯୦% ଉନ୍ନତି ଆସିଛି। ଏହା ଏପରି ଏକ ସମୟ ମଧ୍ୟରେ ଆସିଛି, ଯେତେବେଳେ ଟ୍ରେନ୍ ଟ୍ରାଫିକ ବୃଦ୍ଧି ପାଇଛି। ଅଧିକ ଟ୍ରେନ୍, ଅଧିକ ଯାତ୍ରୀ, କିନ୍ତୁ ଦୁର୍ଘଟଣା କମ୍ ରହିଛି।

ଏବେ ରେଳବାଇ ଏକ ନୂଆ ଅନ୍‌ଲାଇନ ବ୍ୟବସ୍ଥା ମଧ୍ୟ ଆରମ୍ଭ କରିଛି। ଏହା ହେଉଛି ୱେବ୍ ଆଧାରିତ ଟ୍ରାକ୍ ପରିଚାଳନା ପ୍ରଣାଳୀ (ଟିଏମ୍‌ଏସ୍)। ଏହି ବ୍ୟବସ୍ଥା ବର୍ତ୍ତମାନ ଅଲ୍‌ଟ୍ରାସୋନିକ ପରୀକ୍ଷଣ, ଯାତ୍ରା ଗୁଣବତ୍ତା ଅନୁଧ୍ୟାନ ଏବଂ ଟ୍ରାକ୍ ସ୍ଥିତି ଭଳି ତଥ୍ୟକୁ ଗୋଟିଏ ସ୍ଥାନରେ ଏକତ୍ରିତ କରେ। ଏହାଦ୍ୱାରା ପ୍ରାଥମିକତା ସ୍ଥିର କରିବା ଏବଂ ସମୟ ପୂର୍ବରୁ କାର୍ଯ୍ୟ କରିବା ସହଜ ହୋଇଥାଏ।

ବାର ବର୍ଷ ପୂର୍ବେ ଭାରତର ୬୦% ରେଳ ଟ୍ରାକ୍ ଘଣ୍ଟା ପ୍ରତି ୧୧୦ କିଲୋମିଟର ଠାରୁ କମ୍ କ୍ଷମତାରେ ସୀମିତ ଥିଲା। ରେଳ ଟ୍ରାକ୍ ଭାଙ୍ଗିବା ସାଧାରଣ କଥା ଥିଲା ଏବଂ ଅଧିକାଂଶ ରକ୍ଷଣାବେକ୍ଷଣ ପାରମ୍ପରିକ ପଦ୍ଧତି ବା ମାନୁଆଲ ମାଧ୍ୟମରେ ହେଉଥିଲା। ଆଜି, ପ୍ରାୟ ୮୦% ନେଟ୍‌ୱର୍କରେ ୧୧୦ କିଲୋମିଟର ପ୍ରତି ଘଣ୍ଟା କିମ୍ବା ତା'ଠାରୁ ଅଧିକ ବେଗରେ ରେଳ ପରିଚାଳିତ ହେଉଛି। ରେଳ ଏବଂ ୱେଲ୍ଡ ଭାଙ୍ଗିବା ପ୍ରାୟ ୯୦% ହ୍ରାସ ପାଇଛି ଏବଂ ପ୍ରାୟ ୧,୮୦୦ ଟ୍ରାକ୍ ମେଶିନ କାମ କରୁଛି। ଲକ୍ଷ ଲକ୍ଷ ଯାତ୍ରୀ ଏବଂ ରେଳ ମାଲ ପରିବହନ ଉପରେ ନିର୍ଭରଶୀଳ ରେଳ କାରବାର ପାଇଁ ଏହି ପରିବର୍ତ୍ତନଗୁଡ଼ିକ ଲାଭଜନକ ହୋଇପାରିଛି। ସୁଗମ ଯାତ୍ରା, କମ୍ ଯାତ୍ରା ସମୟ ଏବଂ ଏକ ଅଧିକ ନିର୍ଭରଯୋଗ୍ୟ ନେଟ୍‌ୱର୍କ ସୁନିଶ୍ଚିତ ହୋଇଛି। କାମ ଏବେ ଶେଷ ହୋଇନାହିଁ, କିନ୍ତୁ ସ୍ଥିର ପ୍ରୟାସ ଓ ନିରନ୍ତର ନିବେଶ ଦ୍ୱାରା ଯେ ଲାଭ ମିଳିପାରିବ ତାହା ବର୍ତ୍ତମାନର ଅଗ୍ରଗତିରୁ ସ୍ପଷ୍ଟ ହୋଇପାରିଛି।

# ଦୁର୍ଘଟଣାରେ ୨ ବାଇକ୍ ଆରୋହୀ ମୃତ

ଝାରସୁଗୁଡ଼ା, ୨୨।୪
(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସଦର ଥାନା ଅନ୍ତର୍ଗତ ପ୍ରସନ୍ନ ପଣ୍ଡା ଛକରେ ବୁଧବାର ରାତିରେ ଦୁର୍ଘଟଣାରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ଏଥିରେ ଅନ୍ୟ ଜଣେ ଗୁରୁତର ହୋଇଥିବାବେଳେ ତାଙ୍କ ପରିଚୟ ମିଳିପାରିନାହିଁ। ମୃତକ ହେଲେ ଝାରସୁଗୁଡ଼ା ଜିଲା କୋଲାବିରା ଥାନା ଅଧୀନ ପରମାଣପୁର ଗ୍ରାମର ନରେଶ କିଷାନ(୨୩) ଓ ଦୟାନିଧି ସାଗର(୩୬)। ସୂଚନା ଅନୁଯାୟୀ, ରାତି ପ୍ରାୟ ସାଢ଼େ ୮ଟାରେ ଏକ ଟ୍ରେଲର ଝାରସୁଗୁଡ଼ା ପଟୁ ସୁନ୍ଦରଗଡ଼ ଅଭିମୁଖେ ଯାଉଥିଲା। ଏହି ସମୟରେ ଏକ ବାଇକ୍‌ରେ ନରେଶ, ଦୟାନିଧି ଓ ଅନ୍ୟ ଜଣେ ଯୁବକ ଯାଉଥିଲେ। ହେଲେ ସେମାନେ ଉକ୍ତ ଟ୍ରେଲରକୁ ଓଭରଟେକ୍ କରୁଥିବାବେଳେ ବାଇକ୍ ହ୍ୟାଣ୍ଡଲ ଉକ୍ତ ଟ୍ରେଲରରେ ବାଜିଯିବାରୁ ସେମାନେ ଭାରସାମ୍ୟ ହରାଇ ତଳେ ପଡ଼ିଯାଇଥିଲେ। ଟ୍ରେଲର ଚକ ନରେଶ ଓ ଦୟାନିଧିଙ୍କ ଉପରେ ଚଢ଼ିଯିବାରୁ ଘଟଣାସ୍ଥଳରେ ସେମାନଙ୍କ ମୃତ୍ୟୁ ଘଟିଥିଲା। ଅପରପକ୍ଷେ ଅନ୍ୟ ଜଣଙ୍କୁ ଗୁରୁତର ଅବସ୍ଥାରେ ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଉକ୍ତ ଟ୍ରେଲରକୁ ଜବତ କରିଛି। ଏଥିସହ ଦୁଇ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଗୁରୁବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଥାନାଧିକାରିଣୀ ସ୍ୱପ୍ନାରାଣୀ ଗୋଚ୍ଛାୟତ କହିଛନ୍ତି।

# ପୁସ୍ତକର ଶକ୍ତି

## ବିଶ୍ୱ ପୁସ୍ତକ ଓ କପିରାଇଟ୍ ଦିବସ



ପ୍ରତିବର୍ଷ ଏପ୍ରିଲ ୨୩ରେ ପାଳନ ହୋଇଆସୁଛି ବିଶ୍ୱ ପୁସ୍ତକ ଓ କପିରାଇଟ୍ ଦିବସ। ବିଶ୍ୱବ୍ୟାପୀ ପଠନ, ପ୍ରକାଶନ ଏବଂ କପିରାଇଟ ସୁରକ୍ଷାକୁ ପ୍ରୋତ୍ସାହିତ କରିବା ଏହି ଦିବସ ପାଳନର ଅସଲ ଉଦ୍ଦେଶ୍ୟ। ସାରା ବିଶ୍ୱରେ ପୁସ୍ତକର ପରିସରକୁ ଚିହ୍ନଟକରିବା ଲାଗି ୧୯୯୫ ମସିହାରୁ ପାଳନ ହୋଇଆସୁଥିବା ଏହି ଦିବସକୁ – ଅତୀତ ଓ ଭବିଷ୍ୟତ ମଧ୍ୟରେ ଏକ ସଂଯୋଗ, ପିଢ଼ି ଏବଂ ସଂସ୍କୃତି ମଧ୍ୟରେ ଏକ ସେତୁ ଭାବେ ଅଭିହିତ କରାଯାଏ। ୱିଲିୟମ ସେକ୍ସପିଅର, ଇନକା ଗାର୍ସିଲାସୋ ଡେ ଲା ଭେଗାଙ୍କ ସମେତ ଅନେକ ପ୍ରମୁଖ ଲେଖକଙ୍କ ଜନ୍ମ କିମ୍ବା ମୃତ୍ୟୁ ବାର୍ଷିକୀ ସହ ଜଡ଼ିତ ଥିବାରୁ ଏପ୍ରିଲ ୨୩କୁ ଉକ୍ତ ଦିବସ ପାଳନ ଲାଗି ଚୟନ କରାଯାଇଛି। ଚଳିତ ବର୍ଷ ୟୁନେସ୍କୋ ମରକ୍କୋର ରାବାତକୁ ବିଶ୍ୱ ପୁସ୍ତକ ରାଜଧାନୀ ଭାବରେ ନାମିତ କରିଛି। ଏଥିସହ ଏ ବର୍ଷ ପୁସ୍ତକର ଶକ୍ତି ଉପରେ ଧ୍ୟାନ ଦିଆଯାଉଛି ଯାହା ସଂସ୍କୃତିକୁ ସେତୁ, ବହୁଭାଷିତା ମାଧ୍ୟମରେ ସାକ୍ଷରତାକୁ ପ୍ରୋତ୍ସାହିତ କରିବା ଏବଂ ପାଠ୍ୟ ସାମଗ୍ରୀର ପ୍ରବେଶ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରାଯାଉଛି।

# ନାରୀ ଦେଶର ନୀତି ନିର୍ଦ୍ଧାରଣ କରିପାରିବେ: ମୁଖ୍ୟମନ୍ତ୍ରୀ

**ଭାଜପାର ଜନ-ଆକ୍ରୋଶ ମହିଳା ସମାବେଶ**

ଭୁବନେଶ୍ୱର,୨୨।୪(ସୁନିତ୍ ମିଶ୍ର)



ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବୁଧବାର ଅନୁଷ୍ଠିତ ଭାଜପାର ଜନ-ଆକ୍ରୋଶ ମହିଳା ସମାବେଶରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ବୋଧନ ଦେଉଛନ୍ତି।


ଭାଜପା ପକ୍ଷରୁ ଆୟୋଜିତ ଜନ-ଆକ୍ରୋଶ ମହିଳା ପଦଯାତ୍ରା।

ନାରୀ ଶକ୍ତି ବନ୍ଦନ ଅଧିନିୟମକୁ ସଂସଦରେ ବାଧାପ୍ରାପ୍ତ କରି କଂଗ୍ରେସ ସମେତ ଅନ୍ୟାନ୍ୟ ବିରୋଧୀ ଦଳଗୁଡ଼ିକ ଦେଶର ଅଧା ଜନସଂଖ୍ୟା ସହ ବିଶ୍ୱାସଘାତକତା କରିଛନ୍ତି। ମହିଳାଙ୍କ ସାମ୍ବିଧାନିକ ଅଧିକାରକୁ ବିରୋଧୀ ହତ୍ୟା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମହିଳାଙ୍କୁ ବିଧାନସଭା ଓ ଲୋକ ସଭାରେ ୩୩% ସଂରକ୍ଷଣ ଦେଇ ସେମାନଙ୍କୁ ନୀତି ନିର୍ଦ୍ଧାରଣ ପ୍ରକ୍ରିୟାରେ ସାମିଲକରିବାକୁ ଚାହୁଁଥିବାବେଳେ ବିରୋଧୀ ଦଳଗୁଡ଼ିକ ନିଜର ସଂକୀର୍ଣ୍ଣ ରାଜନୈତିକ ସ୍ୱାର୍ଥ ପାଇଁ ଏହାକୁ ବିଫଳ କରିଛନ୍ତି। ଏହା କେବଳ ଏକ ବିଲ୍‌ର ପରାଜୟ ନୁହେଁ, ବରଂ ମା' ମାନଙ୍କ ସ୍ୱପ୍ନର ଭ୍ରୁଣହତ୍ୟା। ଏହା ମୋଦିଙ୍କ ପରାଜୟ ନୁହେଁ, ଦେଶବ୍ୟାପୀ ମହିଳାଙ୍କ ପାଇଁ ଶକ୍ତ ଧକ୍କା। ବିଶେଷକରି କଂଗ୍ରେସ ଏବଂ ଅନ୍ୟ ବିରୋଧୀଦଳଗୁଡିକ କେବଳ ମହିଳାଙ୍କୁ ଭୋଟ ବ୍ୟାଙ୍କ ଭାବେ ବ୍ୟବହାର କରୁଥିବାବେଳେ ମୋଦି ସରକାର ସେମାନଙ୍କୁ ପ୍ରକୃତ ସଶକ୍ତୀକରଣ ପ୍ରଦାନ କରିବାକୁ ସଂକଳ୍ପବଦ୍ଧ। ଯେଉଁ ନାରୀ ପରିବାର ଚଳାଏ, ସେ ରାଷ୍ଟ୍ରର ନୀତି ନିର୍ଦ୍ଧାରଣ ମଧ୍ୟ କରିପାରିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ରାଜ୍ୟରେ ମହିଳାଙ୍କ ଆର୍ଥିକ ଆତ୍ମନିର୍ଭରଶୀଳତା ପାଇଁ 'ସୁଭଦ୍ରା ଯୋଜନା' ଏକ ଯୁଗାନ୍ତକାରୀ ପଦକ୍ଷେପ। ଏହାସହ ସେ ଘୋଷଣା କରିଛନ୍ତି ଯେ ଖୁବ୍‌ଶୀଘ୍ର 'ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା' ଆରମ୍ଭ ହେବ, ଯେଉଁଥିରେ ଜନ୍ମ ସମୟରେ ୨୦ ହଜାର ଟଙ୍କା ଏବଂ ସ୍ନାତକ ଶେଷ ପରେ ୧ଲକ୍ଷ ୧ ଟଙ୍କା ପ୍ରଦାନ କରାଯିବ। ବିରୋଧୀ ଦଳର ନେତାମାନେ ପ୍ରଧାନମନ୍ତ୍ରୀ ଓ ନାରୀ ସମାଜ ପ୍ରତି ବ୍ୟବହାର କରୁଥିବା ଅଶୋଭନୀୟ ଭାଷାକୁ ମୁଖ୍ୟମନ୍ତ୍ରୀ ନିନ୍ଦାକରି କହିଛନ୍ତି। ବିରୋଧୀଙ୍କ ୯୯ଟି ପାପ ପୂର୍ଣ୍ଣ ହୋଇସାରିଛି, ୧୦୦ଟି ଗାଳି ପରେ ଶିଶୁପାଳର ଯାହା ଅବସ୍ଥା ହୋଇଥିଲା କଂଗ୍ରେସ ମଧ୍ୟ ସମାନ ଅବସ୍ଥା ଭୋଗିବାକୁ ଯାଉଛି। ବର୍ତ୍ତମାନର ଏହି ଆକ୍ରୋଶର ନିଆଁ ଗାଁରୁ ସହର ପର୍ଯ୍ୟନ୍ତ ବ୍ୟାପିବ ଏବଂ ଏହି ଜନ ଆକ୍ରୋଶରେ ବିରୋଧୀଙ୍କ ରାଜନୈତିକ ଭବିଷ୍ୟତ ଧୂଳିସାତ୍ ହୋଇଯିବ। ମହିଳାମାନେ ଚୁପ୍ ନ ରହି ନିଜ ଅଧିକାର ପାଇଁ ସ୍ୱର ଉତ୍ତୋଳନ କରିବାକୁ ସେ ଆହ୍ୱାନ କରିଛନ୍ତି।

ପାର୍ଲାମେଣ୍ଟରେ କେନ୍ଦ୍ର ସରକାର ମହିଳା ସଂରକ୍ଷଣ ବିଲ୍ ଆଣିଥିବା ବେଳେ ସଂଖ୍ୟା ଅଭାବରୁ ଏହା ପାରିତ ହୋଇପାରି ନ ଥିଲା ବୋଲି ଭାଜପା ଅଭିଯୋଗ କରୁଛି। ଏଥିଲାଗି ଭାଜପା ପକ୍ଷରୁ ବିରୋଧୀଙ୍କୁ ଦୋଷ ଦିଆଯାଉଛି। ବିରୋଧୀ ଦଳଗୁଡ଼ିକୁ ଦୋଷ ଦେଇ ଭାଜପା ପକ୍ଷରୁ ଗୁରୁବାର ପ୍ରଦର୍ଶନୀ ପଡ଼ିଆଠାରୁ ମହିଳା ଜନ ଆକ୍ରୋଶ ପଦଯାତ୍ରା କରାଯାଇଥିଲା। ଶାସକ ଦଳର ବହୁ ନେତା ଶତାଧିକ ମହିଳାଙ୍କୁ ସାଙ୍ଗରେ ଧରି ଲୋୟର ପିଏମ୍‌ଜି ପର୍ଯ୍ୟନ୍ତ ଏହି ଜନ ଆକ୍ରୋଶ ପଦଯାତ୍ରା କରିଛନ୍ତି। ଏହିଯାତ୍ରାରେ ସମାଜରୁ ଆସିଥିବା ପ୍ରତ୍ୟେକ ବର୍ଗର ମହିଳା କଳାପଟି ପିନ୍ଧି ଶୋଭାଯାତ୍ରାରେ ସାମିଲ ହୋଇଛନ୍ତି। ଏହି ଅବସରରେ ପଥପ୍ରାନ୍ତ ସଭା ଅନୁଷ୍ଠିତ ହେବା ସହ ବିରୋଧୀ ନେତାଙ୍କ କୁଶପୁତ୍ତଳିକା ଦାହ କରାଯାଇଛି।

ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି, ନାରୀମାନଙ୍କ ପାଇଁ ସଂସଦରେ ଗତ ୧୭ ତାରିଖରେ ଯେଉଁ ଆଲୋଚନା ହୋଇଥିଲା, ତାହା ଦେଶର ଇତିହାସ ବଦଳିଥାନ୍ତା। କଂଗ୍ରେସ ସମେତ ସମସ୍ତ ବିରୋଧୀ ଦଳ ଏହି ବିଲ୍‌କୁ ଅନୁମୋଦନ କରିବାକୁ ଦେଲେ ନାହିଁ, ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ରାହୁଲ ଗାନ୍ଧୀ ଏବଂ ଅନ୍ୟ ଦଳଗୁଡ଼ିକ ଯେଉଁ ଉତ୍ସବ ପାଳନ କଲେ, ତାକୁ ଯେତେ ନିନ୍ଦାକଲେ କମ୍ ହେବ ଏବଂ ଦେଶବାସୀ କେବେହେଲେ କ୍ଷମା ଦେବେ ନାହିଁ। ବିରୋଧୀ ଦଳଙ୍କ ମହିଳା ବିରୋଧୀ ଅଭିମୁଖ୍ୟ ବିରୋଧରେ ରାଜ୍ୟସ୍ତରୀୟ ପଦଯାତ୍ରା ହୋଇଛି। ଆଗାମୀ ଦିନରେ ଏହାକୁ ଜିଲା, ମଣ୍ଡଳ ଓ ବୁଥ୍‌ସ୍ତର ପର୍ଯ୍ୟନ୍ତ ନିଆଯିବ। ମହିଳାମାନଙ୍କୁ ସାମ୍ବିଧାନିକ ସମ୍ମାନଦେବା ପାଇଁ ଶେଷ ପର୍ଯ୍ୟନ୍ତ ଲଢ଼େଇ ଜାରି ରହିବ। ବିରୋଧୀମାନେ ବିଲ୍‌କୁ ପୁଣି ସମର୍ଥନ କରିବାକୁ ବାଧହେବେ ବୋଲି ସେ କହିଛନ୍ତି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ପ୍ରଧାନମନ୍ତ୍ରୀ ଅନେକ ପ୍ରଚେଷ୍ଟା କରୁଛନ୍ତି। ଭାଜପା ସଦାସର୍ବଦା ନାରୀମାନଙ୍କ ସମ୍ମାନ ପାଇଁ ଲଢ଼େଇ କରିଛି। ରାଜନୀତି କ୍ଷେତ୍ରରେ ମହିଳାମାନଙ୍କ ଭାଗୀଦାରିତାକୁ ନାରୀଶକ୍ତି ବନ୍ଦନ ଅଧିନିୟମ ଦୃଢ଼ୀଭୂତ କରିବ। କଂଗ୍ରେସ ଓ ବିଜେଡି ଉଭୟ ମହିଳା ବିରୋଧୀ ବୋଲି ପ୍ରଭାତୀ କହିଛନ୍ତି। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ରବି ନାରାୟଣ ନାଏକ, ନିତ୍ୟାନନ୍ଦ ଗଣ୍ଡ, ଗୋକୁଳାନନ୍ଦ ମଲିକ, ଏମ୍‌ପି ପ୍ରତାପ ଷଡ଼ଙ୍ଗୀ, ଅନିତା ଶୁଭଦର୍ଶିନୀ ପଟ୍ଟନାୟକ, ରାଜ୍ୟ ସାଧାରଣ ସମ୍ପାଦିକା ପୂର୍ଣ୍ଣିମା ନାୟକ, ରାଜ୍ୟ ସମ୍ପାଦିକା ପିଙ୍କି ପ୍ରଧାନଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ଥିଲେ। ପରିଶେଷରେ ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଐଶ୍ୱର୍ଯ୍ୟା ବିଶ୍ୱାଳ ଧନ୍ୟବାଦ ଜ୍ଞାପନ କରିଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୨।୦୪।୨୦୨୬

| | |
|---|---|
| ୪,୭୦,୯୨୭ ଟଙ୍କା | |
| ସୁନା | ୧.୧୦୦ ଗ୍ରାମ୍ |
| ରୁପା | ୧୫ ଗ୍ରାମ୍ |

# ଏସ୍‌ପିଙ୍କୁ ଭେଟିଲା ବିଜେଡି ପ୍ରତିନିଧି ଦଳ

ପୁରୀ,୨୨।୪(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ସାତପଡ଼ା ଫାଣ୍ଡି ଅଞ୍ଚଳରେ ୬ ବର୍ଷର ନାବାଳିକାଙ୍କୁ ଜଣେ ଯୁବକ ବଳାତ୍କାର କରିବା ଘଟଣା ଏବେ ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଛି। ଏଭଳି ଲଜ୍ଜାଜନକ ଘଟଣାକୁ ନେଇ ବିଭିନ୍ନ ମହଲରେ କ୍ଷୋଭ ପ୍ରକାଶ ପାଇଛି। ଦିନକୁ ଦିନ ରାଜ୍ୟରେ ନାରୀ ନିର୍ଯାତନା ବୃଦ୍ଧି ପାଉଥିବା ନେଇ ବିରୋଧୀଙ୍କ ପକ୍ଷରୁ ଅଭିଯୋଗ କରାଯାଉଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଜେଡିର ଏକ ପ୍ରତିନିଧି ଦଳ ବୁଧବାର ଗ୍ରାମରେ ପହଞ୍ଚି ପୀଡ଼ିତାଙ୍କ ପରିବାର ସଦସ୍ୟଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ପ୍ରତିନିଧି ଦଳରେ ବିଜୁ ମହିଳା ଜନତା ଦଳର ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳୀ ରାଜ୍ୟସଭା ସଦସ୍ୟ ସୁଲତା ଦେଓ, କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ, ପୂର୍ବତନ ଏମ୍‌ପି ସର୍ମିଷ୍ଠା ସେଠୀ, ପୂର୍ବତନ ବିଧାୟକ ସଞ୍ଜୟ କୁମାର ଦାସବର୍ମା, ପୁରୀ ଜିଲା ପରିଷଦ ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ, ବ୍ରହ୍ମଗିରି ବ୍ଲକ ଅଧ୍ୟକ୍ଷା ରତ୍ନବାଳା ବେହେରା, ଉପାଧ୍ୟକ୍ଷା ମାଳିନୀ ଦଳାଇ, ଜିଲା ମହିଳା ନେତ୍ରୀ ମାନସୀ ହରିଚନ୍ଦନ, ସସ୍ମିତା ସାହୁ ପ୍ରମୁଖ କୃଷ୍ଣପ୍ରସାଦ ବ୍ଲକ ଗୋରାପୁର ଗ୍ରାମକୁ ଯାଇ ପୀଡ଼ିତାଙ୍କ ଜେଜେ ମା' ଏବଂ ଗ୍ରାମବାସୀଙ୍କୁ ଭେଟି ସେମାନଙ୍କ ସହିତ ଆଲୋଚନା କରିଥିଲେ। ପରେ ପୁରୀ ଜିଲା କୋର୍ଟ ଠାରେ ପୀଡ଼ିତା ଓ ପୀଡ଼ିତାଙ୍କ ପିତାମାତାଙ୍କୁ ଭେଟିବା ପରେ ଟିମ୍‌ର ସଦସ୍ୟ ଏସ୍‌ପିଙ୍କ କାର୍ଯ୍ୟାଳୟକୁ ଯାଇ ଏସ୍‌ପିଙ୍କ ସହ ଆଲୋଚନା କରି ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଅନୁରୋଧ କରିଥିଲେ।



ବିଜେଡି ପ୍ରତିନିଧି ଦଳ ଏସ୍‌ପିଙ୍କୁ ଭେଟି ଫେରୁଛନ୍ତି। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

### ଚିଲିକା ଅଞ୍ଚଳରୁ ଅଭିଯୁକ୍ତଙ୍କୁ ଗିରଫ କଲା ପୋଲିସ

ରାଜ୍ୟସଭା ସଦସ୍ୟ ସୁଲତା ଦେଓ କହିଛନ୍ତି, ରାଜ୍ୟରେ ଦିନକୁ ଦିନ ଆପରାଧିକ ତଥା ନାରୀ ନିର୍ଯାତନା ବଢ଼ିବାରେ ଲାଗିଛି। ବ୍ରହ୍ମଗିରି ଅଞ୍ଚଳରେ ଏଭଳି ଅଭାବନୀୟ ଘଟଣା ଘଟିଥିବା ବେଳେ ବିଧାୟିକା ଭୋଟ ପ୍ରଚାର କରିବା ପାଇଁ ପଶ୍ଚିମବଙ୍ଗରେ ରହିଛନ୍ତି। ସେହିପରି ପୂର୍ବତନ ବିଧାୟକ ସଞ୍ଜୟ ଦାସବର୍ମା କହିଛନ୍ତି, ବିଶ୍ୱ ମାନଚିତ୍ରରେ ବ୍ରହ୍ମଗିରିର ସ୍ୱତନ୍ତ୍ର ପରିଚୟ ରହିଛି। ବର୍ତ୍ତମାନ ଡବଲ ଇଞ୍ଜିନ ସରକାରରେ ନାରୀ ନିର୍ଯାତନ ବୃଦ୍ଧି ପାଇଛି। ବ୍ରହ୍ମଗିରି ଅଞ୍ଚଳରେ ଯେଉଁ ଲଜ୍ଜା ଘଟଣା ଘଟିଛି, ତାହା ଅତ୍ୟନ୍ତ ଲୋମ ଟାଙ୍କୁରା ଓ ନିନ୍ଦନୀୟ। ଜିଲା ପ୍ରଶାସନ ଦୋଷୀଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ଦେବ ବୋଲି ଦାସବର୍ମା କହିଛନ୍ତି। ଘଟଣା ସମ୍ପର୍କରେ ଏସପି ପ୍ରତୀକ ସିଂ କହିଛନ୍ତି, ନାବାଳିକାଙ୍କୁ ବାଳାତ୍କାର ହୋଇଥିବା ନେଇ ଅଭିଯୋଗ ହୋଇଛି। ପରେ ପୀଡ଼ିତାଙ୍କୁ ଚିକିତ୍ସା ଯୋଗାଇଦେବା ସହ ୨୦ ତାରିଖରେ ଏକ ମାମଲା ରୁଜୁ କରାଯାଇଥିଲା। ଆଇନ ଅନୁଯାୟୀ ପୀଡ଼ିତାଙ୍କୁ ସହଯୋଗ କରାଯିବା ସହ ଷ୍ଟେଟମେଣ୍ଟ ରେକର୍ଡ କରାଯାଇଛି। ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସର ଏକ ଟିମ୍ ଗଠନ କରାଯାଇଥିଲା। ଅଭିଯୁକ୍ତକୁ ପୋଲିସ ଚିଲିକା ଅଞ୍ଚଳରୁ ଗିରଫ କରିଛି। ତଦନ୍ତ ଶୀଘ୍ର ଶେଷ କରି ଚାର୍ଜସିଟ୍ କରାଯିବ ବୋଲି ଏସ୍‌ପି କହିଛନ୍ତି।

# କାଜୁମଞ୍ଜି ସଂଗ୍ରହକୁ ନେଇ ଯୁବକଙ୍କୁ ଆକ୍ରମଣ

କୋଣାର୍କ,୨୨।୪(ଜ୍ୟୋତିରାଜ ମହାନ୍ତି)

### ଏତଲା ସତ୍ତ୍ୱେ ପୋଲିସ ଚୁପ୍, ଏସ୍‌ପିଙ୍କୁ ଅଭିଯୋଗ ପରେ ମାମଲା ରୁଜୁ

କୋଣାର୍କ ଥାନା ଅଧୀନ କୁରୁଜଙ୍ଗ ପଞ୍ଚାୟତର କୁରୁଜଙ୍ଗ ଗ୍ରାମର ଜଣେ ବ୍ୟକ୍ତି ଜଙ୍ଗଲରୁ କାଜୁମଞ୍ଜି ସଂଗ୍ରହ କରୁଥିବା ବେଳେ ସେହି ଗ୍ରାମର ୨ ଯୁବକ ତାଙ୍କୁ ଆକ୍ରମଣ କରିଥିବା ନେଇ କୋଣାର୍କ ଥାନାରେ ଲିଖିତ ଅଭିଯୋଗ ହୋଇଛି।

ସୂଚନାଯୋଗ୍ୟ, କୋଣାର୍କ ଥାନା ଅଧୀନସ୍ଥ କୁରୁଜଙ୍ଗ ଗ୍ରାମର ରମେଶ ଚନ୍ଦ୍ର ସ୍ୱାଇଁ ବୁଧବାର ସକାଳେ ନିଜ ଜଙ୍ଗଲରୁ କାଜୁମଞ୍ଜି ସଂଗ୍ରହ କରୁଥିଲେ। ସେହି ସମୟରେ ଉକ୍ତ ଗ୍ରାମର ଭବାନୀ ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବା ପାଇଁ ଧମକ ଚମକ ଦେବା ସହ ତଣ୍ଟିକୁ ଚିପି ଛାତିକୁ ଗୋଇଠା ମାରିଥିଲେ। ଫଳରେ ରମେଶ ତଳେ ପଡ଼ିଯିବାରେ ଅଜିତ୍ ନାମକ ଅନ୍ୟ ଜଣେ ଯୁବକ ତାଙ୍କୁ ଏକ କଟୁରି ସାହାଯ୍ୟରେ ମରଣାନ୍ତକ ଆକ୍ରମଣ କରିଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି। ଏହି ଆକ୍ରମଣରେ ରମେଶଙ୍କ ଡାହାଣ ହାତ ଆଙ୍ଗୁଠିରେ ଗଭୀର ଆଘାତ ଲାଗି ପ୍ରବଳ ରକ୍ତସ୍ରାବ ହେବା ସହ ନାକଦଣ୍ଡା ଓ କାନମୁଣ୍ଡାରେ ଗଭୀର ଆଘାତ ଲାଗିଛି। ଏହି ଘଟଣାକୁ ନେଇ କୋଣାର୍କ ପୋଲିସ ମାମଲା ରୁଜୁ କରିବା ବଦଳରେ ଶିଥିଳତା ନୀତି ଅବଲମ୍ବନ କରିଥିଲା। ନ୍ୟାୟ ପାଇବା ପାଇଁ ଅଭିଯୋଗକାରୀ ରମେଶ ପୁରୀ ଏସ୍‌ପିଙ୍କ ଅଭିଯୋଗ ପ୍ରକୋଷ୍ଠରେ ଲିଖିତ ଅଭିଯୋଗ କରିଥିଲେ। ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ଏସ୍‌ପି ପ୍ରତୀକ ସିଂ ଅଭିଯୋଗ ଆଧାରରେ ମାମଲା ରୁଜୁ କରିବା ପାଇଁ କୋଣାର୍କ ଥାନାଧିକାରୀ ପ୍ରଶାନ୍ତ କୁମାର ପଡ଼ିଆରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ କୋଣାର୍କ ଥାନାଧିକାରୀ ପଡ଼ିଆରୀ କହିଛନ୍ତି, ଅଭିଯୋଗ ଆଧାରରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ଏହି ଆକ୍ରମଣରେ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରାଯାଇ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ସଂକ୍ଷେପରେ

### ଗାଡ଼ି ଧକ୍କାରେ ହରିଣ ମୃତ

କୋଣାର୍କ,୨୨।୪(ଜ୍ୟୋତିରାଜ ମହାନ୍ତି): କୋଣାର୍କ-କାକଟପୁର ପୂର୍ତ୍ତ ବିଭାଗ ରାସ୍ତାର ହାତୀମଲା ଛକ ସ୍ଥିତ ଅଘୋର ଆଶ୍ରମ ଠାରେ ଗାଡ଼ି ଧକ୍କାରେ ଏକ ହରିଣର ମୃତ୍ୟୁ ଘଟିଛି। ଏନେଇ ପଶୁପ୍ରେମୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, କୋଣାର୍କ ବାଲୁଖଣ୍ଡ ଅଭୟାରଣ୍ୟ ଜଙ୍ଗଲରେ ଆଶାତୀତ ଭାବେ ହରିଣଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଖାଦ୍ୟ ଅନ୍ୱେଷଣରେ ଆସି ବୁଲା କୁକୁର, ଶିକାରୀ ଓ ସଡ଼କ ଦୁର୍ଘଟଣାରେ ଶତାଧିକ ହରିଣଙ୍କ ମୃତ୍ୟୁ ଘଟିଥିବା ନଜିର ରହିଛି। ବୁଧବାର ଜମରା ସଂରକ୍ଷିତ ଜଙ୍ଗଲରୁ ରାସ୍ତାପାର ହେଉଥିବା ବେଳେ ଏକ ଅଜଣା ଗାଡ଼ି ଧକ୍କାରେ ହରିଣର ମୃତ୍ୟୁ ଘଟିଛି। ଖବରପାଇ କୋଣାର୍କ ବନାଞ୍ଚଳ ଅଧିକାରୀ ସୁଦର୍ଶନ ଦେହୁରୀଙ୍କ ନିର୍ଦ୍ଦେଶକ୍ରମେ ଫରେଷ୍ଟର କାର୍ତ୍ତିକେଶ୍ୱର ମୁଣ୍ଡା ଓ ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମୃତ ହରିଣର ମୃତଦେହ ଜବତ କରି କୋଣାର୍କ ବନବିଭାଗ କାର୍ଯ୍ୟାଳୟକୁ ଆଣିଥିଲେ। ସେଠାରେ କୋଣାର୍କ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ଦ୍ୱାରା ମୃତ ହରିଣଟିର ଶବ ବ୍ୟବଚ୍ଛେଦ କରାଯିବା ପରେ ବନବିଭାଗ ଅଫିସ୍ ପରିସରରେ ପୋତି ଦିଆଯାଇଥିଲା। ଏ ସମ୍ପର୍କରେ କୋଣାର୍କ ବନାଞ୍ଚଳ ଅଧିକାରୀ ସୁଦର୍ଶନ ଦେହୁରୀ କହିଛନ୍ତି, ହରିଣଟି ଜଙ୍ଗଲରୁ ବାହାରି ଆରପଟେ ଥିବା ଜମରା ସଂରକ୍ଷିତ ଜଙ୍ଗଲକୁ ଯିବା ପାଇଁ ରାସ୍ତାପାର ହେଉଥିବା ବେଳେ ଅଜଣା ଗାଡ଼ି ଧକ୍କାରେ ମୃତ୍ୟୁ ଘଟିଛି। ଏ ନେଇ ବନବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି ବୋଲି ବନାଞ୍ଚଳ ଅଧିକାରୀ ଦେହୁରୀ ପ୍ରକାଶ କରିଛନ୍ତି।

### ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

ଅସ୍ତରଙ୍ଗ,୨୨।୪(ମମତା ଜେନା): ଅସ୍ତରଙ୍ଗ ସୁରେନ୍ଦ୍ର ନାଥ ବିଦ୍ୟାପୀଠର ହିନ୍ଦି ଶିକ୍ଷକ ବିଚିତ୍ରାନନ୍ଦ ବିଶ୍ୱାଳଙ୍କ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ପ୍ରଧାନଶିକ୍ଷକ ଶୁଭେନ୍ଦୁ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧିନ କୁମାର ନାୟକ ଯୋଗଦେଇ ଉଦ୍‌ଘାଟନ କରିଥିବା ବେଳେ ସମ୍ମାନୀତ ଅତିଥି ଭାବେ ପୂର୍ବତନ ପ୍ରଧାନଶିକ୍ଷକ ପ୍ରମୋଦ ନାୟକ, ଅଶୋକ ମହାରଣା, ରାମଚନ୍ଦ୍ର ସ୍ୱାଇଁ, ସମାଜସେବୀ ଦୁଷ୍ମନ୍ତ କୁମାର ବେହେରା, ପୂର୍ବତନ ସମ୍ପାଦକ ପ୍ରଫୁଲ୍ଲ କୁମାର ନାୟକ, ସରପଞ୍ଚ ଯଶୋବନ୍ତ ନାୟକ, ଶିକ୍ଷକ ନେତା ବିପିନ ମହାନ୍ତି, ଅତିରିକ୍ତ ଶିକ୍ଷାଧିକାରୀ, ପ୍ରିୟଦର୍ଶୀ ବିଶାଳ ପ୍ରମୁଖ ଉପସ୍ଥିତ ଥିଲେ। ପୁରାତନ ଛାତ୍ର, ଶିକ୍ଷକଗଣ, ଅଭିଭାବକ ସଂଘ ପକ୍ଷରୁ ବିଦାୟୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।





ପୁରୀ ବ୍ଲୁ ଫ୍ଲାଗ୍ ବିଚ୍‌ଠାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କୋଷ୍ଟାଲ ଟ୍ରେକିଂ ମାରାଥନ୍ ଅବସରରେ ଅନୁଷ୍ଠିତ ବାଲୁକା କଳାକୁ ଦେଖୁଛନ୍ତି।

## ମେଳଣରେ ବୋମା ଫୁଟିବା ଘଟଣା ସମ୍ପୂର୍ଣ୍ଣ ମିଥ୍ୟା

ବଳଙ୍ଗା,୨୨।୪(କେଦାରେଶ୍ୱର ନନ୍ଦ): ବଳଙ୍ଗା ଥାନା ଅନ୍ତର୍ଗତ ମାଳସାହି ଗ୍ରାମରେ ମଙ୍ଗଳବାରଠାରୁ ଶୁକ୍ରବାର ପର୍ଯ୍ୟନ୍ତ ମେଳଣ ଅନୁଷ୍ଠିତ ହେଉଛି। ଗ୍ରାମାଞ୍ଚଳଗୁଡ଼ିକରେ ମେଳଣ ଶୋଭାଯାତ୍ରାରେ ପରମ୍ପରା ଅନୁସାରେ ଆତସବାଜି କାର୍ଯ୍ୟକ୍ରମ ହେଉଥିବା ବେଳେ ମଙ୍ଗଳବାର ମେଳଣରେ କିଛି ଆତସବାଜି କମିଟି ପକ୍ଷରୁ ଫୁଟାଯାଇଥିଲା। ଏହି ଆତସବାଜି ଫୁଟାଯିବାକୁ ନେଇ କେତେଜଣ ମେଳଣରେ ବୋମା ମାଡ଼ ହେବା ନେଇ ପ୍ରଚାର କରିଥିଲେ। ଏହାକୁ ନେଇ ବୁଧବାର ମେଳଣ କମିଟି ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ପରେ ଅପପ୍ରଚାର କରିଥିବା ବ୍ୟକ୍ତିଙ୍କ ବିରୋଧରେ ମେଳଣ କମିଟି ପକ୍ଷରୁ ବଳଙ୍ଗା ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଅଭିଯୋଗ ଆଧାରରେ ବଳଙ୍ଗା ଥାନା ଆଇଆଇସି ସସ୍ମିତା ସାହୁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମେଳଣ କମିଟି ଓ ଗ୍ରାମବାସୀଙ୍କୁ ପଚରାଉଚରା କରିଥିଲେ। ବୋମା ଫୁଟିବା ଘଟଣା ସମ୍ପୂର୍ଣ୍ଣ ମିଥ୍ୟା ଓ କିଛି ଗୋଷ୍ଠୀଙ୍କର ଏହା ଏକ ଚକ୍ରାନ୍ତ ବୋଲି ସେମାନେ ପୋଲିସ ଆଗରେ ବୟାନ ଦେଇଥିଲେ। ଘଟଣା ସମ୍ପର୍କରେ ଆଇଆଇସି ସାହୁ କହିଛନ୍ତି, ଏଭଳି କୌଣସି ପ୍ରାମାଣିକ ତଥ୍ୟ ପୋଲିସର ପ୍ରାଥମିକ ତଦନ୍ତରୁ ମିଳିନାହିଁ। ଯଦି ତଦନ୍ତ ସମୟରେ ଏଭଳି କୌଣସି ତଥ୍ୟ, ପ୍ରମାଣ ମିଳେ ତେବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# କେରେଣ୍ଡିଆପାଳରେ ନିଆରା ପରମ୍ପରା ଘୋଡ଼ାନାଚ

ଅସ୍ତରଙ୍ଗ, ୨୨।୪(ମମତା ଜେନା)

ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ କେରେଣ୍ଡିଆପାଳ ଗ୍ରାମରେ ନିଆରା ପରମ୍ପରା ଚଇତି ଘୋଡ଼ାନାଚ ଅନୁଷ୍ଠିତ ହୋଇଛି। 'ସଂସ୍କୃତି ବଞ୍ଚିଲେ ସଭ୍ୟତା ବଞ୍ଚିବ' ଏହି ସଂସ୍କୃତିକୁ ପ୍ରଚାର ପ୍ରସାର କରିବା ପାଇଁ କେରେଣ୍ଡିଆପାଳର ଯୋଗେନ୍ଦ୍ର ମାହାରୀଙ୍କ ଉଦ୍ୟମରେ ଚଇତି ଘୋଡ଼ାନାଚ ବାଜପୁର ସାତଖଣ୍ଡି ପାଟଣାରେ ପରିବେଷଣ କରାଯାଇଛି। ପ୍ରତିବର୍ଷ ଚୈତ୍ରମାସରେ ଏହି ଘୋଡ଼ାନାଚ ଆରମ୍ଭ ହୋଇଥାଏ । ମାସ ମାସ ଧରି ବିଭିନ୍ନ ଗ୍ରାମରେ ଯୋଗେନ୍ଦ୍ରଙ୍କ ପରିଚାଳନାରେ ସାଥୀମାନଙ୍କ ସହ ଏହି ପରମ୍ପରା ଚାଲୁ ରହିଥାଏ। ଏଭଳି ନିଆରା ପରମ୍ପରାକୁ ଗାଁଗୁଡ଼ିକରେ ବୁଦ୍ଧିଜୀବୀମାନେ ପ୍ରଶଂସା କରିଥାନ୍ତି। ଏଭଳି ନିଆରା କାର୍ଯ୍ୟକ୍ରମ ଆଗାମୀ ପିଢ଼ିକୁ ଉତ୍ସାହିତ କରିବ ବୋଲି ଯୋଗେନ୍ଦ୍ର ପ୍ରକାଶ କରିଛନ୍ତି ।

# ଗାଁ ଅର୍ଥନୀତିର ମେରୁଦଣ୍ଡ ସାପ୍ତାହିକ ହାଟ



ଅସ୍ତରଙ୍ଗ,୨୨।୪(ପ୍ରଦୀପ୍ତ କୁମାର ଦୀକ୍ଷିତ)

### ମଲ୍, ଅନ୍‌ଲାଇନ୍ ଯୁଗରେ ବି ପଛରେ ପଡ଼ିନି

ସ୍ମାର୍ଟ ଯୁଗରେ ବି କମିନି ଗାଁ ହାଟର ଚାହିଦା। ଲୋକେ ମଲ୍‌ରୁ କିମ୍ବା ଅନ୍‌ଲାଇନ୍‌ରୁ ଶପିଙ୍ଗ୍ ଠାରୁ ଆହୁରି ସୁବିଧାରେ ଅସ୍ତରଙ୍ଗ ମୁଖ୍ୟ ବଜାର ସାପ୍ତାହିକ ହାଟରୁ ସେମାନଙ୍କ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପାଇପାରୁଛନ୍ତି। ଏଥିପାଇଁ ବେଶି ବାଟ ବି ସେମାନଙ୍କୁ ଯିବାକୁ ପଡୁନି। ଲୋକଙ୍କ କର୍ମମୟ ଜୀବନକୁ ଲକ୍ଷ୍ୟକରି ଏହି ହାଟ ବସୁଛି। ହାଟ ଉପରେ ନିର୍ଭରକରି ଅନେକ ସ୍ଥାନୀୟ ବ୍ୟବସାୟୀ ନିଜର ଗୁଜରାଣ ମେଣ୍ଟାଉଛନ୍ତି। ଅସ୍ତରଙ୍ଗରେ ସାପ୍ତାହିକ ହାଟ ମଙ୍ଗଳବାର ଓ ଶନିବାର ହେଉଥିବା ବେଳେ ଲୋକମାନେ ଘରକୁ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ କିଣିନେଇଥାନ୍ତି। ଖାଲି ଏତିକି ନୁହେଁ, ଗାଁ ଲୋକେ ନିଜ ବିଲବାଡ଼ିରୁ ଅମଳ କରୁଥିବା ଫସଲ ଅସ୍ତରଙ୍ଗ ହାଟରେ ବସି ବିକ୍ରି କରୁଥିବାରୁ ଅନେକ ଚାଷୀଙ୍କୁ ଶାଗମାଛ ଦରରେ ବେପାରୀଙ୍କୁ ବିକ୍ରି କରିବାକୁ ପଡୁନି। ଏହାଦ୍ୱାରା ଗାଁର ଅର୍ଥନୀତି ବି ସୁଦୃଢ଼ ହେଉଛି। ଅସ୍ତରଙ୍ଗ ବ୍ଲକର ୧୫ ପଞ୍ଚାୟତ ସମେତ ଆଖପାଖ ବ୍ଲକର ଲୋକେ ମଧ୍ୟ ଏହି ହାଟ ଉପରେ ନିର୍ଭର କରିଥାନ୍ତି। ଏହି ହାଟ ସ୍ଥାନୀୟ ଲୋକଙ୍କ ଚାହିଦା ମେଣ୍ଟାଇବା ସହ ଭଲ ରୋଜଗାରର ମାଧ୍ୟମ ସାଜୁଛି। ମୁଖ୍ୟତଃ ମଙ୍ଗଳବାର ଓ ଶନିବାର ସକାଳୁ ସକାଳୁ ପ୍ରସିଦ୍ଧି ଲାଭ କରିଥିବା ଅସ୍ତରଙ୍ଗ ଶୁଖୁଆ ହାଟରେ ଶୁଖୁଆ ପାଇଁ କେଉଁ ଦୂରଦୂରାନ୍ତରୁ ଲୋକେ ଶୁଖୁଆ ନେବା ପାଇଁ ଆସିଥାନ୍ତି। ହାଟ ବସୁଥିବା ଉକ୍ତ ସ୍ଥାନଗୁଡ଼ିକୁ ପଞ୍ଚାୟତ ପକ୍ଷରୁ ଯଦି ଅତ୍ୟାଧୁନିକ ସୌନ୍ଦର୍ଯ୍ୟକରଣ କରାଯିବା ସହ ବେପାରୀ ଓ ଚାଷୀ ବସୁଥିବା ସ୍ଥାନକୁ ଉନ୍ନତୀକରଣ କରିବା ସହ ସାମଗ୍ରୀ ସୁରକ୍ଷିତ ରଖିବା ପାଇଁ ବ୍ୟବସ୍ଥା କରାଯାଆନ୍ତା, ଧୀରେ ଧୀରେ ବ୍ୟବସାୟୀଙ୍କ ସଂଖ୍ୟା ଆଶାନୁରୂପ ଭାବେ ବୃଦ୍ଧି ପାଆନ୍ତା। ଏହାସହ କିଛି ବ୍ୟକ୍ତିବିଶେଷ ବେଆଇନ ଭାବେ ଯେଉଁ ଚାନ୍ଦା ଆଦାୟ କରୁଛନ୍ତି, ସେଥିରେ ରୋକ୍ ଲଗାଇବାକୁ ବ୍ୟବସାୟୀ ଦାବି କରିଛନ୍ତି।

### ଦିବାରାତ୍ର କ୍ରିକେଟ୍ ଟୁର୍ନାମେଣ୍ଟ

# ରାଇଜିଂ ଷ୍ଟାର ଚାମ୍ପିୟନ

ବଳଙ୍ଗା,୨୨।୪(କେଦାରେଶ୍ୱର ନନ୍ଦ)

ବଳଙ୍ଗା ଥାନା ଅନ୍ତର୍ଗତ ବାମନାଳ ପଞ୍ଚାୟତ ଅଧୀନ ବଡ଼ନିମିଗାଁ ଛକଠାରେ ଚକାଡୋଳା କ୍ରିକେଟ କ୍ଲବ ପକ୍ଷରୁ ଗ୍ରାମରେ ଥିବା ସ୍କୁଲ ପଡ଼ିଆରେ ଅନୁଷ୍ଠିତ ୩ଦିନିଆ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବଡ଼ନିମିଗାଁ, ରାଇଜିଂ କିଙ୍ଗ, ସାଇନିଙ୍ଗ ଷ୍ଟାର୍, ରିଭେଞ୍ଜ ୱାରିଅର, ରାଇଜିଙ୍ଗ୍ ଷ୍ଟାର, ରିଅଲ ହିରୋ, ବି.ବି.ଟାଇଗର, ଏମ୍‌ସିସି କ୍ଲବ ଭଳି ୮ଟି ଦଳ ଭାଗ ନେଇଥିବା ବେଳେ ୫ଟି ପଞ୍ଚାୟତରୁ ପ୍ରାୟ ୨୦୦ ଜଣ ଖେଳାଳି ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିଲେ।

ଫାଇନାଲ ମ୍ୟାଚରେ ରାଇଜିଙ୍ଗ ଷ୍ଟାର ଓ ସାଇନିଙ୍ଗ ଷ୍ଟାର୍ ପରସ୍ପରକୁ ଭେଟିଥିଲେ। ୭ ଓଭର ବିଶିଷ୍ଟ ମ୍ୟାଚ୍‌ରେ ସାଇନିଙ୍ଗ ଷ୍ଟାର୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୪୫ ରନ୍ କରିଥିଲା। ଏହାର ଜବାବରେ ରାଇଜିଙ୍ଗ ଷ୍ଟାର ୩ ୱିକେଟରେ ୪୬ ରନ୍ ସଂଗ୍ରହ କରି ବିଜୟୀ ହୋଇଛି। ଛୋଟୁ ମଲ୍ଲିକ ମ୍ୟାନ୍ ଅଫ ଦି ମ୍ୟାଚ ହୋଇଥିଲେ। ଏହି ଅବସରରେ ୧୮ ନମ୍ବର ଜୋନ୍ ଭାଜପା ମଣ୍ଡଳ ସଭାପତି ଦେବାଶିଷ ଆଚାର୍ଯ୍ୟ, ନିମାପଡ଼ା ପ୍ରେସ କ୍ଲବ ସଭାପତି ଅକ୍ଷୟ ବେହେରା, ଚିତ୍ତରଞ୍ଜନ ଦାଶ, ସନ୍ଦୀପ ନାରାୟଣ ଦାଶ,ସରପଞ୍ଚ ସୁରେନ୍ଦ୍ର ସ୍ୱାଇଁ, ପୂର୍ବତନ ସମିତି ସଭ୍ୟ ଦୀପକ ଦାସ, କାଳନ୍ଦୀ ଛାଟୋଇ, ପର୍ଶୁରାମ ରାଉତ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଡ୍ୟାମ୍ପିଂ ଅମ୍ପିଆର ଏସ୍ କେ ମହାପାତ୍ର, ଚିତ୍ତରଞ୍ଜନ ଗଡ଼ନାୟକ ମ୍ୟାଚ ପରିଚାଳନା କରିଥିଲେ। ବିଜେତା ଦଳକୁ ୨୬ ହଜାର ଟଙ୍କା ସହ ଟ୍ରଫି ଓ ହାରିଥିବା ଦଳକୁ ୨୨ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା।

# ୩ଶହ ଚାଷୀଙ୍କୁ କିଟ୍, ଧାନ ବିହନ ବଣ୍ଟନ

ନିମାପଡ଼ା,୨୨।୪(ବିଚିତ୍ରାନନ୍ଦ ସାହୁ)

ଭାରତୀୟ ଧାନ ଗବେଷଣା କେନ୍ଦ୍ର ହାଇଦ୍ରାବାଦ ଓ ନିମାପଡ଼ାସ୍ଥିତ ଲ୍ୟାଣ୍ଡରେସ୍ ଫାର୍ମିଙ୍ଗ ପକ୍ଷରୁ ମୃତ୍ତିକା ସ୍ୱାସ୍ଥ୍ୟ ସମ୍ପର୍କିତ ଏକ ପ୍ରଶିକ୍ଷଣ ଶିବିର ଓ ଧାନବିହନ, କିଟ୍ ବଣ୍ଟନ କାର୍ଯ୍ୟକ୍ରମ ନିମାପଡ଼ା ଟାଉନ୍ ହଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ, ଏନ୍‌ଏସି ଉପାଧ୍ୟକ୍ଷ ସନ୍ତୋଷ କୁମାର ଦାଶ, କୃଷି ବୈଜ୍ଞାନିକ ଡ. ଶୁଭାଶିଷ ବଳ, ବରିଷ୍ଠ କୃଷକ ଦିଲୀପ କୁମାର ବରାଳ, ବହୁ କୃଷି ବୈଜ୍ଞାନିକ ପ୍ରମୁଖ ଯୋଗଦେଇ ଶିବିରର ଲକ୍ଷ୍ୟ, ଉଦ୍ଦେଶ୍ୟ, ତାତ୍ପର୍ଯ୍ୟ, ମୃତ୍ତିକା ସ୍ୱାସ୍ଥ୍ୟ ପରୀକ୍ଷା, କିଟ୍‌ର ବ୍ୟବହାର, ଉତ୍ତମ ଜ୍ଞାନକୌଶଳ ପ୍ରଦାନ, ମଧୁମେହବିହୀନ ଧାନଚାଷ ଓ ବିହନ ବଣ୍ଟନ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ନିମାପଡ଼ା ବ୍ଲକର ବିଭିନ୍ନ ପଞ୍ଚାୟତର ପ୍ରାୟ ୩ଶହ ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ ପରୀକ୍ଷା ସମ୍ପର୍କିତ କିଟ୍ ଓ ଧାନ ବିହନ ବଣ୍ଟନ କରାଯାଇଥିଲା।



ପ୍ରଶିକ୍ଷଣ ଓ କିଟ୍ ବଣ୍ଟନ ଶିବିରରେ ମଞ୍ଚାସୀନ ଅତିଥିବୃନ୍ଦ।

# କାର୍ଯ୍ୟାନୁଷ୍ଠାନ ଦାବିକଲା ପୁରାତନ ଛାତ୍ର ସଂସଦ

ପୁରୀ,୨୨।୪(ଅଜିତ୍ କୁମାର ମହାନ୍ତି)

### ଭୋଲାନାଥ ବିଦ୍ୟାଳୟରେ ଭୋଜି ଘଟଣା

ଭୋଲାନାଥ ବିଦ୍ୟାପୀଠ ହାଇସ୍କୁଲ ପରିସରରେ ପୁରାତନ ଛାତ୍ର ସଂସଦ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ଡ. ତ୍ରିଲୋଚନ ବରାଳ, ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ସୁରେନ୍ଦ୍ର ନାଥ ଦାଶ, କାର୍ଯ୍ୟକାରୀ ସମ୍ପାଦକ ବିଶ୍ୱନାଥ ଦାଶ, କୋଷାଧ୍ୟକ୍ଷ ସଂଗ୍ରାମ କେଶରୀ ମିଶ୍ର, ହରିହର ପାଢ଼ୀ, ଦିଲ୍ଲୀପ କୁମାର ବଳ, ସୋମନାଥ ବେହେରା ପ୍ରମୁଖ ଉପସ୍ଥିତ ରହି କିଛିଦିନ ପୂର୍ବରୁ ଭୋଲାନାଥ ବିଦ୍ୟାପୀଠ ହାଇସ୍କୁଲ ପରିସରରେ ହୋଇଥିବା ଭୋଜି ସମ୍ପର୍କରେ ସୂଚନା ଦେଇଥିଲେ। ବିଦ୍ୟାଳୟର ଜଣେ ପୁରାତନ ଛାତ୍ର ସଂସଦ କର୍ମକର୍ତ୍ତା ଯିଏ ବିଦ୍ୟାଳୟରେ ବିନା ଅନୁମତିରେ ବନ୍ଧୁମିଳନ କାର୍ଯ୍ୟକ୍ରମ କରିଥିଲେ। ଏହି ଘଟଣାର ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ପୁରାତନ ଛାତ୍ର ସଂସଦ ଖବରଦାତା ସମ୍ମିଳନୀ ମାଧ୍ୟମରେ ଦାବି କରିଛି।

ଅପରପକ୍ଷରେ ଉକ୍ତ ଘଟଣାକୁ ନେଇ ଜଣେ ପୁରାତନ ଛାତ୍ର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଉକ୍ତ ଘଟଣାରେ ପୁରାତନ ଛାତ୍ର ସଂସଦ ପକ୍ଷରୁ ଥାନାରେ ଏତଲା ଦେବା ନେଇ କିଛି ନିର୍ଦ୍ଦିଷ୍ଟ ନିଷ୍ପତ୍ତି ନିଆଯାଇ ନ ଥିଲା ବୋଲି ସୂଚନା ଦେଇଛନ୍ତି। ସେହିପରି ଶ୍ରୀକ୍ଷେତ୍ର ପୁସ୍ତକମେଳା ସମାପ୍ତ ହୋଇଥିଲେ ମଧ୍ୟ ବିଦ୍ୟାଳୟ ପରିସରରେ ଆବର୍ଜନା ସଫା ହୋଇ ନ ଥିବା ଯୋଗୁ ପରିମଳ ସମସ୍ୟା ସୃଷ୍ଟି କରୁଛି। ଭବିଷ୍ୟତରେ ଯେପରି ଏଭଳି କୌଣସି କାର୍ଯ୍ୟକ୍ରମ ନହେବ ସେଥିପାଇଁ କାର୍ଯ୍ୟକାରୀ ଓ ଜେନରାଲ ବଡି ମିଟିଂ ଡକାଯାଇ ଆଲୋଚନା ହେବା ସହ ପଦକ୍ଷପ ନିଆଯିବ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ପୁରାତନ ଛାତ୍ର ସଂସଦର କର୍ମକର୍ତ୍ତାମାନେ।

# ବ୍ଲକ ସମ୍ମୁଖରୁ ଉଚ୍ଛେଦହେଲା ଜବରଦଖଲ

### ବ୍ଲକର ସୌନ୍ଦର୍ଯ୍ୟକରଣ, ମହିଳା ସଶକ୍ତୀକରଣ ସରକାରଙ୍କ ମୂଳଲକ୍ଷ୍ୟ

ଗୋପ,୨୨।୪(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ବ୍ଲକ ଏକ ପୁରାତନ ବ୍ଲକ। ଏହି ବ୍ଲକକୁ ସରସ, ସୁନ୍ଦର କରିବା ସହିତ ମହିଳାଙ୍କୁ କିପରି ଭାବେ ସ୍ୱାବଲମ୍ବୀ କରାଯିବ ସେ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ବୁଧବାର ଗୋପ ତହସିଲ୍‌ଦାର ଓ ବିଡିଓ ଦାୟିତ୍ୱରେ ଥିବା ସୂର୍ଯ୍ୟ ଶଙ୍କର ଦାଶ ଗୋପ ବ୍ଲକ ସମ୍ମୁଖରେ ଥିବା କେତେକ ଜବରଦଖଲକାରୀଙ୍କ ଦୋକାନ ଗୃହକୁ ଉଚ୍ଛେଦ କରିଛନ୍ତି। କିଛିଦିନ ହେବ ଏହି ଜବରଦଖଲ ଉଚ୍ଛେଦ ହେବା ଲାଗି ନୋଟିସ୍ ଜାରି କରାଯାଇଥିଲା।

ସୂଚନାଯୋଗ୍ୟ, ରାଜ୍ୟ ସରକାର ସରକାରୀସ୍ତରରେ ମହିଳା ସଶକ୍ତୀକରଣ ଉପରେ ଗୁରୁତ୍ୱ ଦେବା ସହ ସାଧାରଣ ଲୋକଙ୍କ ସମସ୍ୟା ଉପରେ ଗୁରୁତ୍ୱ ଦେଉଛନ୍ତି। ଏଥିସହ ସରକାରୀ କାର୍ଯ୍ୟାଳୟର ସୌନ୍ଦର୍ଯ୍ୟକରଣ ଉପରେ ମଧ୍ୟ ଦୃଷ୍ଟି ଦେଉଛନ୍ତି। ଏଥିପାଇଁ ମଧ୍ୟ ସରକାର ଗୋପ ବ୍ଲକ ପରିସରରେ ଥିବା ପୁରାତନ ପରିତ୍ୟକ୍ତ ଗୃହଗୁଡ଼ିକ ଭାଙ୍ଗି ନୂତନ ଗୃହ ନିର୍ମାଣ ସହିତ ଜବରଦଖଲମୁକ୍ତ କରିବା ପାଇଁ ନିର୍ଦ୍ଦେଶ ରହିଥିଲା। ଏହି ନିର୍ଦ୍ଦେଶ ଅନୁସାରେ ବିଡିଓ ଦାୟିତ୍ୱରେ ଥିବା ତହସିଲଦାର ସୂର୍ଯ୍ୟ ଶଙ୍କର ଦାଶ କିଛି ଦିନ ଧରି ବ୍ଲକ ଜମି ମାପଚୁପ ପାଇଁ ନିର୍ଦ୍ଦେଶ ଦେଇଥିଲେ। ମାପଚୁପ ପରେ ଆଜି ଏପରି ଉଚ୍ଛେଦ ପ୍ରକ୍ରିୟା କରାଯାଇଥିଲା। ବ୍ଲକକୁ ଅଧିକ ସୌନ୍ଦର୍ଯ୍ୟକରଣ କରିବା ସହ ବ୍ଲକ ସମ୍ମୁଖରେ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ଦୋକାନ ଗୃହ ଓ କେତେକ ସ୍ଥାନରେ ପାଇଖାନା, ପରିସ୍ରାଗାର ନିର୍ମାଣ କରାଯିବ ବୋଲି ଜଣାପଡ଼ିଛି। ଏହି ଉଚ୍ଛେଦ ସମୟରେ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଅଶୋକ କୁମାର ପୃଷ୍ଟି, ସହକାରୀ ଯନ୍ତ୍ରୀ ଭବାନୀ ଶଙ୍କର ପୋଥାଳଙ୍କ ସହିତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ତହସିଲ୍‌ଦାର ସୂର୍ଯ୍ୟ ଶଙ୍କର ଦାଶ କହିଛନ୍ତି, ବ୍ଲକକୁ କିପରି ସରସ ସୁନ୍ଦର ଓ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ସହ ବ୍ଲକ ଜମିକୁ ଜବରଦଖଲମୁକ୍ତ କରିବା ମୂଳଲକ୍ଷ୍ୟ।



# ପଳାଶୁଣୀ ଗଙ୍ଗୁଆ ଓଭରବ୍ରିଜ୍‌ରେ ଜଳିଗଲା ଟ୍ରକ୍



ପଳାଶୁଣୀ ଗଙ୍ଗୁଆ ଓଭରବ୍ରିଜ୍ ଉପରେ ଜଳିଯାଇଥିବା ଟ୍ରକ୍।



ଟ୍ରକ୍‌ରେ ନିଆଁ ଲାଗିବା ପରେ ରାସ୍ତାର ଗୋଟିଏ ପାର୍ଶ୍ୱରେ ଚଳାଚଳ ବନ୍ଦ ହୋଇପଡ଼ିବାରୁ ସୃଷ୍ଟ ଟ୍ରାଫିକ୍ ଜାମ୍।

ଭୁବନେଶ୍ୱର, ୨୨।୪(ପ୍ରସନଜିତ୍ ସାହୁ)

ଭୁବନେଶ୍ୱର ପଳାଶୁଣୀ ଗଙ୍ଗୁଆ ଓଭରବ୍ରିଜ୍ ଉପରେ ବୁଧବାର ଅପରାହ୍ନରେ ଏକ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଜାତୀୟ ରାଜପଥରେ ଏକ ଚଳନ୍ତା ଟ୍ରକ୍‌ରେ ହଠାତ୍ ନିଆଁ ଲାଗି ଟ୍ରକ୍‌ଟି ହୁତୁହୁତୁ ହୋଇ ଜଳିଉଠିଥିଲା। ଫଳରେ ରାସ୍ତାରେ ଯାଉଥିବା ଚାଳକମାନଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଥିଲା। ଟ୍ରକଟିର ସମସ୍ତ ଟାୟାର ସମ୍ପୂର୍ଣ୍ଣ ଭାବରେ ଜଳିଯାଇଥିବାରୁ ଏହାକୁ କ୍ରେନ୍ ଦ୍ୱାରା ରାସ୍ତାରୁ ହଟାଇବାକୁ ଟ୍ରାଫିକ୍ ବିଭାଗ ନାକେଦମ ହୋଇଥିଲା। ସୂଚନା ଅନୁଯାୟୀ, କଟକ ଭୁବନେଶ୍ୱର ରାସ୍ତାର ଗାଙ୍ଗୁଆ ନାଳର ପୋଲ ଉପରେ କଟକରୁ ଭୁବନେଶ୍ୱର ଅଭିମୁଖେ ଆସୁଥିବା ଟ୍ରକ୍‌ରେ ହଠାତ୍ ନିଆଁ ଲାଗିଯାଇଥିଲା। କିଛି ସମୟ ପରେ ନିଆଁ ଭୟଙ୍କର ରୂପ ନେଇଥିଲା। ଡ୍ରାଇଭର ଓ ହେଲ୍‌ପର ତୁରନ୍ତ ଟ୍ରକରୁ ବାହାରି ଯାଇଥିବାରୁ ସେମାନେ ଜୀବନ ବଞ୍ଚାଇ ପାରିଛନ୍ତି। ସୂଚନା ପାଇ ଅଗ୍ନିଶମ ବାହିନୀର ଟିମ୍ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କିନ୍ତୁ ରାସ୍ତାରେ ଏହି ଟ୍ରକ୍‌ଟି ପଡି ରହିବାରୁ ହଂସପାଳରୁ ପଳାଶୁଣୀ ପର୍ଯ୍ୟନ୍ତ ଶହ ଶହ ଗାଡି ରାସ୍ତାରେ ଅଟକି ରାସ୍ତା ଯାତାୟାତ ଠପ୍ ହୋଇଥିଲା। ପ୍ରାୟ ୪ଘଣ୍ଟା ପରେ ରାସ୍ତାରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।

## ବର୍ତ୍ତିଗଲେ ଡ୍ରାଇଭର, ହେଲ୍‌ପର

## ୪ ଘଣ୍ଟା ଯାତାୟାତ ସମ୍ପୂର୍ଣ୍ଣ ଠପ୍

### ଅଟକି ରହିଲା ଜରୁରିକାଳୀନ ଗାଡ଼ି

ପଳାଶୁଣୀ ନିକଟରେ ଟ୍ରକ୍‌ଟି ଜଳିଯିବା କାରଣରୁ ଅପରାହ୍ନ ସମୟରୁ କଟକ–ଭୁବନେଶ୍ୱର ରାସ୍ତାର ଗୋଟିଏ ପାର୍ଶ୍ୱରେ ଭିଡ଼ ହୋଇଥିଲା। ଏହି ରାସ୍ତାରେ ଫସି ରହିଥିବା ଚାଳକମାନଙ୍କୁ ୧ ଘଣ୍ଟା ସହଯୋଗ କରିବା ପାଇଁ ଟ୍ରାଫିକ୍ ଡିସିପି ଅନୁରୋଧ କରିଥିଲେ। ହେଲେ ଘଟଣା ଘଟିବାର ପ୍ରାୟ ୪ ଘଣ୍ଟା ବିତିଥିଲେ ମଧ୍ୟ କୌଣସି ସୁଫଳ ଦେଖାଯାଇ ନ ଥିଲା। ଅପରାହ୍ନ ୫ଟାରେ ନଖରାରେ ପହଞ୍ଚିଥିବା ବସ୍‌କୁ ରସୁଲଗଡ଼ରେ ପହଞ୍ଚିବା ପାଇଁ ରାତି ୯ଟା ବାଜି ଯାଇଥିଲା। ଟ୍ରକ୍‌ରେ ଲାଗିଥିବା ନିଆଁ ଲିଭାଇବାକୁ ୧ଘଣ୍ଟା ସମୟ ଲାଗିଥିବାବେଳେ ରାସ୍ତାରୁ ଟ୍ରକ୍‌କୁ ଉଠାଇବାରେ ପ୍ରଶାସନ ବିଫଳ ହୋଇଥିଲା। ଫଳରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଏପରିକି ବାଣୀବିହାରରୁ ହଂସପାଳ ରାସ୍ତାରେ ଆମ୍ବୁଲାନ୍ସ ଭଳି ଜରୁରିକାଳୀନ ଗାଡ଼ି ଫସିଥିବା ଦେଖିବାକୁ ମିଳିଥିଲା। ଏହି ଭିଡ଼ରେ ଘଣ୍ଟା ଘଣ୍ଟା ଧରି ଫସିବା ପରେ ସାଧାରଣ ଲୋକେ ଟ୍ରାଫିକ ବିଭାଗର ପାରିବାପଣିଆକୁ ନେଇ ନାନା ପ୍ରଶ୍ନ କରିଛନ୍ତି।



# ପୃଥିବୀ ଦିବସରେ ଚାରା ରୋପଣ କଲେ ରାଜ୍ୟପାଳ



ଲୋକ ଭବନ ପରିସରରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଚାରା ରୋପଣ କରି ସେଥିରେ ପାଣି ଦେଉଛନ୍ତି।

ଭୁବନେଶ୍ୱର,୨୨।୪
(ସୁଚିସ୍ମିତା ସାହୁ)

ପୃଥିବୀ ଦିବସ ପାଳନ ଅବସରରେ ରାଜ୍ୟପାଳ ଡ଼ ହରି ବାବୁ କମ୍ଭମପାଟି ବୁଧବାର ଲୋକଭବନରେ ଚାରାରୋପଣ କରିଛନ୍ତି। ଏହି ଅବସରରେ ରାଜ୍ୟପାଳ ବାର୍ତ୍ତା ଦେଇ କହିଛନ୍ତି, ଏପରି ଅର୍ଥପୂର୍ଣ୍ଣ କାର୍ଯ୍ୟ ପ୍ରକୃତିର ପୋଷଣ ଏବଂ ସୁରକ୍ଷା ପାଇଁ ସମ୍ମିଳିତ ଦାୟିତ୍ୱକୁ ପ୍ରତିଫଳିତ କରେ। ପ୍ରତ୍ୟେକ ଚାରା ଏକ ସବୁଜ ଏବଂ ସୁସ୍ଥ ଭବିଷ୍ୟତର ପ୍ରତିଶ୍ରୁତି ବହନ କରିଥାଏ। ପରିବେଶ ସୁରକ୍ଷା ଏବଂ ଆଗାମୀ ପିଢ଼ି ପାଇଁ ସ୍ଥାୟୀ ଅଭିବୃଦ୍ଧି ସୁନିଶ୍ଚିତ କରିବା ଲାଗି ସାମୂହିକ ପ୍ରୟାସର ଆବଶ୍ୟକତା ରହିଛି ବୋଲି ରାଜ୍ୟପାଳ କହିଛନ୍ତି। ରାଜ୍ୟପାଳଙ୍କ କମିଶନର ତଥା ଶାସନ ସଚିବ ଡ଼ ରୂପା ରୋଶନ ସାହୁ, ଲୋକଭବନର ଅନ୍ୟ ଅଧିକାରୀ ଓ କର୍ମଚାରୀମାନେ ମଧ୍ୟ ଚାରା ରୋପଣ କରିଥିଲେ।

## ପୂର୍ବତନ ଜିଲା ପରିଷଦ ସଭ୍ୟଙ୍କ ପରଲୋକ

ବାରଙ୍ଗ,୨୨।୪(ଲିଙ୍ଗରାଜ ରାଉତ/ତୁଷାର କାନ୍ତ ବେହେରା)

ବାରଙ୍ଗ ବ୍ଲକ ଅନ୍ତର୍ଗତ ୩୨ନଂ. ଜୋନର ପୂର୍ବତନ ଜିଲା ପରିଷଦ ସଭ୍ୟ ତଥା ତ୍ରିଶୂଳିଆ ବଜାର କମିଟି ସଭାପତି ଅଜୟ ମୁଦୁଲି(୫୬)ଙ୍କ ମଙ୍ଗଳବାର ରାତିରେ ହୃଦ୍‌ଘାତ ଯୋଗୁ ପରଲୋକ ଘଟିଛି। ସ୍ୱର୍ଗତ ମୁଦୁଲି ଏକ ଜନ୍ମଦିନ ଭୋଜିରେ ଯୋଗଦେଇ ଘରକୁ ଫେରି ଶୋଇବା ସମୟରେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ପରିବାର ଲୋକ ତାଙ୍କୁ ଚିକିତ୍ସା ପାଇଁ ସିଡିଏସ୍ଥିତ ଏକ ଘରୋଇ ହସ୍ପିଟାଲକୁ ନେଇଥିଲେ। ସେଠାରେ ଅଜୟଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତ୍ୟୁଖବର ପ୍ରଚାରିତ ହେବା ପରେ ବାରଙ୍ଗ ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି। ସ୍ୱର୍ଗତ ମୁଦୁଲି ତ୍ରିଶୂଳିଆ ଦୁର୍ଗାପୂଜା କମିଟି ସଭାପତି, ବଜାର କମିଟି ସଭାପତି ଥିଲେ। ତାଙ୍କ ମୃତଦେହକୁ ବିରାଟ ଶୋଭାଯାତ୍ରାରେ ଗ୍ରାମ ତଥା ତ୍ରିଶୂଳିଆ ବଜାର ପରିକ୍ରମା କରାଯାଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଖବରପାଇ ଅଞ୍ଚଳର ବହୁ ମୁରବି, ରାଜନୈତିକ ବ୍ୟକ୍ତିବିଶେଷ ତ୍ରିଶୂଳିଆସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ବୁଧବାର ତ୍ରିଶୂଳିଆ ବଜାର ବନ୍ଦ ରଖାଯାଇଛି।

## ଛୁରିରେ ଆକ୍ରମଣ ମାମଲା, ୭ ବର୍ଷ ପରେ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୨୨।୪(ପ୍ରସନଜିତ୍ ସାହୁ)



ଛୁରିରେ ଆକ୍ରମଣ ମାମଲାରେ ବୁଧବାର ଖଣ୍ଡଗିରି ଥାନା ପୋଲିସ ୭ବର୍ଷ ପରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ବାପୁଜୀନଗର ଅଞ୍ଚଳର କାଳିଆ ବେହେରା। ୨୦୧୯ ଏପ୍ରିଲ ୧୯ରେ ଡି. କିଷାନ ତାଳବଣିଆରେ ଏକ ଭୋଜିରେ ଯୋଗଦେବାକୁ ଯାଇଥିବାବେଳେ, ସେଠାରେ କେତେଜଣ ବ୍ୟକ୍ତିଙ୍କ ସହ ତାଙ୍କର ଝଗଡ଼ା ହୋଇଥିଲା। ଏହି ଝଗଡ଼ା ସମୟରେ ଅଭିଯୁକ୍ତ କାଳିଆ ବେହେରା ଓରଫ କାଲୁ ତାଙ୍କୁ ଏକ ଛୁରିରେ ଆକ୍ରମଣ କରିଥିଲେ। ଫଳରେ ସେ ଗୁରୁତର ଆହତ ହୋଇ ଚିକିତ୍ସା ପାଇଁ ଭୁବନେଶ୍ୱରର ଏମ୍‌ସରେ ଭର୍ତ୍ତି ହୋଇଥିଲେ। ଏନେଇ ଖଣ୍ଡଗିରି ଥାନାରେ ଏକ ମାମଲା (ନଂ.୨୨୦/୨୦୧୯) ରୁଜୁ ହୋଇଥିଲା। ମାମଲା ଆଧାରରେ ତଦନ୍ତ ସମୟରେ ଘଟଣାସ୍ଥଳରୁ ରକ୍ତ ଲାଗିଥିବା ଶାର୍ଟ ଏବଂ ଏକ ଭଙ୍ଗା ଛୁରି ଜବତ କରାଯାଇଥିଲା। ଘଟଣା ପରଠୁ ଅଭିଯୁକ୍ତ ଫେରାର ଥିବାବେଳେ ବୁଧବାର ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଖାରବେଳ ନଗର ତାରିଣୀ ମନ୍ଦିରର ବାର୍ଷିକୋତ୍ସବ

ଭୁବନେଶ୍ୱର,୨୨।୪ (ସୌମ୍ୟରଞ୍ଜନ ରାଉତ) – ମା' ତାରିଣୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ୟୁନିଟ–୩ ଖାରବେଳ ନଗରସ୍ଥିତ ମା' ତାରିଣୀ ମନ୍ଦିରର ୪ର୍ଥ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ମନ୍ଦିର ପୂଜକ ସନାତନ ନାୟକ ଓ ବସନ୍ତ ରଥ ଛେନାପୋଡ଼ କାଟି ଭକ୍ତମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଟ୍ରଷ୍ଟ ସଭାପତି ବିଦ୍ୟାଧର ମିଶ୍ରଙ୍କ ଅଧ୍ୟକ୍ଷତା ଓ ସାଧାରଣ ସମ୍ପାଦକ ଦିଲୀପ କୁମାର ମିଶ୍ରଙ୍କ ସମନ୍ୱୟରେ କୋଷାଧ୍ୟକ୍ଷ ଈଶ୍ୱର ମୂର୍ତ୍ତିଙ୍କ ଆବାହକତ୍ୱରେ ଆୟୋଜିତ ଉତ୍ସବରେ ପୂର୍ଣ୍ଣଚନ୍ଦ୍ର ବରାଳ, ଖବରଦାତା ପ୍ରଦ୍ୟୁମ୍ନ କୁମାର ମହାନ୍ତି, ଭୁବନ ମୋହନ ରଥ, ଦେବାଶିଷ ଘୋଷଙ୍କ ସହ ଶତାଧିକ ଭକ୍ତ ଯୋଗଦେଇଥିଲେ।

## ପିଆର୍‌ଏସ୍‌ଆଇ ପକ୍ଷରୁ ଜନସମ୍ପର୍କ ଦିବସ




ଭୁବନେଶ୍ୱର,୨୨।୪( ଶ୍ରୀକାନ୍ତ ସାହୁ)

ପବ୍ଲିକ୍ ରିଲେଶନ୍ସ ସୋସାଇଟି ଅଫ୍ ଇଣ୍ଡିଆ (ପିଆର୍‌ଏସ୍‌ଆଇ) ଭୁବନେଶ୍ୱର ଶାଖା ପକ୍ଷରୁ ଏକ ସ୍ୱତନ୍ତ୍ର ଆଲୋଚନାଚକ୍ର ସହ ଜାତୀୟ ଜନସମ୍ପର୍କ ଦିବସ ୨୦୨୬ ପାଳନ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ପ୍ରେସ୍ କ୍ଲବ୍ ଅଫ୍ ଓଡ଼ିଶା ପରିସରରେ ମଙ୍ଗଳବାର ସନ୍ଧ୍ୟାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଯୋଗାଯୋଗ ଏବଂ ଜନସମ୍ପର୍କ ବୃତ୍ତିଧାରୀ , ଶିକ୍ଷାବିତ୍ , ଛାତ୍ରୀଛାତ୍ର, ଖବରଦାତାଙ୍କ ସମେତ ଅନେକ ବରିଷ୍ଠ ବ୍ୟକ୍ତିବିଶେଷ ଯୋଗଦେଇଥିଲେ। ଏଥିରେ ଉଦ୍‌ବୋଧନ ଦେଇ ଜିନ୍ଦଲ ଷ୍ଟିଲ୍‌ର ସଭାପତି ତଥା ଓଡ଼ିଶା କର୍ପୋରେଟ କମ୍ୟୁନିକେଶନ ମୁଖ୍ୟ ପ୍ରଶାନ୍ତ ହୋତା କହିଥିଲେ,ବିକଶିତ ଓଡ଼ିଶାରେ ଜନସମ୍ପର୍କ ପ୍ରଫେସନାଲମାନଙ୍କର ବଡ଼ ଭୂମିକା ରହିଛି । ସେମାନେ ଏକ ଅନନ୍ୟ ବ୍ରାଣ୍ଡ ଓଡ଼ିଶା ସୃଷ୍ଟି କରିବାରେ ସାହାଯ୍ୟ କରିପାରିବେ। ଜନସମ୍ପର୍କ କ୍ଷେତ୍ର ଉପରେ କୃତ୍ରିମ ବୁଦ୍ଧିମତ୍ତା(ଏଆଇ)ର ପ୍ରଭାବ ନେଇ ସେ କହିଥିଲେ,ଜନସମ୍ପର୍କ ପେସାଦାରମାନଙ୍କୁ ଏଆଇକୁ ନେଇ ଅସୁରକ୍ଷିତ ମଣିବାର କିଛି କାରଣ ନାହିଁ। ଏଆଇ କେବଳ ଏକ ଉପକରଣ, ଏହା ସ୍ୱପ୍ନ ଦେଖିପାରିବ ନାହିଁ ଏବଂ ମାନବୀୟ ସମ୍ପର୍କର ସୁପରିଚାଳନା କରିପାରିବ ନାହିଁ। ସାମ୍ବାଦିକତା ପରି ଜନସମ୍ପର୍କ କ୍ଷେତ୍ରରେ ମଧ୍ୟ ନୈତିକତା ରକ୍ଷା କରିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲି ଆଇଆଇଏମ୍‌ସି ଢେଙ୍କାନାଳର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଡ. ଆନନ୍ଦ ପ୍ରଧାନ କହିଥିଲେ। ସମାବେଶକୁ ସମ୍ବୋଧିତକରି ବରିଷ୍ଠ ଖବରଦାତା ତଥା ଡିଜିଟାଲ ନ୍ୟୁଜ୍ ପ୍ଲାଟ୍‌ଫର୍ମ ଓଡ଼ିଶା ବାଇଟ୍ସ ଏବଂ ଓଡ଼ିଶା ସମ୍ବାଦର ସମ୍ପାଦକ ସନ୍ଦୀପ ମିଶ୍ର କହିଥିଲେ, ଜନସମ୍ପର୍କ ବୃତ୍ତିରେ ରହିଥିବା ବ୍ୟକ୍ତିବିଶେଷ ସେମାନଙ୍କର ପରିଧିକୁ ବିସ୍ତାର କରିବା ଏବଂ ବାସ୍ତବିକତା ନେଇ ସଚେତନ ରହିବା ଆବଶ୍ୟକ। ଏହି ଆଲୋଚନାଚକ୍ରରେ ପିଆର୍‌ଏସ୍‌ଆଇ ଭୁବନେଶ୍ୱର ଶାଖାର ଅଧ୍ୟକ୍ଷ ସୁଧିରଞ୍ଜନ ମିଶ୍ର ଅଧ୍ୟକ୍ଷତା କରିଥିବାବେଳେ ଭୁବନେଶ୍ୱର ଶାଖା ସଚିବ କୃଷ୍ଣଚନ୍ଦ୍ର ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ପୂର୍ବରୁ ବିକ୍ରି ହୋଇଥିବା ଜମି ପୁନର୍ବାର ବିକିବା ମାମଲା, ମୁଖ୍ୟ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୨୨। ୪ (ପ୍ରସନଜିତ୍ ସାହୁ)



ପୂର୍ବରୁ ବିକ୍ରି ହୋଇଥିବା ଏକ ଜମି ପୁନର୍ବାର ବିକ୍ରିକରିବା ଅଭିଯୋଗରେ ବୁଧବାର ଭରତପୁର ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ମଳିପଡ଼ାର ବିକାଶ ଦଳବେହେରା। ୨୦୨୪ ମାର୍ଚ୍ଚ ୨୦ରେ ଅଭିଯୁକ୍ତ ବିକାଶ ବୃନ୍ଦାବନ ନାୟକଙ୍କୁ ଏକ ଜମି ବିକ୍ରି କରିବା ପାଇଁ ୫.୫ଲକ୍ଷ ଟଙ୍କା ନେଇଥିଲେ। ପରବର୍ତ୍ତୀ ସମୟରେ ସେହି ଜମି ପୂର୍ବରୁ ବିକ୍ରି ହୋଇଥିବା ଜାଣି ବୃନ୍ଦାବନ ଟଙ୍କା ଫେରାଇବାକୁ ବିକାଶଙ୍କୁ କହିଥିଲେ। ହେଲେ ଟଙ୍କା ଫେରାଇବା ବଦଳରେ ସେ ତାଙ୍କ ସହଯୋଗୀମାନଙ୍କ ସହିତ ବୃନ୍ଦାବନ ଓ ତାଙ୍କ ପରିବାରଙ୍କୁ ଗାଳିଗୁଲଜ ସହିତ ଲୁହା ରଡ ଓ ପଥରରେ ଆକ୍ରମଣ କରିଥିଲେ। ଏନେଇ ବୃନ୍ଦାବନ ଭରତପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା(ନଂ. ୧୩୮/୨୦୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ, ବିକାଶଙ୍କ ସହଯୋଗୀ ଅଭିଯୁକ୍ତ ସନ୍ତୋଷ କୁମାର ଦଳବେହେରା କୋର୍ଟରେ ଆତ୍ମସମର୍ପଣ କରିଥିବାବେଳେ ବୁଧବାର ପୋଲିସ ବିକାଶଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ୨୪ରୁ ଚିଲିକା ପୁସ୍ତକ ମେଳା

ବାଲୁଗାଁ,୨୨।୪(ସଂଗ୍ରାମ ପାଇକରାୟ)

ବାଲୁଗାଁ ମହାବିଦ୍ୟାଳୟ ପରିସରରେ ପ୍ରଥମଥର ପାଇକା ଟ୍ରଷ୍ଟ ଆନୁକୂଲ୍ୟରେ ଚିଲିକା ପୁସ୍ତକମେଳା ଆସନ୍ତା ୨୪ରୁ ୨୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ବରିଷ୍ଠ ଖବରଦାତା ଶରତ ପାଇକରାୟଙ୍କ ସଭାପତିତ୍ୱରେ ବୁଧବାର ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚିଲିକା ଅଞ୍ଚଳବାସୀ, ବୁଦ୍ଧିଜୀବୀ, ସାହିତ୍ୟିକ, ଶିକ୍ଷାର୍ଥୀଙ୍କୁ ଆକର୍ଷିତ କରିବା ପାଇଁ ପ୍ରାୟ ୮୦ଟି ପୁସ୍ତକ ଷ୍ଟଲ ଖୋଲାଯିବ।

ଫଟୋରେ ଖବର




୬ ଦଫା ଦାବିରେ ଓଡ଼ିଶା ସ୍ପେଶାଲ ସ୍କୁଲ୍‌ସ ଟିଚର୍ସ ଏମ୍ପ୍ଲଇଜ୍ ଆସୋସିଏଶନ ପକ୍ଷରୁ ଧାରଣା।




ପଛୁଆ ଜାତି ବର୍ଗର ବ୍ୟକ୍ତିଙ୍କୁ ଜାତି ଜନଗଣନାରେ ସାମିଲ କରିବା ଦାବିରେ ରାଜ୍ୟ ଓବିସି ମଞ୍ଚ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣା ଦିଆଯାଇଛି।

# ଓଭରବ୍ରିଜ୍ ତଳେ ଆଣ୍ଠୁଏ ଉଚ୍ଚର ଡ୍ରେନ୍ ପାଣି



ଓଭର ବ୍ରିଜ୍ ତଳେ ପାଣି ଜମି ରହିଛି।



ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରତାପ ବେଉରାଙ୍କୁ ଅଞ୍ଚଳବାସୀ ଦାବିପତ୍ର ଦେଉଛନ୍ତି।

ଖୋର୍ଦ୍ଧା,୨୨।୪(ପ୍ରଭାତ ପାଣିଗ୍ରାହୀ)

■ ୨୦ ଗାଁର ଲୋକେ ହନ୍ତସନ୍ତ, ଜିଲାପାଳଙ୍କୁ ଦାବିପତ୍ର

■ ତ୍ୱରିତ ସମାଧାନ ନ ହେଲେ ଆନ୍ଦୋଳନ ଚେତାବନୀ

ପିତାପଲ୍ଲୀ ବାଇପାସ୍‌ରୁ ତରତୁଆ ପର୍ଯ୍ୟନ୍ତ ୫୭ ନମ୍ବର ଜାତୀୟ ରାଜପଥକୁ ସଂଯୋଗୀକରଣ ରାସ୍ତା ନିର୍ମାଣ ମନ୍ଥର ଗତିରେ ଚାଲିଛି। ଗୁରୁଜଙ୍ଗ ଓ ଉଇଲକିଶନ ନଗର ମଝିରେ ଏକ ଓଭରବ୍ରିଜ୍ ନିର୍ମାଣ କରାଯାଉଛି। ଏହି ନିର୍ମାଣାଧୀନ ଓଭରବ୍ରିଜ୍ ତଳେ ଗୁରୁଜଙ୍ଗ ୧୮ନଂ. ଓ ୧୭ନଂ. ୱାର୍ଡର ଆବର୍ଜନା ଜଳ ଆଣ୍ଠୁଏ ଉଚ୍ଚର ଜମିରହିଛି। ଫଳରେ ଉକ୍ତ ବ୍ରିଜ୍ ତଳ ଦେଇ ଯାଉଥିବା ୨୦ଟି ଗ୍ରାମର ଲୋକେ ହଇରାଣ ହେଉଛନ୍ତି। ଏ ନେଇ ବୁଧବାର ସ୍ଥାନୀୟ ବାସିନ୍ଦା ଖୋର୍ଦ୍ଧା ଜିଲାପାଳଙ୍କୁ ଏକ ଦାବି ପତ୍ର ଦେଇଛନ୍ତି। ଏହାର ସ୍ଥାୟୀ ସମାଧାନ ଲାଗି ସ୍ଥାନୀୟ ଅଞ୍ଚଳର ଯୁବ ସାମାଜିକ କର୍ମୀ ଗୋପାଳକୃଷ୍ଣ ପ୍ରଧାନଙ୍କ ନେତୃତ୍ୱରେ ଆକାଶ କୁମାର ବିଶ୍ୱାଳ, ପ୍ରକାଶ କୁମାର ହାତୀ, ଅକ୍ଷୟ କୁମାର ସାହୁ, ଦୀପକ ସୁନ୍ଦରାୟ, ମନୁଆ ପ୍ରଧାନ, ଧତ୍ତୁ ବଳିଆରସିଂହ, ବିଭୂତି ଭୂଷଣ ଦାସ ପ୍ରମୁଖ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରତାପ ବେଉରାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ତୁରନ୍ତ ସମାଧାନ କରାଯିବ ବୋଲି ଅତିରିକ୍ତ ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି। ଉକ୍ତ ରାସ୍ତା ଦେଇ ଉଇଲକିଶନ ନଗର, କୁମାରବସ୍ତ, ଅରାଙ୍ଗ, ମହୁଲ, ମଧୁପୁର, ମାଜଣା, ବିଞ୍ଝଗିରି, ପିତାପଲ୍ଲୀ, ଅଙ୍ଗାରପଡ଼ା, ମିନସିନପାଟଣା, ପଳାସପୁର, ଛତାବର, ମେଣ୍ଢାଶାଳ, ମଦନପୁର, ଅରିସଲ, କଟକ ବାରଙ୍ଗ ପର୍ଯ୍ୟନ୍ତ ଯାଉଥିବା ଲୋକେ ଏବଂ ଛାତ୍ରୀଛାତ୍ରମାନେ ଦୁର୍ଦ୍ଦଶ ଭୋଗୁଛନ୍ତି। ଆବର୍ଜନା ଜଳ ଜମି ପୋଖରୀର ଭ୍ରମ ସାଙ୍ଗକୁ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ଏପରିକି ଆମ୍ବୁଲାନ୍ସ ଆସିଲେ କିଛି ସମୟ ଅପେକ୍ଷା କରିବାକୁ ପଡୁଛି। ଏହି ବ୍ରିଜ୍ ତଳ ପାଣିରେ ପ୍ରତିଦିନ ଅନେକ ସ୍କୁଲ ଓ କଲେଜ ଛାତ୍ରୀଛାତ୍ର ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏଠାରୁ ନର୍ଦ୍ଦମାପାଣି କିଭଳି ନିଷ୍କାସନ କରାଯିବ ଏବଂ ସ୍ଥାୟୀ ଡ୍ରେନେଜ୍ ବ୍ୟବସ୍ଥା କିଭଳି କରାଯିବ ସେନେଇ ପୌର, ପୂର୍ତ୍ତ କିମ୍ବା ଜାତୀୟ ରାଜପଥ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଫଳରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ତୁରନ୍ତ ପଦକ୍ଷେପ ନିଆ ନଗଲେ ଅଞ୍ଚଳବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ନାହିଁ ଛାତ୍ରାବାସ

ଟାଙ୍ଗୀ,୨୨।୪(ରଘୁନାଥ ସାହୁ)

**ଛାତ୍ରୀଛାତ୍ର ହଇରାଣ: ପରିବହନ ବ୍ୟବସ୍ଥା କରାଯିବାକୁ ଦାବି**

ମେଧାବୀ ଛାତ୍ରୀଛାତ୍ରଙ୍କୁ ସିବିଏସ୍‌ଇ ଢାଞ୍ଚାରେ ଶିକ୍ଷାଦାନ ଦେବାକୁ ରାଜ୍ୟ ସରକାର ପ୍ରତ୍ୟେକ ବ୍ଲକ୍‌ରେ ଗୋଟିଏ ଲେଖାଏ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଖୋଲିଛନ୍ତି। ୬ଷ୍ଠ ଶ୍ରେଣୀରୁ ପ୍ରବେଶିକା ପରୀକ୍ଷା ମାଧ୍ୟମରେ ଚୟନ ପ୍ରକ୍ରିୟାରେ କୃତୀ ଛାତ୍ରୀଛାତ୍ରଙ୍କ ନାମ ଲେଖାଯାଉଛି। ଏହି ବିଦ୍ୟାଳୟ ସମ୍ପୂର୍ଣ୍ଣ ଆବାସିକ। ତେବେ ଟାଙ୍ଗୀ ବ୍ଲକରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଏପର୍ଯ୍ୟନ୍ତ ଛାତ୍ରାବାସ ଖୋଲାଯାଇ ପାରିନାହିଁ। କୋମଳମତି ଛାତ୍ରୀଛାତ୍ରମାନେ ଜାତୀୟ ରାଜପଥରେ ବିପଦପୂର୍ଣ୍ଣ ଭାବେ ୨୦ କି.ମି. ଦୂରରୁ ବେସରକାରୀ ଗାଡ଼ିରେ ବିଦ୍ୟାଳୟକୁ ଯାତାୟାତ କରୁଥିବା ଦେଖିବାକୁ ମିଳିଛି। ଫଳରେ ଅଭିଭାବକମାନେ ଆର୍ଥିକ ଚାପ ସାଙ୍ଗକୁ ପିଲାଙ୍କ ନିରାପତ୍ତା ନେଇ ଚିନ୍ତାରେ ରହୁଛନ୍ତି। ରାଜ୍ୟ ସରକାର ତୁରନ୍ତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଛାତ୍ରାବାସ ନିର୍ମାଣ କରନ୍ତୁ। ନଚେତ୍ ଆବାସିକ ବ୍ୟବସ୍ଥା ହେବା ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ଯାତାୟାତ ସୁବିଧା ପାଇଁ ମାଗଣା ଗାଡ଼ି ବ୍ୟବସ୍ଥା କରିବାକୁ ଅଭିଭାବକମାନେ ଦାବି ଜଣାଇଛନ୍ତି।

# ଭାଜପା ଯୁବନେତା ବିଶ୍ୱଜିତଙ୍କୁ ନୂଆ ଦାୟିତ୍ୱ




ଯୁବନେତା ବିଶ୍ୱଜିତ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

କଳାପଥର,୨୨।୪(ଗଙ୍ଗାଧର ସାହୁ)

ବାଙ୍କୀ ବ୍ଲକ ଅନ୍ତର୍ଗତ କଳାପଥର ଗ୍ରାମର ଯୁବ ନେତା ବିଶ୍ୱଜିତ ବିଶ୍ୱାଳଙ୍କୁ କଟକ ଜିଲା ଭାଜପା ଯୁବମୋର୍ଚ୍ଚାର କାର୍ଯ୍ୟକାରିଣୀ ସଦସ୍ୟ ଓ ସୋସିଆଲ ମିଡ଼ିଆ କୋର୍ କମିଟିର ସଦସ୍ୟ ଭାବେ ମନୋନୀତ କରାଯାଇଛି। ଏନେଇ ସର୍କିଟ ହାଉସରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ସଭାପତି ସୁକାନ୍ତ ବିଶ୍ୱାଳ, ଜିଲା ଭାଜପା ସାଧାରଣ ସମ୍ପାଦକ ସ୍ମୃତିରଞ୍ଜନ ମିଶ୍ର ଓ ରାଜ୍ୟ ଗଣମାଧ୍ୟମ କୋର୍ କମିଟି ସଦସ୍ୟ ଅଂଶୁମାନ ମହାପାତ୍ର ପ୍ରମୁଖ ବିଶ୍ୱଜିତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି। ବିଶ୍ୱଜିତ ସମସ୍ତଙ୍କୁ ଧନ୍ୟବାଦ ଜଣାଇବା ସହ ଦଳର ଉନ୍ନତ ପ୍ରଦର୍ଶନ ଲାଗି କାର୍ଯ୍ୟ କରିବେ ବୋଲି କହିଛନ୍ତି। ବିଶ୍ୱଜିତଙ୍କୁ ଅଭିନନ୍ଦନର ସୁଅ ଛୁଟୁଛି।

# ୩ ଦିନ ଅନ୍ତରରେ ଶିକ୍ଷକ ଦମ୍ପତିଙ୍କ ପରଲୋକ

ବୋଲଗଡ଼,୨୨।୪(ଦେବବ୍ରତ ହୋତା)

ବୋଲଗଡ଼ ମଣ୍ଡଳ ଅଧୀନ ସାଗରଗୁଆଁସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ଶିକ୍ଷୟିତ୍ରୀ ଗୀତାଞ୍ଜଳି ପଟ୍ଟନାୟକ(୫୫)ଙ୍କର ମଙ୍ଗଳବାର ମଧ୍ୟରାତ୍ରୀରେ ହୃଦଘାତରେ ପରଲୋକ ଗଟିଥିଲା। ଉଚ୍ଚରକ୍ତଚାପଜନିତ ରୋଗରେ ସେ ପୀଡ଼ିତ ଥିଲେ। ସ୍ୱର୍ଗତା ପଟ୍ଟନାୟକ ୨୦୧୭ରୁ ଉପରୋକ୍ତ ବିଦ୍ୟାଳୟରେ ଶିକ୍ଷାଦାନ କରିଆସୁଥିଲେ। ତେବେ ୩ଦିନପୂର୍ବରୁ ରଣପୁର ବ୍ଲକ ଅଞ୍ଚଳରେ ଶିକ୍ଷକତା କରୁଥିବା ତାଙ୍କର ସ୍ୱାମୀ ସୁଶାନ୍ତ କୁମାର ଅଟ୍ଟ ମଧ୍ୟ ହୃଦଘାତରେ ପ୍ରାଣତ୍ୟାଗ କରିଥିବାରୁ ସେ ଗଭୀର ଅବସାଦରେ ଥିଲେ। ଏବେ ତାଙ୍କର ଏକମାତ୍ର ପୁତ୍ର ଦେବାଶିଷ ବେସାହାରା ହୋଇପଡ଼ିଛନ୍ତି। ଦେବାଶିଷଙ୍କୁ ସରକାର ଶୀଘ୍ର କର୍ମସଂସ୍ଥାନ ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ବୁଧବାର ପୂର୍ବାହ୍ନରେ ତାଙ୍କ ସାଗରଗୁଆଁ ମଠପାଟଣା ସାହିସ୍ଥିତ ବାସଭବନରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ସ୍ୱାଇଁ ପହଞ୍ଚି ସମବେଦନା ଜଣାଇ ରିହାବିଲିଟେସନ ସ୍କିମରେ ନିଯୁକ୍ତି ନିମିତ୍ତ ଆବେଦନ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଉପସ୍ଥିତ ସାଗରଗୁଆଁ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରବୀନ୍ଦ୍ର ବେହେରା ଓ ସହକର୍ମୀ, ଶିକ୍ଷକନେତା ଶୈଳେନ ପଟ୍ଟନାୟକ ଓ ପ୍ରଫୁଲ୍ଲ ସିଂହ, ସାଧନକେନ୍ଦ୍ର ସଂଯୋଜକ ପ୍ରଦୀପ କୁମାର ବଳବନ୍ତରାୟ, ଅନ୍ୟ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ, ସ୍ଥାନୀୟ ଜିଲା ପରିଷଦ ସଭ୍ୟ ସୁବାସଚନ୍ଦ୍ର ରାୟଗୁରୁ ଓ ଗ୍ରାମବାସୀ ଅବିଳମ୍ବେ ସମସ୍ତ ପ୍ରାପ୍ୟ ଅର୍ଥ ରାଶି ପ୍ରଦାନ ନିମିତ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଅନୁରୋଧ କରିଥିଲେ। ପରେ ବିଦ୍ୟାଳୟ ପରିସରରେ ଶିକ୍ଷକ ଦମ୍ପତିଙ୍କ ଆତ୍ମାର ସଦଗତି ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

# 'ଧରିତ୍ରୀ ହସିଲେ ସଭିଏଁ ହସିବା'



ଠଣାପଲ୍ଲୀ ମିଳିତ ଯୁବକ ସଂଘ ପକ୍ଷରୁ ଧରିତ୍ରୀ ଦିବସ ପାଳନ କରାଯାଉଛି।

ବୋଲଗଡ଼/କଳାପଥର, ୨୨।୪
(ଦେବବ୍ରତ ହୋତା/ଗଙ୍ଗାଧର ସାହୁ)

ବୋଲଗଡ଼ ବ୍ଲକ୍ ଗେଡ଼ିଆପଲ୍ଲୀ ପଞ୍ଚାୟତ ଅଧୀନ ଗୌଡ଼ ନୂଆଗାଁ ଚାନ୍ଦୁଆ ତାଲିମ କେନ୍ଦ୍ରଠାରେ ଠଣାପଲ୍ଲୀ ମିଳିତ ଯୁବକ ସଂଘ ପକ୍ଷରୁ ଧରିତ୍ରୀ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ ଅର୍ଜ୍ଜୁନ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଧରିତ୍ରୀ ହସିଲେ ସଭିଏଁ ହସିବା, ସୁସ୍ଥ ଓ ନୀରୋଗ ରହିବା ବୋଲି କହିବା ସହ ପଲିଥିନ ବର୍ଜନ କରିବା, ପ୍ରଦୂଷଣ ରୋକିବା ଓ ବାଡ଼ିବଗିଚାରେ ଗଛ ଲଗାଇବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବ୍ୟଙ୍ଗକବି ବଂଶୀଧର ପଣ୍ଡା ଯୋଗଦେଇ ଧରିତ୍ରୀ ମାତା ଓ ଗୋସମ୍ପଦର ସୁରକ୍ଷା ସହ ଘରବାଡ଼ିରେ ତୁଳସୀ ଗଛ ଲଗାଇବାକୁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ଭାଗୀରଥି ଦାଶ ପରିବେଶ ସୁରକ୍ଷା ଉପରେ କବିତା ପାଠ କରି ଧରିତ୍ରୀ ଦିବସ ପାଳନର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ। ମହିଳା ଓ ଚାନ୍ଦୁଆ ତାଲିମ କେନ୍ଦ୍ରର ଶିକ୍ଷାର୍ଥୀମାନେ ଧରିତ୍ରୀ ମାତା ତଥା ପରିବେଶକୁ ସୁସ୍ଥ ରଖିବା ପାଇଁ ସଂକଳ୍ପ ନେଇଥିଲେ। ଚାନ୍ଦୁଆ ତାଲିମ କେନ୍ଦ୍ର ଶିକ୍ଷୟିତ୍ରୀ ମଧୁସ୍ମିତା କର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବାବେଳେ ଗାଁ ମୁଖିଆ ହରିହର ପଣ୍ଡା ଧନ୍ୟବାଦ ଦେଇଥିଲେ।

# ଶିକ୍ଷାବିତ୍ ଶରତ ଚନ୍ଦ୍ର ପ୍ରଧାନଙ୍କ ସ୍ମୃତିଚାରଣ

ନିରାକାରପୁର,୨୨।୪
(ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ପଞ୍ଚାୟତର ଦିବଂଗତ ଶିକ୍ଷକ ଶରତ ଚନ୍ଦ୍ର ପ୍ରଧାନଙ୍କ ତୃତୀୟ ବାର୍ଷିକ ଶ୍ରାଦ୍ଧ ଉତ୍ସବ ଶରତ ଚନ୍ଦ୍ର ସେବା ସଂସ୍ଥାନ ପକ୍ଷରୁ ନୀଳକଣ୍ଠେଶ୍ୱର ଦେବଙ୍କ ମନ୍ଦିର ପରିସରରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଦିବ୍ୟସିଂହ ତ୍ରିପାଠୀ ପୌରୋହିତ୍ୟ କରିଥିବାବେଳେ ଅତିଥି ଭାବେ ଟାଙ୍ଗୀ ବ୍ଲକ ଶିକ୍ଷାଧିକାରୀ ପ୍ରଦୀପ କୁମାର ସାହୁ, ଶିକ୍ଷାବିତ୍ ବଂଶୀଧର ଜଗଦେବ, ସଖା ସଂଘ କ୍ରୀଡ଼ା ସଂସଦ ସଭାପତି ବିପିନ କୁମାର ଜୟସିଂହ, ଶିକ୍ଷାବିତ୍ ଅମ୍ଲାନ ପ୍ରହରାଜ, ସାହିତ୍ୟିକ ନୀଳାଦ୍ରି ସିଂ ପ୍ରମୁଖ ଯୋଗଦେଇ ଦିବଂଗତ ଶରତ ପ୍ରଧାନଙ୍କ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଟାଙ୍ଗୀସ୍ଥିତ ଝରିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ମହାରଣାଙ୍କୁ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ବିଶିଷ୍ଟ ପାଲା ଗାୟକ ପ୍ରଶାନ୍ତ କୁମାର ପାଟ୍ଟଶାଣୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶରତ ଚନ୍ଦ୍ର ସେବା ସଂସ୍ଥାନ ଆବାହକ ମୃତ୍ୟୁଞ୍ଜୟ ପ୍ରଧାନ ଧନ୍ୟବାଦ ଦେଇଥିଲେ। ସେବା ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।




ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ମହାରଣାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଘରୁ ଚୋରି ଘଟଣାରେ ୨ କୋର୍ଟ ଚାଲାଣ

ଜଟଣୀ,୨୨।୪(ରବୀନ୍ଦ୍ରନାଥ ମହାକୁଡ଼)

ଘରେ ପଶି ଚୋରି ଘଟଣାରେ ବୁଧବାର ଜଟଣୀ ପୋଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ଜଟଣୀ ଥାନା ଅଧୀନ ବେଣାପଞ୍ଜରୀ ଗ୍ରାମର ଅଜାନ ଖାନ (୨୫) ଏବଂ ଅମିରୁଦ୍ଦିନ ଖାନ(୩୦)। ଉଭୟଙ୍କୁ ପୋଲିସ ଗିରଫ କରି ଏକ କେସ୍ (ନଂ. ୧୨୬/୨୧) ରୁଜୁ ସହ କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ଷ୍ଟାଲିନ ବିଶ୍ୱାଳ କହିଛନ୍ତି। ସୂଚନା ମୁତାବକ, ୨୦୨୧ ମାର୍ଚ୍ଚ ୭ ତାରିଖ ମଧ୍ୟରାତ୍ରରେ କେତେଜଣ ଦୁର୍ବୃତ୍ତ ଅଭିଯୋଗକାରୀ ଦେବାଶିଷ ରାୟଙ୍କ ଘର କବାଟ ଭାଙ୍ଗି ପଶି ତାଙ୍କୁ ଏବଂ ତାଙ୍କ ବାପାଙ୍କୁ ମାଡ଼ ମାରି ନଗଦ ୧୫ହଜାର ଟଙ୍କା ସହ ସୁନା ଗହଣା, ମୋବାଇଲ ଫୋନ ଏବଂ ଏଟିଏମ କାର୍ଡ ନେଇଯାଇଥିଲେ। ଏ ନେଇ ଦେବାଶିଷ ଜଟଣୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ କେସ୍ ରୁଜୁ କରି ତଦନ୍ତ ଜାରି ରଖିଥିଲା।

# ମୁକୁଳା ପଡ଼ିଛି ଡ୍ରେନ୍, ବିପଦ ଆଶଙ୍କା

ବେଗୁନିଆ,୨୨।୪(ସନ୍ଧ୍ୟାରାଣୀ ମିଶ୍ର)



ଖୋର୍ଦ୍ଧା– ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ବେଗୁନିଆ ଥାନା ସମ୍ମୁଖରେ ଥିବା ମୁକୁଳା ଡ୍ରେନ ବିପଦର କାରଣ ପାଲଟିଛି। ଡ୍ରେନ ଉପରେ ପଡ଼ିଥିବା ସ୍ଲାବ ମଧ୍ୟରୁ ଗୋଟିଏ ସ୍ଲାବ ଭାଙ୍ଗିଯାଇ ଗର୍ତ୍ତ ସୃଷ୍ଟି ହୋଇଛି। ଏହି ରାସ୍ତାଟି ଜନଗହଳି ପୂର୍ଣ୍ଣ ହୋଇଥିବାବେଳେ ବିପଦକୁ ଏଡାଇ ଦିଆଯାଇ ନ ପାରେ। ପ୍ରତିଦିନ ଏହି ରାସ୍ତା ଦେଇ ଛାତ୍ରୀଛାତ୍ର, ଜନସାଧାରଣ ଓ ବୁଲାଗୋରୁ ଯାତାୟାତ କରୁଛନ୍ତି। କେତେବେଳେ ଯେ କ'ଣ ଦୁର୍ଘଟଣା ନ ଘଟିବ ତାହା କିଏ କହିବ। ଦୀର୍ଘ ଦିନ ଧରି ଏହି ଡ୍ରେନ ମୁକୁଳା ପଡ଼ିରହିଛି। ଏ ନେଇ ବିଭାଗୀୟ ଯନ୍ତ୍ରୀ ରାକେଶ କୁମାର ପ୍ରଧାନ କହିଛନ୍ତି, ମରାମତି କାର୍ଯ୍ୟ ସାରିବାକୁ ଟେଣ୍ଡରରେ ଆଉ ଏକ ବର୍ଷ ରହିଛି। ଠିକାଦାର ଏହି ଗୋଟିଏ କାର୍ଯ୍ୟ କରିବା ପାଇଁ ଅମଙ୍ଗ ହେଉଥିବାରୁ ଆଉ କିଛି ମରାମତି ସହ କାମ ସମ୍ପୂର୍ଣ୍ଣ କରାଯିବ।

# ଉତ୍ତମ ଚରିତ୍ର ଗଠନ କରେ ଶିକ୍ଷା, ସଂସ୍କାର, ଶୃଙ୍ଖଳା



ଅତିଥି ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଗହଣରେ ଛାତ୍ରୀଛାତ୍ର।

ବୋଲଗଡ଼,୨୨।୪(ଦେବବ୍ରତ ହୋତା)

**ବୀଣାପାଣି ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ**

ବୋଲଗଡ଼ ବ୍ଲକ ଗୋପାଳପୁର ପଞ୍ଚାୟତ ତାଳତୁମ୍ବସ୍ଥିତ ବୀଣାପାଣି ଶିଶୁ ବିଦ୍ୟାମନ୍ଦିରର ୩ୟ ବାର୍ଷିକ ଉତ୍ସବ ଅନୁଷ୍ଠାନ ପରିସରରେ ମଙ୍ଗଳବାର ପାଳିତ ହୋଇଯାଇଛି। ଶିକ୍ଷାବିତ୍ ପୁରୁଷୋତ୍ତମ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷା ସହ ସଂସ୍କାର ଓ ଶୃଙ୍ଖଳା ଛାତ୍ରୀଛାତ୍ରମାନଙ୍କ ଉତ୍ତମ ଚରିତ୍ର ଗଠନ କରେ ବୋଲି କହିଥିଲେ। ସାମାଜିକ କର୍ମୀ ବାଳକୃଷ୍ଣ ନାୟକ, ଶିତିକଣ୍ଠ ସାମନ୍ତରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିବା ପରେ ସାମାଜିକ କର୍ମୀ ପ୍ରଦୀପ ସାହୁ ସ୍ୱାଗତ ଭାଷଣ, ଅତିଥି ପରିଚୟ ଓ ଅନୁଷ୍ଠାନର ସମ୍ପାଦକ ବିଜୟ କୁମାର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଅନୁଷ୍ଠାନର ପରିଚାଳକ ପ୍ରଫୁଲ୍ଲ କୁମାର ରାଉତ ଧନ୍ୟବାଦ ଦେଇଥିଲେ। ଗୁରୁମାଗୁରୁଜୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ୭ଦିନ ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ ନ କଲେ ଆନ୍ଦୋଳନ

ଖୋର୍ଦ୍ଧା,୨୨।୪(ପ୍ରଭାତ ପାଣିଗ୍ରାହୀ)

■ ଖବରଦାତା ପଦ୍ମନାଭ ବିଶ୍ୱାଳଙ୍କୁ ଆକ୍ରମଣ ଘଟଣା

■ ଏସ୍‌ପିଙ୍କୁ ଭେଟିଲେ ବିଭିନ୍ନ ସାମ୍ବାଦିକ ସଂଘ କର୍ମକର୍ତ୍ତା

ଟାଙ୍ଗୀର ବରିଷ୍ଠ ଖବରଦାତା ପଦ୍ମନାଭ ବିଶ୍ୱାଳଙ୍କୁ ଏକ ଖବର ପରିବେଷଣକୁ ନେଇ ଜଣେ ବ୍ୟକ୍ତି ଆକ୍ରମଣକରିବା ସହ ହତ୍ୟା ଧମକଦେବା ଘଟଣାରେ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବାକୁ ଦାବି ଜୋର୍ ଧରିଛି। ଏ ନେଇ ଟାଙ୍ଗୀ ସାମ୍ବାଦିକ ସଂଘ, ଖୋର୍ଦ୍ଧା ଜିଲା ପ୍ରେସ୍ କ୍ଲବ ଏବଂ ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘର ସଦସ୍ୟା ସଦସ୍ୟମାନେ ବୁଧବାର ଏସ୍‌ପିଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ସହ ପ୍ରତିବାଦ ପ୍ରଦର୍ଶନ କରିଛନ୍ତି। ପରେ ଏକ ପ୍ରତିନିଧି ମଣ୍ଡଳୀ ଏସ୍‌ପିଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ୭ଦିନ ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରା ନ ଗଲେ ସମସ୍ତ ଗଣମାଧ୍ୟମ ପ୍ରତିନିଧି ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ, ଟାଙ୍ଗୀ ବ୍ଲକ୍ ସାମ୍ବାଦିକ ସଂଘର ସଭାପତି ତଥା ବରିଷ୍ଠ ନାଗରିକ ପଦ୍ମନାଭ ବିଶ୍ୱାଳ (୮୨) ଜଣେ ମହିଳାଙ୍କ ଆତ୍ମହତ୍ୟା ସମ୍ପର୍କିତ ଖବର ପ୍ରକାଶ କରିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ଟାଙ୍ଗୀ ଥାନା ଅନ୍ତର୍ଗତ ବଡ଼ପାରି ଅଞ୍ଚଳର ଜଣେ ବ୍ୟକ୍ତି ତାଙ୍କ ସମର୍ଥକଙ୍କ ସହ ଗତ ୧୬ତାରିଖରେ ବିଶ୍ୱାଳଙ୍କ ଘରେ ପଶି ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମରଣାନ୍ତକ ଆକ୍ରମଣ କରିଥିଲେ। ଏପରିକି ତାଙ୍କୁ ହତ୍ୟା ଧମକ ଦେଇଥିବା ସେ ଅଭିଯୋଗ କରିଛନ୍ତି। ଏହି ଘଟଣା ପରେ ତାଙ୍କ ପରିବାର ଭୟ ଓ ଅସୁରକ୍ଷିତ ଅବସ୍ଥାରେ ଅଛନ୍ତି। ସେ ଏନେଇ ଟାଙ୍ଗୀ ଥାନାରେ ଲିଖିତ ଅଭିଯୋଗ କରିବାର ୭ଦିନ ପରେ ମଧ୍ୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ଅନ୍ୟ ପକ୍ଷରେ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଏସ୍‌ପି ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

ବିକ୍ଷୋଭରେ ଖୋର୍ଦ୍ଧା ଜିଲା ପ୍ରେସ୍ କ୍ଲବ ସଭାପତି ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ, ସମ୍ପାଦକ ଦିଲୀପ କୁମାର ପଟ୍ଟନାୟକ, ଓୟୁଜେ ଖୋର୍ଦ୍ଧା ଜିଲା ସଭାପତି ତପନ କୁମାର ନାୟକ, ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘ (ଓୟୁଡବ୍ଲୁଜେ) ଖୋର୍ଦ୍ଧା ଜିଲା ଶାଖା ସଭାପତି ପ୍ରକାଶ କୁମାର ହାତୀ, ଉତ୍କଳ ସାମ୍ବାଦିକ ସଂଘ ଖୋର୍ଦ୍ଧା ଜିଲା ସଭାପତି ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ସମ୍ପାଦକ ମନୋଜ ପଟ୍ଟନାୟକ, ବରିଷ୍ଠ ସଭ୍ୟ ପ୍ରଦୀପ କୁମାର ମହାପାତ୍ର, କୋଷାଧ୍ୟକ୍ଷ ଦାମୋଦର ସାହୁ, ଆଲୋକ ମହାରଣା, ଉମେଶ ପଟ୍ଟନାୟକ, ମାନସ ପ୍ରଧାନ, ରଜନୀକାନ୍ତ ମିଶ୍ରଙ୍କ ସମେତ ଖୋର୍ଦ୍ଧା ପ୍ରେସ୍ କ୍ଲବ ଏବଂ ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘର ସଦସ୍ୟମାନେ ସାମିଲ ଥିଲେ।



ଏସ୍‌ପି ବିବେକାନନ୍ଦ ଶର୍ମାଙ୍କୁ ବିଭିନ୍ନ ସାମ୍ବାଦିକ ସଂଘର କର୍ମକର୍ତ୍ତା ଭେଟି ଆଲୋଚନା କରୁଛନ୍ତି।

# ସଂକ୍ଷେପରେ

## ୱାର୍ଡ ନଂ ୫୬ରେ ମୌଳିକ ସୁବିଧା ପାଇଁ ଏନ୍ଏଚ୍ଆର୍ସିରେ ମାମଲା

କଟକ,୨୨।୪(କାର୍ତ୍ତିକ ସାହୁ)

କଟକ ମହାନଗର ନିଗମ (ସିଏମ୍ସି) ଅନ୍ତର୍ଗତ ୱାର୍ଡ ନଂ. ୫୬ରେ ଲୋକମାନଙ୍କୁ ମୌଳିକ ସୁବିଧା ମିଳୁନାହିଁ। ଏନେଇ ଜାତୀୟ ମାନବିକ ଅଧିକାର ଆୟୋଗ (ଏନ୍ଏଚ୍ଆର୍ସି)ରେ ଅକ୍ଷୟ କୁମାର ପାଣ୍ଡେ ଓ ସ୍ଥାନୀୟ ଅଧିବାସୀଙ୍କ ପକ୍ଷରୁ ରୁଜୁ ମାମଲାର ଶୁଣାଣି କରି ୪ ସପ୍ତାହ ମଧ୍ୟରେ ଜବାବ ଦାଖଲ ପାଇଁ ପ୍ରତିପକ୍ଷଙ୍କୁ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀ ଅନୁସାରେ, ସିଏମ୍ସିରେ ୧୯୯୭ ମସିହାରୁ ୫୬ ନଂ. ୱାର୍ଡ ସାମିଲ ହୋଇଛି। ଉକ୍ତ ୱାର୍ଡରେ ପ୍ରାୟ ୫୦,୦୦୦ ବାସିନ୍ଦା ରହୁଥିବା ବେଳେ ସେଠାକାର ମୌଳିକ ସୁବିଧାରୁ ବଞ୍ଚିତ ଅଛନ୍ତି। ଉକ୍ତ ଅଞ୍ଚଳରେ ପକ୍କା ରାସ୍ତା, ଡ୍ରେନ୍, ରାସ୍ତା ଆଲୋକୀକରଣ ଓ ବସ୍ ସେବା ଆଦି ନାହିଁ। କୁଆଖାଇ ନଦୀ ପୋଲ ଅତ୍ୟନ୍ତ ବିପଜ୍ଜନକ ସ୍ଥିତିରେ ରହିଛି। ଉକ୍ତ ପୋଲରେ ଭାରି ଯାନ ଚଳାଚଳ ହେଉଛି। ଏହି ମାମଲାରେ ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ, ପୋଲିସ ଡିଜି, ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ, କଟକ ଜିଲାପାଳ, ସିଏମ୍ସି କମିଶନରଙ୍କୁ ପକ୍ଷଭୁକ୍ତ କରାଯାଇଛି।

## ମହାତ୍ମା ସାଧୁସୁନ୍ଦର ଦାସଙ୍କ ଜୟନ୍ତୀ

ଚୌଦ୍ୱାର,୨୨।୪(ଆଶୁତୋଷ ଦାସ)

ମହାନ୍ ସଂସ୍କାରକ, ଐକେଶ୍ୱରବାଦର ପ୍ରବକ୍ତା ମହାତ୍ମା ସାଧୁସୁନ୍ଦର ଦାସଙ୍କ ଜୟନ୍ତୀ ଓ ବିଶ୍ୱଶାନ୍ତି ମହାଯଜ୍ଞ ଆଗ୍ରାହାଟ ପଞ୍ଚାୟତ କୁଜିବରସ୍ଥିତ ସାଧୁସୁନ୍ଦର ସିଦ୍ଧପୀଠରେ ଅନୁଷ୍ଠିତ ହୋଇଯାଇଛି। ପୀଠରେ ପ୍ରଭାତରୁ ସୂର୍ଯ୍ୟପୂଜା, ଗୋ ପୂଜନ, କଳସଯାତ୍ରା, ମହାପୂଜା ଆଦି ସହିତ ଯଜ୍ଞାରମ୍ଭ କରାଯାଇଥିଲା। ସାରାଦିନ ବ୍ୟାପୀ ଅନୁଷ୍ଠିତ ମହାଯଜ୍ଞରେ ହଜାର ହଜାର ଶ୍ରଦ୍ଧାଳୁ ଯୋଗଦେଇ ଆହୁତି ପ୍ରଦାନ କରିଥିଲେ। ଶ୍ରଦ୍ଧାଳୁମାନେ ପୀଠରେ ପ୍ରସ୍ତୁତ ମହାପୁରୁଷଙ୍କ ପ୍ରସିଦ୍ଧ ଭୋଗ ଦହି ପଖାଳ, ଶାଗଭଜା, ମହନ ଭୋଗ ଆଦି ପ୍ରସାଦ ସେବନ କରିଥିଲେ। ମାରଫତଦାର ଶରତ କୁମାର ସାହୁ, ଅନ୍ତର୍ଯ୍ୟାମୀ ଦାସ, ଉମେଶ ଚନ୍ଦ୍ର ସାହାଣି, ବାସୁଦେବ ସାହୁ, ସାଧୁ ସୁନ୍ଦର ସ୍ମୃତି କମିଟି ସମ୍ପାଦକ ଶରତ ଚନ୍ଦ୍ର ନାୟକ, ସାଧୁସୁନ୍ଦର ଆଳତି ସଂଘ, ସାଧୁ ସୁନ୍ଦର ସଂକୀର୍ତ୍ତନ ମଣ୍ଡଳୀ ସଦସ୍ୟ ବୃନ୍ଦ ଓ କୁଜିବର ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସନ୍ଧ୍ୟାରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ସହିତ ଅପେରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆୟୋଜିତ ଆନନ୍ଦ ବଜାରରେ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁ ଅଂଶଗ୍ରହଣ କରିଥିଲେ।

## ମିହିର ସଭାପତି, ଆର୍ଯ୍ୟଭଟ୍ଟ ସାଧାରଣ ସମ୍ପାଦକ

### ଉତ୍କଳ ସର୍ବୋଦୟ ମଣ୍ଡଳର ନିର୍ବାଚନ

କଟକ,୨୨।୪(କାର୍ତ୍ତିକ ସାହୁ)

ଉତ୍କଳ ସର୍ବୋଦୟ ମଣ୍ଡଳର ସ୍ୱତନ୍ତ୍ର ଅଧିବେଶନରେ ଆସନ୍ତା ୩ ବର୍ଷ ନିମନ୍ତେ ନୂତନ କର୍ମକର୍ତ୍ତା ମନୋନୟନ ଅନୁଷ୍ଠିତ ହୋଇଯାଇଛି। ନୂତନ କର୍ମକର୍ତ୍ତା ଭାବେ ସଭାପତି ମିହିର ପ୍ରତାପ ଦାସ, ସାଧାରଣ ସମ୍ପାଦକ ଆର୍ଯ୍ୟଭଟ୍ଟ ମହାନ୍ତି, ଉପସଭାପତି ଡ. ବାସନ୍ତୀ ମହାନ୍ତି, ପ୍ରଫେସର ଟେକଚାନ୍ଦଦୁଆନ ଓ ରାଜେଶ୍ୱରୀ ଦଳାଇ, ସଂଗଠନ ସମ୍ପାଦକ ବିପିନ ବିହାରୀ ବାରିକ ଓ ଗୌରାଙ୍ଗ ରାଉତ ଏବଂ ମାର୍ଗଦର୍ଶକ ମଣ୍ଡଳୀରେ କୃଷ୍ଣା ମହାନ୍ତି, ବିଜୟ କୁମାର ତ୍ରିପାଠୀ, ପ୍ରଫୁଲ୍ଲ ସାମନ୍ତରା, କୃଷ୍ଣ ସିଂହ, ଗାୟତ୍ରୀ ଦାସ, ଡ଼ ଝରଣା ପଟ୍ଟନାୟକ, ପ୍ରଧନେଶ୍ୱର ସାହୁ, ବିରଜା ଦେବୀ ମନୋନୀତ ହୋଇଛନ୍ତି। ସେହିଭଳି ସ୍ୱାସ୍ଥ୍ୟ ସମିତିରେ ସଂଯୋଜକ ଭାବରେ ଗୌରାଙ୍ଗ ଚନ୍ଦ୍ର ମହାପାତ୍ର, କୃଷି ସମିତିରେ ସଂଯୋଜକ ଅକ୍ରୁର ପଲେଇ, ଆନ୍ଦୋଳନ ସମିତିରେ ଅରୁଣ ଜେନା, ସଦ୍ଭାବନା ସମିତିରେ ସଂଯୋଜକ ପ୍ର ସେକ ନାସିର ବକ୍ସ, ଖଦି ସମିତିରେ ସଂଯୋଜକ ଧ୍ରୁବାନନ୍ଦ ଶରଣ, କୃଷି ଗବେଷଣାରେ ବିଜୟ କୁମାର ବାବୁ, ମହିଳା ସେଲ ସଂଯୋଜିକା ରାବେୟା ବେଗମ, ରଚନା ସମିତିରେ ଅନ୍ତର୍ଯ୍ୟାମୀ ବରାଳ ଓ ନିଶାନିବାରଣ ସମିତି ସଂଯୋଜକ ସୁଶାନ୍ତ କୁମାର ମହାନ୍ତି, ସର୍ବୋଦୟ ମଣ୍ଡଳର ମୁଖପାତ୍ର ସାମ୍ବାଦିକ ଶିଶିର ଶତପଥୀ ମନୋନୀତ ହୋଇଛନ୍ତି। ଡ. ବିଶ୍ୱଜିତ ଧନ୍ୟବାଦ ଦେଇଥିଲେ। ବାଖରାବାଦସ୍ଥିତ ଗାନ୍ଧୀ ଭବନଠାରେ ବୁଧବାର ଆୟୋଜିତ କାର୍ଯ୍ୟକ୍ରମକୁ ଜଷ୍ଟିସ ମନୋରଞ୍ଜନ ମହାନ୍ତି ପରିଚାଳନା କରିଥିଲେ।

# ପ୍ରସ୍ତାବିତ ଜିଲାପାଳଙ୍କ କାର୍ଯ୍ୟାଳୟ ସ୍ଥଳରୁ ଜବରଦଖଲ ଉଚ୍ଛେଦ

- ଭଙ୍ଗାଗଲା ୨୦ ଉଠାଦୋକାନ
- ଉଚ୍ଛେଦ ସ୍ଥଳରେ ଚାପା ଉତ୍ତେଜନା

କଟକ,୨୨।୪(କୁମାରଶ୍ରୀ)



କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜବରଦଖଲ ଉଚ୍ଛେଦ କରାଯାଉଛି।

କୃଷକ ବଜାର ନିକଟରେ ଜିଲାପାଳଙ୍କ କାର୍ଯ୍ୟାଳୟ ନିର୍ମାଣ ନିମନ୍ତେ ଶୁଭ ଦିଆଯାଇଥିଲା। ତେବେ ପ୍ରସ୍ତାବିତ ଏହି ସ୍ଥାନରେ ଜବରଦଖଲ ଗଢ଼ି ଉଠିଥିଲା। ପ୍ରାୟ ୨୦ଟି ଦୋକାନ ଏଠାରେ ବେଆଇନ ଭାବେ ଚାଲିଥିବା ବେଳେ ବୁଧବାର କଟକ ଉନ୍ନୟନ କର୍ତ୍ତୃପକ୍ଷ ଦ୍ୱାରା ଏହାକୁ ଉଚ୍ଛେଦ କରାଯାଇଛି। ଉଚ୍ଛେଦ ସମୟରେ ଘଟଣା ସ୍ଥଳରେ ଚାପା ଉତ୍ତେଜନା ଦେଖାଦେଇଥିଲା।

ଘଟଣାରୁ ପ୍ରକାଶ, ବିଡାନାସୀ ଥାନା ଅନ୍ତର୍ଗତ କୃଷକ ବଜାର ନିକଟରେ ଜିଲାପାଳଙ୍କ କାର୍ଯ୍ୟାଳୟ ନୂତନ ଭାବେ ନିର୍ମାଣ କରାଯିବ। କିଛି ମାସ ପୂର୍ବେ ଉକ୍ତ ସ୍ଥାନରେ ଶୁଭ ଦିଆଯାଇଥିଲା। ହେଲେ ପ୍ରଶାସନର ଦୃଷ୍ଟି ଆଢୁଆଳରେ ଉକ୍ତ ସ୍ଥାନରେ ଜବରଦଖଲ ହୋଇଥିଲା। ସିଡିଏ, ବିଡାନାସୀ, ଚହଟା ଏବଂ କୃଷକ ବଜାର ଅଞ୍ଚଳର କେତେଜଣ ଲୋକ ଏଠାରେ ଦୋକାନ କରି ବ୍ୟବସାୟ ଚଳାଇଥିଲେ। ବେଆଇନ ଭାବେ ଗଢ଼ି ଉଠିଥିବା ଏହି ଦୋକାନକୁ ଭାଙ୍ଗିବା ନିମନ୍ତେ କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) ନିର୍ଦ୍ଦେଶ ଦେଇଥିଲେ। ସିଡିଏ ଏବଂ କଟକ ମହାନଗର ନିଗମ (ସିଏମ୍ସି)ର ଏନ୍ଫୋର୍ସମେଣ୍ଟ ଟିମ୍ ମିଳିତ ଭାବେ ଉଚ୍ଛେଦ ପ୍ରକ୍ରିୟାରେ ସାମିଲ ଥିଲା। ଉଚ୍ଛେଦ ସ୍ଥଳରେ ଚାପା ଉତ୍ତେଜନା ଦେଖିବାକୁ ମିଳିଥିଲା। ଆଇନଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ବିଡାନାସୀ ଥାନା ପକ୍ଷରୁ ଗୋଟିଏ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା।



୧୬ନଂ. ଜାତୀୟ ରାଜପଥ ପଳାଶୁଣୀ ଓଭରବ୍ରିଜ୍ ଉପରେ ବୁଧବାର ଅପରାହ୍ନରେ ଏକ ଟ୍ରକ୍ ଜଳିଯାଇଥିଲା। ଫଳରେ କଟକ-ଭୁବନେଶ୍ୱରରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଘଣ୍ଟା ଘଣ୍ଟା ଧରି ଗାଡ଼ିମୋଟର, ସାଧାରଣ ଲୋକେ ଟ୍ରାଫିକ୍ ଜାମ୍ରେ ଫଶିଥିଲେ।

## ତଦନ୍ତ ତ୍ୱରାନ୍ୱିତ କରିବା ପାଇଁ ସମବାୟ ନିବନ୍ଧକଙ୍କୁ ଦାବିପତ୍ର

କଟକ ସଦର,୨୨।୪(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର କୃଷକ ସେବା ସମବାୟ ସମିତି ଦ୍ୱାରା ପରିଚାଳିତ ମିନି ବ୍ୟାଙ୍କରେ ୭୮ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆତ୍ମସାତ କରାଯାଇଥିବା ଅଭିଯୋଗ ହୋଇଛି। ଏହାର ତଦନ୍ତ ପରେ ୨ଜଣଙ୍କ ନାମରେ କନ୍ଦରପୁର ଥାନାରେ ମାମଲା ରୁଜୁ ହୋଇଛି। ବିଭାଗୀୟ ତଦନ୍ତ ସମୟରେ ଅନେକେ ଏହି ତୋସରପାତ ଘଟଣା ସମ୍ପର୍କରେ ଅବଗତ ଥାଇ ସୁଦ୍ଧା ନୀରବ ଦ୍ରଷ୍ଟା ସାଜିଥିଲେ। ୫ବର୍ଷ ବିତିଯାଇଥିଲେ ସୁଦ୍ଧା ମାମଲାର ଶୁଣାଣିରେ ଅଗ୍ରଗତି ହେଉନାହିଁ। ତେଣୁ ଏହା ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ତଦନ୍ତ ରିପୋର୍ଟରେ ଥିବା ଅନ୍ୟ କର୍ମଚାରୀମାନଙ୍କୁ ସମ୍ପୃକ୍ତ କରିବା ସହ ସେମାନଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି। ଉଲ୍ଲାସ ଚନ୍ଦ୍ର ହାତୀ, କିଶୋର ସାହୁ, ମୀନକେତନ ଜେନା, ଗୋକୁଳ ପ୍ରଧାନ, ଦିଲୀପ ସ୍ୱାଇଁ, ନିରଞ୍ଜନ ଲେଙ୍କା, ପ୍ରଦୀପ୍ତ କୁମାର ସ୍ୱାଇଁ ପ୍ରମୁଖ ଦାବି କରିଛନ୍ତି।

# ରଘୁନାଥଜୀଉ ରାଜନୀତି ବିଜ୍ଞାନ ପାଠଚକ୍ର




ରାଜନୀତି ବିଜ୍ଞାନ ପାଠଚକ୍ରରେ ଉପସ୍ଥିତ ଅତିଥିବୃନ୍ଦ।

କଟକ,୨୨।୪(କାର୍ତ୍ତିକ ସାହୁ)

ଦେଉଳସାହିସ୍ଥିତ ରଘୁନାଥଜୀଉ ସ୍ନାତକ ମହାବିଦ୍ୟାଳୟରେ ରାଜନୀତି ବିଜ୍ଞାନ ବିଭାଗର ପାଠଚକ୍ର ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରଫେସର ଡ. ସୀମା ମଲ୍ଲିକ, ସମ୍ମାନିତ ଅତିଥି ଜେ.କେ.ବି.କେ. କଲେଜ ପ୍ରଫେସର ଡ. ଅମିତ କୁମାର ମହାନ୍ତି, ରଘୁନାଥ ଜୀଉ ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ଚନ୍ଦ୍ରମୋହନ ସ୍ୱାଇଁ, ଅଧ୍ୟାପକ ଡ. ଅକ୍ଷୟ କୁମାର ନାୟକ, ଅଧ୍ୟାପକ କାଶୀନାଥ ସେଠୀ ଓ ଡ. ଶାରଦାକାନ୍ତ ମିଶ୍ର ପ୍ରମୁଖ ଯୋଗଦେଇ ଜଗତୀକରଣ ଓ ରାଷ୍ଟ୍ର ଶୀର୍ଷକରେ ଆଲୋଚନା କରିଥିଲେ। ଡ. ଅକ୍ଷୟ କୁମାର ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଇତିହାସ ବିଭାଗ ମୁଖ୍ୟ ସୁଶ୍ରୀ କାନ୍ତିରେଖା ବିଶ୍ୱାଳ ଓ ରାଜନୀତି ବିଜ୍ଞାନ ବିଭାଗର କାଶୀନାଥ ସେଠୀ ଏବଂ ବିଭାଗୀୟ ଛାତ୍ରୀଛାତ୍ର ଅର୍ପିତା ରାଉତ, ସୁନୀଲ ନାୟକ, ରେହେନାତୁନ୍ ନିଶା ନିଜ ସନ୍ଦର୍ଭ ପାଠ କରିଥିଲେ। ଏହି ଅବସରରେ ତୀର୍ଥକ ଦାସ, ଅର୍ପିତା ରାଉତ, ସୌମ୍ୟ, ରେହେନାତୁନ୍ ନିଶା, ସୁନୀଲ୍ ମିଶ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

## 'ମହିଳା ସଂରକ୍ଷଣ ଆଳରେ ଭାଜପା କୁମ୍ଭୀରକାନ୍ଦଣା ବନ୍ଦକରୁ'

ମଙ୍ଗୁଳି-ଜଗତପୁର,୨୨।୪(ମାନସ ସାମଲ)

ମହିଳା ସଂରକ୍ଷଣ ଆଳରେ ଭାଜପା କୁମ୍ଭୀରକାନ୍ଦଣା ବନ୍ଦକରୁ ବୋଲି ପିସିସି ମୁଖପାତ୍ର ଜୟଶ୍ରୀ ପାତ୍ର କହିଛନ୍ତି। ୧୯୮୯ ସେପ୍ଟେମ୍ବରରେ ରାଜୀବ ଗାନ୍ଧୀ ସଂସଦ ଓ ବିଧାନସଭାରେ ୨୦୧୦ରେ ଡ.ମନମୋହନ ସିଂହ ରାଜ୍ୟ ସଭାରେ ୩୩% ମହିଳା ସଂରକ୍ଷଣ କରାଇଥିଲେ। ୧୯୯୨ରେ ୭୩ ଓ ୭୪ତମ ସମ୍ବିଧାନ ସଂଶୋଧନ ଆଇନ ବଳରେ ନରସିଂହ ରାଓଙ୍କ କଂଗ୍ରେସ ନେତୃତ୍ୱାଧୀନ ସରକାର ପଞ୍ଚାୟତ ଓ ସହରାଞ୍ଚଳ ପ୍ରତିନିଧିରେ ମହିଳାଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ଭିତରେ ପୁଣି ଅନୁସୂଚିତ ଜାତି ଓ ଜନଜାତି ପାଇଁ ସଂରକ୍ଷଣ କରିଥିଲେ। କଟକ ଜିଲା କଂଗେସ କମିଟି ସଭାପତି ପ୍ରଦୀପ୍ତ କୁମାର ଦାସଙ୍କ ନେତୃତ୍ୱରେ ଜଗତପୁର ଥାନା ଅଧୀନ ଭୟରପୁରସ୍ଥିତ କଂଗ୍ରେସ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଖବରଦତା ସମ୍ମିଳନୀରେ ଜୟଶ୍ରୀ ପାତ୍ର ଏହି ସୂଚନା ଦେଇଛନ୍ତି। କହିବାକୁ ଗଲେ ପୂର୍ବରୁ କଂଗେସ ମହିଳା ସଂରକ୍ଷଣ ବ୍ୟବସ୍ଥା କରିଛି, ମହିଳା ସଂରକ୍ଷଣ ଆଳରେ ଭଜପା କୁମ୍ଭୀର କାନ୍ଦଣା ବନ୍ଦକରୁ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିଳୀମା ତ୍ରିପାଠୀ, ମମତା ସିଂହ, ପ୍ରତିଭା ମଲିକ, କଟକ ଜିଲା ଅନୁସୂଚିତ ଜାତି ଅଧ୍ୟକ୍ଷ ପ୍ରତାପ ମଲିକ, ସଧାରଣ ସମ୍ପାଦକ ସୁକାନ୍ତ ନନ୍ଦ, ବିଶ୍ୱ ରଞ୍ଜନ ଜେଠୀ, ସାଲେପୁର ବ୍ଲକ କଂଗେସ ସଭାପତି ସରୋଜ କର, ଜିଲା ସମ୍ପାଦକ ବାନମ୍ବର ଚାନ୍ଦ, ସେକ ସଦାମ ପ୍ରମୁଖ ଉପସ୍ଥିତ ଥିଲେ।

# 'ମହିଳା ଭୋଟରଙ୍କୁ ଭାଜପା ସରକାର ଭୁଆଁ ବୁଲାଉଛନ୍ତି'

**ମହିଳା ସଂରକ୍ଷଣ ବିଲ୍ ନେଇ ବର୍ଷିଲା କଟକ ନଗର (ଜିଲା) କଂଗ୍ରେସ**

କଟକ,୨୨।୪(ଶିଳ୍ପା ପ୍ରିୟଦର୍ଶିନୀ)

ମହିଳା ସଂରକ୍ଷଣ ବିଲ୍ ଆଳରେ କେନ୍ଦ୍ର ସରକାର ଦେଶର ଜନସାଧାରଣଙ୍କୁ ଭୁଆଁ ବୁଲାଇବାକୁ ଚେଷ୍ଟା କରୁଛନ୍ତି ବୋଲି ପୂର୍ବତନ ପିସିସି ସଭାପତି ତଥା ପୂର୍ବତନ ମନ୍ତ୍ରୀ ପ୍ରସାଦ ହରିଚନ୍ଦନ ଅଭିଯୋଗ କରିଛନ୍ତି। କଟକ ନଗର (ଜିଲା) କଂଗ୍ରେସ କମିଟି ପକ୍ଷରୁ କଟକ ଲିଙ୍କରୋଡସ୍ଥିତ ନିଶାମଣି କନ୍ଭେନ୍ସନ ହଲଠାରେ କଟକ ନଗର (ଜିଲା) କଂଗ୍ରେସ କମିଟି ସଭାପତି ଶାନ୍ତାୟନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଯୋଗଦେଇ ହରିଚନ୍ଦନ କହିଛନ୍ତି, ସରକାର ମହିଳା ବିଲ୍ ଆଢୁଆଳରେ ନିଜ ସୁବିଧା ମୁତାବକ ସୀମା ନିର୍ଦ୍ଧାରଣ କରାଇ ସବୁଦିନ କ୍ଷମତାରେ ରହିବାକୁ ଚାହୁଁଥିବା ଏକ ହୀନ ଉଦ୍ୟମ। ମହିଳା ଭୋଟରଙ୍କୁ ଭୁଆଁ ବୁଲାଉଛନ୍ତି ଭାଜପା ସରକାର। ପୂର୍ବରୁ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀ ୧୯୮୯ରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ମହିଳାମାନଙ୍କ ପାଇଁ ସ୍ଥାନ ସଂରକ୍ଷଣର ବ୍ୟବସ୍ଥା କରିଥିଲେ। ସେହିପରି ୨୦୧୭-୧୮ରେ ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀ ସରକାରଙ୍କୁ ଚିଠି ଲେଖି ଏହି ବିଲ୍ କାର୍ଯ୍ୟକାରୀ କରିବା ପାଇଁ ଦାବି ଜଣାଇଥିଲେ। କଂଗ୍ରେସ ଦଳର ନେତୃମଣ୍ଡଳୀଙ୍କ ଦ୍ୱାରା ବାରମ୍ବାର ଏ ନେଇ ନିଷ୍ଠାପର ଉଦ୍ୟମ କରାଯାଇଥିବା ବେଳେ କେନ୍ଦ୍ର ସରକାର ଏହାକୁ କାର୍ଯ୍ୟକାରୀ କରାଇ ନ ଥିଲେ। ଏବେ ଭୋଟ ହାତେଇବା ପାଇଁ ଏଭଳି କରିବା ଦୁର୍ଭାଗ୍ୟଜନକ। ସରକାରଙ୍କ ଏପରି ଚଞ୍ଚକତାକୁ ଜନସାଧାରଣ ବୁଝିଲେଣି ଓ ଉଚିତ୍ ଜବାବ ଦେବେ ବୋଲି ସେ କହିଛନ୍ତି। ସମ୍ମିଳନୀରେ ପୂର୍ବତନ ବିଧାୟକ ରବୀନ୍ଦ୍ର କୁମାର ମଲ୍ଲିକ, ବରିଷ୍ଠ କଂଗ୍ରେସ ନେତା ସୁରେଶ ମହାପାତ୍ର, ବିଶ୍ୱଜିତ ଦାସ, ପିସିସି ଗଣମାଧ୍ୟମର ଅଧ୍ୟକ୍ଷ ବିଶ୍ୱଜିତ ମହାନ୍ତି, ପିସିସି ମୁଖପାତ୍ର ଦେବାଶିଷ ଭୂୟାଁ, କର୍ପୋରେଟର ସନ୍ତୋଷ କୁମାର ଭୋଳ, ଶୁଭାଶିଷ ପଟ୍ଟନାୟକ, ଜେ. କାମେଶ୍ୱର ରାଓ, ଜନାର୍ଦ୍ଦନ ପରିଡ଼ା, ମୁଖପାତ୍ର ଅମ୍ରିତା ଦାସ ପ୍ରମୁଖ ଉପସ୍ଥିତ ଥିଲେ।




ଲିଙ୍କରୋଡସ୍ଥିତ ନିଶାମଣି କନ୍ଭେନ୍ଶନ ହଲଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ସୂଚନା ଦେଉଛନ୍ତି।

## ଲାବଣ୍ୟବତୀ ଚାରିଟେବୁଲ ଟ୍ରଷ୍ଟର ବାର୍ଷିକ ଉତ୍ସବ

କଟକ,୨୨।୪(କାର୍ତ୍ତିକ ସାହୁ)

ଲାବଣ୍ୟବତୀ ଚାରିଟେବୁଲ ଟ୍ରଷ୍ଟର ୩ୟ ବାର୍ଷିକ ଉତ୍ସବ କର୍ମବୀର ଗୌରୀଶଙ୍କର ରାୟ ଟାଉନହଲଠାରେ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର କୋଷାଧ୍ୟକ୍ଷା ପଙ୍କଜିନୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବକୁ ସନ୍ନ୍ୟାସିନୀ ବିଦ୍ୟୁତ କୁମାରୀ ଲାଲା ଉଦ୍ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ କଟକ ମହାନଗର ନିଗମର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସହ ନିର୍ଦ୍ଦେଶକ ଡା. ସତ୍ୟବ୍ରତ ମହାପାତ୍ର, ମୁଖ୍ୟ ବକ୍ତା ଡ. ପ୍ରହ୍ଲାଦ ବିଶ୍ୱାଳ, ସମ୍ମାନିତ ବକ୍ତା ବିରେନମିତ୍ର ଫାଉଣ୍ଡେଶନର ସଭାପତି ସୁମିତି ମିତ୍ର, ବରେଣ୍ୟ ଅତିଥି ଡା. ରମେଶ ଚନ୍ଦ୍ର ଦାସ, ଆଇନଜୀବୀ ପ୍ରଭାସ ଚନ୍ଦ୍ର ଜେନା, ସ୍ତମ୍ଭକାର ମୀରା ବେଉରା ଓ ଶିକ୍ଷାବିତ ଶୈବାଳିନୀ ପରିଡ଼ା ଯୋଗଦେଇଥିଲେ। ଟ୍ରଷ୍ଟର କୋଷାଧ୍ୟକ୍ଷ ମିହିର କୁମାର ମାହାନା ସ୍ୱାଗତ ଭାଷଣ, ସଭ୍ୟା ରୂପସୀ ମହାପାତ୍ର ଅତିଥି ପରିଚୟ, ସମ୍ପାଦକ ଚିତ୍ତ ରଞ୍ଜନ ପରିଡ଼ା ବିବରଣୀ ପାଠ ଓ କୋଷାଧ୍ୟକ୍ଷ ମମତା ମଞ୍ଜରୀ ସାହୁ ଧନ୍ୟବାଦ ଦେଇଥିଲେ।

## ପ୍ରତାପନଗରୀ ବାଲିଘାଟରେ ବ୍ୟାପକ ଅନିୟମିତତା



ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅନୟମିତତା ସମ୍ପର୍କରେ ସୂଚନା ଦିଆଯାଉଛି।

ଫୁଲନଖରା,୨୨।୪(ସତ୍ୟରଞ୍ଜନ ଦାସମହାପାତ୍ର)

କଟକ ସଦର ଥାନା ଅନ୍ତର୍ଗତ ପ୍ରତାପନଗରୀ ନିକଟ କୁଆଖାଇ ନଦୀ ବାଲିଘାଟରେ ନିଲାମଧାରୀ ବେଆଇନ ଭାବେ ବାଲି ଉତ୍ତୋଳନ କରୁଛନ୍ତି। ଏହାଦ୍ୱାରା ସରକାରୀ ରାଜସ୍ୱ ହାନି ହେବା ସହ ନିଲାମଧାରୀ ମୁନାଫା ହାସଲ କରୁଛନ୍ତି ବୋଲି ଗ୍ରାମ୍ୟ ଉନ୍ନୟନ କମିଟି ପକ୍ଷରୁ ବୁଧବାର ମା'ଧାକୁଲେଈ ପୀଠ ସଭାଗୃହରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅଭିଯୋଗ କରାଯାଇଛି। ନିୟମ ମୁତାବକ ଶ୍ରମିକମାନଙ୍କ ଦ୍ୱାରା ବାଲି ଉତ୍ତୋଳନ କରିବା ପରିବର୍ତ୍ତେ ଜେସିବି ମେଶିନ ଦ୍ୱାରା ବାଲି ଖୋଳାଯାଉଛି। ଉକ୍ତ ସରକାରୀ ଘାଟର ନିଲାମ ଅବଧି ପୂରି ଯାଇଥିଲେ ମଧ୍ୟ ପୂର୍ବପରି ବାଲି ନିର୍ବିଘ୍ନରେ ଉଠୁଛି। ନିଲାମଧାରୀଙ୍କୁ ପଚାରିବାରୁ ଗ୍ରାମବାସୀଙ୍କୁ ଧମକ ଚମକ ଦିଆଯାଉଛି। ଏ ନେଇ ସଦର ଥାନାରେ ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ବେଆଇନ ଘାଟ ବନ୍ଦ କରିବା ନେଇ ମା'ଧାକୁଲେଈ ଗ୍ରାମ୍ୟ ଉନ୍ନୟନ କମିଟି ପ୍ରତାପନଗରୀର କର୍ମକର୍ତ୍ତାମାନେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ସମେତ ଜିଲାପାଳ, ଜିଲା ଖଣି ଅଧିକାରୀ, ସଦର ତହସିଲଦାର ଓ ଉଚ୍ଚପଦସ୍ଥ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅବଗତ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଅନିୟମିତତାର ଭିଜିଲାନ୍ସ ତଦନ୍ତ କରିବାକୁ କରିଛନ୍ତି। କମିଟି ସଭାପତି ପ୍ରମୋଦ କୁମାର ସ୍ୱାଇଁ, ସମ୍ପାଦକ ପ୍ରମୋଦ କୁମାର ବେହେରା, ସହସମ୍ପାଦକ ବାଦଲ କୁମାର ଜେନା, କୋଷାଧ୍ୟକ୍ଷ ବାଦଲ କୁମାର ସ୍ୱାଇଁ ଓ ସଦସ୍ୟମାନେ ଉପସ୍ଥିତ ଥିଲେ। ଦାବି ପୂରଣ ନ ହେଲେ ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ପ୍ରେସ୍ ବିବୃତିରେ ପ୍ରକାଶ କରିଛନ୍ତି।

## ଦେବେନ୍ଦ୍ର ନାଥ ଦାଶ ମେମୋରିଆଲ ଟ୍ରଷ୍ଟ ଉଦ୍ଘାଟିତ

କଟକ,୨୨।୪(କାର୍ତ୍ତିକ ସାହୁ)

ଦୋଳମୁଣ୍ଡାଇସ୍ଥିତ ହରେକୃଷ୍ଣ ପ୍ରଧାନଙ୍କ ବାସଭବନ ପରିସରରେ ଦେବେନ୍ଦ୍ର ନାଥ ଦାଶ ମେମୋରିଆଲ ଟ୍ରଷ୍ଟ ଉଦ୍ଘାଟିତ ହୋଇଯାଇଛି। ହାଇକୋର୍ଟ ବାର ଆସୋସିଏଶନର ସଭାପତି ଲଲାଟେନ୍ଦୁ ସାମନ୍ତରାୟ, କ୍ରିମିନାଲ କୋର୍ଟ ବାର ଆସୋସିଏଶନ ସଭାପତି ବାଦଲ ରାୟ, ପୂର୍ବତନ ସଭାପତି କାମଦେବ କାନୁନ୍ଗୋ, ଓଡ଼ିଶା ଷ୍ଟେଟବାର କାଉନସିଲର ସଭ୍ୟ ଅକ୍ଷୟ ପତି, କଟକ ସିଭିଲ ବାର ଆସୋସିଏଶନର ସମ୍ପାଦକ ଦିଲୀପ ମହାପାତ୍ର, ପୂର୍ବତନ ଯୁଗ୍ମ ସମ୍ପାଦକ ଚିତ୍ତରଞ୍ଜନ ସ୍ୱାଇଁ, କଟକ ଅର୍ବାନ ବ୍ୟାଙ୍କର ନିର୍ଦ୍ଦେଶକ ପ୍ରମୋଦ ଦାସ, ଆଇନଜୀବୀ ସବ୍ୟସାଚୀ ଶାସ୍ତ୍ରୀ, ବିଶ୍ୱରାଜ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱର୍ଗତ ଦେବେନ୍ଦ୍ର ନାଥଙ୍କ ପୁତ୍ରବଧୂ ଅନୁଭା ମହାପାତ୍ର ଅତିଥିମାନଙ୍କୁ ସମ୍ମାନିତ କରିଥିଲେ। ପୁତ୍ର ପ୍ରଭାତ କୁମାର ଦାଶ ଧନ୍ୟବାଦ ଦେଇଥିଲେ।




ଅତିଥିମାନଙ୍କ ଦ୍ୱାରା ମେମୋରିଆଲ ଟ୍ରଷ୍ଟ ଉଦ୍ଘାଟନ କରାଯାଉଛି।

# କବାଡ଼ିଆ ଡମ୍ପିଂୟାର୍ଡରେ ଅଗ୍ନିକାଣ୍ଡ

- ସରକାରୀ ଜାଗାରେ କିପରି ହେଇଥିଲା କବାଡ଼ିଆ ଡମ୍ପିଂ
- କାର୍ଯ୍ୟାନୁଷ୍ଠାନ ଦାବି କଲେ ସ୍ଥାନୀୟ ବ୍ୟବସାୟୀ

ମଙ୍ଗୁଳି-ଜଗତପୁର,୨୨।୪(ମାନସ ସାମଲ)



ଟାଙ୍ଗୀ ଥାନା ଅଧୀନ ୧୬ ନଂ. ଜାତୀୟ ରାଜପଥ ତୃପ୍ତି ମୋଟରର୍ସ ଶୋ'ରୁମ ନିକଟ ସରକାରୀ ସ୍ଥାନରେ ବେଆଇନ ଭାବେ ଗଢି ଉଠିଥିବା ଏକ କବାଡିଆ ଡମ୍ପିଂୟାର୍ଡରେ ବୁଧବାର ଅଗ୍ନିକାଣ୍ଡ ଘଟିଛି। ଏଥିରେ ଲକ୍ଷାଧିକ ଟଙ୍କାର ପ୍ଲାଷ୍ଟିକ ସାମଗ୍ରୀ ଜଳି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ଥିବା ବେଳେ ଅଳିଆ ଆବର୍ଜନାକୁ ପୋଡ଼ିବା ପାଇଁ କର୍ମଚାରୀ ଲଗାଇଥିବା ସ୍ଥାନୀୟ ବ୍ୟବସାୟୀ କହିଛନ୍ତି। ସୂଚନା ମୁତାବକ, ବିନା ଅନୁମତିରେ ସରକାରୀ ସ୍ଥାନରେ ଛତୁ ଫୁଟିଲା ଭଳି ମଙ୍ଗୁଳି ଛକରେ ଶହେରୁ ଊର୍ଦ୍ଧ୍ୱ କବାଡ଼ିଆ ଦୋକାନ ଗଢି ଉଠିଛି। ବହୁ ସମୟରେ କବାଡ଼ି ବ୍ୟବସାୟୀମାନେ ଗାଡ଼ିରୁ ବାହାରୁଥିବା ବର୍ଜ୍ୟବସ୍ତୁଗୁଡ଼ିକ ଯଥା ଗାଡ଼ିରେ ବ୍ୟବହୃତ ହେଉଥିବା ପୁରୁଣା ତେଲକୁ ଚାଷ ଜମି ଓ ସରକାରୀ ଜମିରେ ପକାଇବା ଦ୍ୱାରା ବର୍ଷା ପାଣିରେ ଉକ୍ତ ତେଲଗୁଡ଼ିକ ଚାଷ ଜମିରେ ମାଡ଼ିଯିବା ଦେଖାଦେଉଛି। ବୁଧବାର ଉକ୍ତ କବାଡିଆର ଜଣେ କର୍ମଚାରୀ ଅପରାହ୍ନ ସାଢ଼େ ଗୋଟାଏରେ ଅଳିଆ ଆବର୍ଜନାରେ ନିଆଁ ଲଗାଇଥିଲେ। ଚାହୁଁ ଚାହୁଁ ନିଆଁ ଅଣାୟତ୍ତ ହୋଇ ସରକାରୀ ଜମିରେ ମାଡ଼ିଥିବା ତେଲରେ ଲାଗିଯାଇଥିଲା। କର୍ମଚାରୀ ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ ସୁଦ୍ଧା ଲିଭାଇ ପାରି ନ ଥିଲେ। ଖବର ପାଇ କଟକ ଓ ଚୌଦାର ଅଗ୍ନିଶମ ବାହିନୀ ପହଞ୍ଚି ପ୍ରାୟ ୨ ଘଣ୍ଟା ପରେ ନିଆଁକୁ ଆୟତ୍ତ କରିଥିଲା। ସରକାରୀ ଜମିରେ କିପରି ହେଇଥିଲା କବାଡିଆର ଡମ୍ପିଂ ଏବଂ ବିଭିନ୍ନ ସମୟ ଅଳିଆ ଆବର୍ଜନାରେ ନିଆଁ ଲଗାଇ କବାଡିଆ ବ୍ୟବସାୟୀ ବାୟୁ ପ୍ରଦୂଷଣ କରୁଛନ୍ତି। ପ୍ରଶାସନ ତୁରନ୍ତ ଏହା କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ଥାନୀୟ ବ୍ୟବସାୟୀ ଦାବି କରିଛନ୍ତି।

## ସଂକ୍ଷେପରେ

### ପୂର୍ବ ଶତ୍ରୁତାରୁ ମରଣାନ୍ତକ ଆକ୍ରମଣ ସମିତି ସଭ୍ୟଙ୍କ ସହ ୨ଗିରଫ

ଆଠଗଡ଼, ୨୨।୪(ସତ୍ୟ ପ୍ରସାଦ ରଥ)

ଆଠଗଡ଼ ଥାନା ଅନ୍ତର୍ଗତ ଦୋରଡ ଗ୍ରାମରେ ମଙ୍ଗଳବାର ପୂର୍ବ ଶତୃତାକୁ ନେଇ ଜଣେ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିଲା। ଏହି ଘଟଣାରେ ଆଠଗଡ଼ ପୋଲିସ ଦୋରଡ ଗ୍ରାମ ପଞ୍ଚାୟତ ସମିତି ସଭ୍ୟ ବିଭୂତିଭୂଷଣ ବେହେରା (୪୩) ଏବଂ ତାଙ୍କ ସହଯୋଗୀ ବାପୁନି ଓରଫ ସୁନୀଲ ପାତ୍ର (୩୪)ଙ୍କୁ ଗିରଫ କରିଛି କୋର୍ଟ ଚାଲାଣ କରିଛି। ଏ ନେଇ ଥାନାରେ ଏକ ମାମଲା(ନଂ. ୧୬୨/୨୬) ରୁଜୁ ହୋଇଛି। ମଙ୍ଗଳବାର ରାତିରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ବିଭୂତି ଏବଂ ବାପୁନି ମାରଣାସ୍ତ୍ର ଧରି ସେହି ଗ୍ରାମର ଚତୁର୍ଭୁଜ ବେହେରାଙ୍କ ସ୍ତ୍ରୀ ପ୍ରତିମା ବେହେରା ଏବଂ ତାଙ୍କ ପୁଅ ଚିନ୍ମୟ ବେହେରାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଗୁରୁତର ଆହତ ଅବସ୍ଥାରେ ଉଭୟଙ୍କୁ ଉଦ୍ଧାର କରି ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା।

### ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ବିଡିଓଙ୍କୁ ଦାବିପତ୍ର

ସାଲେପୁର,୨୨।୪(ଅରବିନ୍ଦ ଭୂୟାଁ):

ଅବସରପ୍ରାପ୍ତ କର୍ମଚାରୀ ଓ ଶିକ୍ଷକମାନଙ୍କର ବିଭିନ୍ନ ଦାବିକୁ ନେଇ ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ସଂଘ ସାଲେପୁର ଶାଖା ପକ୍ଷରୁ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ମାଧମରେ ଏକ ସ୍ମାରକପତ୍ର ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ସାଲେପୁର ଶାଖା ସଭାପତି ଶିକ୍ଷାବିତ୍ ରଜନୀକାନ୍ତ ଦାଶଙ୍କ ନେତୃତ୍ୱରେ ସଂଘ କର୍ମକର୍ତ୍ତା ଓ ସଦସ୍ୟମାନେ ଯୋଗଦେଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ. ଲୋପାମୁଦ୍ରା ନାୟକଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଭାବଗ୍ରାହୀ ପତି, ଭାନୁ ପ୍ରସାଦ ମହାନ୍ତି, ଭିକାରୀ ଚରଣ ବେହେରା, ଉତ୍ସବ ଚରଣ ସାହୁଙ୍କ ସମେତ ଶାଖା କର୍ମକର୍ତ୍ତା ଓ ସଦସ୍ୟମାନେ ଯୋଗଦେଇଥିଲେ।

### ୨୫୬୫୫ ଲିଟର ପୋଚ, ୩୭୮୦ ଲିଟର ମଦ ଜବତ

ଟିଗିରିଆ,୨୨।୪(ଜାଫର ଖାଁ)

ଟିଗିରିଆ ବ୍ଲକ ଭୀରୁଡ଼ା ପଞ୍ଚାୟତର ବିଭିନ୍ନ ସ୍ଥାନରେ କଟକ ଅବକାରୀ ବିଭାଗ ତରଫରୁ ବୁଧବାର ଚଢ଼ାଉ କରାଯାଇଥିଲା। ଉକ୍ତ ଚଢାଉରେ ୩୭୮୦ଲିଟର ଦେଶୀ ମଦ ସହ ୨୫୬୫୫ ଲିଟର ମଦ ପ୍ରସ୍ତୁତ ନିମନ୍ତେ ବ୍ୟବହୃତ ପୋଚ ଉଦ୍ଧାର କରାଯାଇଥିଲା। ଏ ନେଇ ମୋଟ ୬ଟି ମାମଲା ରୁଜୁ କରାଯାଇଛି। ବିଭାଗ ପକ୍ଷରୁ କାହାକୁ ଗିରଫ କରାଯାଇନାହିଁ। କଟକ ଜିଲା ଅବକାରୀ ଅଧୀକ୍ଷକ କରୁଣାଶଙ୍କର ତିୱାରୀ ଓ ଆଠଗଡ ଅବକାରୀ ନିରୀକ୍ଷକ ରବିନାରାୟଣ ପଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଟିଗିରିଆ ଥାନା ଭିରୁଡ଼ା ପଞ୍ଚାୟତର ଭିରୁଡ଼ା ଉପରଗଡ, ଗରପଡ଼ା, ପାଇକସାହି ସମେତ ପଣସପାଟଣା ଗ୍ରାମ ଏବଂ ଭିରୁଡ଼ା ପଞ୍ଚାୟତରେ ଥିବା ସଂରକ୍ଷିତ ଜଙ୍ଗଲରେ ଆଠଗଡ ଅବକାରୀ ବିଭାଗ, ବାଙ୍କୀ ଅବକାରୀ ଥାନା, ନରସିଂହପୁର ଅବକାରୀ ବିଭାଗ, ଚୌଦ୍ୱାର ଅବକାରୀ ବିଭାଗ ଏବଂ ଜିଲା ମୋବାଇଲ ୟୁନିଟ ର ମିଳିତ ସହଯୋଗରେ ଚଢାଉ କରାଯାଇଥିଲା।

### ପୂର୍ବତନ ଜିଲା ପରିଷଦ ସଭ୍ୟଙ୍କ ପରଲୋକ

ବାରଙ୍ଗ,୨୨।୪(ଲିଙ୍ଗରାଜ ରାଉତ/ତୁଷାର କାନ୍ତ ବେହେରା):

ବାରଙ୍ଗ ବ୍ଲକ ଅନ୍ତର୍ଗତ ୩୨ନଂ. ଜୋନର ପୂର୍ବତନ ଜିଲା ପରିଷଦ ସଭ୍ୟ ତଥା ତ୍ରିଶୂଳିଆ ବଜାର କମିଟି ସଭାପତି ଅଜୟ ମୁଦୁଲି(୫୬)ଙ୍କ ମଙ୍ଗଳବାର ରାତିରେ ହୃଦ୍‌ଘାତ ଯୋଗୁ ପରଲୋକ ଘଟିଛି। ସ୍ୱର୍ଗତ ମୁଦୁଲି ଏକ ଜନ୍ମଦିନ ଭୋଜିରେ ଯୋଗଦେଇ ଘରକୁ ଫେରି ଶୋଇବା ସମୟରେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ପରିବାର ଲୋକ ତାଙ୍କୁ ଚିକିତ୍ସା ପାଇଁ ସିଡିଏସ୍ଥିତ ଏକ ଘରୋଇ ହସ୍ପିଟାଲକୁ ନେଇଥିଲେ। ସେଠାରେ ଅଜୟଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସ୍ୱର୍ଗତ ମୁଦୁଲି ବିଭିନ୍ନ ସଙ୍ଗଠନର ପଦ ପଦବୀରେ ରହିଥିବାବେଳେ ପୂର୍ବରୁ ଜିଲା ପରିଷଦ ସଭ୍ୟ ଥିଲେ। ସେ ତ୍ରିଶୂଳିଆ ଦୁର୍ଗାପୂଜା କମିଟି ସଭାପତି, ବଜାର କମିଟି ସଭାପତି ଥିଲେ। ମୃତଦେହକୁ ବିରାଟ ଶୋଭାଯାତ୍ରାରେ ଗ୍ରାମ ତଥା ତ୍ରିଶୂଳିଆ ବଜାର ପରିକ୍ରମା କରାଯାଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଖବରପାଇ ଅଞ୍ଚଳର ବହୁ ମୁରବି, ରାଜନୈତିକ ବ୍ୟକ୍ତିବିଶେଷ ତ୍ରିଶୂଳିଆସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ।

# ମା' ଚର୍ଚ୍ଚିକା ଗ୍ୟାସ୍ ଏଜେନ୍ସିର ମନାମନି ଅଭିଯୋଗ

ଡାଳବସ୍ତ, ୨୨।୪
(ସୁବ୍ରତ କୁମାର ନାୟକ):

ବାଙ୍କୀ ସ୍ଥିତ ମା' ଚର୍ଚ୍ଚିକା ଗ୍ୟାସ୍ ଏଜେନ୍ସିର ଗ୍ୟାସ୍ କଳାବଜାର ସମ୍ପର୍କୀତ ଖବର ଏବଂ ଗ୍ରାହକମାନଙ୍କର ବାଇଟ ବିଭିନ୍ନ ଗଣମାଧମରେ ପ୍ରକାଶିତ ହେବା ପରେ ସେମାନେ ପ୍ରତିକ୍ରିୟାଶୀଳ ହୋଇ ପାଖାପାଖି ଅଢେଇ ହଜାର କନେକସନର ରିଫିଲ ବୁକିଂ ବେଆଇନ ଭାବରେ ଖୋର୍ଦ୍ଧା ଜିଲାର ହଳଦିଆ ଅନ୍ତର୍ଗତ ପାଇକରାୟ ଏଜେନସିକୁ ଟ୍ରାନ୍ସଫର କରି ଦେଇଛନ୍ତି। ବାଙ୍କୀରୁ ହଳଦିଆ ପାଖାପାଖି ୨୪ କି.ମି. ରାସ୍ତା ହୋଇଥିବାରୁ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ମକୁନ୍ଦପୁର ଗ୍ରାମର ଗ୍ରାହକ ପୀତବାସ ସାହୁ ଏବଂ ବିଭିନ୍ନ ଗ୍ରାମର ଶତାଧିକ ଗ୍ରାହକ ଅଭିଯୋଗ କରିଛନ୍ତି । ଏପରକି ଘରେ ପୁରୁଷ ନ ଥିବାରୁ ମହିଳାମାନେ ଅଟୋଭଡ଼ା କରି ଖର୍ଚ୍ଚାନ୍ତ ହୋଇ ଖରାରେ ଘଣ୍ଟାଘଣ୍ଟା ଅପେକ୍ଷା କରୁଛନ୍ତି। ଗ୍ରାହକମାନଙ୍କର ଅଜାଣତରେ ମନଇଚ୍ଛା ଟ୍ରାନ୍ସଫର ହୋଇଥିବା ଯୋଗୁ ଲୋକମାନେ ତାଙ୍କ ବାଙ୍କୀ ଅଫିସଠୁ ଗ୍ୟାସ୍


ଗ୍ରାହକମାନେ ଗ୍ୟାସ୍ ନେବା ପାଇଁ ସିଲିଣ୍ଡର ଧାଡ଼ିରେ ରଖି ଅପେକ୍ଷା କରିଛନ୍ତି।

ଡିପୋ ଶିମିଳିପୁର, ପୁଣି ସେଠୁ ହଳଦିଆ ଏମିତି ହୋଇ ନାକେଦମ ହୋଇ ଗଲେଣି। କେତେକ ଲୋକଙ୍କର ବୁକିଂ ହେବାର ୧୦ ଦିନ ହୋଇଯାଇଥିଲେ ବି ଡିଏସି ନମ୍ବର ପ୍ରୋସେସିଂ ନ କରି ତାଙ୍କୁ ହଇରାଣ କରାଯାଉଛି। ଦୀର୍ଘ ୧୦ ଦିନ ହେବ ଏମିତି ସମସ୍ୟା ଲାଗି ରହିଥିଲେ ମଧ ସମାଧାନର ବାଟ ବାହାରି ପାରୁନାହିଁ । ହଳଦିଆରୁ ଇଣ୍ଡେନ୍ ଗ୍ୟାସ ଗାଡି କେବଳ ୫ କି.ମି. ଭିତରେ ବୁଲୁଛି। ସେଥିପାଇଁ ଦୂର ଦୂରାନ୍ତର ଗ୍ରାହକମାନେ ଗ୍ୟାସ୍ ନେବା ପାଇଁ ଆସି ବାହାର ଗାଁରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରୁଛନ୍ତି। ଡାଳବସ୍ତ ଓ ଦୁଲଣାପୁର ଅଞ୍ଚଳକୁ ଆସୁଥିବା ଗାଡି ଆଉ ନିୟମିତ ଗାଁକୁ ଆସୁନାହିଁ । ଲୋକମାନେ ଘର କୋଣରୁ ବାହାରି ସେମାନଙ୍କୁ ଫୋନ କରି ସେମାନଙ୍କର ଗରିବିଧି ବୁଝି ନିଜର ଗ୍ୟାସ୍ ସିଲିଣ୍ଡର ସଂଗ୍ରହ କରୁଛନ୍ତି। ବାଙ୍କୀ ପ୍ରଶାସନ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଅପ୍ରୀତିକର ପରିସ୍ଥିତି ପାଇଁ ଉଭୟ ପ୍ରଶାସନ ଏବଂ ଏଜେନ୍ସି ଉଭୟ ଦାୟୀ ରହିବେ ବୋଲି ଗ୍ରାହକମାନଙ୍କ ତରଫରୁ ଚେତାବନୀ ଦିଆଯାଇଛି।

ଏ ସମ୍ପର୍କରେ ଶିମିଳିପୁରଠାରେ ଥିବା ଚର୍ଚ୍ଚିକା ଇଣ୍ଡେନ ଗ୍ୟାସ୍ ପରିଚାଳକ ବୀପ୍ରବର ଲେଙ୍କାଙ୍କୁ ପଚାରିବାରେ ମଧ୍ୟପ୍ରାଚ୍ୟ ଯୁଦ୍ଧ କଟକଣା ପାଇଁ ଯାହାକିଛି ଅସୁବିଧା ଗ୍ରାହକ ମାନଙ୍କର ରହିଛି, ତାହାକୁ ଆମ୍ଭେ ଶୀଘ୍ର ସମାଧାନ କରୁଛୁ ବୋଲି କହିଛନ୍ତି ।

# ରାଜପଥ କଡ଼ରୁ ଶାଗୁଆନ କାଠ ଜବତ

ଟିଗିରିଆ,୨୨।୪(ଜାଫର ଖାଁ):

ଖୁଣ୍ଟୁଣୀ ନରସିଂହପୁର ରାଜ୍ୟ ରାଜପଥ କଡ଼ରୁ ଲକ୍ଷାଧିକ ଟଙ୍କାର ୭ଟି ଶାଗୁଆନ ଗଛକୁ କଟାଯାଇ ଥିବା ଅବସ୍ଥାରେ ଟିଗିରିଆ ବନ ବିଭାଗ ବୁଧବାର ଜବତ କରିଛି। ଟିଗିରିଆ ଥାନା ଅନ୍ତର୍ଗତ ଜେମାଦେଇପୁର ପଞ୍ଚାୟତର ଶକ୍ତି ବଜାରସ୍ଥିତ ମା' କଳାପାଟ ଢାବା ସମ୍ମୁଖରେ ଥିବା ୬୫ ନମ୍ବର ରାଜ୍ୟ ରାଜପଥ କଡ଼ରୁ ରାଜ୍ୟ ସଡ଼କ ପରିବହନ ନିଗମ ଜମି (ପୂର୍ତ୍ତ ବିଭାଗ) ସରକାରୀ ଜମି ନିକଟରେ ୭ଟି ଶାଗୁଆନ ଗଛ ରହିଛି। ଉକ୍ତ ଗଛକୁ ସେଠାକାର ଜୈନିକ ବ୍ୟକ୍ତି କାଟି ନେଉଥିବା ବନ ବିଭାଗ ଜାଣିବାକୁ ପାଇଥିଲା। ଘଟଣା ସମ୍ପର୍କରେ ସୂଚନା ପାଇ ଟିଗିରିଆ ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଗଛ କାଠକୁ ଜବତ କରାଯାଇଛି।

ସୂଚନାଯୋଗ୍ୟ, ରାସ୍ତା ପାର୍ଶ୍ୱକୁ ଲାଗି ଉକ୍ତ ବ୍ୟକ୍ତିଙ୍କର ଜମି ରହିଛି। ଜମି ପାର୍ଶ୍ୱରେ ଥିବା ସରକାରୀ ଜାଗାରେ ହୋଇଥିବା ଶାଗୁଆନ ଗଛକୁ ସକାଳେ ବ୍ୟକ୍ତି ଜଣକ କାଟି ନେଉଥିଲେ। ଘଟଣା ସମ୍ପର୍କରେ ସୂଚନା ପାଇ ସ୍ଥାନୀୟ ବନ ବିଭାଗର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ପ୍ରାୟ କଟା ଯାଇଥିବା ୭ଟି ଶାଗୁଆନ ଗଛର କାଠକୁ ଜବତ କରିଥିଲା। ଘଟଣା ସମ୍ପର୍କରେ ବନପାଳ ପ୍ରଶାନ୍ତ କୁମାର ପରିଡ଼ାଙ୍କୁ ପଚାରିବାରୁ ବନ ବିଭାଗ ପକ୍ଷରୁ ଉକ୍ତ ଶାଗୁଆନ ଗଛକୁ ଜବତ କରାଯାଇଛି ସୂଚନା ଦେବାସହ ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ବିଭାଗ ପକ୍ଷରୁ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି କୁହାଯାଇଛି ।


ରାସ୍ତାକଡ଼ରେ କଟା ହୋଇପଡ଼ିଥିବା ଚନ୍ଦନ ଗଛ।

# ପେନ୍‌ସନ୍ ଭୋଗୀ ମହାସଂଘ ପକ୍ଷରୁ ଦାବିପତ୍ର

ବାଙ୍କୀ,୨୨।୪(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ଅଖିଳ ଭାରତ ରାଜ୍ୟ ସରକାରୀ ପେନସନ ମହାସଂଘ ଓ ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘ ଆହ୍ୱାନକ୍ରମେ ବାଙ୍କୀ ଓ ଡମପଡ଼ା ବ୍ଲକ ଶାଖା ତରଫରୁ ଏକ ଦାବିପତ୍ର ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବାଙ୍କୀ ଓ ଡମପଡ଼ା ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ ଜରିଆରେ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ମହାସଂଘ ପକ୍ଷରୁ କାର୍ଯ୍ୟକାରୀ ଅଧକ୍ଷ ନିର୍ମଳଚନ୍ଦ୍ର ଦାସ, କୋଷାଧକ୍ଷ କେଦାରନାଥ ସ୍ୱାଇଁ ଉପସ୍ଥିତ ରହି ଅବସରପ୍ରାପ୍ତ କର୍ମଚାରୀମାନଙ୍କର


ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ବିଭିନ୍ନ ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ସଂଘ ବାଙ୍କୀ ବ୍ଲକ ଶାଖା ସଭାପତି କୌଶିକ ନାୟକ, ଡମପଡ଼ା ବ୍ଲକ ଶାଖା ସଭାପତି ରବିନ୍ଦ୍ର ନାଥ ଦାଶଙ୍କ ସହିତ କାର୍ଯ୍ୟକାରୀ ସଦସ୍ୟ ଶ୍ରୀବତ୍ସ ନାୟକ, ନବକିଶୋର ସ୍ୱାଇଁ, ହରେକୃଷ୍ଣ ନାୟକ ଉପସ୍ଥିତ ରହିଥିଲେ। ବାଙ୍କୀ ଓ ଡମପଡ଼ା ଉଭୟ ବ୍ଲକ ଶାଖାର ସମ୍ପାଦକ ଦେବରାଜ ରଣା ମହାସଂଘର ରାଜ୍ୟ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଅବସରପ୍ରାପ୍ତ କର୍ମଚାରୀମାନଙ୍କ ତରଫରୁ ୧୦ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା।

# ଟ୍ରକ ଧକ୍କାରେ ବୃଦ୍ଧାଙ୍କ ମୃତ୍ୟୁ ଘଟଣା ଭିନ୍ନମୋଡ଼ ଗାଡି ଚଢ଼ାଇ ମାରି ଦେଇଥିବା ଅଭିଯୋଗ ଆଣିଲେ ପୁଅ

ଆଠଗଡ଼, ୨୨।୪(ସତ୍ୟପ୍ରସାଦ ରଥ)

ଆଠଗଡ଼ ଥାନା ଅନ୍ତର୍ଗତ କଦମ୍ବପାଟଣାଠାରେ ହୋଇଥିବା ଟ୍ରକ ଧକ୍କାରେ ବୃଦ୍ଧା ହୀନ ପତ୍ରୀ (୭୦)ଙ୍କ ମୃତ୍ୟୁ ଘଟିଥିଲା। ମଙ୍ଗଳବାର କଦମ୍ବପାଟଣା ଗ୍ରାମର ଭ୍ରମରବର ପତ୍ରୀଙ୍କ ସ୍ତ୍ରୀ ହୀନ ବିଶେଶ୍ୱର ମହାଦେବ ମନ୍ଦିରରୁ ଧୂପ ଦେଇ ଫେରୁଥିଲେ। ଏହି ସମୟରେ ଏକ ୧୪ ଚକିଆ ଟ୍ରକ ତାଙ୍କୁ ଧକ୍କା ଦେବାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ଆଠଗଡ଼ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକ ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଆଠଗଡ଼ ଡ଼ାକ୍ତରଖାନା ପଠାଇଥିଲା। ହେଲେ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ମୃତକଙ୍କ ପୁଅ ଦାମୋଦର ପତ୍ରୀ ବୁଧବାର ଆଠଗଡ଼ ଥାନାରେ ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ଧକ୍କା ଦେଇଥିବା ଟ୍ରକ ଡ୍ରାଇଭର ସେହି ଗ୍ରାମର ଜଣେ ବ୍ୟକ୍ତି ପୂର୍ବରୁ ତାଙ୍କ ମା'ଙ୍କୁ ଗାଡ଼ି ଚଢ଼ାଇ ମାରି ଦେବାକୁ ଧମକ ଦେଇଥିଲେ। ତେଣୁ ମଙ୍ଗଳବାର ଯୋଜନାବଦ୍ଧଭାବେ ଗାଡି ଚଢାଇ ମାରି ଦିଆଯାଇଥିବା ସେ ଅଭିଯୋଗ କରିଛନ୍ତି। ଏ ନେଇ ଆଠଗଡ଼ ଥାନାରେ ଏକ ମାମଲା(ନଂ. ୧୬୩/୨୬) ରୁଜୁ ହୋଇଛି। ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି।

# 'ଉଦ୍ଭିଦଜଗତ ଜୀବଜନ୍ତୁଙ୍କୁ ଖାଦ୍ୟ ଯୋଗାଏ'



ଆଲୋଚନାଚକ୍ରରେ ଭାଗନେଇଥିବା ଉଦ୍ଭିଦ ବିଜ୍ଞାନ ସ୍ନାତକୋତ୍ତର ବିଭାଗର ଛାତ୍ରୀ ଓ ଅଧ୍ୟାପକମାନେ।

**ଉଦ୍ଭିଦ ବିଜ୍ଞାନ ସ୍ନାତକୋତ୍ତର ବିଭାଗରେ ଆଲୋଚନାଚକ୍ର**

ବାଙ୍କୀ,୨୨।୪(ଜ୍ଞାନେନ୍ଦ୍ର ମୋହନ ମିଶ୍ର/ଶୁଭେନ୍ଦୁ ମହାପାତ୍ର):

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ସ୍ନାତକୋତ୍ତର ବିଭାଗ ଆନୁକୂଲ୍ୟରେ ଉଚ୍ଚତର ଶିକ୍ଷା ଓ ଗବେଷଣା ସମ୍ପର୍କରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶେଷବର୍ଷର ସ୍ନାତକୋତ୍ତର ଛାତ୍ରୀଛାତ୍ରମାନଙ୍କୁ ବିଭାଗ ତରଫରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଆୟୋଜିତ ଆଲୋଚନାଚକ୍ରରେ ବିଭାଗୀୟ ମୁଖ୍ୟ ଡ. ମୁକ୍ତିପଦ ପଣ୍ଡା ସଭାପତିତ୍ୱ କରିବା ସହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥିଭାବେ ଅଧକ୍ଷ ପ୍ରାଧ୍ୟାପକ ପ୍ରମୋଦ କୁମାର ପଣ୍ଡା ଯୋଗଦେଇ ସ୍ନାତକୋତ୍ତର ପାସ୍ ପରେ ଛାତ୍ରୀଛାତ୍ରମାନେ ଉଦ୍ଭିଦ ବିଜ୍ଞାନରେ ଉଚ୍ଚତର ଗବେଷଣା କରି ନୂତନ ତଥ୍ୟ ବାହାର କରିବା ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ଅଧକ୍ଷ ଡ. ଅମରେନ୍ଦ୍ର ମିଶ୍ର ଯୋଗଦେଇ ଉଦ୍ଭିଦଜଗତ ସମସ୍ତ ଜୀବଜନ୍ତୁଙ୍କୁ ଖାଦ୍ୟ ଯୋଗାଇଥାଏ ଓ ଗବେଷଣା କରି କିପରି ଅଧିକ ଖାଦ୍ୟ ଉତ୍ପାଦନ ହେବ, ସେଥିପାଇଁ ଛାତ୍ରୀଛାତ୍ର ଗବେଷଣା କରିବା ଆବଶ୍ୟକ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଉପାଧକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ଅଧ୍ୟାପିକା ଦେବସ୍ମିତା ପଣ୍ଡା, ଅଧ୍ୟାପିକା ଶ୍ରୀୟାକାନ୍ତେ ଦତ୍ତ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ତନ୍ମୟା ତନୁଶ୍ରୀ ପରିଚାଳନା କରିଥିବା ବେଳେ କିରଣମୟୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଶେଷବର୍ଷର ସମସ୍ତ ଛାତ୍ରୀଛାତ୍ରଙ୍କୁ ଉପଢୌକନ ଓ ଉପହାର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ସଚ୍ଚିଦାନନ୍ଦ ମହାନ୍ତିଙ୍କୁ 'ସନ୍ଦୀପ ମହାପାତ୍ର ସ୍ମୃତି ପୁରସ୍କାର'

ଭୁବନେଶ୍ୱର,୨୨।୪
(ଅନୁରାଧା ମହାରଣା)

ଭୁବନେଶ୍ୱରସ୍ଥିତ ଇନ୍‌ଷ୍ଟିଚ୍ୟୁଶନ ଅଫ୍ ଇଞ୍ଜିନିୟର୍ସର ୬୫ତମ ବାର୍ଷିକ ପ୍ରାଯୁକ୍ତିକ ସଭା ପ୍ରତିଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବୈଜ୍ଞାନିକ ଡ. ସଚ୍ଚିଦାନନ୍ଦ ମହାନ୍ତିଙ୍କୁ 'ସନ୍ଦୀପ ମହାପାତ୍ର ସ୍ମୃତି ପୁରସ୍କାର' ପ୍ରଦାନ କରାଯାଇଛି। ପ୍ରତିଷ୍ଠାନ ଅଧକ୍ଷ ଇଂ. ସଂଗ୍ରାମ କେଶରୀ ପଟ୍ଟନାୟକ ଓ ମନୋଜ କୁମାର ଦାଶଙ୍କ ଉପସ୍ଥିତିରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ସୂଚନା ଥାଉ କି, ଡା. ମହାନ୍ତି ପୂର୍ବରୁ ଅଲ୍ ଇଣ୍ଡିଆ କାଉନସିଲ ଫର୍ ଟେକ୍ନିକାଲ ଏଜୁକେଶନ ଏବଂ ସାଇନ୍ସ ଆଣ୍ଡ୍ ଟେକ୍ନୋଲୋଜି ବିଭାଗ ପରି ପ୍ରମୁଖ ସଂସ୍ଥାଗୁଡ଼ିକ ପକ୍ଷରୁ ଅନେକ ପୁରସ୍କାର ଓ ସମ୍ମାନ ପାଇଛନ୍ତି। ସେ ଗତ ପାଞ୍ଚ ବର୍ଷ ଧରି ବିଶ୍ୱର ଶୀର୍ଷ ୨% ବୈଜ୍ଞାନିକଙ୍କ ମଧରେ ସ୍ଥାନ ପାଇ ଆସୁଛନ୍ତି।

# ବେସରକାରୀ ଅଧାପକ କର୍ମଚାରୀ ସଂଘର ଦାବିପତ୍ର

ବାଙ୍କୀ, ୨୨।୪( ଶୁଭେନ୍ଦୁ ମହାପାତ୍ର)

ଓଡିଶା ରାଜ୍ୟ ବେସରକାରୀ ଅଧାପକ କର୍ମଚାରୀ ସଂଘ କଟକ ଜିଲା ଶାଖା ତରଫରୁ ଅନୁଦାନ ସମ୍ପର୍କ ଅଭିଯାନକ୍ରମରେ କଟକ ଜିଲା ଯୋଜନା ବୋର୍ଡ ଅଧକ୍ଷ ତଥା ନିଆଳି ବିଧାୟକ ଛବି ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏଥିସହ ୨୦୦୮ରୁ ୨୦୧୮ ପର୍ଯ୍ୟନ୍ତ ସରକାରୀ ଅନୁଦାନ ପାଇଁ ଦାବିପତ୍ର ପ୍ରଦାନ ସହିତ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ସୁପାରିଶ ପତ୍ର ପ୍ରେରଣ ପାଇଁ ବିଧାୟକଙ୍କୁ ଅନୁରୋଧ କରାଯାଇଥିଲା। ବେସରକାରୀ ମହାବିଦ୍ୟାଳୟମାନଙ୍କରେ ୨୦୦୮ ରୁ ୨୦୧୮ ମଧରେ ନିଯୁକ୍ତ ଅଧାପକ, କର୍ମଚାରୀଙ୍କୁ ଅନୁଦାନ ପ୍ରଦାନ ନିମନ୍ତେ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ଅଧକ୍ଷତାରେ ସଂଘ ସହ ଆଲୋଚନା ହୋଇ ଶୀଘ୍ର ଦାବି ପୂରଣ ହେବ ବୋଲି ପ୍ରତିଶ୍ରୁତି ପ୍ରଦାନ କରାଯାଇଥିଲା। ଶିକ୍ଷକମାନଙ୍କର ଦାବିକୁ ଅନୁଶୀଳନ କରିବା ପାଇଁ ମୁଖ୍ୟମନ୍ତ୍ରୀ ବିଧାନସଭାରେ ଏକ


ବିଧାୟକ ଛବି ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଉଚ୍ଚସ୍ତରୀୟ କମିଟି ଘୋଷଣା କରିଥିଲେ। ଉକ୍ତ କମିଟି ସଂଘ ସହ ଦୁଇଥର ଆଲୋଚନା କରି ଶୀଘ୍ର ସୁପାରିଶ ପାଇଁ ପ୍ରତିଶ୍ରୁତି ଦେଇଥିଲେ। କମିଟି ଗଠନ ହେବାର ଚାରି ମାସ ଏବଂ ସଂଘ ସହ ଆଲୋଚନାର ଦୁଇ ମାସ ଅତିକ୍ରାନ୍ତ ହୋଇଥିଲେ ମଧ ଅନୁଦାନ ନିମନ୍ତେ ସରକାରଙ୍କ ଚୂଡ଼ାନ୍ତ ନିଷ୍ପତ୍ତି ନେବାରେ ବିଳମ୍ବ ହେଉଥିବାରୁ ସଂଘର ନିଷ୍ପତ୍ତିକ୍ରମେ ଅନୁଦାନ ସମ୍ପର୍କ ଅଭିଯାନ ଆରମ୍ଭ କରାଯାଇଛ। କଟକ ଜିଲା ସଂଯୋଜକ କେଶବ ଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ କଟକ ଜିଲା ବ୍ୟବସ୍ଥା ପ୍ରମୁଖ ଲିତାରାଣୀ ପ୍ରଧାନ, ମାହାଙ୍ଗା ଖଣ୍ଡ ସଂଯୋଜକ ଦେବେନ୍ଦ୍ର ମହାନ୍ତି ଏବଂ ସଂଘ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।


**VEER SURENDRA SAI UNIVERSITY OF TECHNOLOGY**
(A Unitary University Established by Govt. of Odisha)
PO-ENGINEERING COLLEGE, BURLA, DIST-SAMBALPUR, ODISHA-768018, www.vssut.ac.in

No. VSSUT/Estt/651 Dated. 22.04.2026

**ADVERTISEMENT FOR RECRUITMENT OF DEAN, STUDENTS' WELFARE**

**No.44001/5/2627** : Online Applications are invited from prospective candidates for recruitment to the post of **Dean, Students' Welfare** at Veer Surendra Sai University of Technology, Burla. The qualifications details, eligibility criteria, and other general information are available at www.vssut.ac.in. The applicants are required to submit online application at https://vssutnt.samarth.edu.in. The last date of submission is **23.05.2026**. The qualifications, eligibility criteria, experience, publications and age limit etc. as on the last date of submission of application will only be considered. The authority reserves the right to reject any or all the applications or cancel the entire selection process without assigning any reason thereof.

| S/N | Name of the Post | No. of Post | Cetegory | Level in the 7th Pay Matrix |
|---|---|---|---|---|
| 1 | Dean, Students' Welfare | 01 | UR | Level-14 (Rs.1,44,200-2,18,200/-) |

OIPR-44001/44006/1/26-27/0002 Sd./- REGISTRAR



**OFFICE OF THE NOTIFIED AREA COUNCIL, KODALA, ODISHA, PIN - 761032**
Government of Orissa
e-Mail: nackodala@gmail.com

Lt. No. 1010/Dev/2026 Dated: 20.04.2026

**e-NOTICE**

**BID IDENTIFICATION No. KOD-NAC-02/2026-27**

No. 13001/275/2627: The Executive Officer, NAC, Kodala, on behalf of Governor of Odisha invites for consultancy or bidders of eligible class registered with the State Govt. and bidders of equivalent grade/class registered with Central Govt./MES/Railways according to norm of e-procurement system in online mode for the work as per DTCN.

1. Name of the Work : Civil Work
2. Number of Work : 01 No.
3. Estimated Cost : As per DTCN
4. Period of Completion : As per DTCN
5. Date and time of availability of Bid document in the portal : From 10.00 A.M. of Dt.21.04.2026 to 5.00 P.M. of Dt.04.05.2026
6. Last date and time for receipt of Bid in the portal : 5.00 P.M. of Dt.04.05.2026
7. The bid received online shall be opened on : 11.00 A.M. of Dtd.05.05.2026
8. Name and address of the Officer Inviting Bid : Executive Officer, NAC, Kodala

Further details can be seen from the Procurement Portal: **www.tendersorissa.gov.in**.

OIPR-13001/13203/1/26-27/0001 Sd./- Executive Officer, Kodala NAC



**VEER SURENDRA SAI UNIVERSITY OF TECHNOLOGY**
(A Unitary University Established by Govt. of Odisha)
PO-ENGINEERING COLLEGE, BURLA, DIST-SAMBALPUR, ODISHA-768018, www.vssut.ac.in

No. VSSUT/Estt/649 Dated. 22.04.2026

**ADVERTISEMENT FOR RECRUITMENT OF CONTROLLER OF EXAMINATIONS**

**No.44001/6/2627** : Online Applications are invited from prospective candidates for recruitment to the post of **Controller of Examinations** at Veer Surendra Sai University of Technology, Burla. The qualifications details, eligibility criteria and other general information are available at www.vssut.ac.in. The applicants are required to submit online application at https://vssutnt.samarth.edu.in. The last date of submission is **23.05.2026**. The qualifications, eligibility criteria, experience, publications and age limit etc. as on the last date of submission of application will only be considered. The authority reserves the right to reject any or all the applications or cancel the entire selection process without assigning any reason thereof.

| S/N | Name of the Post | No. of Post | Cetegory | Level in the 7th Pay Matrix |
|---|---|---|---|---|
| 1 | Controller of Examinations | 01 | UR | Level-13 A (Rs.1,31,400-2,17,100/-) |

OIPR-44001/44006/1/26-27/0003 Sd./- REGISTRAR



**BHUBANESWAR MUNICIPAL CORPORATION**
Phone: 0674-2431253, Fax: 0674-2432895, E_mail: info@bmc.gov.in

No. 22497 Date: 21.04.2026
XXXVIII(Market)-46/21

**ORDER**

No. 13001/270/2627: The e-auction process of BMC - Fruit Market Complex, Unit-II, Ashok Nagar, Bhubaneswar issued vide Order No. 13632 / Dtd.09.03.2026 has been re-scheduled as follows for giving better scope of participation to the general public.

| | | |
|---|---|---|
| 01 | Last date of online application/request for participation and deposit of EMD | Dtd.30.04.2026 upto 5.00 P.M. instead of 15.04.2026 |
| 02 | E-auction date for Ground Floor & Second Floor | Dtd.07.05.2026 instead of 22.04.2026 (from 11.00 A.M. to 5.00 P.M. with unlimited auto extension) |

By Order
Sd./- Additional Commissioner-I
Bhubaneswar Municipal Corporation

OIPR-13001/13002/1/26-27/0014

## ସଙ୍କଟମୋଚନଙ୍କ ବାର୍ଷିକ ଉତ୍ସବ, ବିଶ୍ୱଶାନ୍ତି ମହାଯଜ୍ଞ

ବେଗୁନିଆ,୨୨।୪(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକର ପୋଢ଼ାଡିହ ଗ୍ରାମସ୍ଥିତ ଆରାଧ୍ୟ ଦେବତା ବାବା ଈଶାନେଶ୍ୱର ଦେବଙ୍କ ମନ୍ଦିର ପରିସରରେ ଗ୍ରାମବାସୀଙ୍କ ସହଯୋଗରେ ସଙ୍କଟମୋଚନଙ୍କ ବିଂଶତମ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେଉଛି। ମାଣିବନ୍ଧ ଗ୍ରାମସ୍ଥିତ ସିଦ୍ଧ ମହାବୀର ଆଶ୍ରମର ପ୍ରତିଷ୍ଠାତା ପ୍ରଶାନ୍ତ ବାବାଙ୍କ ତତ୍ତ୍ୱାବଧାନରେ ଯଜ୍ଞ ବିଶାରଦ ପଣ୍ଡିତ ପ୍ରମୋଦ କୁମାର ମିଶ୍ର ଓ ସହଯୋଗୀ ରମେଶ ଚନ୍ଦ୍ର ଦାଶ ଯଜ୍ଞ କାର୍ଯ୍ୟ କରିଥିବାବେଳେ ପ୍ରଦୀପ କୁମାର ଜେନା କର୍ତ୍ତା ଓ ସହଧର୍ମିଣୀ ପ୍ରତିମା କର୍ତ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ। ବୈଦିକ ରୀତିନୀତି ଅନୁଯାୟୀ ଯଜ୍ଞର ଶୁଭାରମ୍ଭ ହୋଇଥିଲା। ଲେଖନପୁର ନୀଳାଚଳ ସତସଙ୍ଗ ପଞ୍ଚବଟୀ କୁଟୀର ମଣ୍ଡଳୀ ଦ୍ୱାରା ୧୦୮ ହନୁମାନ ଚାଳିଶା ପାଠ, ସତ୍ୟନାରାୟଣ ପାଲା, ଅଙ୍କୁରାରୋପଣ, କଳସଯାତ୍ରା, ଯଜ୍ଞ ଆରମ୍ଭ, ସୂର୍ଯ୍ୟପୂଜା, ରୁଦ୍ରାଭିଷେକ ଓ ନଗର କୀର୍ତ୍ତନ ଆଦି କରାଯାଇଥିଲା। ଗୁରୁବାର ଅପରାହ୍ନରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ରହିଥିବାବେଳେ ସନ୍ଧ୍ୟାରେ କୃଷ୍ଣଲୀଳା (କାଳୀୟ ଦଳନ) ହେବ ବୋଲି ଆୟୋଜକମାନେ ସୂଚନା ଦେଇଛନ୍ତି।

# 'ମା', ଶିଶୁ ପୋଷଣ ଅଭାବର ଶିକାର ନ ହୁଅନ୍ତୁ'

## ଜିଲାସ୍ତରୀୟ ରାଷ୍ଟ୍ରୀୟ ପୋଷଣ ପଖୱାଡ଼ା

ଖୋର୍ଦ୍ଧା,୨୨।୪(ପ୍ରଭାତ ପାଣିଗ୍ରାହୀ)


କାର୍ଯ୍ୟକ୍ରମରେ ମହିଳାମାନେ ପୋଷଣ ଖାଦ୍ୟ ପ୍ରଦର୍ଶନ କରୁଛନ୍ତି।

ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ବୁଧବାର ଜିଲାସ୍ତରୀୟ ରାଷ୍ଟ୍ରୀୟ ପୋଷଣ ପଖୱାଡ଼ା ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଜିଲା ସମାଜ ମଙ୍ଗଳ ଅଧିକାରିଣୀ କୁସୁମ କୁମାରୀ ପ୍ରହରାଜ ପୋଷଣ ପଖୱାଡ଼ା ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ସେ ପୋଷଣ ପଖୱାଡ଼ା ପାଳନର ପାଞ୍ଚଟି ମୁଖ୍ୟ ବିଷୟ ଉପରେ ଗୁରୁତ୍ୱାରୋପ କରିଥିଲେ। ସେଗୁଡ଼ିକ ହେଲା ମାତୃ ଓ ଶିଶୁ ପୋଷଣ, ମସ୍ତିଷ୍କ ବିକାଶ ପାଇଁ ପ୍ରାରମ୍ଭିକ ବିକାଶ (୦-୩ ବର୍ଷ), ପ୍ରାରମ୍ଭିକ ବୟସରେ ଖେଳ ଆଧାରିତ ଶିକ୍ଷା (୩-୬ ବର୍ଷ), ଅଭିଭାବକ ଓ ସମୁଦାୟଙ୍କ ଭୂମିକା, ଶକ୍ତିଶାଳୀ ଅଙ୍ଗନୱାଡ଼ି କେନ୍ଦ୍ର ପାଇଁ ସମୁଦାୟଙ୍କ ସମର୍ଥନ ସଂଗ୍ରହ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା ଯୋଗଦେଇ କହିଲେ, ଜିଲାରେ କୌଣସି ମା' କିମ୍ବା ଶିଶୁ ପୋଷଣ ଅଭାବର ଶିକାର ନ ହୁଅନ୍ତୁ, ଏହାହିଁ ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ମା' ଓ ଶିଶୁଙ୍କ ସ୍ୱାସ୍ଥ୍ୟର ଯତ୍ନ, ଶାରୀରିକ ଓ ମାନସିକ, ବୌଦ୍ଧିକ ବିକାଶ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ବିଭାଗୀୟ ଅଧିକାରୀ, ଆଶାକର୍ମୀ ଏବଂ ଅଙ୍ଗନୱାଡ଼ି କର୍ମୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ଓ ସମନ୍ୱୟ ରହିଲେ ଏହି ଯୋଜନା ସଫଳ ହେବ। ଜିଲା ସମାଜ ମଙ୍ଗଳ ଅଧିକାରିଣୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ଦ୍ୱାରା ପୁଷ୍ଟିକର ଖାଦ୍ୟ, ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା ସମ୍ବନ୍ଧୀୟ ଉପକରଣ ପ୍ରଦର୍ଶନ କରାଯିବା ସହ ରକ୍ତହୀନତା ପରୀକ୍ଷା ପାଇଁ କ୍ୟାମ୍ପ କରାଯାଇଥିଲା। କାର୍ଯ୍ୟକ୍ରମରେ ସମସ୍ତ ସିଡିପିଓ, ସୁପରଭାଇଜର, ଅଙ୍ଗନୱାଡ଼ିକର୍ମୀ, ପୋଷଣ ଓ ମମତା ଡିପିସି, ମମତା ଡିପିଏ ଉପସ୍ଥିତ ଥିଲେ। ସୌଦାମିନୀ ଦାଶ ଧନ୍ୟବାଦ ଦେଇଥିଲେ।

## ଜଟଣୀରେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ଜଟଣୀ,୨୨।୪(ରବୀନ୍ଦ୍ରନାଥ ମହାକୁଡ଼)

ଖୋର୍ଦ୍ଧା ଜିଲା ଜଟଣୀ ଥାନା ଅଞ୍ଚଳରେ ବୁଧବାର ସନ୍ଧ୍ୟାରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ସମ୍ପୃକ୍ତ ଯୁବକ ହେଲେ ଜଟଣୀ ଥାନା ଅଧୀନ ବଛରା ଗ୍ରାମ ତଳସାହି ଅଞ୍ଚଳର ୨୬ ବର୍ଷୀୟ ସିଦ୍ଧାର୍ଥ ବେହେରା (ଗୁଡ୍ଡୁ)। ତାଙ୍କ ବାମହାତରେ ଗଭୀର କ୍ଷତ ହୋଇଛି। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ପ୍ରଥମେ ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ଆକ୍ରମଣର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଏହି ଘଟଣା ଘଟିଥିବା ପୋଲିସ ଅନୁମାନ କରୁଛି।

ସ୍ଥାନୀୟ ଲୋକଙ୍କ ସୂଚନା ଅନୁଯାୟୀ, ୧୫ଦିନ ତଳେ ସିଦ୍ଧାର୍ଥଙ୍କ ପରିବାର ଲୋକେ ନିକଟସ୍ଥ ରାଜାବଜାରକୁ ମା' ଭଗବତୀଙ୍କ ଉତ୍ସବ ଦେଖିବା ପାଇଁ ଯାଇଥିଲେ। ସେଠାରେ କେତେଜଣ ଯୁବକ ସେମାନଙ୍କୁ କମେଣ୍ଟ ମାରିଥିଲେ। ଏ ନେଇ ସିଦ୍ଧାର୍ଥ ଜଟଣୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ପକ୍ଷରୁ ତଦନ୍ତ ଚାଲିଥିବାବେଳେ ବୁଧବାର ସନ୍ଧ୍ୟା ପ୍ରାୟ ୭ଟାରେ ସ୍ଥାନୀୟ ବାଳିକା ଉଚ୍ଚ ବିଦ୍ୟାଳୟ ନିକଟ ଟେଣ୍ଟ ହାଉସଠାରେ ସିଦ୍ଧାର୍ଥ ବସିଥିବାବେଳେ ଏକାଧିକ ବ୍ୟକ୍ତି ଆସି ଧାରୁଆ ଅସ୍ତ୍ରରେ ତାଙ୍କୁ ଅତର୍କିତ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ସିଦ୍ଧାର୍ଥ ଚିତ୍କାର କରି ରକ୍ତାକ୍ତ ଅବସ୍ଥାରେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତୁରନ୍ତ ତାଙ୍କୁ ଉଦ୍ଧାର କରି ମେଡିକାଲକୁ ନେଇଥିଲେ। ଜଟଣୀ ଥାନା ଅଧିକାରୀ ଷ୍ଟାଲିନ ବିଶ୍ୱାଳ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ।

## ଘରୁ ନାଗନାଗୁଣୀ ଉଦ୍ଧାର ପରେ ଜଙ୍ଗଲରେ ଛଡ଼ାଗଲା

ବୋଲଗଡ଼,୨୨।୪(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଡାବରଧୁଆପାଟଣା ପଞ୍ଚାୟତ ବୁଢ଼ା ଗ୍ରାମର ଜଣେ ମହିଳା ପାନ ଦୋକାନୀଙ୍କ ଦୋକାନ ପଛ ପାଖ ବାସଗୃହରୁ ନାଗନାଗୁଣୀ ଉଦ୍ଧାର ହୋଇଛି। ପ୍ରାୟ ୩ଫୁଟ ଲମ୍ବର ଏହି ସାପ ଦୁଇଟି ବାଡ଼ିପଟ ଘରେ ଜମାଥିବା ଅଦରକାରୀ ସାମଗ୍ରୀ ଭିତରେ ଲୁଚି ରହିଥିଲେ। ଗୃହକର୍ତ୍ତା ଜିତେନ୍ଦ୍ରଙ୍କ ଦେହାନ୍ତ ପରେ ତାଙ୍କ ସ୍ତ୍ରୀ, ପିଲା ଓ ବୃଦ୍ଧା ମା ସେହି ଘରେ ରହିଆସୁଛନ୍ତି। ସେମାନେ ସର୍ପଦୁଇଟିଙ୍କୁ ଘରେ ଦେଖି ଅଘଟଣ ଆଶଙ୍କାରେ ଭୟଭୀତ ହୋଇପଡ଼ିଥିଲେ। ଖବର ପାଇ ବୋଲଗଡ଼ର ସର୍ପଧରାଳି ସାମାଜିକକର୍ମୀ ଗଦାଧର ଚମ୍ପତି ପହଞ୍ଚି କୌଶଳକ୍ରମେ ସାପ ଦୁଇଟିଙ୍କୁ ଧରି ଏକ ପ୍ଲାଷ୍ଟିକ ଡବାରେ ବନ୍ଦ କରିବାପରେ ନିକଟସ୍ଥ ନାଗାବଳୀ ପାହାଡ଼ର ଭୈରବୀଙ୍କ ମନ୍ଦିର ପାର୍ଶ୍ୱ ଜଙ୍ଗଲରେ ନେଇ ଛାଡ଼ି ଦେଇଥିଲେ।

# ୨୪ରୁ ଚିଲିକା ପୁସ୍ତକ ମେଳା, ଖୋଲିବ ୮୦ ଷ୍ଟଲ


ପ୍ରସ୍ତୁତି ବୈଠକରେ ଆୟୋଜକ କମିଟି ଏବଂ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତାମାନେ ଆଲୋଚନା କରୁଛନ୍ତି ।

ବାଲୁଗାଁ,୨୨।୪(ସଂଗ୍ରାମ ପାଇକରାୟ)

ବାଲୁଗାଁ ମହାବିଦ୍ୟାଳୟ ପରିସରରେ ପ୍ରଥମ ଥର ପାଇକା ଟ୍ରଷ୍ଟ ଆନୁକୂଲ୍ୟରେ ଚିଲିକା ପୁସ୍ତକମେଳା ଆୟୋଜନ କରାଯାଇଛି। ଆସନ୍ତା ୨୪ରୁ ୨୮ ତାରିଖ ପର୍ଯ୍ୟନ୍ତ ଏହି ମେଳା ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ବରିଷ୍ଠ ଖବରଦାତା ଶରତ ପାଇକରାୟଙ୍କ ସଭାପତିତ୍ୱରେ ବୁଧବାର ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁସ୍ତକ ମେଳାର ବିଭିନ୍ନ ଦିବସର କାର୍ଯ୍ୟକ୍ରମ, ଲେଖକ ସମ୍ମିଳନୀ, ସାଂସ୍କୃତିକ କାର୍ଯ୍ୟକ୍ରମ ସମେତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ସମ୍ପର୍କରେ ସୂଚନା ଦିଆଯାଇଥିଲା। ଚିଲିକା ଅଞ୍ଚଳବାସୀ, ବୁଦ୍ଧିଜୀବୀ, ସାହିତ୍ୟିକ, ଶିକ୍ଷାର୍ଥୀଙ୍କୁ ଆକର୍ଷିତ କରିବା ପାଇଁ ପ୍ରାୟ ୮୦ଟି ପୁସ୍ତକ ଷ୍ଟଲ ଖୋଲାଯିବ।

ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ପୁସ୍ତକ ମେଳାରେ ପ୍ରତିଦିନ ସନ୍ଧ୍ୟାରେ ମନ୍ତ୍ରୀ, ବିଧାୟକ ଓ ପ୍ରତିଷ୍ଠିତ ସାହିତ୍ୟିକମାନେ ଯୋଗଦେଇ ଚିଲିକା ବାଣପୁର ଅଞ୍ଚଳର ସାହିତ୍ୟ, ସଂସ୍କୃତି, ଐତିହ୍ୟ ଓ ସାରସ୍ୱତ ପରମ୍ପରା ସମ୍ପର୍କରେ ଆଲୋଚନା କରିବା ସହ ଲେଖକ, ସାରସ୍ୱତ ପ୍ରତିଭା, ପାଠକ ଓ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିବାର କାର୍ଯ୍ୟକ୍ରମ ରହିଛି। ଏହି ପୁସ୍ତକ ମେଳାର ସଫଳତା ପାଇଁ ଚିଲିକା ସାହିତ୍ୟ ସମାଜ ଏବଂ ଅଞ୍ଚଳବାସୀଙ୍କ ସହଯୋଗ ନିମନ୍ତେ ମେଳା କମିଟିର ସଦସ୍ୟମାନେ ନିବେଦନ କରିଛନ୍ତି। ବୈଠକରେ ପୁସ୍ତକ ମେଳା କମିଟି ଉପଦେଷ୍ଟା ଡ. ଲକ୍ଷ୍ମୀଧର ସୁବୁଦ୍ଧି, ଉପସଭାପତି ଅଧ୍ୟାପକ ସୁବାସ ଚନ୍ଦ୍ର ଶ୍ରୀଚନ୍ଦନ ଓ ବାଳମୁକୁନ୍ଦ ଦାସ, ସାଧାରଣ ସମ୍ପାଦକ ଡ. କୈଳାସ ଚନ୍ଦ୍ର ମହାରଣା, କାର୍ଯ୍ୟକାରୀ କମିଟି ସଦସ୍ୟ ଡ. ଅକ୍ଷୟ କୁମାର ମିଶ୍ର, ଅଧ୍ୟାପକ ଅମ୍ବିକା ପ୍ରସାଦ ସାମନ୍ତରାୟ, ବିଦ୍ୟାଧର ଜୁଝାର ସିଂ, ସନ୍ତୋଷ ବଳିୟାରସିଂ, ଭିକାରୀ ଚରଣ ପ୍ରଧାନ, ରଙ୍ଗନାଥ ସେଠୀ, ସୌମ୍ୟକାନ୍ତ ତ୍ରିପାଠୀ, ରମେଶ ମହାପାତ୍ର, ମୃଡ଼ାଣି ଶଙ୍କର ମିଶ୍ର, ଚିଲିକା ପ୍ରେସ କ୍ଲବ ଓ ଶାଳିଆ ପ୍ରେସ କ୍ଲବର ସଭାପତି ଓ ସଦସ୍ୟମାନେ ଯୋଗ ଦେଇଥିଲେ। ସମ୍ପାଦକ ଡ. କୈଳାସ ଚନ୍ଦ୍ର ମହାରଣା ଧନ୍ୟବାଦ ଦେଇଥିଲେ।

## ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଖୋଲିବ ଯୋଗ ସାର୍ଟିଫିକେଟ୍ କୋର୍ସ

ଭୁବନେଶ୍ୱର,୨୨।୪(ସୁଚିସ୍ମିତା ସାହୁ)

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଛାତ୍ରୀଙ୍କ ପାଇଁ ବୁଧବାର ଏକ ଯୋଗ ଶିବିର ଆରମ୍ଭ ହୋଇଛି। ଯୋଗ ଶିବିରକୁ କୁଳପତି ପ୍ରଫେସର ଜ୍ୟୋସ୍ନା କେ.ବି. ରାଉତ ଉଦ୍‌ଘାଟନ କରି କହିଛନ୍ତି, ବିଶ୍ୱବିଦ୍ୟାଳୟରେ ଯୋଗର ଏକ ସାର୍ଟିଫିକେଟ କୋର୍ସ ଖୋଲାଯିବ। ପ୍ରତି ସପ୍ତାହରେ ୩ଦିନ ଛାତ୍ରୀନିବାସରେ ଅନ୍ତେବାସୀମାନେ ଯୋଗାଭ୍ୟାସ କରିବେ। ଏହା ଛାତ୍ରୀମାନଙ୍କୁ ଶାରୀରିକ ଓ ମାନସିକ ଭାବେ ସୁସ୍ଥ ରଖିବା ସହ ଭବିଷ୍ୟତ ଜୀବନ ପ୍ରସ୍ତୁତ କରିବାରେ ସହାୟକ ହେବ ବୋଲି ପ୍ରଫେସର ରାଉତ କହିଥିଲେ। ଶିବିରରେ ଯୋଗ ଗୁରୁ ଡ. ସୁଶୀଲ କୁମାର ପଟ୍ଟନାୟକ ଯୋଗଶିକ୍ଷା ପ୍ରଦାନ କରିଥିଲେ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଚଣ୍ଡୀ ଚରଣ ରଥ, ଡ. ମାନସ ବେହେରା, ଡ. ସସ୍ମିତା କର, ଡ. ଶକ୍ତିକାନ୍ତ ରଥ, ଡ. କଲ୍ୟାଣୀ ଷଡ଼ଙ୍ଗୀ, ଡ. ରେବତୀକାନ୍ତ ମହାରଣା, କୁନୁମୁନ ବେହେରା ପ୍ରମୁଖ ଯୋଗଦେଇଥିଲେ।

## ଜନଗଣନା କାର୍ଯ୍ୟରତ କର୍ମଚାରୀଙ୍କୁ ସୁରକ୍ଷା ଦିଆଯାଉ

### ଡିଜିପିଙ୍କୁ ଭେଟି ସୁରକ୍ଷା ପାଇଁ ଅନୁରୋଧ କଲା ପ୍ରାଥମିକ ଶିକ୍ଷକ ମହାସଂଘ

ଭୁବନେଶ୍ୱର,୨୨।୪(ସୁଚିସ୍ମିତା ସାହୁ)

ଜନଗଣନା ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ନିୟୋଜିତ ଶିକ୍ଷୟିତ୍ରୀ ଶିକ୍ଷକମାନେ ଅସୁରକ୍ଷିତ। ଖରା ଗରମରେ ଘରକୁ ଘର ବୁଲି ତଥ୍ୟ ସଂଗ୍ରହ କରୁଥିବା ବେଳେ ଲୋକମାନଙ୍କ ଦୁର୍ବ୍ୟବହାରର ସମ୍ମୁଖୀନ ହେଉଛନ୍ତି। ଜନଗଣନା କାର୍ଯ୍ୟରେ ନିୟୋଜିତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସୁରକ୍ଷା ପ୍ରଦାନ କରିବା ପାଇଁ ପ୍ରାଥମିକ ଶିକ୍ଷକ ମହାସଂଘର ଆବାହକ ରାମଲାଲ ପଟେଲଙ୍କ ନେତୃତ୍ୱରେ ସଦସ୍ୟା ସଦସ୍ୟମାନେ ପୋଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆଙ୍କୁ ଭେଟି ଅନୁରୋଧ କରିଛନ୍ତି। ଏହି ଅବସରରେ ଏଡିଜି(ଆଇନ୍ ଶୃଙ୍ଖଳା)ଙ୍କୁ ଜଣଗଣନା କାର୍ଯ୍ୟରେ ନିୟୋଜିତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସୁରକ୍ଷା ଦେବା ପାଇଁ ଡିଜି କହିଥିଲେ। ମହାସଂଘର ସଦସ୍ୟ ବଙ୍କିମ ଚନ୍ଦ୍ର ସାଗର, ଉତ୍ତମ ଦାସ, ବାସୁଦେବ ପଟେଲ, ପଦ୍ମଲୋଚନ ନାୟକ, ଯୁଧିଷ୍ଠିର ସାହୁ ଓ ଅକ୍ଷୟ ନାୟକ ଉପସ୍ଥିତ ଥିଲେ।

**VEER SURENDRA SAI UNIVERSITY OF TECHNOLOGY**
(A Unitary University Established by Govt. of Odisha)
PO-ENGINEERING COLLEGE, BURLA, DIST-SAMBALPUR, ODISHA-768018, www.vssut.ac.in

No. VSSUT/Estt/651 Dated. 22.04.2026

**ADVERTISEMENT FOR RECRUITMENT OF DEAN, STUDENTS' WELFARE**

**No.44001/5/2627** : Online Applications are invited from prospective candidates for recruitment to the post of **Dean, Students' Welfare** at Veer Surendra Sai University of Technology, Burla. The qualifications details, eligibility criteria, and other general information are available at www.vssut.ac.in. The applicants are required to submit online application at https://vssutnt.samarth.edu.in. The last date of submission is **23.05.2026**. The qualifications, eligibility criteria, experience, publications and age limit etc. as on the last date of submission of application will only be considered. The authority reserves the right to reject any or all the applications or cancel the entire selection process without assigning any reason thereof.

| S/N | Name of the Post | No. of Post | Cetegory | Level in the 7th Pay Matrix |
|---|---|---|---|---|
| 1 | Dean, Students' Welfare | 01 | UR | Level-14 (Rs.1,44,200-2,18,200/-) |

OIPR-44001/44006/1/26-27/0002 Sd./- REGISTRAR

**OFFICE OF THE NOTIFIED AREA COUNCIL, KODALA, ODISHA, PIN - 761032**
Government of Orissa
e-Mail: nackodala@gmail.com
Lt. No. 1010/Dev/2026 Dated: 20.04.2026

**e-NOTICE**

**BID IDENTIFICATION No. KOD-NAC-02/2026-27**

No. 13001/275/2627: The Executive Officer, NAC, Kodala, on behalf of Governor of Odisha invites for consultancy or bidders of eligible class registered with the State Govt. and bidders of equivalent grade/class registered with Central Govt./MES/Railways according to norm of e-procurement system in online mode for the work as per DTCN.

1. Name of the Work : Civil Work
2. Number of Work : 01 No.
3. Estimated Cost : As per DTCN
4. Period of Completion : As per DTCN
5. Date and time of availability of Bid document in the portal : From 10.00 A.M. of Dt.21.04.2026 to 5.00 P.M. of Dt.04.05.2026
6. Last date and time for receipt of Bid in the portal : 5.00 P.M. of Dt.04.05.2026
7. The bid received online shall be opened on : 11.00 A.M. of Dtd.05.05.2026
8. Name and address of the Officer Inviting Bid : Executive Officer, NAC, Kodala

Further details can be seen from the Procurement Portal: **www.tendersorissa.gov.in**.

OIPR-13001/13203/1/26-27/0001 Sd./- Executive Officer, Kodala NAC

## ଓଡ଼ିଶୀ ସଙ୍କୀର୍ତ୍ତନ ମହୋତ୍ସବ ଉଦ୍‌ଯାପିତ



ବେଗୁନିଆ,୨୨।୪(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ ବଡ଼ବେରଣା ଗ୍ରାମର ଗୋପୀନାଥ ଦେବଙ୍କ ପୀଠରେ ତିନିଦିନ ଧରି ଚାଲିଥିବା ଷଷ୍ଠ ବାର୍ଷିକ ରାଜ୍ୟସ୍ତରୀୟ ଓଡ଼ିଶୀ ସଙ୍କୀର୍ତ୍ତନ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବିଭିନ୍ନ ସଂକୀର୍ତ୍ତନ ମଣ୍ଡଳୀର ସଂକୀର୍ତ୍ତନକୁ ଅଞ୍ଚଳବାସୀ ଉପଭୋଗ କରିଥିଲେ। ବଡବେରଣା ଗୋପୀନାଥ ଦେବ ଓଡ଼ିଶୀ ସଙ୍କୀର୍ତ୍ତନ ମଣ୍ଡଳୀର ଗାୟକ ସୁଧାଂଶୁ ଶେଖର ମହାପାତ୍ର, ଅଖିଳ ବେହେରା, ଅଭିଜିତ ହୋତା, ଖୋର୍ଦ୍ଧା ଇଟିପୁର ମହାବୀର ଓଡ଼ିଶୀ ସଙ୍କୀର୍ତ୍ତନ ମଣ୍ଡଳର ଗାୟକ କୃଷ୍ଣଚନ୍ଦ୍ର ଗୋଚ୍ଛାୟତ, ଖୋର୍ଦ୍ଧା ନୂଆଗାଁ ଗୋପାଳ ଜୀଉ ସଙ୍କୀର୍ତ୍ତନ ମଣ୍ଡଳ ଗାୟକ ସୁଧାଂଶୁ ଶେଖର ସାମନ୍ତସିଂହାର, ଭାଗବତ ବାସୁଦେବ ସଙ୍କୀର୍ତ୍ତନ ମଣ୍ଡଳ ଖୋର୍ଦ୍ଧା ବୋଲଗଡ଼ ଅସରଳା ଗାୟକ ରତ୍ନ ମାୟାଧର ହୋତା, ନୟାଗଡ଼ କଜଳିଆପଲ୍ଲୀ ଓଡ଼ିଶୀ ସଙ୍କୀର୍ତ୍ତନ ମଣ୍ଡଳୀ ଗାୟକ ରସ ବିଶାରଦ ଚନ୍ଦ୍ରମଣି ମାଝୀ, ବାବା ବିଶ୍ୱନାଥ ସଙ୍କୀର୍ତ୍ତନ ମଣ୍ଡଳୀ ଇଟିଲୋ ନିମାପଡ଼ା ଗାୟକ ରାଜଲକ୍ଷ୍ମୀ ବାରିକ(ଲୁସି) ଏବଂ ବାବା ପଞ୍ଚମୁଖି ଓଡ଼ିଶୀ ସଙ୍କୀର୍ତ୍ତନ ମଣ୍ଡଳୀ ବଡତୋଟା ଗାୟକ ଦିବ୍ୟଜ୍ୟୋତି ସାମନ୍ତରାୟ ଯୋଗଦେଇ ବିଦଗ୍ଧ କଳା ପରିବେଷଣ କରିଥିଲେ।

## ହରିପୁରପାଟଣା ପ୍ରିମିୟର ଲିଗ୍ କ୍ରିକେଟ: କାହ୍ନା ୱାରିୟର ଚାମ୍ପିୟନ

ବୋଲଗଡ଼,୨୨।୪(ଦେବବ୍ରତ ହୋତା)



ଅତିଥିଙ୍କ ଗହଣରେ ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳିମାନେ।

ବୋଲଗଡ଼ ବ୍ଲକ ଖଙ୍ଗୁରିଆ ପଞ୍ଚାୟତ ହରିପୁର ପାଟଣା ଗ୍ରାମ ଖେଳପଡ଼ିଆରେ ଚାଲିଥିବା ୩ୟ ହରିପୁରପାଟଣା ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ଅଞ୍ଚଳର ୮ଟି ଦଳ ଭାଗନେଇଥିବାବେଳେ ଫାଇନାଲରେ କାହ୍ନା ୱାରିୟର ଓ ଫିଲ୍ଡ ଫାଇଟର ଦଳ ପରସ୍ପରକୁ ଭେଟିଥିଲେ। ଟସ୍ ଜିତି ଫିଲ୍ଡ ଫାଇଟର ଦଳ ପ୍ରଥମେ ଫିଲ୍ଡିଂ କରିଥିଲା। କାହ୍ନା ୱାରିୟର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୫ ଉଇକେଟ ବିନିମୟରେ ୧୬୦ ରନ କରିଥିଲା। ଜବାବରେ ଫିଲ୍ଡ ଫାଇଟର ଦଳ ୧୦ ଓଭର ଖେଳି ୪ଉଇକେଟ ହରାଇ ୧୨୪ ରନ କରିଥିଲା। କାହ୍ନା ୱାରିୟର ଦଳ ମ୍ୟାଚ୍ ଜିତି ଚଳିତ ଥର ଚାମ୍ପିୟନ ହୋଇଛି। ଅମ୍ପାୟାର ଭାବେ ବିଜୟ ସେଠୀ ଓ ଆଲୋକ ସାହୁ ମ୍ୟାଚ ପରିଚାଳନା କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଭାଜପା ବୋଲଗଡ଼ ମଣ୍ଡଳ ସଭାପତି ଦୀପନ ବିଶ୍ୱଳ, ସାମାଜିକ କର୍ମୀ ଶ୍ରୀଧର ଦତ୍ତ, ପୂର୍ବତନ ସରପଞ୍ଚ ଅମୂଲ୍ୟ ତ୍ରିପାଠୀ ଓ ସୁବାସ ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ କାହ୍ନା ୱାରିୟର ଦଳକୁ ୨୦ ହଜାର ଟଙ୍କାର ଚେକ୍ ସହ ଟ୍ରଫି ଏବଂ ରନର୍ସ ଅପ୍ ଫିଲ୍ଡ ଫାଇଟର ଦଳକୁ ୧୫ ହଜାର ଟଙ୍କାର ଚେକ୍ ସହ ଟ୍ରଫି ପ୍ରଦାନ କରିଥିଲେ। ପ୍ଲେୟାର ଅଫ ଦି ମ୍ୟାଚ୍ ଭାବେ ଜଗା, ବେଷ୍ଟ ବ୍ୟାଟ୍ସମ୍ୟାନ୍ ସଂଜିତ, ବେଷ୍ଟ ବୋଲର ଟିଙ୍କିନା, ବେଷ୍ଟ ଫିଲ୍ଡର ଭାବେ କୁନାଙ୍କୁ ପୁରସ୍କୃତ କରାଯାଇଥିଲା। ନବଜ୍ୟୋତି କ୍ରିକେଟ କ୍ଲବ ଆନୁକୂଲ୍ୟରେ ଟୁର୍ନାମେଣ୍ଟ ଆୟୋଜିତ ହୋଇଥିବାବେଳେ ବିପିନ ବେହେରା ଓ ସୁରେନ୍ଦ୍ର ସେଠୀ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

**VEER SURENDRA SAI UNIVERSITY OF TECHNOLOGY**
(A Unitary University Established by Govt. of Odisha)
PO-ENGINEERING COLLEGE, BURLA, DIST-SAMBALPUR, ODISHA-768018, www.vssut.ac.in

No. VSSUT/Estt/649 Dated. 22.04.2026

**ADVERTISEMENT FOR RECRUITMENT OF CONTROLLER OF EXAMINATIONS**

**No.44001/6/2627** : Online Applications are invited from prospective candidates for recruitment to the post of **Controller of Examinations** at Veer Surendra Sai University of Technology, Burla. The qualifications details, eligibility criteria and other general information are available at www.vssut.ac.in. The applicants are required to submit online application at https://vssutnt.samarth.edu.in. The last date of submission is **23.05.2026**. The qualifications, eligibility criteria, experience, publications and age limit etc. as on the last date of submission of application will only be considered. The authority reserves the right to reject any or all the applications or cancel the entire selection process without assigning any reason thereof.

| S/N | Name of the Post | No. of Post | Cetegory | Level in the 7th Pay Matrix |
|---|---|---|---|---|
| 1 | Controller of Examinations | 01 | UR | Level-13 A (Rs.1,31,400-2,17,100/-) |

OIPR-44001/44006/1/26-27/0003 Sd./- REGISTRAR

# ଭୋଇସାହିରେ ଅଗ୍ନିକାଣ୍ଡ: ୩ ଛେଳି ମୃତ, ୨ ଗାଈ ଗୁରୁତର

ବାଲକାଟି,୨୨।୪(ମନୋଜ ମଣ୍ଡଳ)

ବାଲିଅନ୍ତା ବ୍ଲକ ଝିଙ୍କିଶାସନ ପଞ୍ଚାୟତ ଅଧୀନ ଭୋଇସାହିରେ ମଙ୍ଗଳବାର ରାତିରେ ଅଗ୍ନିକାଣ୍ଡରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ଏହି ଅଗ୍ନିକାଣ୍ଡରେ ସାହିର ନିରଞ୍ଜନ ଭୋଇଙ୍କର ଏକ ଗୁହାଳରେ ଥିବା ୩ଟି ଛେଳିଙ୍କ ମୃତ୍ୟୁ ଘଟିଥିବା ବେଳେ ୨ଟି ଗାଈ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି। ଏଥିସହ ବଖରାଏ ଘର ଜଳି ପାଉଁଶ ହୋଇଯାଇଛି। ଘରେ ଥିବା ବିଭିନ୍ନ ଖାଦ୍ୟଶସ୍ୟ ଓ ମୂଲ୍ୟବାନ୍ ସାମଗ୍ରୀ ମଧ୍ୟ ଜଳିଯାଇଛି। ନିଆଁ ଲାଗିବାର ପ୍ରକୃତ କାରଣ ଜଣାପଡ଼ି ନ ଥିବା ବେଳେ ଏଥିରେ ପାଖାପାଖି ୪ ଲକ୍ଷ ଟଙ୍କାର ସମ୍ପତ୍ତି କ୍ଷୟକ୍ଷତି ହୋଇଛି ବୋଲି ପରିବାର ପକ୍ଷରୁ କୁହାଯାଇଛି।

ମଙ୍ଗଳବାର ବିଳମ୍ବିତ ରାତିରେ ନିରଞ୍ଜନ ଓ ତାଙ୍କ ପତ୍ନୀ ଘରେ ଶୋଇଥିଲେ। ହଠାତ୍ କୌଣସି କାରଣରୁ ତାଙ୍କ ନିଦ ଭାଙ୍ଗି ଯାଇଥିଲା। ବାହାରକୁ ଆସିବାରୁ ତାଙ୍କ ଗୁହାଳ ସମେତ ପାଖଘର ହୁତୁହୁତୁ ହୋଇ ଜଳୁଥିବା ଦେଖିଥିଲେ। ଏହିସମୟରେ ଉଭୟ ଗୁହାଳେ ଥିବା ଗାଈଗୁଡ଼ିଙ୍କୁ ଉଦ୍ଧାର କରିଥିଲେ। ମାତ୍ର ସେଥିରେ ଥିବା ଛେଳିଙ୍କୁ ବଞ୍ଚାଇ ପାରି ନ ଥିଲେ। ଚିତ୍କାର ଶୁଣି ଗ୍ରାମବାସୀ ପହଞ୍ଚି ନିଆଁ ଲିଭାଇଥିଲେ। ଝିଙ୍କିଶାସନ ସରପଞ୍ଚ ଅଜିତ କୁମାର ପାତ୍ର ଏନେଇ ତହସିଲ ଓ ବ୍ଲକ ପ୍ରଶାସନକୁ ଅବଗତ କରାଇଥିବା ବେଳେ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ପକ୍ଷରୁ ପଲିଥିନ ଯୋଗାଇ ଦିଆଯାଇଥିବା କହିଛନ୍ତି। ଅନ୍ୟପକ୍ଷରେ ବୁଧବାର ସାମାଜିକ କର୍ମୀ ଜୟନ୍ତ କୁମାର ଜେନା, ପ୍ରଦୀପ୍ତ ମହାନ୍ତି ଓ ମଣ୍ଡଳ ସଭାପତି ବ୍ରହ୍ମାନନ୍ଦ ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିପିଡ଼ିତ ପରିବାରକୁ ୨ ମାସ ପାଇଁ ରାଶନ ସାମଗ୍ରୀ ଓ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

**BHUBANESWAR MUNICIPAL CORPORATION**
Phone: 0674-2431253, Fax: 0674-2432895, E_mail: info@bmc.gov.in
No. 22497 Date: 21.04.2026
XXXVIII(Market)-46/21

**ORDER**

No. 13001/270/2627: The e-auction process of BMC - Fruit Market Complex, Unit-II, Ashok Nagar, Bhubaneswar issued vide Order No. 13632 / Dtd.09.03.2026 has been re-scheduled as follows for giving better scope of participation to the general public.

| | | |
|---|---|---|
| 01 | Last date of online application/request for participation and deposit of EMD | Dtd.30.04.2026 upto 5.00 P.M. instead of 15.04.2026 |
| 02 | E-auction date for Ground Floor & Second Floor | Dtd.07.05.2026 instead of 22.04.2026 (from 11.00 A.M. to 5.00 P.M. with unlimited auto extension) |

By Order
Sd./- Additional Commissioner-I
Bhubaneswar Municipal Corporation

OIPR-13001/13002/1/26-27/0014

## ୨୪ରୁ ଚିଲିକା ପୁସ୍ତକ ମେଳା, ଖୋଲିବ ୮୦ ଷ୍ଟଲ୍

ବାଲୁଗାଁ,୨୨।୪(ସଂଗ୍ରାମ ପାଇକରାୟ)

ବାଲୁଗାଁ ମହାବିଦ୍ୟାଳୟ ପରିସରରେ ପ୍ରଥମ ଥର ପାଇକା ଟ୍ରଷ୍ଟ ଆନୁକୂଲ୍ୟରେ ଚିଲିକା ପୁସ୍ତକମେଳା ଆୟୋଜନ କରାଯାଇଛି। ଆସନ୍ତା ୨୪ରୁ ୨୮ ତାରିଖ ପର୍ଯ୍ୟନ୍ତ ଏହି ମେଳା ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ବରିଷ୍ଠ ଖବରଦାତା ଶରତ ପାଇକରାୟଙ୍କ ସଭାପତିତ୍ୱରେ ବୁଧବାର ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁସ୍ତକ ମେଳାର ବିଭିନ୍ନ ଦିବସର କାର୍ଯ୍ୟକ୍ରମ, ଲେଖକ ସମ୍ମିଳନୀ, ସାଂସ୍କୃତିକ କାର୍ଯ୍ୟକ୍ରମ ସମେତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ସମ୍ପର୍କରେ ସୂଚନା ଦିଆଯାଇଥିଲା। ଚିଲିକା ଅଞ୍ଚଳବାସୀ, ବୁଦ୍ଧିଜୀବୀ, ସାହିତ୍ୟିକ, ଶିକ୍ଷାର୍ଥୀଙ୍କୁ ଆକର୍ଷିତ କରିବା ପାଇଁ ପ୍ରାୟ ୮୦ଟି ପୁସ୍ତକ ଷ୍ଟଲ୍ ଖୋଲାଯିବ। ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ପୁସ୍ତକ ମେଳାରେ ପ୍ରତିଦିନ ସନ୍ଧ୍ୟାରେ ମନ୍ତ୍ରୀ, ବିଧାୟକ ଓ ପ୍ରତିଷ୍ଠିତ ସାହିତ୍ୟିକମାନେ ଯୋଗଦେଇ ଚିଲିକା ବାଣପୁର ଅଞ୍ଚଳର ସାହିତ୍ୟ, ସଂସ୍କୃତି, ଐତିହ୍ୟ ଓ ସାରସ୍ୱତ ପରମ୍ପରା ସମ୍ପର୍କରେ ଆଲୋଚନା କରିବା ସହ ଲେଖକ, ସାରସ୍ୱତ ପ୍ରତିଭା, ପାଠକ ଓ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିବାର କାର୍ଯ୍ୟକ୍ରମ ରହିଛି। ଏହି ପୁସ୍ତକ ମେଳାର ସଫଳତା ପାଇଁ ଚିଲିକା ସାହିତ୍ୟ ସମାଜ ଏବଂ ଅଞ୍ଚଳବାସୀଙ୍କ ସହଯୋଗ ନିମନ୍ତେ ମେଳା କମିଟିର ସଦସ୍ୟମାନେ ନିବେଦନ କରିଛନ୍ତି। ବୈଠକରେ ପୁସ୍ତକ ମେଳା କମିଟି ଉପଦେଷ୍ଟା ଡ. ଲକ୍ଷ୍ମୀଧର ସୁବୁଦ୍ଧି, ଉପସଭାପତି ଅଧ୍ୟାପକ ସୁବାସ ଚନ୍ଦ୍ର ଶ୍ରୀଚନ୍ଦନ ଓ ବାଳମୁକୁନ୍ଦ ଦାସ, ସାଧାରଣ ସମ୍ପାଦକ ଡ. କୈଳାସ ଚନ୍ଦ୍ର ମହାରଣା, କାର୍ଯ୍ୟକାରୀ କମିଟି ସଦସ୍ୟ ଡ. ଅକ୍ଷୟ କୁମାର ମିଶ୍ର, ଅଧ୍ୟାପକ ଅମ୍ବିକା ପ୍ରସାଦ ସାମନ୍ତରାୟ, ବିଦ୍ୟାଧର ଜୁଝାର ସିଂ, ସନ୍ତୋଷ ବଳିଆରସିଂ, ଭିକାରୀ ଚରଣ ପ୍ରଧାନ, ରଙ୍କନାଥ ସେଠୀ, ସୌମ୍ୟକାନ୍ତ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଶୋଭାଯାତ୍ରାରେ ସାମିଲ ହେଲେ ସାଧୁସନ୍ଥ, ଶ୍ରଦ୍ଧାଳୁ

### ଜଗଦ୍‌ଗୁରୁ ଶ୍ରୀରାମାନୁଜାଚାର୍ଯ୍ୟଙ୍କ ଜୟନ୍ତୀ ମହୋତ୍ସବ

ପୁରୀ,୨୨।୪(ଅଜିତ୍ କୁମାର ମହାନ୍ତି)



ଜଗଦ୍‌ଗୁରୁ ଶ୍ରୀରାମାନୁଜା ଚାର୍ଯ୍ୟ ସ୍ୱାମୀ

ଶ୍ରୀରାମଚନ୍ଦ୍ର ସ୍ୱାମୀ ଚାରିଟେବୁଲ ଟ୍ରଷ୍ଟ ତରଫରୁ ବାଲିସାହି ସ୍ଥିତ ଜିୟର ସ୍ୱାମୀ ମଠ ପରିସରରେ ଟ୍ରଷ୍ଟର ଅଧ୍ୟକ୍ଷ ତଥା ଜିୟର ସ୍ୱାମୀ ମଠର ମହନ୍ତ ସ୍ୱାମୀ ଇନ୍ଦିରା ରମଣ ରାମାନୁଜ ଦାସଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଜଗଦ୍‌ଗୁରୁ ଶ୍ରୀରାମାନୁଜା ଚାର୍ଯ୍ୟଙ୍କ ୧୦୧୦ ତମ ଜୟନ୍ତୀ ମହୋତ୍ସବ ମଠ ପରିସରରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ କର୍ଣାଟକର ଅହୋବିଲ ଜିୟର ସ୍ୱାମୀ ମଠର ମଠାଧୀଶ ତଥା ତାମିଲନାଡୁରେ ଅବସ୍ଥାନ କରୁଥିବା ଜଗଦ୍‌ଗୁରୁ ଶ୍ରୀରାମାନୁଜା ଚାର୍ଯ୍ୟ ସ୍ୱାମୀ ରଙ୍ଗନାଥ ମହାଦେଶିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସ୍ୱାମୀ ଜୀ ମଠର ଥିବା ଜଗଦ୍‌ଗୁରୁଙ୍କ ପ୍ରତିମା ଦର୍ଶନ କରିବା ସହିତ ଦେଶର ବିଭିନ୍ନ ସ୍ଥାନରୁ ଆସିଥିବା ସାଧୁସନ୍ଥଙ୍କୁ ଫଳ ପ୍ରସାଦ ପ୍ରଦାନ ପୂର୍ବକ ଆଶୀର୍ବାଦ ପ୍ରଦାନ କରିଥିଲେ। କଡ଼ା ପୋଲିସ ସୁରକ୍ଷା ବଳୟ ମଧ୍ୟରେ ଲୋକନାଥ ମନ୍ଦିର ନିକଟସ୍ଥ ଥାନପତି ଆଶ୍ରମ ପରିସରରେ ଥିବା ଶ୍ରୀବାଲାଜୀ ମନ୍ଦିରରେ ଦର୍ଶନ କରିଥିଲେ। ବାଲିସାହି ଠାରୁ ଘଣ୍ଟ, ଛତା, କଳସ ଏବଂ ପାରମ୍ପରିକ ବାଦ୍ୟରେ ଜଗଦ୍‌ଗୁରୁ ଶ୍ରୀରାମାନୁଜା ଚାର୍ଯ୍ୟଙ୍କ ପ୍ରତିମୂର୍ତ୍ତି ଭବ୍ୟ ଶୋଭାଯାତ୍ରାରେ ବାହାରି ଶ୍ରୀମନ୍ଦିର ଚତୁର୍ପାର୍ଶ୍ୱ ପରିକ୍ରମା କରିଥିଲେ। ଏହି ଅବସରରେ ଶ୍ରୀମନ୍ଦିର ଚତୁର୍ପାର୍ଶ୍ୱରେ ଥିବା ରାମାନୁଜ ସମ୍ପ୍ରଦାୟର ବିଭିନ୍ନ ମଠ ପକ୍ଷରୁ ପନ୍ତି ଭୋଗ କରାଯାଇଛି। ଟ୍ରଷ୍ଟର ସଦସ୍ୟ ମହନ୍ତ ଡ. ବିଜୟ ନାରାୟଣ ରାମାନୁଜ ଦାସ, ଉତ୍ତରପାର୍ଶ୍ୱ ମଠର ମହନ୍ତ ନାରାୟଣ ରାମାନୁଜ ଦାସ, ଦକ୍ଷିଣ ପାର୍ଶ୍ୱ ମଠର ମହନ୍ତ ରଘୁନନ୍ଦନ ରାମାନୁଜ ଦାସ, ସିଦ୍ଧମଠର ମହନ୍ତ, ପଣ୍ଡିତ ମଠର ମହନ୍ତ, ସମାଧି ମଠର ମହନ୍ତ ରଙ୍ଗନାଥ ରାମାନୁଜ ଦାସଙ୍କ ସମେତ ଏଥିରେ ଭାରତ ବର୍ଷର ବିଭିନ୍ନ ରାଜ୍ୟରୁ ଜଗଦ୍‌ଗୁରୁ, ସାଧୁ ସନ୍ଥ, ଆଚାର୍ଯ୍ୟଙ୍କ ସମେତ ଶିଷ୍ୟମାନେ ସାମିଲ ହୋଇଥିଲେ।

## ରଥଖଳାରୁ...



ରଥ ନିର୍ମାଣର ୨ୟ ଦିନରେ ତୁମ୍ବ ପ୍ରସ୍ତୁତ କରାଯାଉଛି। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

ପୁରୀ,୨୨।୪ (ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ନିମନ୍ତେ ଶ୍ରୀନହର ସମ୍ମୁଖସ୍ଥ ଅସ୍ଥାୟୀ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଜୋର୍‌ସୋରରେ ଆଗେଇ ଚାଲିଛି। ବୁଧବାର ରଥ ନିର୍ମାଣର ଦ୍ୱିତୀୟ ଦିନରେ ତିନି ରଥର ତୁମ୍ବ କାମ ଜାରି ରହିଛି। ମହାରଣା ସେବକମାନେ ବୁଧବାର ୩ରଥର ଗୋଟିଏ ଲେଖାଏଁ ତୁମ୍ବର ଗୋଲେଇ କାର୍ଯ୍ୟ ଶେଷ ହେବା ସହ ଆଉ ତିନୋଟି ଲେଖାଏଁ ତୁମ୍ବର ଗୋଲେଇ କାର୍ଯ୍ୟ ଜାରି ରହିଛି। ଏଥିସହ ଦୋଳବେଦୀସ୍ଥିତ ଅସ୍ଥାୟୀ କମାର ଶାଳାରେ କମାର ସେବକମାନେ କଣ୍ଟା ପ୍ରସ୍ତୁତି ଆରମ୍ଭ କରିଛନ୍ତି।

# ପୋଷଣ ଅଭିଯାନ କେନ୍ଦ୍ର ସରକାରଙ୍କ ଏକ ଅଭିନବ ପ୍ରୟାସ

ନିମାପଡ଼ା,୨୨।୪(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ବ୍ଲକ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ୮ମ ପୋଷଣ ପକ୍ଷ ପାଳନ କାର୍ଯ୍ୟକ୍ରମ ସ୍ଥାନୀୟ ଏନ୍‌ଏସି ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସିଡିପିଓ ମାଧବୀ ମହାପାତ୍ର ଯୋଗଦେଇ ଏହି ପୋଷଣ ଅଭିଯାନ କାର୍ଯ୍ୟକ୍ରମ କେନ୍ଦ୍ର ସରକାରଙ୍କ ଏକ ଅଭିନବ ପ୍ରୟାସ ଓ ଯୁଗାନ୍ତକାରୀ ପଦକ୍ଷେପ। ଦେଶରେ ଏହି କାର୍ଯ୍ୟକ୍ରମ ଏକ ଆନ୍ଦୋଳନରେ ପରିଣତ ହୋଇଛି ବୋଲି ମତବ୍ୟକ୍ତ କରିଛନ୍ତି। ସୁପୋଷିତ ଭାରତ ଗଠନ ଏହି ପୋଷଣ ପକ୍ଷ ପାଳନ କାର୍ଯ୍ୟକ୍ରମର ମୂଳମନ୍ତ୍ର ବୋଲି ସିଡିପିଓ ମହାପାତ୍ର କହିଛନ୍ତି। ଅଷ୍ଟମ ପୋଷଣ ପଖୱାଡ଼ାରେ ଜୀବନର ପ୍ରଥମ ୬ ବର୍ଷ ଶିଶୁମାନଙ୍କ ମସ୍ତିଷ୍କ ବିକାଶ ପାଇଁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ସମୟ।



କାର୍ଯ୍ୟକ୍ରମରେ ସିଡିପିଓଙ୍କ ଗହଣରେ ଅଙ୍ଗନୱାଡି କର୍ମୀବୃନ୍ଦ।

ଏଥିନିମନ୍ତେ ମୁଖ୍ୟତଃ ମା' ଓ ଶିଶୁର ଉପଯୁକ୍ତ ପୋଷଣ, ମସ୍ତିଷ୍କ ବିକାଶ ନିମନ୍ତେ ପ୍ରାରମ୍ଭିକ ପ୍ରୋତ୍ସାହନ, ପ୍ରାରମ୍ଭିକ ବୟସରେ ଖେଳ ଆଧାରିତ ଶିକ୍ଷା, ଶିଶୁଙ୍କ ସ୍କ୍ରିନ୍ ଟାଇମ୍ କମ୍ କରିବାରେ ମାତା ପିତା ତଥା ଗୋଷ୍ଠୀର ଭୂମିକା, ଅଙ୍ଗନୱାଡ଼ି କେନ୍ଦ୍ରକୁ ସଶକ୍ତୀକରଣ କରିବା ନିମନ୍ତେ ସାମୂହିକ ସମର୍ଥନ ଦିଗରେ ଗୁରୁତ୍ୱାରୋପ କରାଯାଇଥିଲା। ସମାରୋହରେ ସେକ୍ଟରର ପରିଦର୍ଶିକା ସଂଯୁକ୍ତା ଗୋଛାୟତ, ନମିତା ନନ୍ଦ, ସୁଶ୍ରୀ ଗୀତାଗୌତମୀଙ୍କ ସମେତ ବହୁ ଅଙ୍ଗନୱାଡି କର୍ମୀ ଯୋଗ ଦେଇଥିଲେ। ନିମାପଡ଼ା ବ୍ଲକର ମୋଟ ୩୭୯ଟି କେନ୍ଦ୍ରରେ ଏହି ପୋଷଣ ପକ୍ଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

## ରମାଦେବୀ ବିଶ୍ୱବିଦ୍ୟାଳୟରେ ଖୋଲିବ ଯୋଗ ସାର୍ଟିଫିକେଟ୍ କୋର୍ସ

ଭୁବନେଶ୍ୱର,୨୨।୪(ସୁଚିସ୍ମିତା ସାହୁ)

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଛାତ୍ରୀଙ୍କ ପାଇଁ ବୁଧବାର ଏକ ଯୋଗ ଶିବିର ଆରମ୍ଭ ହୋଇଛି। ଯୋଗ ଶିବିରକୁ କୁଳପତି ପ୍ରଫେସର ଜ୍ୟୋତ୍ସ୍ନା କେ.ବି. ରାଉତ ଉଦ୍‌ଘାଟନ କରି କହିଛନ୍ତି, ବିଶ୍ୱବିଦ୍ୟାଳୟରେ ଯୋଗର ଏକ ସାର୍ଟିଫିକେଟ କୋର୍ସ ଖୋଲାଯିବ। ପ୍ରତି ସପ୍ତାହରେ ୩ଦିନ ଛାତ୍ରୀନିବାସରେ ଅନ୍ତେବାସୀମାନେ ଯୋଗାଭ୍ୟାସ କରିବେ। ଏହା ଛାତ୍ରୀମାନଙ୍କୁ ଶାରୀରିକ ଓ ମାନସିକ ଭାବେ ସୁସ୍ଥ ରଖିବା ସହ ଭବିଷ୍ୟତ ଜୀବନ ପ୍ରସ୍ତୁତ କରିବାରେ ସହାୟକ ହେବ ବୋଲି ପ୍ରଫେସର ରାଉତ କହିଥିଲେ। ଶିବିରରେ ଯୋଗ ଗୁରୁ ଡ. ସୁଶୀଲ କୁମାର ପଟ୍ଟନାୟକ ଯୋଗଶିକ୍ଷା ପ୍ରଦାନ କରିଥିଲେ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଚଣ୍ଡୀ ଚରଣ ରଥ, ଡ. ମାନସ ବେହେରା, ଡ. ସସ୍ମିତା କର, ଡ. ଶକ୍ତିକାନ୍ତ ରଥ, ଡ. କଲ୍ୟାଣୀ ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇଥିଲେ।

## ଜନଗଣନା କାର୍ଯ୍ୟରତ କର୍ମଚାରୀଙ୍କୁ ସୁରକ୍ଷା ଦିଆଯାଉ

ଭୁବନେଶ୍ୱର,୨୨।୪(ସୁଚିସ୍ମିତା ସାହୁ)

ଜନଗଣନା ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ନିୟୋଜିତ ଶିକ୍ଷୟିତ୍ରୀ ଶିକ୍ଷକମାନେ ଅସୁରକ୍ଷିତ। ଖରା ଗରମରେ ଘରକୁ ଘର ବୁଲି ତଥ୍ୟ ସଂଗ୍ରହ କରୁଥିବା ବେଳେ ଲୋକମାନଙ୍କ ଦୁର୍ବ୍ୟବହାରର ସମ୍ମୁଖୀନ ହେଉଛନ୍ତି। ଜନଗଣନା କାର୍ଯ୍ୟରେ ନିୟୋଜିତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସୁରକ୍ଷା ପ୍ରଦାନ କରିବା ପାଇଁ ପ୍ରାଥମିକ ଶିକ୍ଷକ ମହାସଂଘର ଆବାହକ ରାମଲାଲ ପଟେଲଙ୍କ ନେତୃତ୍ୱରେ ସଦସ୍ୟା ସଦସ୍ୟମାନେ ପୋଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆକୁ ଭେଟି ଅନୁରୋଧ କରିଛନ୍ତି। ଏହି ଅବସରରେ ଏଡିଜି(ଆଇନ୍ ଶୃଙ୍ଖଳା)ଙ୍କୁ ଜଣଗଣନା କାର୍ଯ୍ୟରେ ନିୟୋଜିତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସୁରକ୍ଷା ଦେବା ପାଇଁ ଡିଜି କହିଥିଲେ। ମହାସଂଘର ସଦସ୍ୟ ବଙ୍କିମ ଚନ୍ଦ୍ର ସାଗର, ଉତ୍ତମ ଦାସ, ବାସୁଦେବ ପଟେଲ, ପଦ୍ମଲୋଚନ ନାୟକ, ଯୁଧିଷ୍ଠିର ସାହୁ ଓ ଅକ୍ଷୟ ନାୟକ ଉପସ୍ଥିତ ଥିଲେ।

**VEER SURENDRA SAI UNIVERSITY OF TECHNOLOGY**
(A Unitary University Established by Govt. of Odisha)
PO-ENGINEERING COLLEGE, BURLA, DIST-SAMBALPUR, ODISHA-768018, www.vssut.ac.in

No. VSSUT/Estt/651 Dated. 22.04.2026

**ADVERTISEMENT FOR RECRUITMENT OF DEAN, STUDENTS' WELFARE**

**No.44001/5/2627** : Online Applications are invited from prospective candidates for recruitment to the post of **Dean, Students' Welfare** at Veer Surendra Sai University of Technology, Burla. The qualifications details, eligibility criteria, and other general information are available at www.vssut.ac.in. The applicants are required to submit online application at https://vssutnt.samarth.edu.in. The last date of submission is **23.05.2026**. The qualifications, eligibility criteria, experience, publications and age limit etc. as on the last date of submission of application will only be considered. The authority reserves the right to reject any or all the applications or cancel the entire selection process without assigning any reason thereof.

| S/N | Name of the Post | No. of Post | Cetegory | Level in the 7th Pay Matrix |
|---|---|---|---|---|
| 1 | Dean, Students' Welfare | 01 | UR | Level-14 (Rs.1,44,200-2,18,200/-) |

OIPR-44001/44006/1/26-27/0002 Sd./- REGISTRAR

# ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ୩୧ତମ ବାର୍ଷିକୋତ୍ସବ

ନିମାପଡ଼ା,୨୨।୪(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ୩୧ତମ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସମାରୋହ ସ୍ଥାନୀୟ ସାଇଲୋର୍ଡସ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସୁଦର୍ଶନ ଭୋଇ, ବିଶିଷ୍ଟ ଶିକ୍ଷାବିତ୍ ଯୁଧିଷ୍ଠିର ମହାପାତ୍ର, ଶିକ୍ଷାବିତ୍ ପ୍ରଭାସଚନ୍ଦ୍ର ମହାନ୍ତି, ସମାଜସେବୀ ଅକ୍ଷୟ କୁମାର ସାହୁ, ସତ୍ୟଭୂଷଣ ସ୍ୱାଇଁ, ଶିକ୍ଷା କେନ୍ଦ୍ରର ପ୍ରଧାନ ଆଚାର୍ଯ୍ୟ ନିର୍ମଳା ଓଝା, ପରିଚାଳନା ନିର୍ଦ୍ଦେଶକ ରମେଶ ଚନ୍ଦ୍ର ମହାରଣା ପ୍ରମୁଖ ଯୋଗଦେଇ ଆଜିର ଛାତ୍ର ସମାଜ ବିବେକାନନ୍ଦଙ୍କ ନୀତି, ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବା ସହ ଭବିଷ୍ୟତରେ ଜଣେ ଜଣେ ଭଲ ମଣିଷ ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ହାସଲ କରିଥିବା ପ୍ରାୟ ୧୫୦ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ମାନପତ୍ର ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ।




ସମାରୋହରେ ମଞ୍ଚାସୀନ ଅତିଥି ବୃନ୍ଦ।

# ଜଟଣୀରେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ଜଟଣୀ,୨୨।୪(ରବୀନ୍ଦ୍ରନାଥ ମହାକୁଡ଼)

ଖୋର୍ଦ୍ଧା ଜିଲା ଜଟଣୀ ଥାନା ଅଞ୍ଚଳରେ ବୁଧବାର ସନ୍ଧ୍ୟାରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ସମ୍ପୃକ୍ତ ଯୁବକ ହେଲେ ଜଟଣୀ ଥାନା ଅଧୀନ ବଛରା ଗ୍ରାମ ତଳସାହି ଅଞ୍ଚଳର ୨୬ ବର୍ଷୀୟ ସିଦ୍ଧାର୍ଥ ବେହେରା (ଗୁଡ୍ଡୁ)। ତାଙ୍କ ବାମହାତରେ ଗଭୀର କ୍ଷତ ହୋଇଛି। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ପ୍ରଥମେ ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ଆକ୍ରମଣର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଏହି ଘଟଣା ଘଟିଥିବା ପୋଲିସ ଅନୁମାନ କରୁଛି।

ସ୍ଥାନୀୟ ଲୋକଙ୍କ ସୂଚନା ଅନୁଯାୟୀ, ୧୫ଦିନ ତଳେ ସିଦ୍ଧାର୍ଥଙ୍କ ପରିବାର ଲୋକେ ନିକଟସ୍ଥ ରାଜାବଜାରକୁ ମା' ଭଗବତୀଙ୍କ ଉତ୍ସବ ଦେଖିବା ପାଇଁ ଯାଇଥିଲେ। ସେଠାରେ କେତେଜଣ ଯୁବକ ସେମାନଙ୍କୁ କମେଣ୍ଟ ମାରିଥିଲେ। ଏ ନେଇ ସିଦ୍ଧାର୍ଥ ଜଟଣୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ପକ୍ଷରୁ ତଦନ୍ତ ଚାଲିଥିବାବେଳେ ବୁଧବାର ସନ୍ଧ୍ୟା ପ୍ରାୟ ୭ଟାରେ ସ୍ଥାନୀୟ ବାଳିକା ଉଚ୍ଚ ବିଦ୍ୟାଳୟ ନିକଟ ଟେଷ୍ଟ ହାଉସଠାରେ ସିଦ୍ଧାର୍ଥ ବସିଥିବାବେଳେ ଏକାଧିକ ବ୍ୟକ୍ତି ଆସି ଧାରୁଆ ଅସ୍ତ୍ରରେ ତାଙ୍କୁ ଅତର୍କିତ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ସିଦ୍ଧାର୍ଥ ଚିତ୍କାରକରି ରକ୍ତାକ୍ତ ଅବସ୍ଥାରେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତୁରନ୍ତ ତାଙ୍କୁ ଉଦ୍ଧାରକରି ମେଡିକାଲକୁ ନେଇଥିଲେ। ଜଟଣୀ ଥାନା ଅଧିକାରୀ ଷ୍ଟାଲିନ୍ ବିଶ୍ୱାଳ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ।

## ଶିକ୍ଷାବିତ୍ ଶରତ ଚନ୍ଦ୍ର ପ୍ରଧାନଙ୍କ ସ୍ମୃତିଚାରଣ

ନିରାକାରପୁର,୨୨।୪(ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ପଞ୍ଚାୟତର ଦିବଂଗତ ଶିକ୍ଷକ ଶରତ ଚନ୍ଦ୍ର ପ୍ରଧାନଙ୍କ ତୃତୀୟ ବାର୍ଷିକ ଶ୍ରାଦ୍ଧ ଉତ୍ସବ ଶରତ ଚନ୍ଦ୍ର ସେବା ସଂସ୍ଥାନ ପକ୍ଷରୁ ନୀଳକଣ୍ଠେଶ୍ୱର ଦେବଙ୍କ ମନ୍ଦିର ପରିସରରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଦିବ୍ୟସିଂହ ତ୍ରିପାଠୀ ପୌରୋହିତ୍ୟ କରିଥିବାବେଳେ ଅତିଥି ଭାବେ ଟାଙ୍ଗୀ ବ୍ଲକ ଶିକ୍ଷାଧିକାରୀ ପ୍ରଦୀପ କୁମାର ସାହୁ, ଶିକ୍ଷାବିତ୍ ବଂଶୀଧର ଜଗଦେବ, ସଖା ସଂଘ କ୍ରୀଡ଼ା ସଂସଦ ସଭାପତି ବିପିନ କୁମାର ଜୟସିଂହ, ଶିକ୍ଷାବିତ୍ ଅମ୍ଳାନ ପ୍ରହରାଜ, ସାହିତ୍ୟିକ ନୀଳାଦ୍ରି ସିଂ ପ୍ରମୁଖ ଯୋଗଦେଇ ଦିବଂଗତ ଶରତ ପ୍ରଧାନଙ୍କ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ।

**OFFICE OF THE NOTIFIED AREA COUNCIL, KODALA, ODISHA, PIN - 761032**
Government of Orissa
e-Mail: nackodala@gmail.com

Lt. No. 1010/Dev/2026 **e-NOTICE** Dated: 20.04.2026

**BID IDENTIFICATION No. KOD-NAC-02/2026-27**

No. 13001/275/2627: The Executive Officer, NAC, Kodala, on behalf of Governor of Odisha invites for consultancy or bidders of eligible class registered with the State Govt. and bidders of equivalent grade/class registered with Central Govt./MES/Railways according to norm of e-procurement system in online mode for the work as per DTCN.

1. Name of the Work : Civil Work
2. Number of Work : 01 No.
3. Estimated Cost : As per DTCN
4. Period of Completion : As per DTCN
5. Date and time of availability of Bid document in the portal : From 10.00 A.M. of Dt.21.04.2026 to 5.00 P.M. of Dt.04.05.2026
6. Last date and time for receipt of Bid in the portal : 5.00 P.M. of Dt.04.05.2026
7. The bid received online shall be opened on : 11.00 A.M. of Dtd.05.05.2026
8. Name and address of the Officer Inviting Bid : Executive Officer, NAC, Kodala

Further details can be seen from the Procurement Portal: **www.tendersorissa.gov.in**.

OIPR-13001/13203/1/26-27/0001 Sd./- Executive Officer, Kodala NAC

# ସଂସ୍କାର ସାଧନା ବିଦ୍ୟାଳୟର ତ୍ରୟୋଦଶ ବାର୍ଷିକୋତ୍ସବ

ଡେଲାଙ୍ଗ,୨୨।୪(ରଶ୍ମୀରଞ୍ଜନ ପ୍ରଧାନ)

ଡେଲାଙ୍ଗ ବ୍ଲକର ପ୍ରଥମ ସିବିଏସଇ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ସଂସ୍କାର ସାଧନା ବିଦ୍ୟାଳୟମର ତ୍ରୟୋଦଶ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ଅଶୋକ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ସମାବେଶରେ ଶିକ୍ଷାବିତ ରମେଶଚନ୍ଦ୍ର ରାଉତରାୟ, ଅବସରପ୍ରାପ୍ତ ପ୍ରାଧ୍ୟାପକ ସୁକାନ୍ତ କୁମାର ମହାନ୍ତି, ପରିଚାଳନା କମିଟି ଉପସଭାପତି ଅଧ୍ୟାପକ ଡ. ଲକ୍ଷ୍ମୀଧର ପାଇକରାୟ, ବିଦ୍ୟାଳୟର ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ ଶିବସ୍ୱରୂପ ମଙ୍ଗରାଜ ପ୍ରମୁଖ ଯୋଗଦେଇ ଶିକ୍ଷା, ଶିକ୍ଷକ, ଶିକ୍ଷାୟତନର ପାରିପାର୍ଶ୍ୱିକ ବିକାଶ, ଗୁଣାତ୍ମକ ମାନର ଆଧୁନିକ ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଅବିଭକ୍ତ ସୁଜନପୁର ପଞ୍ଚାୟତର ଦିବଂଗତ ସରପଞ୍ଚ ତଥା ଡେଲାଙ୍ଗ ମହାବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ସ୍ୱର୍ଗତ ମାଗୁଣି ଚରଣ ସାହୁଙ୍କ ସ୍ମୃତି ରକ୍ଷା ପୂର୍ବକ କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରତିଭା ପ୍ରୋତ୍ସାହନ ପୁରସ୍କାର ପ୍ରଦାନ ନିମନ୍ତେ ତାଙ୍କ ତିନି ସୁପୁତ୍ର ଚିତ୍ତରଞ୍ଜନ ସାହୁ, ପ୍ରସନ୍ନ ସାହୁ ଓ ଅଶୋକ ସାହୁ ବିଦ୍ୟାଳୟ ନାମରେ ଏକ ଲକ୍ଷ ଟଙ୍କା ସ୍ଥାୟୀ ଜମା ରଖି ଦେବା ଏବଂ ଏହି ସ୍ଥାୟୀ ଜମାର ଅର୍ଜିତ ସୁଧରୁ ପ୍ରତିବର୍ଷ କୃତୀ ଛାତ୍ରୀଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଥିବା ନେଇ ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ ମଙ୍ଗରାଜ ସୂଚନା ଦେଇଥିଲେ। ଅଧ୍ୟକ୍ଷ ସତ୍ୟଜିତ ବାରିକ ବିଦ୍ୟାଳୟର ଗରିମାମୟ ଐତିହ୍ୟ ଓ ସଫଳତା ସମ୍ପର୍କିତ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷା ଓ ବିଭିନ୍ନ କ୍ରୀଡ଼ା କ୍ଷେତ୍ରରେ ଉତ୍କର୍ଷ ପ୍ରଦର୍ଶନ କରିଥିବା କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର, ଆଶିଷ ପତ୍ର ପ୍ରଦାନ କରାଯାଇଥିଲା।




ଅତିଥିଙ୍କ ଗହଣରେ କୁନି ପିଲାମାନେ।

# ଜୟଦେବ ଆମ ଜାତିର ଚିରନମସ୍ୟ

ପୁରୀ,୨୨।୪(ଅଜିତ୍ କୁମାର ମହାନ୍ତି)

### ଜିଲାସ୍ତରୀୟ କବି ଜୟଦେବ ଜୟନ୍ତୀ ସମାରୋହ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ପୁରୀ ଜିଲାସ୍ତରୀୟ କବି ଜୟଦେବ ଜୟନ୍ତୀ ସମାରୋହ ସଂସ୍କୃତି ଭବନ ଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଓଡ଼ିଆ ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ଡ. ସତ୍ୟ ନାରାୟଣ ଆଚାର୍ଯ୍ୟ ଯୋଗ ଦେଇ ଭକ୍ତକବି ଜୟଦେବ ଆମ ଜାତିର ଚିର ନମସ୍ୟ ବୋଲି କହିଥିଲେ। ତାଙ୍କ ରଚିତ ମଧୁର କୋମଳ କାନ୍ତ ପଦାବଳୀ ଗୀତଗୋବିନ୍ଦର ପଟାନ୍ତର ନାହିଁ। ଯେଉଁ ଗୀତ ମହାପ୍ରଭୁଙ୍କର ପ୍ରିୟ ଓ ଯାହାକୁ ଶୁଣିଲେ ମହାପ୍ରଭୁ ନିଦ୍ରା ଯାଆନ୍ତି ତା ସମ ଆଉ ସୃଷ୍ଟି ନାହିଁ ବୋଲି କହିବା ସହ ଜୟଦେବଙ୍କ ପାଇଁ ଆମେ ସବୁ ଧନ୍ୟ ବୋଲି କହିଥିଲେ।

ଶ୍ରୀଜୟଦେବ ଫାଉଣ୍ଡେଶନ, ଓଡ଼ିଶାର ସମ୍ପାଦକ ପ୍ରଫୁଲ୍ଲ ତ୍ରିପାଠୀ ସରକାର ୧୯୯୧ ଠାରୁ ଜୟଦେବ ଜୟନ୍ତୀ ପାଳନ କରିବା ସହ ଜୟଦେବଙ୍କ ନାମରେ ଏକ ନିର୍ବାଚନମଣ୍ଡଳୀ ମଧ୍ୟ କରାଯାଇଛି। ଅନେକ ପୁସ୍ତକ ପ୍ରକାଶନ ମାଧ୍ୟମରେ ଜୟଦେବ ଓଡ଼ିଶାର ବୋଲି ପ୍ରମାଣିତ କରାଯାଇଛି। ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଏଥିରେ ଅଧ୍ୟକ୍ଷତା କରିବା ସହ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଆ ଭାଷା ପ୍ରତିଷ୍ଠାନର ପ୍ରାକ୍ତନ ନିର୍ଦ୍ଦେଶକ ପ୍ରଫେସର କୈଳାସ ଚନ୍ଦ୍ର ଟିକାୟତରାୟ, ପ୍ରାକ୍ତନ ସଂସ୍କୃତି ସହ ନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ସାମନ୍ତରାୟ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ବଦ୍ରି ମିଶ୍ର, ଶ୍ରୀଜୟଦେବ ଫାଉଣ୍ଡେଶନ, ପୁରୀ ଶାଖାର ସଦସ୍ୟ ଅନାମ ଚନ୍ଦ୍ର ସାହୁ, ଚକ୍ରଧର ମହାପାତ୍ର ପ୍ରମୁଖ ଯୋଗଦେଇ କବି ଜୟଦେବଙ୍କ ଜୀବନୀ, ମହାପ୍ରଭୁଙ୍କ ପ୍ରତି ତାଙ୍କର ଭକ୍ତି, ସମର୍ପଣ ଓ ଗୀତ ଗୋବିନ୍ଦ ରଚନା ସମ୍ପର୍କରେ ଆଲୋକପାତ କରିଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଧନ୍ୟବାଦ ଦେଇଥିଲେ।

**VEER SURENDRA SAI UNIVERSITY OF TECHNOLOGY**
(A Unitary University Established by Govt. of Odisha)
PO-ENGINEERING COLLEGE, BURLA, DIST-SAMBALPUR, ODISHA-768018, www.vssut.ac.in

No. VSSUT/Estt/649 Dated. 22.04.2026

**ADVERTISEMENT FOR RECRUITMENT OF CONTROLLER OF EXAMINATIONS**

**No.44001/6/2627** : Online Applications are invited from prospective candidates for recruitment to the post of **Controller of Examinations** at Veer Surendra Sai University of Technology, Burla. The qualifications details, eligibility criteria and other general information are available at www.vssut.ac.in. The applicants are required to submit online application at https://vssutnt.samarth.edu.in. The last date of submission is **23.05.2026**. The qualifications, eligibility criteria, experience, publications and age limit etc. as on the last date of submission of application will only be considered. The authority reserves the right to reject any or all the applications or cancel the entire selection process without assigning any reason thereof.

| S/N | Name of the Post | No. of Post | Cetegory | Level in the 7th Pay Matrix |
|---|---|---|---|---|
| 1 | Controller of Examinations | 01 | UR | Level-13 A (Rs.1,31,400-2,17,100/-) |

OIPR-44001/44006/1/26-27/0003 Sd./- REGISTRAR

## ଶ୍ରୀମନ୍ଦିର ଓପନ୍ ୟୁନିଟ୍ ପକ୍ଷରୁ ଭକ୍ତଙ୍କୁ ଜଳ ସେବା

ପୁରୀ,୨୨।୪ (ଅଜିତ୍ କୁମାର ମହାନ୍ତି)

ଅକ୍ଷୟ ତୃତୀୟା ଅବସରରେ ଓଡ଼ିଶା ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡ୍ସ ସହ ଅନୁବନ୍ଧିତ ପୁରୀର ଶ୍ରୀମନ୍ଦିର ଓପନ୍ ୟୁନିଟ୍ ପକ୍ଷରୁ ଭକ୍ତମାନଙ୍କୁ ଜଳ ସେବା ଯୋଗାଇ ଦିଆଯାଉଛି। ୟୁନିଟ୍‌ର ରୋଭର୍ ଓ ରେଞ୍ଜର୍‌ମାନଙ୍କ ଦ୍ୱାରା ଜଳ ବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଉଦ୍‌ଘାଟନୀ ଅବସରରେ ଅତିଥି ଭାବେ ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଓ ଗାଇଡ୍ସର ମୁଖ୍ୟ ଶାଖା କାର୍ଯ୍ୟାଳୟର ଅନୀଲ କୁମାର ମହାନ୍ତି ଓ ଯୁବ ସାମ୍ବାଦିକ ଅଜିତ କୁମାର ମହାନ୍ତି ଯୋଗଦେଇ ଜଳ ବଣ୍ଟନ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ୟୁନିଟ୍‌ର ରୋଭର୍ ଲିଡର୍ ସୂର୍ଯ୍ୟନାରାୟଣ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ରୋଭର୍ ସନ୍ତୋଷ, ଦାନିଶ, ଓମ୍, ଅଚ୍ୟୁତାନନ୍ଦ ଓ ରେଞ୍ଜର ସ୍ୱାତୀ, ଲିଜା, ଶ୍ରୀଜଗନ୍ନାଥ ମନ୍ଦିର ନିକଟରେ ସବୁ ଶ୍ରଦ୍ଧାଳୁଙ୍କୁ ଗରମରୁ ରକ୍ଷା ପାଇବା ପାଇଁ ଦହିପଣା, ଗ୍ଲୁକୋଜ, ଲେମ୍ବୁ ପାଣି ଆଦି ବଣ୍ଟନ କରିଥିଲେ।

**BHUBANESWAR MUNICIPAL CORPORATION**
Phone: 0674-2431253, Fax: 0674-2432895, E_mail: info@bmc.gov.in

No. 22497 Date: 21.04.2026
XXXVIII(Market)-46/21

**ORDER**

No. 13001/270/2627: The e-auction process of BMC - Fruit Market Complex, Unit-II, Ashok Nagar, Bhubaneswar issued vide Order No. 13632 / Dtd.09.03.2026 has been re-scheduled as follows for giving better scope of participation to the general public.

| | | |
|---|---|---|
| 01 | Last date of online application/request for participation and deposit of EMD | Dtd.30.04.2026 upto 5.00 P.M. instead of 15.04.2026 |
| 02 | E-auction date for Ground Floor & Second Floor | Dtd.07.05.2026 instead of 22.04.2026 (from 11.00 A.M. to 5.00 P.M. with unlimited auto extension) |

By Order
Sd./- Additional Commissioner-I
Bhubaneswar Municipal Corporation

OIPR-13001/13002/1/26-27/0014

# ହେମାଟୋଲୋଜି ବିଭାଗ କୋଠାରୁ ଖସିଲା ପ୍ଲାଷ୍ଟର, ସିଲିଂ

କଟକ,୨୨।୪(ଶିଳ୍ପା ପ୍ରିୟଦର୍ଶିନୀ)

**ଏସ୍‌ସିବିରେ ପୁଣି ଅଘଟଣ**

■ବଡ଼ ବିପଦରୁ ବର୍ତ୍ତିଲା

■ପୁରୁଣା କୋଠାର ରକ୍ଷଣାବେକ୍ଷଣ ନେଇ ପ୍ରଶ୍ନ

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ(ଏସ୍‌ସିବି)ରେ ପୁଣି ଅଘଟଣ ଘଟିଛି। ମେଡିକାଲ ହେମାଟୋଲୋଜି ବିଭାଗରେ ରୋଗୀଙ୍କ ପାଇଁ ଥିବା ଶୌଚାଳୟ ନିକଟରେ ହଠାତ୍ ଛାତରୁ ସିଲିଂ ଖସି ପଡ଼ିଛି। ମଙ୍ଗଳବାର ବିଳମ୍ବିତ ରାତିରେ ଏହି ଅଘଟଣ ଘଟିଥିବାବେଳେ ଏଥିରେ କେହି ଆହତ ହୋଇନାହାନ୍ତି। ଫଳରେ ବଡ଼ ବିପଦରୁ ଏସ୍‌ସିବି ମେଡିକାଲ ବର୍ତ୍ତି ଯାଇଛି। ବୁଧବାର ସକାଳେ ଘଟଣା ସମ୍ପର୍କରେ ମେଡିକାଲ କର୍ତ୍ତୃପକ୍ଷ ଅବଗତ ହେବା ପରେ ଆର୍‌ଆଣ୍ଡବି ବିଭାଗକୁ ଏହାର ମରାମତି ନେଇ ଜଣାଇଥିବା ସୂଚନା ମିଳିଛି। ଅନ୍ୟପଟେ ଏସ୍‌ସିବିର ସିଲିଂ ଖସିବା ଭିଡିଓ ଏବଂ ଫଟୋ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ଏନେଇ ମେଡିକାଲ ପ୍ରଶାସନିକ ଅଧିକାରୀ ସୁବାସ ରାଏ କହିଛନ୍ତି, ଏହି ଘଟଣାରେ କେହି ଆହତ ହୋଇନାହାନ୍ତି। ବିଭାଗକୁ ତୁରନ୍ତ ମରାମତି କାର୍ଯ୍ୟ କରିବାକୁ କୁହାଯାଇଛି ବୋଲି ସେ କହିଛନ୍ତି।



ହେମାଟୋଲୋଜି ବିଭାଗରେ ରୋଗୀଙ୍କ ପାଇଁ ଥିବା ଶୌଚାଳୟ ନିକଟରେ ହଠାତ୍ ଛାତରୁ ସିଲିଂ ଖସି ପଡ଼ିଛି।

ମିଳିଥିବା ସୂଚନା ମୁତାବକ, ହେମାଟୋଲୋଜି ବିଭାଗର ରୋଗୀଙ୍କ ପାଇଁ ଥିବା ଶୌଚାଳୟ ନିକଟରେ ସିଲିଂ ଖସିପଡ଼ି ଚାରିଆଡ଼େ ପ୍ଲାଷ୍ଟର ଓ ଇଟା ବିଛାଡି ହୋଇଯାଇଥିଲା। ଏସ୍‌ସିବିର ପୁରୁଣା କୋଠାଗୁଡ଼ିକ ମରାମତି ନେଇ ଆର୍‌ଆଣ୍ଡ ବି ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏପରିକି ଯେଉଁଠି କାମର ଆବଶ୍ୟକ ରହିଛି, ସେ ସବୁ ତୁରନ୍ତ ମରାମତି କରିବାକୁ କୁହାଯାଇଥିଲା। ହେଲେ ଏହି କାମ ଠିକ୍ ଭାବେ କରାଯାଇନାହିଁ। ଫଳରେ ଉକ୍ତ ବିଭାଗରେ ଏଭଳି ଅଘଟଣ ଘଟିଥିବା ଜଣାପଡ଼ିଛି। ପୂର୍ବରୁ ମଧ୍ୟ ଗତ ଜାନୁଆରୀରେ ପୁରୁଣା ଭେଷଜ ବିଭାଗ ୱାର୍ଡ ଛାତରୁ ସିଲିଂ ଖସି ରୋଗୀ ଗୁରୁତର ଆହତ ହୋଇଥିଲେ। ତେବେ ପ୍ରାୟ ୪ ମାସ ମଧ୍ୟରେ ଏଭଳି ଦୁଇଥର ସିଲିଂ ଖସିବା ଘଟଣା ଯୋଗୁ ଏସ୍‌ସିବିରେ ରୋଗୀଙ୍କ ସୁରକ୍ଷା ସହ ପୁରୁଣା କୋଠାର ରକ୍ଷଣାବେକ୍ଷଣକୁ ନେଇ ପ୍ରଶ୍ନ ଉଠିଛି।

## ଟିକିରିରୁ ସିଜିମାଳି ବକ୍ସାଇଟ୍ ଖଣିକୁ ସ୍ୱତନ୍ତ୍ର ରେଳ ଲାଇନ

ଭୁବନେଶ୍ୱର,୨୨।୪ (ଅନୁରାଧା ମହାରଣା)

■ୱାଲ୍‌ଟିୟର ଡିଭିଜନ ଅଧୀନରେ ପ୍ରକଳ୍ପ ନିର୍ମାଣ ହେବ

■ଓଡ଼ିଶା ରାଜସ୍ୱ ଅନ୍ୟ ରାଜ୍ୟକୁ ଚାଲିଯିବ: ବିରୋଧୀ ଦଳ ନେତା

ରାୟଗଡ଼ା ଜିଲାରେ ଥିବା ସିଜିମାଳି ବକ୍ସାଇଟ ଖଣି ପ୍ରକଳ୍ପ ପାଇଁ ସ୍ୱତନ୍ତ୍ର ରେଳ ଲାଇନ ଘୋଷଣା କରାଯାଇଛି। ଏଥିପାଇଁ କେନ୍ଦ୍ର ସରକାର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ରେଳ ମନ୍ତ୍ରଣାଳୟ ପକ୍ଷରୁ ଗେଜେଟ୍ ନୋଟିଫିକେଶନ୍ ପ୍ରକାଶ କରାଯାଇଛି। ରେଳ ମନ୍ତ୍ରଣାଳୟର ପୂର୍ବତଟ ରେଳପଥ ନିର୍ମାଣ ବିଭାଗ ପକ୍ଷରୁ ଏପ୍ରିଲ ୨୧ରେ ଜାରି ହୋଇଥିବା ଗେଜେଟ୍ ନୋଟିଫିକେଶନ୍ ଅନୁଯାୟୀ, ଏହି ରେଳପଥ ଉକ୍ତ ଜିଲାର ଟିକିରି ଷ୍ଟେଶନରୁ କୁତ୍ରୁମାଳି ଓ ସିଜିମାଳି ବକ୍ସାଇଟ୍ ଖଣି ସହିତ ସଂଯୋଗ କରିବ। ୱାଲ୍‌ଟିୟର ଡିଭିଜନ ଅଧୀନରେ ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହେବ। ରେଳପଥ ଆଇନ ୧୯୮୯ର ଧାରା ୨ର ଉପଧାରା (୩୭ଏ) ଅନୁଯାୟୀ ଏହାକୁ ସ୍ୱତନ୍ତ୍ର ପ୍ରକଳ୍ପ ମାନ୍ୟତା ଦିଆଯାଇଛି। ତେବେ ପୂର୍ବରୁ ୱାଲ୍‌ଟିୟର ଡିଭିଜନ୍ ପୂର୍ବତଟ ରେଳପଥ ଅଧୀନରେ ରହୁଥିବାବେଳେ ନିକଟରେ ଏହାକୁ ଦକ୍ଷିଣତଟ ରେଳପଥକୁ ସ୍ଥାନାନ୍ତର କରାଯାଇଛି। ଫଳରେ ଏହି ରେଳ ଲାଇନ ଦ୍ୱାରା ଓଡ଼ିଶାକୁ ଆସିବାକୁ ଥିବା ରାଜସ୍ୱ ଅନ୍ୟ ରାଜ୍ୟକୁ ଚାଲିଯିବ ବୋଲି ରାଜ୍ୟର ବିରୋଧୀ ଦଳ ନେତାମାନେ ଅଭିଯୋଗ ଉଠାଇଛନ୍ତି।

ଅନ୍ୟପଟେ ରେଳପଥ ପକ୍ଷରୁ କୁହାଯାଇଛି, ଏହି ନୂଆ ରେଳପଥ ଦ୍ୱାରା ବକ୍ସାଇଟ୍ ଭଳି ମୂଲ୍ୟବାନ୍ ଖଣିଜର ସରଳ ଓ ଶୀଘ୍ର ପରିବହନ ସମ୍ଭବ ହେବ। ଏଥିରୁ ରାୟଗଡ଼ା ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଶିଳ୍ପ ବିକାଶ ଗତିଶୀଳ ହେବା ସହିତ ସ୍ଥାନୀୟ ଅର୍ଥନୀତି ଉପରେ ମଧ୍ୟ ସକାରାତ୍ମକ ପ୍ରଭାବ ପଡ଼ିବ। ଏଥିସହ ନୂତନ ନିଯୁକ୍ତି ସୃଷ୍ଟି ଓ ଅନ୍ୟାନ୍ୟ ସହଯୋଗୀ ଶିଳ୍ପ ଗଠନର ସମ୍ଭାବନା ବଢ଼ିବ। ତେବେ ସିଜିମାଳି ଖଣି ପ୍ରକଳ୍ପକୁ ନେଇ ପରିବେଶ ଓ ସ୍ଥାନୀୟ ଆଦିବାସୀ ଅଧିକାରକୁ ନେଇ ଗତ କିଛିଦିନ ଧରି ବିବାଦୀୟ ପରିସ୍ଥିତି ଦେଖାଯାଇଛି। ସ୍ଥାନୀୟ ଲୋକମାନେ ଜମି, ଜୀବିକା ଓ ପରିବେଶ ସୁରକ୍ଷା ନେଇ ଆଶଙ୍କା ପ୍ରକାଶ କରିଥିବା ବେଳେ ସରକାରଙ୍କ ପକ୍ଷରୁ ବିକାଶ ଓ ପୁନର୍ବାସ ବ୍ୟବସ୍ଥା ନିଶ୍ଚିତ କରାଯିବାର ଆଶ୍ୱାସନା ଦିଆଯାଇଛି।



ରାଜଧାନୀ ଭୁବନେଶ୍ୱରରେ ବୁଧବାର ବର୍ଷର ସର୍ବାଧିକ ତାପମାତ୍ରା ୪୧ଡିଗ୍ରୀ ଛୁଇଁଥିବାବେଳେ ଯୁବତୀମାନେ ଖରାରୁ ରକ୍ଷା ପାଇବା ପାଇଁ ଛତା ଓ ମୁହଁରେ ଓଢ଼ଣି ଢାଙ୍କି ଯାଉଛନ୍ତି। (ଫଟୋ- ବିକାଶ ନାୟକ)

## ବାର୍‌କୋଡ୍ ମାଧ୍ୟମରେ ରେଡ୍‌କ୍ରସ୍ ଆୟ ସଂଗ୍ରହକୁ ଗୁରୁତ୍ୱ

ଭୁବନେଶ୍ୱର,୨୨।୪ (ସୌମ୍ୟରଞ୍ଜନ ରାଉତ)

**ରେଡ୍‌କ୍ରସ୍ ଓଡ଼ିଶା ଶାଖାର କାର୍ଯ୍ୟକାରିଣୀ ବୈଠକ**

ଭାରତୀୟ ରେଡକ୍ରସ୍ ସୋସାଇଟି ଓଡିଶା ରାଜ୍ୟ ଶାଖାର କାର୍ଯ୍ୟକାରିଣୀ ବୈଠକ ବୁଧବାର ରେଡକ୍ରସ୍ ଭବନରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କାର୍ଯ୍ୟକାରିଣୀ ସଦସ୍ୟ ସୁଦର୍ଶନ ନାୟକ, ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା, ସ୍ୱୟଂ ପ୍ରକାଶ ବରାଳ, ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପ୍ରଦୀପ କୁମାର ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ସୋସାଇଟିର ଯୁଗ୍ମ ସଚିବ ଅଶୋକ କୁମାର ମହାନ୍ତି ସ୍ୱାଗତ ଭାଷଣ ରଖିଥିଲେ। ସୋସାଇଟିର ସଚିବ ଗଣେଶ ଚନ୍ଦ୍ର ପାତ୍ର ସଂସ୍ଥାର ବିଭିନ୍ନ କାର୍ଯ୍ୟକ୍ରମ ଓ ଆୟ-ବ୍ୟୟ ସମ୍ବନ୍ଧୀୟ ତଥ୍ୟ ଉପସ୍ଥାପନ କରିଥିଲେ। ସେ କର୍ମଚାରୀଙ୍କ ପାଇଁ ସର୍ଭିସ ରୁଲ୍ ପ୍ରଚଳନ ନେଇ ମଧ୍ୟ ଆଲୋଚନା କରିଥିଲେ ଏବଂ ଚଳିତ ବର୍ଷର କାର୍ଯ୍ୟଯୋଜନା ସମ୍ପର୍କରେ ସଦସ୍ୟମାନଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ସୁଦର୍ଶନ ରେଡକ୍ରସର କାର୍ଯ୍ୟକ୍ରମଗୁଡିକୁ ସମୟୋପଯୋଗୀ କରିବା ସହ ଭୁବନେଶ୍ୱରରେ ବସବାସ କରୁଥିବା ବୟୋଜ୍ୟେଷ୍ଠଙ୍କ ପାଇଁ ସ୍ୱେଚ୍ଛାସେବୀଙ୍କ ମାଧ୍ୟମରେ ସହାୟତା କାର୍ଯ୍ୟକ୍ରମ ଆରମ୍ଭ କରିବା ଲାଗି ପ୍ରସ୍ତାବ ରଖିଥିଲେ। ଏହାକୁ ମନ୍ତ୍ରୀ ସ୍ୱାଗତ କରି ସାରା ରାଜ୍ୟରେ ଏହାର ପ୍ରଚଳନ ପାଇଁ ପରାମର୍ଶ ଦେଇଥିଲେ। ଏହାସହ ରାଜ୍ୟରେ ରେଡକ୍ରସର ଆୟ ସଂଗ୍ରହ ପ୍ରଣାଳୀକୁ ବାର୍‌କୋଡ୍ ମାଧ୍ୟମରେ ସୁବ୍ୟବସ୍ଥିତ କରିବା ଉପରେ ଗୁରୁତ୍ୱଆରୋପ କରାଯାଇଥିଲା। ପରେ ସ୍ୱୟଂ ପ୍ରକାଶ ରେଡକ୍ରସ୍‌ର ନୂତନ ଭବନ ନିର୍ମାଣକୁ ତ୍ୱରାନ୍ୱିତ କରିବାକୁ ମତ ପ୍ରକାଶ କରିଥିଲେ। ସୋସାଇଟିର କୋଷାଧ୍ୟକ୍ଷ ଲାବଣ୍ୟ ସବର ଧନ୍ୟବାଦ ଦେଇଥିଲେ।

## ଦୁର୍ଘଟଣାରୁ ଗୋଷ୍ଠୀ ସଂଘର୍ଷ, ୩ ଆହତ

କଟକ,୨୨।୪(କାର୍ତ୍ତିକ ସାହୁ)

**ରାସ୍ତା ପାଲଟିଲା ରଣକ୍ଷେତ୍ର**

ଦୁର୍ଘଟଣାକୁ କେନ୍ଦ୍ର କରି ଓଡ଼ିଆ ବଜାରରେ ବୁଧବାର ମଧ୍ୟାହ୍ନରେ ଦୁଇ ଗୋଷ୍ଠୀ ଯୁବକ ପରସ୍ପରଙ୍କୁ ଆକ୍ରମଣ କରିଛନ୍ତି। ଏଥିରେ ୩ଜଣ ଯୁବକ ସେକ ଅଫସର, ସେକ ରାଜୁ ଓ ସେକ ସାହିଲ ଆହତ ହୋଇଛନ୍ତି। ପୋଲିସ ସେମାନଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିଲା। ରାତି ସୁଦ୍ଧା ଦୁଇ ଜଣ ଡିସ୍‌ଚାର୍ଜ ହୋଇଥିଲା ବେଳେ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ଏନେଇ ଉଭୟ ପକ୍ଷରୁ ଥାନାରେ ଦୁଇଟି ଏତଲା ହୋଇଛି।

ସୂଚନା ଅନୁସାରେ, ଦିୱାନ ବଜାରର ୨ଜଣ ଯୁବକ ଏକ ଗାଡ଼ିରେ କୌଣସି କାମରେ ଓଡ଼ିଆ ବଜାର ଯାଇଥିଲେ। ସେଠାରେ ଜଣେ ଯୁବକଙ୍କ ସହ ତାଙ୍କ ଗାଡ଼ି ଘଷି ହୋଇଯାଇଥିଲା। ଏହାକୁ କେନ୍ଦ୍ର କରି ବଚସା ପରେ ହାତାହାତି ହୋଇଥିଲା। ଓଡ଼ିଆ ବଜାର ଅଞ୍ଚଳର ୫ରୁ ୬ଜଣ ଯୁବକ ସଂଘବଦ୍ଧ ହୋଇ ଦୁଇ ଯୁବକଙ୍କୁ ନିସ୍ଥୁକ ମାଡ଼ ମାରିଥିଲେ। ସ୍ଥାନୀୟ ଲୋକ ସେଠାରେ ପହଞ୍ଚି ବୁଝାଶୁଝା କରିବାରୁ ଯୁବକଦ୍ୱୟ ମୁକୁଳିଥିଲେ। କିଛି ସମୟ ପରେ ଦିୱାନ ବଜାରର ଯୁବକ ଦ୍ୱୟ ତାଙ୍କ ଅନ୍ୟ ସହଯୋଗୀଙ୍କୁ ଧରି ଓଡ଼ିଆ ବଜାରରେ ପହଞ୍ଚିଥିଲେ। ସେଠାରେ ଦୁଇ ଗୋଷ୍ଠୀ ପରସ୍ପରଙ୍କୁ ବାଡ଼ି, ପାଇପ, ଲୁହା ରଡ୍‌ରେ ଆକ୍ରମଣ କରିଥିଲେ। ଅଞ୍ଚଳର ମୁଖ୍ୟ ରାସ୍ତା ଏକପ୍ରକାର ରଣକ୍ଷେତ୍ର ପାଲଟିଯାଇଥିଲା। ଗଣ୍ଡଗୋଳ ଦେଖି ଲୋକେ ଭୟଭୀତ ହୋଇ ଦୋକାନ ବଜାର ବନ୍ଦ କରିଦେଇଥିଲେ। ଖବର ପାଇ ଲାଲବାଗ ଥାନା ପୋଲିସ ଫୋର୍ସ ସହ ଘଟଣାସ୍ଥଳରେ ପହଞ୍ଚିଥିଲା। ପୋଲିସକୁ ଦେଖି ଗଣ୍ଡଗୋଳକାରୀମାନେ ପଳାୟନ କରିଥିଲେ। ଅଭିଯୁକ୍ତଙ୍କୁ ଧରିବା ଲାଗି ଜୋରଦାର ଉଦ୍ୟମ ହେଉଥିବା ଥାନା ଅଧିକାରୀ ସତ୍ୟବ୍ରତ ଭୂତିଆ ସୂଚନା ଦେଇଛନ୍ତି।

## ଆଲ୍‌ବିନୋ ରଣାସାପ ଦେଲା ୬ ଅଣ୍ଡା

ବାରଙ୍ଗ,୨୨।୪(ଲିଙ୍ଗରାଜ ରାଉତ)

ନନ୍ଦନକାନନକୁ ଆସିଥିବା ବିରଳ ଆଲ୍‌ବିନୋ ରଣାସାପ ମଙ୍ଗଳବାର ରାତିରେ ୬ଟି ଅଣ୍ଡା ଦେଇଛି। ସାପଟି ଏଠାକୁ ଆସିବାପରେ ତା'ର ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରାଯାଇଥିଲା। ଏହି ସମୟରେ ସାପ ପେଟରେ ୭ଟି ଅଣ୍ଡା ଥିବା ଡାକ୍ତରମାନେ ଜାଣିବାକୁ ପାଇଥିଲେ। ତେବେ ସେ ୬ଟି ଅଣ୍ଡା ଦେବା ପରେ କର୍ମଚାରୀ ମହଲରେ ଖୁସିର ଲହରି ଖେଳିଯାଇଛି। ସାପଟିକୁ ଡାକ୍ତରମାନଙ୍କ ନଜରବନ୍ଦୀରେ ରଖାଯାଇଛି। ଏହି ସାପଟିକୁ ଭଦ୍ରକ ଜିଲା ବନ୍ତ ବ୍ଲକ ଛୁଆଳସିଂହ ଅଞ୍ଚଳରୁ ଉଦ୍ଧାର କରାଯାଇଥିଲା। ବନ ବିଭାଗ କର୍ମଚାରୀମାନେ ତାକୁ ଆଣି ନନ୍ଦନକାନନକୁ ହସ୍ତାନ୍ତର କରିଥିଲେ।



## ଗର୍ଭଗୃହରୁ ବାଲି କାଢ଼ିଲେ ସୂର୍ଯ୍ୟମନ୍ଦିର ପ୍ରତି ବିପଦ ନାହିଁ

କୋଣାର୍କ,୨୨।୪(ଜ୍ୟୋତିରାଜ ମହାନ୍ତି)

**ରିପୋର୍ଟ ଦେଲା ମାଡ୍ରାସ ଆଇଆଇଟି**

■ କେନ୍ଦ୍ରୀୟ ବିଶେଷଜ୍ଞ ଟିମ୍‌ର ସୂର୍ଯ୍ୟମନ୍ଦିର ପରିଦର୍ଶନ

ସୂର୍ଯ୍ୟମନ୍ଦିର ଗର୍ଭଗୃହରୁ ବାଲି କାଢ଼ିବା ପ୍ରକ୍ରିୟା ଆଉ ପାଦେ ଆଗେଇଲା। ଟନେଲ ନିର୍ମାଣ ହେବାକୁ ଥିବା ସ୍ଥାନରେ ପଥରର ସ୍ଥିତି ଯାଞ୍ଚ ଆଉ ଦୁଇଟି କୋର୍ ଡ୍ରିଲ୍ ହେବା ପରେ ମାଡ୍ରାସ ଆଇଆଇଟି ଦ୍ୱାରା ମନ୍ଦିର ଗର୍ଭଗୃହରେ ଥିବା ବାଲିର ସ୍ଥିତି ଯାଞ୍ଚ କରାଯାଇଥିଲା। ବାଲି କାଢ଼ିଲେ ମନ୍ଦିର ପ୍ରତି କୌଣସି ବିପଦ ନ ଥିବା ରିପୋର୍ଟରୁ ଜଣାପଡ଼ିଛି। ଗତ ଅକ୍ଷୟତୃତୀୟା ଠାରୁ ସୂର୍ଯ୍ୟମନ୍ଦିର ମୁଖଶାଳାର ଗର୍ଭଗୃହରୁ ବାଲି କାଢ଼ିବା ପାଇଁ ପଶ୍ଚିମପଟ ମନ୍ଦିର ପାଦଦେଶରୁ ୮୦ ଫୁଟ ଉଚ୍ଚରେ ପ୍ରଥମ ପିଢ଼ରେ ଟନେଲ ନିର୍ମାଣ ହେବା ପୂର୍ବରୁ ବାଲିର ନମୁନା ଯାଞ୍ଚ ପାଇଁ ସମାନ୍ତରାଳ ଭାବେ ୨ଟି କୋର୍ ଡ୍ରିଲ୍ କରାଯାଇଥିଲା। ଏହି କୋର୍ ଡ୍ରିଲ୍ ପରେ ଗର୍ଭଗୃହର ବାଲି ଓ ଡ୍ରିଲିଂ ସମୟରେ ମିଳିଥିବା ପଥର ଖଣ୍ଡକୁ ସଂଗୃହୀତ କରାଯାଇ ଏହାର ନମୁନା ଯାଞ୍ଚ ପାଇଁ ଆଇଆଇଟି ମାଡ୍ରାସ ଓ ଆଇଆଇଏମ୍ ଭୁବନେଶ୍ୱରକୁ ପଠାଯାଇଥିଲା। ଏହି ନମୁନାର ଯାଞ୍ଚ ରିପୋର୍ଟ ଆସିବା ପରେ ମନ୍ଦିର ଗର୍ଭଗୃହକୁ ସୁରକ୍ଷିତ ଭାବେ ଟନେଲ ନିର୍ମାଣ କରି ବାଲି କଢ଼ାଯାଇପାରିବ ବୋଲି ଜଣାପଡ଼ିଛି। ତେବେ ସୁରକ୍ଷିତ ବାଲି କାଢ଼ିବା ନିଷ୍ପତ୍ତିକୁ କୋଣାର୍କ ସୁରକ୍ଷା ସମିତି ଓ ସ୍ଥାନୀୟ ଲୋକଙ୍କ ପକ୍ଷରୁ ସ୍ୱାଗତ କରାଯାଇଛି। ପ୍ରାଥମିକ ପର୍ଯ୍ୟାୟରେ ଗର୍ଭଗୃହକୁ ସଂଯୋଗ ବାଟ ପାଇଁ କାର୍ଯ୍ୟ ଆରମ୍ଭ ହୋଇଛି। ମାନୁଆଲି କିମ୍ବା ଅଟୋମେଟିକ ରୋବୋଟିକ୍ ଟ୍ରଲି ପ୍ରବେଶକରି ବାଲି କାଢ଼ାଯିବ। ବାଲି କେବେ କଢ଼ାଯିବ ଏ ନେଇ ସଠିକ୍ ତାରିଖ ଜଣାପଡ଼ି ନାହିଁ । ଏ ସମ୍ପର୍କରେ ଏଏସ୍‌ଆଇ ପୁରୀ ସର୍କଲ ସହକାରୀ ସୁପରିଣ୍ଟେଣ୍ଡେଣ୍ଟ ଚିତ୍ତରଞ୍ଜନ ଦାଶ କହିଛନ୍ତି, ୨୦୨୫ ମସିହା ଡିସେମ୍ବର ୮ରେ ସୂର୍ଯ୍ୟମନ୍ଦିର ଗର୍ଭଗୃହରୁ ବାଲି ନମୁନା ସଂଗ୍ରହ କରାଯାଇ ପରୀକ୍ଷା ନିରୀକ୍ଷା କରିବା ପାଇଁ ମାଡ୍ରାସସ୍ଥିତ ଆଇଆଇଟିକୁ ପଠାଯାଇଥିଲା। ବର୍ତ୍ତମାନ ସୂର୍ଯ୍ୟମନ୍ଦିର ଗର୍ଭଗୃହରୁ ବାଲି କାଢ଼ିଲେ ମନ୍ଦିର ପ୍ରତି କୌଣସି ବିପଦ ନାହିଁ ବୋଲି ମାଡ୍ରାସ ଆଇଆଇଟିର ରିପୋର୍ଟ ଆସିଛି। ଗୁରୁବାର କେନ୍ଦ୍ରୀୟ ବିଶେଷଜ୍ଞ ଟିମ୍ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିବା ପରେ ବାଲିକଢ଼ା ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ସହକାରୀ ଏଏସ୍‌ଆଇ ସୁପରିଣ୍ଟେଣ୍ଡେଣ୍ଟ ଦାସ ମତବ୍ୟକ୍ତ କରିଛନ୍ତି।



ସୂର୍ଯ୍ୟମନ୍ଦିରରୁ ବାଲି କାଢ଼ିବା ପାଇଁ ଭାରା ବନ୍ଧାଯାଇଛି।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବିଶ୍ୱଜିତ୍



@ ପୂଜା



@ କାର୍ତ୍ତିକ



@ ଖୁସି



@ ରଶ୍ମିତା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଜିପିଏଫ୍ ଇ-ଆକାଉଣ୍ଟ ସ୍ଲିପ୍‌ର ଶୁଭାରମ୍ଭ

ଭୁବନେଶ୍ୱର,୨୨।୪(ସୁଚିସ୍ମିତା ସାହୁ)

ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ସରକାରୀ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନ କର୍ମଚାରୀଙ୍କ ଭବିଷ୍ୟନିଧି ପାଣ୍ଠି(ଜିପିଏଫ୍) ଇ-ଆକାଉଣ୍ଟ ସ୍ଲିପ୍ ପ୍ରଦାନ ବ୍ୟବସ୍ଥାର ଶୁଭାରମ୍ଭ ହୋଇଛି। ବୁଧବାର ଲେଖା ନିୟନ୍ତ୍ରକଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଲେଖା ନିୟନ୍ତ୍ରକ ମନୋରଞ୍ଜନ ନାୟକଙ୍କ ପୌରୋହିତ୍ୟରେ କାର୍ଯ୍ୟାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ବୈଷୟିକ ଜ୍ଞାନକୌଶଳର ସଦୁପଯୋଗ, କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀଙ୍କ ନିଷ୍ଠାପର ପ୍ରୟାସ ଯୋଗୁ କ୍ରମାଗତ ୫ବର୍ଷ ଧରି ଆର୍ଥିକ ବର୍ଷର ସମାପ୍ତି ହେବାର ମାତ୍ର ମାସକ ମଧ୍ୟରେ ଇ-ଆକାଉଣ୍ଟ ସ୍ଲିପ୍ ପ୍ରଦାନ କରାଯାଇପାରିଛି। ଏହାଦ୍ୱାରା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଉଚ୍ଚଶିକ୍ଷା ବିଭାଗର ୧୦୬୭ ଉଠାଣ ଏବଂ ବିତରଣ ଅଧିକାରୀ (ଡିଡିଓ)ଙ୍କ ଅଧୀନ ୩୧,୨୦୨ ଭବିଷ୍ୟନିଧି ପାଣ୍ଠି ହିତାଧିକାରୀମାନେ ଉପକୃତ ହେବେ। ସରକାରୀ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନର ଭବିଷ୍ୟନିଧି ହିତାଧିକାରୀମାନେ ଲେଖା ନିୟନ୍ତ୍ରକଙ୍କ କାର୍ଯ୍ୟାଳୟର ୱେବ୍‌ସାଇଟ https://caodisha.nic.in କିମ୍ବା https://www.odishatreasury.gov.in/portal ଲିଙ୍କ୍‌ରେ ଲଗ୍ ଇନ୍ କରି ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଇ-ଆକାଉଣ୍ଟ ସ୍ଲିପ୍ ପାଇପାରିବେ।



ଜଣେ ମହିଳା କର୍ମଚାରୀଙ୍କୁ ଲେଖା ନିୟନ୍ତ୍ରକ ମନୋରଞ୍ଜନ ନାୟକ ଇ-ଆକାଉଣ୍ଟ ସ୍ଲିପ୍ ପ୍ରଦାନ କରୁଛନ୍ତି।

## ଗୀତା ଗୋପୀନାଥଙ୍କ ସତର୍କବାଣୀ

# 'ଫୁ୍ୟଏଲ୍, ଫୁଡ୍, ଫର୍ଟିଲାଇଜର'କୁ ନେଇ ବଢ଼ିପାରେ ସମସ୍ୟା

ନୂଆଦିଲ୍ଲୀ, ୨୨।୪



ପଶ୍ଚିମ ଏସିଆ ଯୁଦ୍ଧ ପ୍ରଭାବରେ ଏବେ ବିଭିନ୍ନ କ୍ଷେତ୍ରରେ ଅନିଶ୍ଚିତତା ବଢ଼ି ଚାଲି ଥିଲାବେଳେ ଇନ୍ଧନ ଯୋଗାଣ ଶୃଙ୍ଖଳ ବ୍ୟାହତ ହେବାକୁ ନେଇ ବୈଶ୍ୱିକ ଅର୍ଥନୀତିର ଗତି ଦୁର୍ବଳ ହେବାରେ ଲାଗିଛି। ଏହାକୁ ନେଇ ଜାତିସଂଘ ସମେତ ଅନ୍ତର୍ଜାତୀୟ ସ୍ତରର ବହୁ ଆର୍ଥିକ ସଂସ୍ଥା ଗଭୀର ଚିନ୍ତାବ୍ୟକ୍ତ କରିଛନ୍ତି। ତେବେ ଇନ୍ଧନ ଯୋଗାଣ କ୍ଷେତ୍ର ବ୍ୟାହତ ହେବା ଦ୍ୱାରା ଭାରତ ଭଳି ଏକ ବିଶାଳ ଜନସଂଖ୍ୟା ବିଶିଷ୍ଟ ରାଷ୍ଟ୍ର ପାଇଁ ଆଗକୁ ଅନେକ ସମସ୍ୟା ସୃଷ୍ଟିହେବାକୁ ଯାଉଛି ବୋଲି ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି(ଆଇଏମ୍ଏଫ୍)ର ପୂର୍ବତନ ଉପ ପରିଚାଳନା ନିର୍ଦ୍ଦେଶକ ତଥା ହାର୍ଭାର୍ଡ ୟୁନିଭର୍ସିଟି ପ୍ରଫେସର ଗୀତା ଗୋପୀନାଥ ସତର୍କ କରାଇ ଦେଇଛନ୍ତି। ପଶ୍ଚିମ ଏସିଆ ଯୁଦ୍ଧ ସ୍ଥିତି ଭାରତୀୟ ପରିବାରଙ୍କ ଲାଗି ଫୁ୍ୟଏଲ(ଇନ୍ଧନ), ଫୁଡ୍(ଖାଦ୍ୟ) ଏବଂ ଫର୍ଟିଲାଇଜର(ସାର) ଭଳି ମୁଖ୍ୟତଃ ୩ଟି ଜିନିଷ ଘୋର ସମସ୍ୟା ସୃଷ୍ଟି କରିବ। ଯଦି ଇରାନ୍ ଏବଂ ଆମେରିକା ମଧ୍ୟରେ ଚାଲିଥିବା ବିବାଦର ସମାଧାନ ଶୀଘ୍ର ହୁଏ ଏବଂ ପଶ୍ଚିମ ଏସିଆ ସ୍ଥିତି ସ୍ୱାଭାବିକ ହୁଏ ତେବେ ଉପରୋକ୍ତ ୩ଟି ବିଷୟକୁ ନେଇ ଭାରତୀୟଙ୍କ ଉପରେ କମ୍ ପ୍ରଭାବ ପଡ଼ିବ। କିନ୍ତୁ ଦୀର୍ଘ ଦିନ ଧରି ଯୁଦ୍ଧ ଲାଗି ରହିଲେ ପ୍ରତ୍ୟେକ ଭାରତୀୟ ପରିବାର ସବୁ ଦିଗରୁ ସମସ୍ୟା ବଢ଼ିବ ବୋଲି ସେ କହିଛନ୍ତି। ଏକ ଭାରତୀୟ ଗଣମାଧ୍ୟମକୁ ସାକ୍ଷାତ୍କାର ଦେଇ ଗୀତା କହିଛନ୍ତି, ପଶ୍ଚିମ ଏସିଆ ଯୁଦ୍ଧ ପ୍ରଭାବରେ ଏବେ ଇନ୍ଧନକୁ ନେଇ ବୈଶ୍ୱିକ ସ୍ତରରେ ଯେଉଁଭଳି ସ୍ଥିତି ଉପୁଜିଛି ତାହା ସତୁରି ଦଶକ ସ୍ଥିତିକୁ ବଳିଯାଇଛି। ୧୯୭୩ ଏବଂ ୧୯୭୯ରେ ୟୋମ୍ କିପୁର ଯୁଦ୍ଧକୁ ନେଇ ପାଶ୍ଚାତ୍ୟ ରାଷ୍ଟ୍ରସମୂହ ଇସ୍ରାଏଲକୁ ସମର୍ଥନ କରିବାରୁ ସମସ୍ତ ଆରବୀୟ ତୈଳ ଉତ୍ପାଦନକାରୀ ରାଷ୍ଟ୍ର(ଓପେକ୍) ତୈଳ ଓ ଗ୍ୟାସ୍ ଯୋଗାଣକୁ ନେଇ ଯେଉଁ ନିଷ୍ପତ୍ତି ନେଇଥିଲେ ତଦ୍ଦ୍ୱାରା ବୈଶ୍ୱିକ ସ୍ତରରେ ଘୋର ସଙ୍କଟ ସୃଷ୍ଟି ହୋଇଥିଲା। ଅନ୍ତର୍ଜାତୀୟ ବଜାରରେ ଉଭୟ ସାମଗ୍ରୀର ଘୋର ଅଭାବ ସହିତ ମୂଲ୍ୟବୃଦ୍ଧି ବୈଶ୍ୱିକ ଅର୍ଥନୀତି ମେରୁଦଣ୍ଡକୁ ଦୋହଲାଇ ଦେଇଥିଲା। ଏହାଦ୍ୱାରା ବିଭିନ୍ନ ଦେଶରେ ମୁଦ୍ରାସ୍ଫୀତି ଅହେତୁକ ଭାବେ ବୃଦ୍ଧି ପାଇଥିଲା। କିନ୍ତୁ ସାମ୍ପ୍ରତିକ ସ୍ଥିତି ଏହାଠାରୁ ବି ଗମ୍ଭୀର ହେବାକୁ ଯାଉଛି ବୋଲି ଗୀତା କହିଛନ୍ତି। ଯୁଦ୍ଧ ସପ୍ତାହେ କିମ୍ବା ୨ ସପ୍ତାହ ମଧ୍ୟରେ ବନ୍ଦ ନ ହେଲେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟ ୧୦୦ ଡଲାର ଟପିବ। ଏହାଦ୍ୱାରା ବୈଶ୍ୱିକ ଅଭିବୃଦ୍ଧି ଧାରା ମାତ୍ରାଧିକ ପ୍ରଭାବିତ ହେବା ସହ ଅଭିବୃଦ୍ଧି ହାର ୨.୫ ପ୍ରତିଶତକୁ ଖସି ଆସିବ। ଏଭଳି ସ୍ଥିତିରେ ଭାରତୀୟ ଅର୍ଥନୀତି ମଧ୍ୟ ମାତ୍ରାଧିକ ପ୍ରଭାବିତ ହେବ। ଭାରତ ନିଜର ଆବଶ୍ୟକତା ପାଇଁ ୮୦ ପ୍ରତିଶତରୁ ଅଧିକ ତୈଳ ବିଦେଶରୁ ଆମଦାନୀ କରିଥାଏ। କିନ୍ତୁ ତୈଳ ଦର ବୃଦ୍ଧି ହେଲେ ଏହାର ଚାପ ସରକାରଙ୍କ ଉପରେ ପଡ଼ିବ ଏବଂ ସରକାର ତୈଳ ଓ ଗ୍ୟାସ୍ କ୍ଷେତ୍ରରେ ଦେଉଥିବା ସବ୍‌ସିଡି ବନ୍ଦ କରିବାକୁ ବାଧ୍ୟ ହେବେ। ଏହାଦ୍ୱାରା ତୈଳ ଓ ଗ୍ୟାସ୍ ଦର ବୃଦ୍ଧି ହେଲେ ପ୍ରତ୍ୟେକ ଭାରତୀୟ ପରିବାରଙ୍କ ପାଇଁ ସବୁ ଦିଗରୁ ସମସ୍ୟା ବଢ଼ିବ। ସେହିପରି ସାର ଉତ୍ପାଦନ କ୍ଷେତ୍ର ପ୍ରଭାବିତ ହେବା ଦ୍ୱାରା ଚାଷୀଙ୍କ ପାଇଁ ମଧ୍ୟ ସମସ୍ୟା ବଢ଼ିବ। ଅନ୍ୟପକ୍ଷରେ ଆମଦାନୀ ମୂଲ୍ୟ ବୃଦ୍ଧି ହେଲେ ସରକାରଙ୍କ ଚଳନ୍ତି ଖାତା ଓ ବାଲାନ୍ସ ଅଫ୍ ପେମେଣ୍ଟ ଉପରେ ଚାପ ସୃଷ୍ଟି ହେବ। ଫଳରେ ଭାରତର ଅଭିବୃଦ୍ଧି ଧାରା ବ୍ୟାହତ ହେବ ବୋଲି ଗୀତା କହିଛନ୍ତି। ଏହି କ୍ରମରେ ଅଭିବୃଦ୍ଧି ହାର ୬.୫ ପ୍ରତିଶତରୁ କମ୍ ରହିପାରେ ବୋଲି ସେ ଆକଳନ କରିଛନ୍ତି।

# ମୁଦ୍ରାସ୍ଫୀତି ମୁକାବିଲା କରିବାକୁ ଆର୍‌ବିଆଇର ଚିନ୍ତା



ସଞ୍ଜୟ ମାଲହୋତ୍ରା

ନୂଆଦିଲ୍ଲୀ, ୨୨।୪

ଚଳିତ ମାସ ପ୍ରଥମ ଭାଗରେ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ମୁଦ୍ରାନୀତି କମିଟି ବୈଠକର ନିଷ୍ପତ୍ତି ବୁଧବାର ପ୍ରକାଶ କରାଯାଇଛି। ପ୍ରତି ୨ମାସରେ ଦେଶର ମୁଦ୍ରାନୀତି ସମୀକ୍ଷା କରିବାକୁ ଗଠିତ ଏହି କମିଟିର ସମସ୍ତ ସଦସ୍ୟ ସୁଧହାର ଅପରିବର୍ତ୍ତିତ ରଖିବା ଲାଗି ସହମତ ହୋଇଥିଲେ ବୋଲି କୁହାଯାଇଛି। ବିଶେଷକରି ମଧ୍ୟପ୍ରାଚ୍ୟ ସ୍ଥିତିକୁ ନେଇ ମୁଦ୍ରାସ୍ଫୀତି ଏବଂ ଅର୍ଥନୈତିକ ବ୍ୟବସ୍ଥାର ବିଭିନ୍ନ ଦିଗରେ ସମତୁଲତା ରକ୍ଷାକରିବା ଲାଗି ସୁଧହାରରେ କୌଣସି ପରିବର୍ତ୍ତନ କରିବାକୁ ଏମ୍‌ପିସି କମିଟିରେ ନିଷ୍ପତ୍ତି ହୋଇଥିଲା ଏବଂ ସମସ୍ତ ସଦସ୍ୟ ଏହାକୁ ସମର୍ଥନ କରିଥିଲେ ବୋଲି ଆର୍‌ବିଆଇ ଗଭର୍ନର ସଞ୍ଜୟ ମାଲହୋତ୍ରା କହିଛନ୍ତି। ସେ କହିଛନ୍ତି, ଇରାନ୍-ଆମେରିକା ଯୁଦ୍ଧ ପରେ ବୈଶ୍ୱିକ ସ୍ତରରେ ଯେଭଳି ପରିବର୍ତ୍ତନ ଘଟିଛି ତଦ୍ଦ୍ୱାରା ଆମଦାନୀ-ରପ୍ତାନି, ଯୋଗାଣ ଶୃଙ୍ଖଳ, ମୁଦ୍ରାସ୍ଫୀତି, ପୁଞ୍ଜିବଜାର ଆଦି କ୍ଷେତ୍ରକୁ ଦୃଷ୍ଟିଦେବାକୁ ହେବ। ସୁଧହାର ପରିବର୍ତ୍ତନ ଏହିସବୁ କ୍ଷେତ୍ରକୁ ପ୍ରଭାବିତ କରିଥାଆନ୍ତା। କିନ୍ତୁ ସ୍ଥିତିରେ ପରିବର୍ତ୍ତନ ନ ହେଲା ଯାଏ ଆମକୁ ବିଭିନ୍ନ କ୍ଷେତ୍ରରେ ସମତୁଲତା ରକ୍ଷା କରିବାକୁ ପଡ଼ିବ ବୋଲି ସେ କହିଛନ୍ତି।



ବିଏସ୍‌ଇ ସେନ୍‌ସେକ୍ସ
୭୮,୫୧୬ (-୭୫୬)



୧ ଡଲାର = ୯୩.୭୮ ଟଙ୍କା



ବ୍ରେଣ୍ଟ୍ କ୍ରୁଡ୍ ଅଏଲ୍ (ପ୍ରତି ବ୍ୟାରେଲ୍) ୧୦୧.୫୦ ଡଲାର

# କିମ୍‌ସରେ ବିରଳ ଅସ୍ତ୍ରୋପଚାର

ଭୁବନେଶ୍ୱର,୨୨।୪(ଅନୁରାଧା ମହାରଣା)

ଭୁବନେଶ୍ୱରସ୍ଥିତ କିମ୍‌ସ୍ ହସ୍ପିଟାଲରେ ଜଣେ ରୋଗୀଙ୍କଠାରେ ବିରଳ ଅସ୍ତ୍ରୋପଚାର କରାଯାଇଛି । ବଙ୍କା ହୋଇଯାଇଥିବା ମେରୁଦଣ୍ଡକୁ ସିଧା କରାଯାଇଛି। କଟକ ଜିଲା ତ୍ରିଶୂଳିଆ ଅଞ୍ଚଳର ସୁଜିତ ନାୟକ ପୂର୍ବରୁ ଆଙ୍କିଲୋଜିଂ ସ୍ପଣ୍ଡିଲାଇଟିସ୍ ନାମକ ଜଟିଳ ରୋଗରେ ପୀଡ଼ିତ ଥିଲେ। ପରେ ଏକ ଦୁର୍ଘଟଣାରେ ତାଙ୍କର ବେକ ଓ ପିଠି ହାଡ଼ ମଧ୍ୟରେ ଗୁରୁତର ଆଘାତ ଲାଗିଥିଲା। ଫଳରେ ତାଙ୍କ ମୁଣ୍ଡ ସବୁବେଳେ ନଇଁଲା ଭଳି ଅବସ୍ଥାରେ ରହୁଥିଲା। ସେ ଉପରକୁ ଚାହିଁ ପାରୁ ନ ଥିଲେ, ଠିକ୍ ଭାବେ ଖାଇ ପାରୁ ନ ଥିଲେ, ଶୋଇବା ମଧ୍ୟ କଷ୍ଟକର ହୋଇପଡ଼ିଥିଲା। ଆର୍ଥିକ ଅସୁବିଧା କାରଣରୁ ରାଜ୍ୟ ବାହାରେ ଚିକିତ୍ସା ସମ୍ଭବ ହୋଇ ନ ଥିଲା। ପରେ ବନ୍ଧୁମାନଙ୍କ ପରାମର୍ଶରେ ସେ କିମ୍‌ସ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ହସ୍ପିଟାଲର ବରିଷ୍ଠ ସ୍ପାଇନ୍ ସର୍ଜନ ଡା. ଜିତେନ୍ଦ୍ର କୁମାର ରାଉତ ଏହାକୁ ପରୀକ୍ଷା ନିରୀକ୍ଷା କରିବା ପରେ ଅସ୍ତ୍ରୋପଚାର କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଡା. ରାଉତଙ୍କ ନେତୃତ୍ୱରେ ଏକ ବିଶେଷଜ୍ଞ ଡାକ୍ତରୀ ଦଳ ଦୀର୍ଘ ୮ ଘଣ୍ଟା ଧରି ପରିଶ୍ରମକରି ଅସ୍ତ୍ରୋପଚାରକୁ ସଫଳ କରିଥିଲେ। ଅସ୍ତ୍ରୋପଚାର ପରେ ସୁଜିତ ଏବେ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି। ସେ ସିଧା ହୋଇ ବସିପାରୁଛନ୍ତି, ମୁଣ୍ଡ ଉଠାଇ ସବୁଦିଗ ଦେଖିପାରୁଛନ୍ତି ଏବଂ ଠିକ୍ ଭାବେ ଖାଇପାରୁଛନ୍ତି । ଏହି ଅସ୍ତ୍ରୋପଚାର ପାଇଁ ସୁଜିତ କିମ୍‌ସର ଡାକ୍ତର ଓ କର୍ମଚାରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏକ ଅତ୍ୟନ୍ତ ଜଟିଳ ମେରୁଦଣ୍ଡ ଅସ୍ତ୍ରୋପଚାର ଥିଲେ ମଧ୍ୟ କିମ୍‌ସ ଉପଲବ୍ଧ ଅତ୍ୟାଧୁନିକ ଯନ୍ତ୍ରପାତି, ଚିକିତ୍ସା ପଦ୍ଧତି ଓ ଡାକ୍ତରୀଦଳର ଟିମ୍‌ୱାର୍କ ଯୋଗୁ ଅସ୍ତ୍ରୋପଚାର ସଫଳ ହୋଇପାରିଥିଲା ବୋଲି ଡା. ରାଉତ ପ୍ରକାଶ କରିଛନ୍ତି। ଏହି ସଫଳତାରେ କିଟ୍, କିସ୍ ଓ କିମ୍‌ସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଉକ୍ତ ରୋଗୀଙ୍କ ଆରୋଗ୍ୟ କାମନା କରିବା ସହ ଏହି ଅସ୍ତ୍ରୋପଚାରରେ ସମ୍ପୃକ୍ତ ଡାକ୍ତରୀ ଦଳକୁ ଧନ୍ୟବାଦ ଜଣାଇଛନ୍ତି।

# ରାଧାଗୋବିନ୍ଦ ରାୟ ଗ୍ରାଣ୍ଡସନ ଜୁଏଲର୍ସରେ ଅକ୍ଷୟ ତୃତୀୟା ଅଫର



କଟକ,୨୨।୪(କାର୍ତ୍ତିକ ସାହୁ)

କଟକ ନିମଚଉଡ଼ିସ୍ଥିତ ରାଧାଗୋବିନ୍ଦ ରାୟ ଗ୍ରାଣ୍ଡସନ ଜୁଏଲର୍ସରେ ଅକ୍ଷୟ ତୃତୀୟା ଉପଲକ୍ଷେ ୧ ସପ୍ତାହ ବ୍ୟାପୀ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ଅଫର ବ୍ୟବସ୍ଥା କରାଯାଇଛି। ଗ୍ରାହକମାନେ ଗ୍ରାମ୍ ପ୍ରତି ଫ୍ଲାଟ୍ ୮.୯୯% ଗଢ଼ା ମଜୁରିରେ ସମସ୍ତ ଏଚ୍‌ଆଇଡି-୯୧୬ ବିଆଇଏସ୍ ହଲ୍‌ମାର୍କ ଗହଣା ପାଇପାରିବେ। ଗ୍ରାହକମାନେ ଶୋ'ରୁମ୍‌ରୁ ଗହଣା କିଣିଲେ ସମ୍ପୂର୍ଣ୍ଣ ଟ୍ରାନ୍ସପରେନ୍ସି, କମ୍ପ୍ଲିମେଣ୍ଟାରି ଇନ୍ସୁ୍ୟରାନ୍ସ, ସୁନା ବଦଳରେ ଜିରୋ ଡିଡକ୍ସନ, ଗ୍ୟାରେଣ୍ଟେଡ୍ ବାଏ ବ୍ୟାକ୍, ୧୦୦% ଏଚ୍‌ଆଇଡି ମାର୍କଯୁକ୍ତ ଗହଣା ସହ ସାର୍ଟିଫାଏଡ୍ ଡାଇମଣ୍ଡ ଆଦି ପାଇପାରିବେ। କ୍ୟୁବନ ଚେନ୍ ଓ ବ୍ରେସ୍‌ଲେଟ୍, ଚୋକୋ, ଇଣ୍ଡୋଚୋକୋ, ଭୋଲେକ୍ସ, ଲୋଟସ ତଥା ହାତ ତିଆରି ଚେନ୍ ସହ କେରଳୀ, ତୁର୍କିସ, ଆଣ୍ଟିକ ଲାପା ଡିଜାଇନ୍‌ର ନେକ୍‌ଲେସ୍ ଆଦି ଉପଲବ୍ଧ ହେଉଛି। ଆଧୁନିକ ଟ୍ରେଣ୍ଡକୁ ଲକ୍ଷ୍ୟକରି ଆକର୍ଷଣୀୟ ଡିଜାଇନ ସହ ଉତ୍ତମ ଗ୍ରାହକସେବା ଯୋଗାଇଦେବା ଆମର ଲକ୍ଷ୍ୟ ବୋଲି ଶୋ'ରୁମ୍ ପକ୍ଷରୁ ଶୁଭାଶିଷ ରାୟ ପ୍ରକାଶ କରିଛନ୍ତି। ଗ୍ରାହକମାନେ ଏହି ସ୍ୱତନ୍ତ୍ର ଅଫର ଲାଭ ଉଠାଇବା ପାଇଁ ଶୋ'ରୁମ୍ ସ୍ୱତ୍ୱାଧିକାରୀ ସୌରଭ ରାୟ ପ୍ରକାଶ କରିଛନ୍ତି।

# ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ଭୁବନେଶ୍ୱର କ୍ଷେତ୍ରର ନୂତନ ମୁଖ୍ୟ

ଭୁବନେଶ୍ୱର,୨୨।୪



ରାକେଶ କୁମାର ସିଂ

ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ଭୁବନେଶ୍ୱର କ୍ଷେତ୍ରର ନୂତନ କ୍ଷେତ୍ରୀୟ ମୁଖ୍ୟ ଭାବେ ରାକେଶ କୁମାର ସିଂ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ସେ ଏହା ପୂର୍ବରୁ ସେ ବ୍ୟାଙ୍କର ଗୋରଖପୁର କ୍ଷେତ୍ରୀୟ କାର୍ଯ୍ୟାଳୟରେ କ୍ଷେତ୍ରୀୟ ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ। ଶ୍ରୀ ସିଂ ୧୯୯୫ ମସିହାରେ ଛତିଶଗଡରେ ଜଣେ କର୍ମଚାରୀ ଭାବେ ନିଜର ବ୍ୟାଙ୍କିଙ୍ଗ୍ କ୍ୟାରିୟର ଆରମ୍ଭ କରିଥିଲେ। ସେ ମଧ୍ୟପ୍ରଦେଶ, ତେଲେଙ୍ଗାନା, ମହାରାଷ୍ଟ୍ର ଏବଂ ଉତ୍ତର ପ୍ରଦେଶ ଆଦି ରାଜ୍ୟର ବିଭିନ୍ନ ସ୍ଥାନରେ ଉଚ୍ଚ ପଦ ପଦବୀରେ କାର୍ଯ୍ୟ କରି ୩୧ ବର୍ଷରୁ ଅଧିକ ଅଭିଜ୍ଞତା ହାସଲ କରିଛନ୍ତି। ଭୁବନେଶ୍ୱର କ୍ଷେତ୍ରରେ କ୍ଷେତ୍ରୀୟ ମୁଖ୍ୟ ଭାବେ ସେ ଏମ୍‌ଏସ୍‌ଏମ୍‌ଇ, ରିଟେଲ୍ ବ୍ୟାଙ୍କିଙ୍ଗ୍ ଏବଂ କୃଷି କ୍ଷେତ୍ରକୁ ପ୍ରାଥମିକତା ଦେଇ କାର୍ଯ୍ୟ କରିବେ ବୋଲି କହିଛନ୍ତି। ଗ୍ରାହକ ସନ୍ତୁଷ୍ଟି ତାଙ୍କର ସର୍ବୋଚ୍ଚ ପ୍ରାଥମିକତା ରହିବା ସହିତ ରାଜ୍ୟରେ ସେଣ୍ଟ୍ରାଲ ବ୍ୟାଙ୍କର ଉପସ୍ଥିତିକୁ ଆହୁରି ସୁଦୃଢ଼ କରିବାକୁ ଗୁରୁତ୍ୱ ଦେବେ ବୋଲି କହିଛନ୍ତି।

# ୟୁବିଆଇ ରାୟଗଡ଼ା କ୍ଷେତ୍ରର ନୂତନ ମୁଖ୍ୟ

ରାୟଗଡା,୨୨।୪



ଜିତେନ୍ଦ୍ର କୁମାର ସାମଲ

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ, ରାୟଗଡା କ୍ଷେତ୍ରର ନୂତନ କ୍ଷେତ୍ରୀୟ ମୁଖ୍ୟ ଭାବେ ଜିତେନ୍ଦ୍ର କୁମାର ସାମଲ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହି କ୍ଷେତ୍ର ଅଧିନରେ କୋରାପୁଟ, ନବରଙ୍ଗପୁର, ମାଲକାନଗିରି,ରାୟଗଡା, ଗଜପତି, କଳାହାଣ୍ଡି ଏବଂ ବଲାଙ୍ଗୀର ଆଦି ୭ଟି ଜିଲ୍ଲା ରହିଛି। ଶ୍ରୀ ସାମଲ ଏହାପୂର୍ବରୁ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟରେ ଉପ କ୍ଷେତ୍ରୀୟ ମୁଖ୍ୟରୂପେ କାର୍ଯ୍ୟରତ ଥିଲେ। ସେ ୨୦୦୮ମସିହାରେ ପ୍ରୋବେସନାରୀ ଅଫିସର ଭାବେ ବ୍ୟାଙ୍କିଙ୍ଗ କ୍ଷେତ୍ରରେ ନିଜର କ୍ୟାରିୟର ଆରମ୍ଭ କରିଥିଲେ। ଏହାଛଡ଼ା ସେ ମହାରାଷ୍ଟ୍ର, ରାଜସ୍ଥାନ, ପଶ୍ଚିମବଙ୍ଗ, ଗୁଜୁରାଟ, ଦିଲ୍ଲୀ ଏବଂ ଓଡିଶା ଆଦି ବିଭିନ୍ନ ସ୍ଥାନରେ ଦୀର୍ଘ ୧୮ ବର୍ଷରୁ ଅଧିକ କାର୍ଯ୍ୟକରି ଅଭିଜ୍ଞତା ହାସଲ କରିଛନ୍ତି। ଏବେ କ୍ଷେତ୍ରୀୟ ମୁଖ୍ୟ ଭାବେ ସେ ରିଟେଲ୍, କୃଷି, ଏମ୍‌ଏସ୍‌ଏମ୍‌ଇ, କାସା, ଆର୍‌ଟିଡି, ସାମାଜିକ ବିକାଶ ଯୋଜନା ଏବଂ ମହିଳା ସଶକ୍ତିକରଣ ଯୋଜନାଗୁଡିକ ଉପରେ ବିଶେଷ ଗୁରୁତ୍ୱ ଦେବେ ବୋଲି କହିଛନ୍ତି।

# ଟାଇପ୍ ୧ ମଧୁମେହ ଉପରେ ପତଞ୍ଜଳିର ଗବେଷଣା

ଭୁବନେଶ୍ୱର,୨୨।୪(ଅନୁରାଧା ମହାରଣା)



ମଧୁମେହ ଚିକିତ୍ସା ଉପରେ ପତଞ୍ଜଳି ବୈଜ୍ଞାନିକମାନଙ୍କ ଦ୍ୱାରା କରାଯାଇଥିବା ଗବେଷଣା ଏକ ବିପ୍ଳବ ସୃଷ୍ଟି କରିଛି ଯାହା ଟାଇପ୍ ୧ ମଧୁମେହ ଚିକିତ୍ସାର ଦୀର୍ଘକାଳୀନ ମୁଖ୍ୟ ଆଧାର ଇନ୍‌ସୁଲିନ୍ ଚିକିତ୍ସା ପ୍ରତି ବିଶ୍ୱସ୍ତରୀୟ ମନୋଭାବରେ ପରିବର୍ତ୍ତନ କରିବ ବୋଲି ଆଶା କରାଯାଉଛି। ଅନ୍ତର୍ଜାତୀୟ ଗବେଷଣା ପ୍ରତିଷ୍ଠାନ ଫ୍ରଣ୍ଟିୟର୍ସ ଇନ୍ କ୍ଲିନିକାଲ୍ ଡାଇବେଟିସ୍ ଆଣ୍ଡ ହେଲ୍‌ଥକେୟାର ରିସର୍ଚ୍ଚ ପ୍ରମାଣିତ କରିଛି ଯେ ମଧୁମେହ କେବଳ ଇନ୍‌ସୁଲିନ୍ ଦ୍ୱାରା ନୁହେଁ, ବରଂ ସାମଗ୍ରିକ ଚିକିତ୍ସା ଦ୍ୱାରା ମଧ୍ୟ ଦୂର କରାଯାଇପାରିବ। ଏହି ଅବସରରେ ପତଞ୍ଜଳି ଯୋଗପୀଠର ସାଧାରଣ ସମ୍ପାଦକ ଆଚାର୍ଯ୍ୟ ବାଲକ୍ରିଷ୍ଣା କହିଛନ୍ତି, ଯୋଗ, ପ୍ରାଣାୟାମ, ଧ୍ୟାନ, ସନ୍ତୁଳିତ ଖାଦ୍ୟ, ଜୀବନଶୈଳୀ ପରିବର୍ତ୍ତନ ଏବଂ ପାରମ୍ପରିକ ଚିକିତ୍ସା ଅଭ୍ୟାସ ଆବଶ୍ୟକ ହେବ। ଏହି ଗବେଷଣା ଚଳିତ ଏପ୍ରିଲରେ ପ୍ରକାଶିତ ହୋଇଥିଲା। ଗବେଷଣା ପ୍ରାୟ ୬୧୨ଟି ଗବେଷଣା ପତ୍ର ବିଶ୍ଳେଷଣ କରିଥିଲା। ଆଚାର୍ଯ୍ୟ ବାଲକ୍ରିଷ୍ଣାଙ୍କ ନେତୃତ୍ୱରେ ଏହି ଗବେଷଣା କରାଯାଇଥିବାବେଳେ ଉତ୍ତରାଖଣ୍ଡର ହରିଦ୍ୱାରର ପତଞ୍ଜଳି ଗବେଷଣା ଫାଉଣ୍ଡେଶନର ପତଞ୍ଜଳି ହର୍ବାଲ ଗବେଷଣା ବିଭାଗରୁ ବୈଜ୍ଞାନିକ ଜୟା ଉପରେତି, ମୁସ୍କାନ ଚୌହାନ, ମୟୂର ଚୌହାନ, ପ୍ରଶାନ୍ତ କଟିଆର, ଅନୁରାଗ ଦାବାସ ଏବଂ ବେଦ ପ୍ରିୟା ଆର୍ଯ୍ୟଙ୍କର ଏହି ଗବେଷଣାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି।

# ଜେଇଇ-ମେନ୍ ୨୦୨୬ : ଆଲେନ୍‌ର ସଫଳତା

ଭୁବନେଶ୍ୱର,୨୨।୪(ଅନୁରାଧା ମହାରଣା)




ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି ଜେଇଇ-ମେନ୍ ୨୦୨୬ ଅଲ୍ ଇଣ୍ଡିଆ ର୍ୟାଙ୍କ୍ ଏବଂ ସେସନ୍ ୨ୟ ଫଳାଫଳ ପ୍ରକାଶ କରିଛି। ଏଥିରେ ଆଲେନ୍ କ୍ୟାରିୟର ଇନ୍‌ଷ୍ଟିଚ୍ୟୁଟ୍ ସଫଳତା ହାସଲ କରିଛି। ଆଲେନ୍ କ୍ୟାରିଅର୍ ଇନ୍‌ଷ୍ଟିଚ୍ୟୁଟ୍ ସିଇଓ ନୀତିନ୍ କୁକ୍ରେଜା କହିଛନ୍ତ, ଆଲେନ୍ କ୍ଲାସ୍‌ରୁମ୍ ଛାତ୍ର କବୀର ଛିଲ୍ଲର ଅଲ୍ ଇଣ୍ଡିଆ ରାଙ୍କ୍ ୧ ହାସଲ କରିଛନ୍ତି। ଏହା ବ୍ୟତୀତ ଆଲେନ୍ କ୍ଲାସ୍‌ରୁମ୍ ଛାତ୍ରଙ୍କ ମଧ୍ୟରୁ ୪ ଜଣ ଶ୍ରେଷ୍ଠ ୧୦ ଏଆଇଆର୍‌ରେ ରାଙ୍କ୍ ହାସଲ କରିଛନ୍ତି। ସେମାନଙ୍କ ମଧ୍ୟରେ ଅର୍ଣ୍ଣବ ଗୌତମ ୫ମ ର୍ୟାଙ୍କ୍, ଶୁଭମ୍ କୁମାର ୬ଷ୍ଠ ଏବଂ ଋଷି ପ୍ରେମନାଥ ୮ମ ର୍ୟାଙ୍କ୍ ହାସଲ କରିଛନ୍ତି। ଶୀର୍ଷ ୨୦ରେ ୯ ଜଣ ଛାତ୍ର ଆଲେନ୍ କ୍ଲାସ୍‌ରୁମ୍‌ରୁ ଏବଂ ଶ୍ରେଷ୍ଠ ୧୦୦ ରେ ୪୨ ଜଣ ଛାତ୍ର ଆଲେନ୍‌ରୁ ଅଛନ୍ତି। ଏହା ସହ ରାଜ୍ୟ ଟପ୍ପର ୨୧ ଜଣ ଆଲେନ୍‌ରୁ ଅଛନ୍ତି।

# ମୂଲ୍ୟ ସହାୟକ ଯୋଜନାରେ ଡାଲି, ତୈଳବୀଜ କ୍ରୟକୁ ଅନୁମୋଦନ

ଭୁବନେଶ୍ୱର,୨୨।୪(ସୁଚିସ୍ମିତା ସାହୁ)

କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂ ଚୌହାନ ଏବଂ କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ମଧ୍ୟରେ ବୁଧବାର ଆଭାସୀ ମାଧ୍ୟମରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ କେନ୍ଦ୍ର ସରକାର ରବି ୨୦୨୫-୨୬ ପାଇଁ ମୂଲ୍ୟ ସହାୟକ ଯୋଜନା ଅଧୀନରେ ଡାଲି ଏବଂ ତୈଳବୀଜ କ୍ରୟକୁ ଅନୁମୋଦନ କରିଛନ୍ତି। ଅନୁମୋଦନ ପାଇଁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ଅନୁଷ୍ଠାନିକ ଭାବେ ଅନୁରୋଧ କରିଥିଲେ। ଅନୁମୋଦିତ ଫସଲ ମଧ୍ୟରେ ମୁଗ ଏବଂ ବିରି ଭଳି ଡାଲି ଜାତୀୟ ଫସଲ ଏବଂ ସୂର୍ଯ୍ୟମୁଖୀ, ଚିନାବାଦାମ ଓ ସୋରିଷ ଆଦି ତୈଳବୀଜ ଫସଲ ଅନ୍ତର୍ଭୁକ୍ତ ରହିଛି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ସିଂଦେଓ କହିଛନ୍ତି, ପଶ୍ଚିମ ଓଡ଼ିଶା ବିଶେଷ କରି କଳାହାଣ୍ଡି ଜିଲାରେ ସୂର୍ଯ୍ୟମୁଖୀ ଉତ୍ପାଦନକୁ ସୁଦୃଢ଼ କରିବା ଏବଂ କୃଷକମାନଙ୍କୁ ଉତ୍ତମ ମୂଲ୍ୟ ସହାୟତା ସୁନିଶ୍ଚିତ କରିବା ପାଇଁ ସୂର୍ଯ୍ୟମୁଖୀର ଉତ୍ପାଦନ ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯିବ। ରାଜ୍ୟ ସରକାର କୃଷକଙ୍କ ଉତ୍ପାଦଗୁଡ଼ିକୁ ସ୍ୱଚ୍ଛତାର ସହ ସମୟୋଚିତ କ୍ରୟ ସୁନିଶ୍ଚିତ କରିବା ପାଇଁ ରବି ୨୦୨୫-୨୬ରେ ଏହି ଯୋଜନା ଅଧୀନରେ କ୍ରୟ କାର୍ଯ୍ୟର ତଦାରଖ କରିବେ, ଯାହାଦ୍ୱାରା କୃଷକମାନଙ୍କୁ ଉତ୍ପାଦିତ ଫସଲର ଉଚିତ୍ ମୂଲ୍ୟ ପ୍ରଦାନ କରାଯାଇପାରିବ। ବୈଠକରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ କମିଶନର ସଚିନ ରାମଚନ୍ଦ୍ର ଯାଦବ, ଉଦ୍ୟାନ କୃଷି ନିର୍ଦ୍ଦେଶକ କାଲୁଙ୍ଗେ ଗୋରଖ ୱାମନ୍, କୃଷି ବିଭାଗର ବରିଷ୍ଠ ଅଧିକାରୀବୃନ୍ଦ ପ୍ରମୁଖ ଯୋଗ ଦେଇଥିଲେ।

# ଭିମ୍ ପେମେଣ୍ଟ୍ସ ଆପ୍‌ରେ ସିବିଲ୍ ସ୍କୋର

ଭୁବନେଶ୍ୱର,୨୨।୪(ଅନୁରାଧା ମହାରଣା)

ଭାରତର ଅଗ୍ରଣୀ କ୍ରେଡିଟ୍ ସୂଚନା କମ୍ପାନୀ ଟ୍ରାନ୍ସ ୟୁନିୟନ ସିବିଲ ବୁଧବାର ଏନ୍‌ପିସିଆଇ ଭିମ୍ ସର୍ଭିସେସ୍ ଲିମିଟେଡ୍ (ଏନ୍‌ବିସିଏଲ୍) ପକ୍ଷରୁ ଭାରତର ସ୍ୱଦେଶୀ ପେମେଣ୍ଟ ଆପ୍ 'ଭିମ୍ ପେମେଣ୍ଟସ ଆପ୍‌ରେ ଗ୍ରାହକ ସିବିଲ୍ ସ୍କୋର୍ ଓ କ୍ରେଡିଟ୍ ଇନ୍‌ଫର୍ମେସନ ରିପୋର୍ଟ (ସିଆଇଆର୍) ଉପଲବ୍ଧ ହୋଇଥିବା ଘୋଷଣା କରାଯାଇଛି। ଏହି ସଂଯୋଗୀକରଣ ଭିମ୍ ଆପ୍ ବ୍ୟବହାରକାରୀଙ୍କୁ ସୁରକ୍ଷିତ ଭାବରେ ସେମାନଙ୍କ ସିବିଲ୍ ସ୍କୋର୍ ଓ ପ୍ରମୁଖ କ୍ରେଡିଟ୍ ସୂଚନାକୁ ସିଧାସଳଖ ଆପ୍ ମଧ୍ୟରେ ଦେଖିବା ଓ ଟ୍ରାକ୍ କରିବାକୁ ସକ୍ଷମ କରିବ। ଏହି ସଂଯୋଗୀକରଣ ଏକ ଗ୍ରାହକ ସମ୍ମତି ଆଧାରିତ ମଡେଲ ଅନୁସରଣ କରୁଛି ଯେଉଁଠାରେ ବ୍ୟବହାରକାରୀଙ୍କ ଅନୁମୋଦନ ପରେ ହିଁ କ୍ରେଡିଟ୍ ସୂଚନା ବ୍ୟବହାର କରାଯାଇଥାଏ। ଟ୍ରାନ୍ସ ୟୁନିୟନ ସିବିଲ୍ ଓ ଏନବିଏସଏଲ ହେଉଛନ୍ତି ଦୁଇଟି ପ୍ରମୁଖ ଅନୁଷ୍ଠାନ ଯାହା ଭାରତର ଆର୍ଥିକ ଓ ଡିଜିଟାଲ ପେମେଣ୍ଟ ବ୍ୟବସ୍ଥା ପାଇଁ ଗୁରୁତ୍ୱପୂର୍ଣ୍ଣ। ଭିମ୍ ଆପ୍‌ରେ ସିବିଲ୍ ସ୍କୋରକୁ ସାମିଲ କରାଯିବା ଦ୍ୱାରା ଦୈନନ୍ଦିନ ଆର୍ଥିକ କାର୍ଯ୍ୟକଳାପ ସହ କ୍ରେଡିଟ୍ ସଚେତନତା ଯୋଡ଼ିହୋଇପାରିଛି।

# ୩୦୦ କୋଟି ବ୍ୟୟରେ ରୂପାନ୍ତର ହେବ ବ୍ରହ୍ମପୁର ରେଳ ଷ୍ଟେଶନ

ଭୁବନେଶ୍ୱର,୨୨।୪(ଅନୁରାଧା ମହାରଣା)

ଦକ୍ଷିଣ ଓଡ଼ିଶାର ସବୁଠାରୁ ବ୍ୟସ୍ତବହୁଳ ରେଳ ହବ୍ ଭାବେ ପରିଚିତ ବ୍ରହ୍ମପୁର ରେଳ ଷ୍ଟେଶନ, ଯେଉଁଠାରେ ପ୍ରତିଦିନ ୧୬୨ରୁ ଅଧିକ ଟ୍ରେନ୍ ଚଳାଚଳ କରେ ଏବଂ ୨୫,୦୦୦ରୁ ଅଧିକ ଯାତ୍ରୀ ଯାତାୟାତ କରନ୍ତି, ତାହାର ଏକ ବୈପ୍ଳବିକ ପରିବର୍ତ୍ତନ ହେବାକୁ ଯାଉଛି। ପୂର୍ବତଟ ରେଳପଥ ପକ୍ଷରୁ ୩୦୦ କୋଟି ଟଙ୍କାର ଏକ ବହୁମୁଖୀ ପୁନର୍ବିକାଶ ଯୋଜନାକୁ ଅନୁମୋଦନ କରାଯାଇଛି। ଷ୍ଟେଶନର କ୍ଷମତା ବୃଦ୍ଧି ଏହି ପୁନର୍ବିକାଶର ମୁଖ୍ୟ ଲକ୍ଷ୍ୟ। ଷ୍ଟେଶନରେ ୩ଟି ଅତିରିକ୍ତ ରେଳଲାଇନ ଏବଂ ୪ଟି ନୂଆ ପ୍ଲାଟ୍‌ଫର୍ମ ନିର୍ମାଣ କରାଯିବ, ଯାହାଦ୍ୱାରା ଅଧିକ ସଂଖ୍ୟକ ଟ୍ରେନ୍ ଚଳାଚଳ ସହଜ ହୋଇପାରିବ। ଏହାସହ ଦ୍ୱିତୀୟ ପ୍ରବେଶ ପାର୍ଶ୍ୱରେ ଏକ ନୂତନ ଷ୍ଟେଶନ ବିଲ୍ଡିଂ ଏବଂ ୟାର୍ଡର ଆଧୁନିକୀକରଣ କରାଯିବ। ସେବା ଭବନ ଏବଂ ରେଳ କ୍ୱାର୍ଟର୍ସଗୁଡ଼ିକୁ ସ୍ଥାନାନ୍ତର କରାଯାଇ ଯାତ୍ରୀମାନଙ୍କ ପାଇଁ ଅଧିକ ଖୋଲା ସ୍ଥାନର ବ୍ୟବସ୍ଥା କରାଯାଉଛି। ଏହି ଯୋଜନାରେ ଯାତ୍ରୀମାନଙ୍କ ଯାତାୟାତ ପାଇଁ ଏକ ସମନ୍ୱିତ ବ୍ୟବସ୍ଥା ପ୍ରସ୍ତୁତ କରାଯାଇଛି, ଯାହା ଷ୍ଟେଶନର ଉଭୟ ପାର୍ଶ୍ୱ ଏବଂ ସମସ୍ତ ପ୍ଲାଟ୍‌ଫର୍ମକୁ ସହଜରେ ଯୋଡ଼ିବ। ପାରମ୍ପରିକ ବ୍ୟବସ୍ଥା ବଦଳରେ ଏକ ଏଲିଭେଟେଡ୍ ଷ୍ଟ୍ରକ୍ଚର ନିର୍ମାଣ କରାଯିବ। ଏହା‌ସହ ବର୍ତ୍ତମାନର ଫୁଟ୍ ଓଭରବ୍ରିଜ୍‌ର ସମ୍ପ୍ରସାରଣ କରାଯାଇ ଯାତ୍ରୀମାନଙ୍କ ଗମନାଗମନକୁ ଅଧିକ ସୁଗମ କରାଯିବ । ବ୍ରହ୍ମପୁର ଷ୍ଟେଶନକୁ ପୂର୍ବତଟ ରେଳପଥର ଅନ୍ୟତମ 'ସୁଗମ୍ୟ' ଷ୍ଟେଶନ ଭାବେ ଗଢ଼ି ତୋଳାଯିବ। ଏଥିପାଇଁ ପର୍ଯ୍ୟାପ୍ତ ସଂଖ୍ୟକ ଲିଫ୍ଟ ଏବଂ ଏସ୍କାଲେଟର ସ୍ଥାପନ କରାଯିବ। ଦିବ୍ୟାଙ୍ଗ ଅନୁକୂଳ ଭିତ୍ତିଭୂମି, ଟ୍ୟାକ୍ଟାଇଲ୍ ପାଥ୍‌ୱେ ବ୍ୟବସ୍ଥା କରାଯିବ। ଷ୍ଟେଶନରେ ଭିଡ଼ ହ୍ରାସ କରିବା ପାଇଁ ଉଭୟ ପାର୍ଶ୍ୱରେ ବିକଶିତ ସର୍କୁଲେଟିଂ ଏରିଆ ନିର୍ମାଣ କରାଯାଉଛି। ମୁଖ୍ୟ ପ୍ରବେଶ ପାର୍ଶ୍ୱରେ ରାସ୍ତା ପ୍ରଶସ୍ତୀକରଣ, ଫୁଟ୍‌ପାଥ୍, ଡ୍ରେନେଜ୍ ଏବଂ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଶେଷ ହୋଇଛି। ଦ୍ୱିତୀୟ ପ୍ରବେଶ ପାର୍ଶ୍ୱର ବିକାଶ କାର୍ଯ୍ୟ ଜାରି ରହିଛି, ଯାହା ସହରବାସୀଙ୍କ ପାଇଁ ଏକ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ବିକଳ୍ପ ପ୍ରବେଶ ପଥ ପ୍ରଦାନ କରିବ। ପ୍ଲାଟ୍‌ଫର୍ମଗୁଡ଼ିକର ଚଟାଣ ଏବଂ ସେଡ୍‌ର ନବୀକରଣ ସହ ବର୍ଷା ଓ ଖରା ସମୟରେ ଯାତ୍ରୀଙ୍କ ସୁରକ୍ଷା ପାଇଁ କଭର ସେଡ୍‌ର ସମ୍ପ୍ରସାରଣ କରାଯାଉଛି। ସୁରକ୍ଷା ଓ ସୁବିଧା ପାଇଁ ଏଠାରେ ଅତ୍ୟାଧୁନିକ ବ୍ୟବସ୍ଥା ରହିବ ଯେପରିକି ସିସିଟିଭି ନିରୀକ୍ଷଣ , ପ୍ରବେଶ ନିୟନ୍ତ୍ରଣ ବ୍ୟବସ୍ଥା ଏବଂ ବ୍ୟାଗେଜ୍ ସ୍କାନର, ଉନ୍ନତ ଯାତ୍ରୀ ସୂଚନା ପ୍ରଣାଳୀ ଏବଂ ସିଗ୍‌ନାଲିଂ ବ୍ୟବସ୍ଥା ସହିତ ଓଡ଼ିଆ, ହିନ୍ଦୀ ଏବଂ ଇଂରାଜୀ ଭାଷାରେ ବହୁଭାଷୀ ସୂଚନା ଫଳକ ରହିବ।

# ଖାଦ୍ୟ ସାମଗ୍ରୀ ମୂଲ୍ୟ ବୃଦ୍ଧି ସହ ବଢ଼ିପାରେ ମୁଦ୍ରାସ୍ଫୀତି

ନୂଆଦିଲ୍ଲୀ, ୨୨।୪




ଗୋଟିଏ ପଟେ ପଶ୍ଚିମ ଏସିଆ ଯୁଦ୍ଧ ପ୍ରଭାବ ଭାରତୀୟ ଅର୍ଥନୀତିକୁ ବିଭିନ୍ନ ଦିଗରୁ ପ୍ରଭାବିତ କରିବାର ଆଶଙ୍କା ବଢ଼ାଇଛି। ଯୁଦ୍ଧ ବିବାଦ ଯଥାଶୀଘ୍ର ସମାଧାନ ନ ହେଲେ ତୈଳ, ଗ୍ୟାସ୍ ଏବଂ ସାର ମୂଲ୍ୟ ବୃଦ୍ଧି ଘଟି ସାଧାରଣ ଜୀବନଧାରଣକୁ ପ୍ରଭାବିତ କରିପାରେ ବୋଲି ଅର୍ଥନୈତିକ ବିଶେଷଜ୍ଞମାନେ ଏବେଠାରୁ ଆକଳନ କରିବା ଆରମ୍ଭ କଲେଣି। ଅନ୍ୟପକ୍ଷରେ ଚଳିତବର୍ଷ ସ୍ୱାଭାବିକଠାରୁ କମ୍ ବର୍ଷା ହେବା ନେଇ ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି) ଯେଉଁ ଆକଳନ କରିଛି ତାହା ମଧ୍ୟ ଭାରତୀୟ ଅର୍ଥନୀତି ପାଇଁ ପ୍ରତିକୂଳ ସ୍ଥିତି ଉତ୍ପନ୍ନ କରିବ ବୋଲି ମଧ୍ୟ ଆଶଙ୍କା ବଢ଼ିଛି। ଆଇଏମ୍‌ଡି ସୂଚନା ଅନୁସାରେ ଏ ବର୍ଷ ଏଲ୍-ନିନୋ( କେନ୍ଦ୍ର ଓ ପୂର୍ବ ପ୍ରଶାନ୍ତ ମହାସାଗର କ୍ଷେତ୍ରରେ ଅନୁଭୂତ ପ୍ରାକୃତିକ ଜଳବାୟୁ ପରିବର୍ତ୍ତନ) ପ୍ରଭାବରେ ମୌସୁମୀ ପ୍ରଭାବିତ ହେବା ଦ୍ୱାରା ଭାରତରେ ଦୀର୍ଘସୂତ୍ରରେ ହାରାହାରି ଭାବେ(ଲଙ୍ଗ୍ ପିରିୟଡ୍ ରେଞ୍ଜ) ୯୨ ପ୍ରତିଶତ ବର୍ଷା ହେବ। କିନ୍ତୁ କମ୍ ବର୍ଷା ଭାରତରେ ଗ୍ରାମୀଣ ଅର୍ଥନୀତି ପାଇଁ ପ୍ରତିକୂଳ ସ୍ଥିତି ସୃଷ୍ଟି କରିବ। ମୌସୁମୀ ଭାରତ ଭଳି ଏକ କୃଷି ପ୍ରାଧାନ୍ୟ ଦେଶର ଅର୍ଥନୈତିକ ମାନଦଣ୍ଡ। ଭାରତରେ ବର୍ଷକୁ ଯେତେ ପରିମାଣର ବର୍ଷା ହୁଏ ତାହାର ଦୁଇ ତୃତୀୟାଂଶ ମୌସୁମୀ ଯୋଗୁ ହୋଇଥାଏ। ଏହାଦ୍ୱାରା ଗ୍ରାମୀଣ ଭାରତର ୫୦ ପ୍ରତିଶତରୁ ଅଧିକ ଲୋକ ପରୋକ୍ଷ ଏବଂ ପ୍ରତ୍ୟକ୍ଷ କର୍ମସଂସ୍ଥାନ ପାଇଥାଆନ୍ତି। ମୌସୁମୀ ବର୍ଷା ଉପରେ ମୁଖ୍ୟତଃ ଖରିଫ ଫସଲ ଭାବେ ଧାନ, ବାଦାମ, ସୋୟାବିନ୍, ତୁଳା ଭଳି ଅନେକ ଫସଲ ନିର୍ଭର କରିଥାଏ। କିନ୍ତୁ ଅଗଷ୍ଟ ଏବଂ ସେପ୍ଟେମ୍ବର ୨ ମାସ ଧରି ବର୍ଷା କମ୍ ହେଲେ ଖରିଫ୍ ଉତ୍ପାଦନ ବାଧାପ୍ରାପ୍ତ ହେବ। ଫଳରେ ଦେଶର ହାରାହାରି ଶସ୍ୟ ଉତ୍ପାଦନ ହ୍ରାସ ପାଇବା ସହ ଖାଦ୍ୟପଦାର୍ଥ ମୂଲ୍ୟ ବଢ଼ିବାର ଆଶଙ୍କା ବଢ଼ାଇବା। ଗ୍ରାମାଞ୍ଚଳରେ ଲୋକମାନେ କାମଧନ୍ଦା ପାଇବାରେ ମଧ୍ୟ ପ୍ରତିବନ୍ଧକ ସୃଷ୍ଟି ହେବା ସହ ସେମାନଙ୍କ ଆୟ ମଧ୍ୟ କମିବ। ଏହାଦ୍ୱାରା ଜାତୀୟ ଅର୍ଥନୀତି ଅନେକ ଦିଗରୁ ପ୍ରଭାବିତ ହୋଇପାରେ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଲିପିନା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆର୍‌ଟିଓ ଚାଲାଣ ନାଁରେ ଠକେଇ, ୪ ଗିରଫ

- ଜାମତାରା ଗ୍ୟାଙ୍ଗର ସଦସ୍ୟ ମୁଖ୍ୟ କାର୍ପଟଦାର
- ମୋବାଇଲକୁ ଆସୁଥିଲା ଏପିକେ ଫାଇଲ୍ ସହ ଲିଙ୍କ୍
- ଲିଙ୍କ୍ କ୍ଲିକ୍ କଲେ ଖାଲି ହେଉଥିଲା ଆକାଉଣ୍ଟ


ମୁକେଶ ଦୁରୀ


ମହମ୍ମଦ ଆବାସ


ମହମ୍ମଦ ଆମିର


ମହମ୍ମଦ ସଲ୍‌ମାନ

ଭୁବନେଶ୍ୱର, ୨୨।୪ (ପ୍ରସନଜିତ୍ ସାହୁ)

ଆର୍‌ଟିଓ ଚାଲାଣ ନାଁରେ ଠକେଇ କରୁଥିବା ଜାମତାରା ଗ୍ୟାଙ୍ଗକୁ ସାଇବର ପୋଲିସ ଗିରଫ କରିଛି। ସ୍ପେଶାଲ ଅପରେଶନ ଜରିଆରେ ରାଜ୍ୟ ବାହାରର ସାଇବର ଅପରାଧୀଙ୍କୁ ଗିରଫ କରିଛି। ୬ମାସର ଅପରେଶନ ପରେ ହାଇଦ୍ରାବାଦରୁ ଗ୍ୟାଙ୍ଗର ମୁଖ୍ୟ କାର୍ପଟଦାର ମୁକେଶ ଦୁରୀ ଏବଂ ତାଙ୍କ ୩ ସହଯୋଗୀଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ମହମ୍ମଦ ଆବାସ, ମହମ୍ମଦ ସଲ୍‌ମାନ ଏବଂ ମହମ୍ମଦ ଆମିର ତେଲଙ୍ଗାନାର ହୋଇଥିବାବେଳେ ଓ ମୁକେଶ ଦୁରୀ ଝାଡ଼ଖଣ୍ଡର ବୋଲି ପୋଲିସ ସୂଚନା ଦେଇଛି। ଝାଡଖଣ୍ଡରୁ ଅପରେଟ ହେଉଥିବା ୫ ଜଣିଆ ଜାମତାରା ଗ୍ୟାଙ୍ଗକୁ ମୁକେଶ ଦୁରୀ, କିଙ୍ଗ୍ ଖାନ୍, ରେହାନ ଖାନ୍, ଶୁଭମ୍ ଓ ରାଜ କୁମାର ଚଳାଇଥାନ୍ତି। ସେମାନେ ଏପିକେ ଫାଇଲ ମାଧ୍ୟମରେ ଦେଶର ବିଭିନ୍ନ ସ୍ଥାନରେ ସାଇବର ଠକେଇ କରୁଥିବାବେଳେ ଅଭିଯୁକ୍ତ ମୁକେଶ ବିଭିନ୍ନ ରାଜ୍ୟ ବୁଲି ଏଜେଣ୍ଟଙ୍କ ମଧ୍ୟରେ ସମ୍ପର୍କ ରଖିବା ସହିତ ମ୍ୟୁଲ ଆକାଉଣ୍ଟ ଚଳାଉଥିଲା।

ସୂଚନାଯୋଗ୍ୟ, ଭୁବନେଶ୍ୱର ରସୁଲଗଡ଼ର ବ୍ୟବସାୟୀ ଯଶୋବନ୍ତ ଜେନାଙ୍କୁ ୨୦୨୫ ସେପ୍ଟେମ୍ବର ୧୨ ତାରିଖରେ ହ୍ୱାଟ୍ସ ଆପ୍ ମାଧ୍ୟମରେ ଏପିକେ ଫାଇଲରେ ଏକ ଲିଙ୍କ୍ ଆସିଥିଲା, ଯେଉଁଥିରେ ଆର୍‌ଟିଓ ଫାଇନ୍ କଟିବା ନେଇ କିଛି ସୂଚନା ରହିଥିଲା। ଏହାକୁ ଦେଖି ସେ ଲିଙ୍କ୍‌ରେ କ୍ଲିକ୍ କରିବା ମାତ୍ରେ ତାଙ୍କ ମୋବାଇଲ ୧୨ ଓ ୧୩ ତାରିଖରେ ସମ୍ପୂର୍ଣ୍ଣ ଭାବରେ ହ୍ୟାକ୍ ହୋଇ ରହିଥିଲା। ୧୪ ତାରିଖରେ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୭ଲକ୍ଷ ଟଙ୍କା କଟିବା ନେଇ ମେସେଜ ଆସିଥିଲା। ପରେ ସେ ବ୍ୟାଙ୍କରେ ବୁଝିବା ପରେ ଏହି ଟଙ୍କା ସାଇବର ଠକେଇରେ ହରେଇଥିବା ଜାଣିଥିଲେ। ଏନେଇ ସେ ସାଇବର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ.୧୭୧/୨୦୨୫) ରୁଜୁ କରି ଛାନ୍‌ଭିନ ଆରମ୍ଭ କରିଥିଲା। ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଟିମ୍ ଗଠନ ହୋଇ ତଦନ୍ତ ଆରମ୍ଭ ହୋଇଥିଲା। ୬ମାସର ଅପରେଶନ ପରେ ହାଇଦ୍ରାବାଦରୁ ମୁଖ୍ୟ କାର୍ପଟଦାର ମୁକେଶ ଏବଂ ସହଯୋଗୀ ୩ ସଦସ୍ୟଙ୍କୁ ସାଇବର ପୋଲିସ ଗତ ୧୯ତାରିଖରେ ଗିରଫ କରିଛି। ହାଇଦ୍ରାବାଦରେ ୩ ଅଭିଯୁକ୍ତ ମହମ୍ମଦ ଆବାସ, ମହମ୍ମଦ ସଲ୍‌ମାନ ଓ ମହମ୍ମଦ ଆମିର୍ ମ୍ୟୁଲ ଆକାଉଣ୍ଟ ତିଆରି କରି ମୁକେଶ ଦୁରୀଙ୍କୁ ପଠାଉଥିଲେ। ମୁକେଶ ଏହି ୩ ଅଭିଯୁକ୍ତଙ୍କ ଜରିଆରେ ଲକ୍ଷ ଲକ୍ଷ ଟଙ୍କା ଠକେଇ କରୁଥିଲେ। ପୋଲିସ ସେମାନଙ୍କ ନିକଟରୁ ୫ ମୋବାଇଲ ଫୋନ୍, ୧୧ ଡେବିଟ୍ କାର୍ଡ ଓ କିଛି ଫ୍ଲାଇଟ ଟିକେଟ ଜବତ କରିଛି। ତେବେ ଏମାନେ ବନ୍ଧା ହେବା ପରେ, ନୂଆ ଠକେଇର ଗୁମର ଖୋଲୁଥିବା ପୋଲିସ କହିଛି।

## ଏପିକେ ଫାଇଲ୍




ଆଣ୍ଡ୍ରଏଡ ପ୍ୟାକେଜ୍ କିଟ୍(ଏପିକେ) ଫାଇଲ୍ ଆଣ୍ଡ୍ରଏଡ ଡିଭାଇସଗୁଡ଼ିକରେ ବ୍ୟବହାର ହୋଇଥାଏ। ଏହି ଫାଇଲଗୁଡ଼ିକ ନାମ ଶେଷରେ ଏପିକେ ଲେଖା ହୋଇଥାଏ। ଏହା ମୋବାଇଲରେ ସଫ୍ଟୱେର ଇନ୍‌ଷ୍ଟଲ ପାଇଁ ବ୍ୟବହାର କରାଯାଇଥାଏ। ବର୍ତ୍ତମାନ ଏଲ୍‌ପିଜି ସଂଯୋଗ, ପିଏମ୍ କିଷାନ୍, ବ୍ୟାଙ୍କ କେୱାଇସି, ଆରଟିଓ ଚାଲାଣ ନାଁରେ ସାଇବର ଠକମାନଙ୍କ ଦ୍ୱାରା ବିଭିନ୍ନ ଏପିକେ ଫାଇଲ ସୋସିଆଲ ମିଡିଆରେ ଘୂରି ବୁଲୁଛି। ଏହାକୁ କ୍ଲିକ କରିବା ମାତ୍ରେ ୟୁଜରମାନେ ଅନେକ ସମୟରେ ଠକେଇର ଶିକାର ହେଉଥିବାର ଦେଖିବାକୁ ମିଳୁଛି। ଝାଡ଼ଖଣ୍ଡର ଜାମତାରା ଗ୍ୟାଙ୍ଗ୍ ଏପିକେ ଫାଇଲ ତିଆରି କରି ଠକେଇ କରିଥାନ୍ତି। ସେମାନେ କେବଳ ଆର୍‌ଟିଓ ଚାଲାଣ ନୁହେଁ, ବରଂ ବିଭିନ୍ନ ଉପାୟରେ ସାଇବର ଠକେଇ କରି ବ୍ୟାଙ୍କ ଆକାଉଣ୍ଟ ସଫା କରି ଦିଅନ୍ତି।

# ଜମିବାଡ଼ି ବିବାଦକୁ କେନ୍ଦ୍ରକରି ବୃଦ୍ଧ ବାପାଙ୍କୁ ହତ୍ୟା

## ହତ୍ୟାକାରୀ ପୁଅ ଗିରଫ



ନିମାପଡ଼ା,୨୨।୪(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅନ୍ତର୍ଗତ ଏକମୋକଣା ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତିରେ ଜମିବାଡ଼ି ବିବାଦ ଓ ଭାଗବଣ୍ଟା ଘଟଣାକୁ ନେଇ ଏକ ହତ୍ୟାକାଣ୍ଡ ଘଟିଛି। ଏହି ବିବାଦକୁ କେନ୍ଦ୍ରକରି ବୃଦ୍ଧ ବାପା ବିମ୍ବାଧର ସ୍ୱାଇଁ (୮୦)ଙ୍କୁ ତାଙ୍କ ବଡ଼ପୁଅ ବିଜୟକୃଷ୍ଣ (୩୮) ଅତି ନିର୍ମମ ଭାବେ ହତ୍ୟା କରିଛନ୍ତି। ସୂଚନାଯୋଗ୍ୟ, ଘରେ ବାପା ଓ ପୁଅଙ୍କ ମଧ୍ୟରେ ଜମିବାଡ଼ିକୁ ନେଇ ଯୁକ୍ତିତର୍କ ହେବାରୁ ବିଜୟକୃଷ୍ଣ ରାଗିଯାଇ ବାପାଙ୍କ ତଣ୍ଟିଚିପି କାନ୍ଥରେ ବାରମ୍ବାର ପିଟିବାରୁ ତାଙ୍କ ମୁଣ୍ଡ ଓ କାନମୁଣ୍ଡା ଫାଟିଯାଇ ପ୍ରବଳ ରକ୍ତସ୍ରାବ ହୋଇଥିଲା। ପରେ ସେ ତଳେପଡ଼ି ସଂଜ୍ଞାହୀନ ହୋଇପଡ଼ିଥିଲେ। ବୃଦ୍ଧ ବାପାଙ୍କୁ ଗୁରୁତର ଅବସ୍ଥାରେ ପରିବାରବର୍ଗ ଓ ପଡ଼ୋଶୀ ନିମାପଡ଼ା ମେଡିକାଲ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ବୃଦ୍ଧ ବିମ୍ବାଧର ସ୍ୱାଇଁଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ମୃତ ବିମ୍ବାଧରଙ୍କ ମଝିଆପୁଅ ବିଦ୍ୟୁତ୍ ଭୂଷଣ ଥାନାରେ ଅଭିଯୋଗ କରିଛନ୍ତି। ଖବରପାଇ ପୋଲିସ ମେଡିକାଲ୍‌ରେ ପହଞ୍ଚି ମୃତଦେହ ଜବତକରି ବୁଧବାର ବ୍ୟବଚ୍ଛେଦ ପାଇଁ ଚାରିଛକ ମେଡିକାଲ ପଠାଇଛି। ପୋଲିସ ଏ ସମ୍ପର୍କରେ ଅତି ସଙ୍ଗିନ ଦଫାରେ କେସ୍ ନଂ.୧୦୯/୨୬ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ପୁରୀରୁ ସାଇଣ୍ଟିଫିକ୍ ଟିମ୍ ଆସି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଏହି ସଙ୍ଗିନ ମାମଲାରେ ହତ୍ୟାକାରୀ ପୁଅ ବିଜୟକୃଷ୍ଣଙ୍କୁ ପୋଲିସ ଗିରଫକରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଥିବା ଜଣାପଡ଼ିଛି। ଜଣେ ପିତୃହନ୍ତା ପୁଅର ଏଭଳି ଅମାନୁଷିକ କାଣ୍ଡକୁ ବିଭିନ୍ନ ମହଲରେ ତୀବ୍ର ନିନ୍ଦା କରାଯାଇଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ବେଶ୍ ଆଲୋଡ଼ନ ସୃଷ୍ଟି କରିଛି।

# ଲାଞ୍ଚ ନେଇ ସେକ୍ସନ ଅଫିସର ଗିରଫ

ଝାରସୁଗୁଡ଼ା,୨୨।୪ (ଆଶିଷ ରଞ୍ଜନ ଦାଶ)

ଲାଞ୍ଚ ନେବା ଅଭିଯୋଗରେ ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟର ସେକ୍ସନ ଅଫିସରଙ୍କୁ ବୁଧବାର ଭିଜିଲାନ୍ସ ଗିରଫ କରିଛି। ସେ ହେଲେ ଝାରସୁଗୁଡ଼ା ଟାଉନ୍ ଅଧୀନ ବଡ଼େଇମୁଣ୍ଡା ଅଞ୍ଚଳର ଅନିତ୍ କୁମାର ଗୁରୁ। ସୂଚନା ଅନୁଯାୟୀ, ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ଜିଏନ୍‌ଏମ୍ ଛାତ୍ରୀମାନଙ୍କୁ ସରକାରୀ ହସ୍ପିଟାଲରେ ଟ୍ରେନିଂ ଅନୁମତି ପ୍ରଦାନ ନିମନ୍ତେ ଜିଲାର ନର୍ସିଂ ସ୍କୁଲଗୁଡ଼ିକରୁ ଆସୁଥିବା ଆବେଦନକୁ ପ୍ରୋସେସିଂ କରିବାକୁ ଅନିତ୍ ବାରମ୍ବାର ଲାଞ୍ଚ ଦାବି କରିଆସୁଥିବା ଅଭିଯୋଗ ହୋଇଥିଲା। ଏହି କ୍ରମରେ ବ୍ରଜରାଜନଗର ଜିଏନ୍‌ଏମ୍ ସେଣ୍ଟର ନର୍ସିଂ ଶିକ୍ଷକ ବିନୋଦ ବିହାରୀ ରୋହିଦାସ ଛାତ୍ରୀଙ୍କ ଟ୍ରେନିଂ ପାଇଁ ଅନୁରୋଧ କରିବାରୁ ଅନିତ୍ ଏବାବଦକୁ ୨,୫୦୦ ଟଙ୍କା ଦାବି କରିଥିଲେ। ଏନେଇ ବିନୋଦ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ବୁଧବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟରେ ବିନୋଦଙ୍କଠାରୁ ଅନିତ୍ ଲାଞ୍ଚ ଟଙ୍କା ଗ୍ରହଣ କରୁଥିଲେ। ଏହି ସମୟରେ ଝାରସୁଗୁଡ଼ା ଭିଜିଲାନ୍ସ ଡିଏସ୍‌ପି କଳାବତୀ ବାଗ୍ ଓ ସୁନ୍ଦରଗଡ଼ ଭିଜିଲାନ୍ସ ଡିଏସ୍‌ପି ଦୈତାରୀ ଘଡେଇଙ୍କ ନେତୃତ୍ୱରେ ଭିଜିଲାନ୍ସ ଟିମ୍ ଚଢ଼ାଉକରି ଲାଞ୍ଚ ଟଙ୍କା ଜବତ କରିବା ସହ ଅନିତ୍‌ଙ୍କୁ ଗିରଫ କରିଥିଲା। ଏହି ଘଟଣା ପରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ସନ୍ଦେହରେ ଭିଜିଲାନ୍ସ ଟିମ୍ ଅନିତ୍‌ଙ୍କ ବଡ଼େଇମୁଣ୍ଡାସ୍ଥିତ ନିଜ ଘର ଓ ଅନ୍ୟ ଏକ ସ୍ଥାନରେ ଏକକାଳୀନ ଚଢ଼ାଉ କରିଛି। ଏନେଇ ରାଉରକେଲା ଭିଜିଲାନ୍ସ ଥାନାରେ ଏକ ମାମଲା(ନଂ.୨/୨୬) ରୁଜୁ ହୋଇଛି। ଝାରସୁଗୁଡ଼ା ଭିଜିଲାନ୍ସ ଡିଏସ୍‌ପି ବାଗ୍ କହିଛନ୍ତି, ତଦନ୍ତ ଜାରି ରହିଛି। ଆଗକୁ ସବିଶେଷ ତଥ୍ୟ ବିଷୟରେ ସୂଚନା ଦିଆଯିବ।




ଧ-୧୭୬


# ସୋରଡ଼ାରୁ ମିଳିଲା ଅପହୃତ ଜମି ବ୍ୟବସାୟୀଙ୍କ ଗଳିତ ମୃତଦେହ

- ୮ ଦିନ ତଳେ ଭଲି ଖେଳି ଫେରୁଥିବା ବେଳେ ହୋଇଥିଲେ ଅପହୃତ
- ପରିବାରଠାରୁ ଦାବି କରିଥିଲେ ୨ କୋଟି



ଗୋପାଳପୁର/ ସୋରଡ଼ା,୨୨।୪
(ନବୀନ ରାଜ ଆଚାରୀ/ରଜନୀ ମହାପାତ୍ର)

ବ୍ରହ୍ମପୁର ପୋଲିସ ଜିଲା ଗୋପାଳପୁର ଥାନା ଅଞ୍ଚଳରୁ ଗତ ୧୫ ତାରିଖ ସନ୍ଧ୍ୟାରେ ଅପହୃତ ହୋଇଥିବା ଜମି ବ୍ୟବସାୟୀ ସୁଧୀର କୁମାର ପାତ୍ର(୪୭)ଙ୍କ ମୃତଦେହ ଅପହରଣର ୮ ଦିନ ପରେ ବୁଧବାର ସୋରଡ଼ା ଓ ଗୋପାଳପୁର ଥାନା ପୋଲିସ ବାଲପଙ୍କା ଗ୍ରାମ ରାଣିପଙ୍କାଳ ଶଙ୍ଖ ନିକଟରୁ ଜବତ କରିଛି। ସୋରଡ଼ା ପୋଲିସ ସୁଧୀରଙ୍କ ମୃତଦେହ ସମ୍ପର୍କରେ ଗୋପାଳପୁର ପୋଲିସକୁ ଅବଗତ କରାଇବା ପରେ ବ୍ରହ୍ମପୁର ସଦର ଏସ୍‌ଡିପିଓ, ଗୋପାଳପୁର ଥାନା ଅଧିକାରୀ ସତ୍ୟ ରଞ୍ଜନ ଲେଙ୍କା ଓ ଅନ୍ୟ ପୋଲିସ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚିଥିଲେ। ପରିବାର ଲୋକେ ଓ ସୁଧୀରଙ୍କ ଜଣେ ସାଙ୍ଗ ମଧ୍ୟ ପହଞ୍ଚିଥିଲେ। ମୃତଦେହ ପଚିଯାଇଥିବାରୁ ତାଙ୍କୁ ଚିହ୍ନିବା କଷ୍ଟକର ହୋଇଥିଲା। ତେବେ ସୁଧୀରଙ୍କ ଶାର୍ଟକୁ ଦେଖି ତାଙ୍କ ସାଙ୍ଗ ଏ' ସୁଧୀର ବୋଲି ଚିହ୍ନଟ କରିଥିଲେ। ସାଇଣ୍ଟିଫିକ ଟିମ୍ ପହଞ୍ଚି ରକ୍ତ ଓ ଅନ୍ୟ ନମୁନା ସଂଗ୍ରହ କରିଥିଲା। ଘଟଣାସ୍ଥଳରେ ଡାକ୍ତରୀ ଟିମ୍ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ସୁଧୀରଙ୍କୁ ଅପହରଣ ପରେ ଅପହରଣକାରୀ ହତ୍ୟା କରି ଫିଙ୍ଗି ଦେଇଥିବା ପୋଲିସ ସନ୍ଦେହ କରୁଛି। ଗ୍ରାମରେ ମୃତଦେହ ପହଞ୍ଚିବା ପରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି। ଏହି ଘଟଣାରେ ପୋଲିସ କେତେଜଣ ବ୍ୟକ୍ତିଙ୍କୁ ଉଠେଇ ନେଇ ଅଟକ ରଖି ପଚରାଉଚରା କରୁଛି। ବ୍ୟବସାୟିକ ଓ ପାରିବାରିକ ବିବାଦ ହିଁ ସୁଧୀରଙ୍କ ହତ୍ୟାର ମୁଖ୍ୟ କାରଣ ବୋଲି ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି।

ଗୋପାଳପୁର ଥାନା ଅଧୀନ ସତ୍ୟ ନାରାୟଣପୁର ଗ୍ରାମର ସୁଧୀର ପ୍ଲଟ ବ୍ୟବସାୟ କରିଥାନ୍ତି। ଜଣେ ଭଲ ଭଲିବଲ ଖେଳାଳି ଭାବେ ସେ ପରିଚିତ। ଗତ ୧୫ରେ ସେ ବଣଗାଁକୁ ଅପରାହ୍ନ ସାଢେ ୪ଟାରେ ଭଲିବଲ ଖେଳିବାକୁ ବାଇକ୍ ନେଇ ଘରୁ ଯାଇଥିଲେ। ଖେଳିସାରି ଘରକୁ ଫେରୁଥିବା ବେଳେ ପ୍ରେମ ସଂସ୍ଥା ଛକ ନିକଟରେ କେତେ ଜଣ ଦୁର୍ବୃତ୍ତ ତାଙ୍କୁ ବନ୍ଧୁକ ଦେଖାଇ ଅପହରଣ କରି ନେଇଥିଲେ। ତାଙ୍କ ସ୍ତ୍ରୀଙ୍କୁ ଫୋନ କରି ଅପହରଣକାରୀ ମାନେ ୨ କୋଟି ଟଙ୍କା ଦାବି କରିଥିଲେ। ଏ ନେଇ ସୁଧୀରଙ୍କ ସ୍ତ୍ରୀ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ।

# ମଦ୍ୟପାନ କରି ଗାଡ଼ି ଚଳାଇବା ମାମଲା: ଚାଳକଙ୍କୁ ୬ମାସ ଜେଲ

ଭୁବନେଶ୍ୱର, ୨୨।୪ (ପ୍ରସନଜିତ୍ ସାହୁ): ମଦ ପିଇ ଗାଡ଼ି ଚଲାଇବା ମାମଲାରେ ଭୁବନେଶ୍ୱର ଜେଏମ୍‌ଏଫ୍‌ସି କୋର୍ଟ ଅଭିଯୁକ୍ତ ସ୍ୱାରକୀ ରଞ୍ଜନ ପାତ୍ରଙ୍କୁ ୬ ମାସ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ୨୦୨୩ ଡିସେମ୍ବର ୨୯ ତାରିଖ ରାତି ପ୍ରାୟ ସାଢେ ୧୧ଟା ସମୟରେ ଡମଣା ଛକ ନିକଟରେ ଏମ୍‌ଭି ଆକ୍ଟ ଅନୁଯାୟୀ ଯାନବାହାନ ଯାଞ୍ଚ ଚାଲିଥିବା ବେଳେ ଅଭିଯୁକ୍ତ ସ୍ୱାରକୀ ରଞ୍ଜନ ମଦ ପିଇ ଗାଡି ଚଲାଉଥିବା ଜଣା ପଡ଼ିଥିଲା। ଏନେଇ ଚନ୍ଦ୍ରଶେଖରପୁର ଥାନାରେ ଏକ ମାମଲା (ନଂ.୬୬୩/୨୦୨୩) ରୁଜୁ କରାଯାଇ ପୋଲିସ ସ୍ୱାରକୀ ରଞ୍ଜନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଅଦାଲତ ସାକ୍ଷୀମାନଙ୍କ ବୟାନ ଏବଂ ପ୍ରମାଣକୁ ଭିତ୍ତି କରି ମୋଟର ଯାନ ଆଇନର ଧାରା ୧୮୫ ଅନୁଯାୟୀ ୬ ମାସ କାରାଦଣ୍ଡ ସହିତ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି।

# ମୋବାଇଲ ଚୋରଙ୍କୁ ୧୦ ମାସ ଜେଲ

ଭୁବନେଶ୍ୱର, ୨୨। ୪ (ପ୍ରସନଜିତ୍ ସାହୁ): ମୋବାଇଲ ଚୋରି ମାମଲାରେ ଭୁବନେଶ୍ୱର ଜେଏମ୍‌ଏଫ୍‌ସି କୋର୍ଟ ଅଭିଯୁକ୍ତ ତୋଫାନ ଦାସଙ୍କୁ ୧୦ମାସ ଜେଲ ଦଣ୍ଡ ସହ ୧ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଗତ ଫେବୃଆରୀ ୨ ତାରିଖରେ ବେହେରା ସାହିର ରୁଦ୍ର କୁମାର ଲେଙ୍କାଙ୍କ ଘରୁ ଏକ ମୋବାଇଲ ଫୋନ ଚୋରି ହୋଇଥିଲା। ଏହାକୁ ନେଇ ସେ ନୟାପଲ୍ଲୀ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ. ୮୧/୨୦୨୬) ରୁଜୁକରି ଅଭିଯୁକ୍ତ ତୋଫାନଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଥିଲା।

# ସାନଭାଇ ଟାଙ୍ଗିଆ ଚୋଟରେ ବଡ଼ ମୃତ

ମୁନିଗୁଡା,୨୨।୪( ନନ୍ଦ କିଶୋର ପଟ୍ଟନାୟକ)

ପାରିବାରିକ କଳହକୁ ନେଇ ସାନଭାଇ ଟାଙ୍ଗିଆ ଚୋଟରେ ବଡ଼ ଭାଇଙ୍କ ମୃତ୍ୟୁ ଘଟିଛି। ରାୟଗଡ଼ା ଜିଲା ମୁନିଗୁଡା ଥାନା ମୁନିଖୋଲ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଗୋରଠା ଗ୍ରାମରେ ବୁଧବାର ଏଭଳି ଅଭାବନୀୟ ଘଟଣା ଘଟିଛି। ମୃତକ ହେଲେ ଗୋରଠା ଗ୍ରାମର ଗୁଲଟା ଜାକାସିକା।

ସୂଚନା ଅନୁଯାୟୀ, ମୁନିଗୁଡା ଥାନା ଅନ୍ତର୍ଗତ ନିୟମଗିରି ପର୍ବତ ଅଞ୍ଚଳର ଗୋରଠା ଗ୍ରାମରେ ୨ ଭାଇ ଗୁଲଟା ଜାକାସିକା ଏବଂ ଆଦୁ ଜାକାସିକା ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ହଠାତ୍ ସାନଭାଇ ଆଦୁ ଉତ୍କ୍ଷିପ୍ତ ହୋଇ ନିକଟରେ ପଡ଼ିଥିବା ଏକ ଟାଙ୍ଗିଆରେ ବଡଭାଇ ଗୁଲଟାଙ୍କୁ ଆକ୍ରମଣ କରିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ହତ୍ୟାକାଣ୍ଡ ପରେ ସାନଭାଇ ଆଦୁ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଖବରପାଇ ଏସ୍‌ଡିପିଓ ସନ୍ତୋଷିନୀ ଓରାମ, ମୁନିଗୁଡା ଥାନା ଅଧିକାରୀ କେଶବ ଷଡ଼ଙ୍ଗୀ, ଏସ୍ଆଇ ମନୋରଞ୍ଜନ ବିଶ୍ୱାଳ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ମୁନିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛନ୍ତି।

# କାରାଗାର ପାଚେରି ଡେଇଁ କଏଦୀ ଫେରାର

ଭବାନୀପାଟଣା,୨୨।୪
(ଉତ୍ତମ କୁମାର ଦାଶ)


ଅଭିଯୁକ୍ତ ଜଗନ୍ନାଥ ଶବର

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲା କାରାଗାରରୁ ଜଣେ ବିଚାରାଧୀନ କଏଦୀ ପାଚେରି ଡେଇଁ ଫେରାର ହୋଇଯାଇଛନ୍ତି। ସେ ହେଲେ ଭବାନୀପାଟଣା ସଦର ଥାନା ଠେମେରା ଗ୍ରାମର ଜଗନ୍ନାଥ ଶବର। ମଙ୍ଗଳବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଥିବା ସୂଚନା ମିଳିଛି। ପୃଥକ୍ ଚୋରି ମାମଲାରେ ଗତ ୨ମାସ ତଳେ ଭବାନୀପାଟଣା ସଦର ଥାନା ପୋଲିସ ଜଗନ୍ନାଥଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତେବେ ଜାମିନ ମଞ୍ଜୁର ନ ହେବାରୁ ସେ ବିଚାରାଧୀନ କଏଦୀ ଭାବେ ଜେଲରେ ରହିଥିଲେ। ଫେରାର ନେଇ ଜେଲ ଅଧୀକ୍ଷକ ସରୋଜ କୁମାର ବିଶ୍ୱାଳ ଭବାନୀପାଟଣା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା (ନଂ.୧୫୪/୨୬) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ଆଇଆଇସି ପ୍ରଦ୍ୟୁମ୍ନ ମହାପାତ୍ର ସୂଚନା ଦେଇଛନ୍ତି। ପ୍ରକାଶଥାଉ କି, ୨୦୨୪ ଏପ୍ରିଲ ୬ ତାରିଖରେ ଏହି ଜେଲରୁ ୨ଜଣ ବିଚାରାଧୀନ କଏଦୀ ଫେରାର ହୋଇଯାଇଥିଲେ। ତେବେ ଘଟଣାର ପୁନରାବୃତ୍ତି ଘଟିଥିବାରୁ ଜେଲ ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ବରଯାତ୍ରୀଙ୍କୁ ଗୁଳିମାଡ଼, ୨ଆହତ

ବୌଦ୍ଧ,୨୨।୪(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ଆମ୍ବଝରି ପଞ୍ଚାୟତ ବଏଲବେଡ଼ା ଗ୍ରାମରୁ ଅନୁଗୋଳ ଜିଲା ଆଠମଲ୍ଲିକ ଥାନା ବେଲପୁଞ୍ଜି ଗ୍ରାମକୁ ମଙ୍ଗଳବାର ରାତିରେ ଆସିଥିବା ବରଯାତ୍ରୀଙ୍କ ଉପରେ ଗୁଳିମାଡ଼ ହୋଇଛି। ଏଥିରେ ୨ ବରଯାତ୍ରୀ ଆହତ ହୋଇଛନ୍ତି। ସେମାନେ ହେଲେ କିରାସିରା ଗ୍ରାମର ଶିବ ଭୋଇ ଓ ଦମଣ୍ଡା ଗ୍ରାମର ରାକେଶ କହଁର। ଗୁଳିମାଡ଼ର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ଗୁଳି ଚଳାଇଥିବା ବୌଦ୍ଧ ସହର ଖଲିଆବଗିଚାର ଅରୁଣ ସ୍ୱାଇଁଙ୍କୁ ବରଯାତ୍ରୀମାନେ ନିଘୁଞ୍ଚ ମାଡ଼ ମାରିଛନ୍ତି। ଆହତ ୨ ବରଯାତ୍ରୀଙ୍କୁ ବୌଦ୍ଧ ମେଡିକାଲ ଓ ଆହତ ଅଭିଯୁକ୍ତଙ୍କୁ ଆଠମଲ୍ଲିକ ମେଡିକାଲରେ ଭର୍ତ୍ତିକରାଯାଇଛି। ଏ ସଂକ୍ରାନ୍ତରେ ଆଠମଲ୍ଲିକ ଥାନାରେ ନଂ. ୧୩୬/୨୬ରେ ଏକ ମାମଲା ରୁଜୁ ହୋଇଥିବାବେଳେ ବ୍ୟବହୃତ ବନ୍ଧୁକ ସରକାରୀ ସ୍ୱୀକୃତିପ୍ରାପ୍ତ ବୋଲି ଆଇଆଇସି ସନ୍ତୋଷ କୁମାର ସେଠୀ ସୂଚନା ଦେଇଛନ୍ତି। ବରଯାତ୍ରୀମାନେ ଶୋଭାଯାତ୍ରାରେ ଯାଉଥିବାବେଳେ ହଠାତ ଏକ କାର୍‌ରେ କେତେଜଣ ଯୁବକ ଆସି ବରଯାତ୍ରୀଙ୍କ ସହିତ କୌଣସି କାରଣରୁ ଗଣ୍ଡଗୋଳ କରିଥିଲେ। ବରଯାତ୍ରୀ ଶିବ ସମ୍ପୃକ୍ତ ଯୁବକମାନଙ୍କୁ ବାରଣ କରିବାରୁ କାର୍‌ରେ ଥିବା ଅଭିଯୁକ୍ତ ଅରୁଣ ଗୁଳିମାଡ଼ କରିଥିଲେ।


## Classified Everyday 0674-2580101, 9692975378


REAL ESTATE

**SALE**

**ବାଲିଅନ୍ତାରୁ 5K.M. Pitchu Road side Schedulecaste plot 2100sqft.- 40,00,000/-. 7978947520.** D-32




All types of physiotherapy and massage. Contact: 9556924059 / 7656969134. D-109

Newly opening full body massage. Best therapist, Good Looking: 7205888795. D-135

All types hair cutting/ massage by smart female, one hour 700/- - Room services available. Contact: 9937833100. D-76308

Newly open Jyoti spa positively health benefits (Expert therapist). 8458067955. D-76960

## AFFIDAVIT

By virtue of an affidavit sworn before Executive Magistrate, Bhubaneswar, dated 20.04.2026, I, Mardela Avinash, Address- Chorda Bypass, Jajpur Road, Jajpur, Odisha, 755019 declare that I have changed my name from Mardela Avinash to M Avinash. Henceforth, my name shall be known as M Avinash for all purpose.
Mardela Avinash
D-175

By virtue of an affidavit before Executive Magistrate, Kanika on dated 22.04.2026, I have changed my name from S. K. Barik to Mithyabadi Barik. Henceforth, I shall be known as Mithyabadi Barik for all purposes.
D-174

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

### ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ
ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**√ନାରାୟଣ ପଟ୍ଟନାୟକ**
ଜଗନ୍ନାଥ ନଗର, ରସୁଲଗଡ଼, ଭୁବନେଶ୍ୱର

ଆପଣଙ୍କ ଅବର୍ତ୍ତମାନକୁ ୨ବର୍ଷ ବିତିଗଲା। ଆପଣଙ୍କ ଅନୁପସ୍ଥିତିକୁ ଆମେ ସବୁବେଳେ ଅନୁଭବ କରୁଛୁ। ଆପଣଙ୍କ ଭଲପାଇବା, ସ୍ନେହ, ଶ୍ରଦ୍ଧା ଆମପାଇଁ ଆଦର୍ଶ ହୋଇରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ହେଉ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

ଶୋକସନ୍ତପ୍ତ: ପତ୍ନୀ-ଟୁକୁ, ପୁଅ ବୋହୂ, ଝିଅ ଜ୍ୱାଇଁ, ନାତି ନାତୁଣୀ, ନାତୁଣୀ ଜ୍ୱାଇଁ, ନାତୁଣୀ ବୋହୂ ଓ ପଟ୍ଟନାୟକ ପରିବାରବର୍ଗ ଏବଂ ବନ୍ଧୁବାନ୍ଧବ।
ଧ-୧୧୩

# ଭାବି ନ ଥିଲେ ତାରା


ତାରା

ତାରା ସୁତାରିଆଙ୍କ ଅଭିନୟ ଜୀବନ ଜଣେ ଶିଶୁ କଳାକାର ଭାବରେ ଆରମ୍ଭ ହୋଇଥିଲା। ଏହାବ୍ୟତୀତ ଛୋଟ ପରଦାରେ ପ୍ରସାରିତ ଏକ ରିୟାଲିଟି ଶୋ' ବିଗ୍ ବଡା ବୁମ୍'ରେ ଜଣେ ଗାୟିକା ଭାବରେ ତାଙ୍କୁ ସୁଯୋଗ ମିଳିଥିଲା। ୨୦୧୯ରେ ଭାଗ୍ୟ ଦେବୀ ତାଙ୍କ ପ୍ରତି ପ୍ରସନ୍ନ ହୋଇଥିଲେ। ଏହି ବର୍ଷ ତାଙ୍କୁ ବଲିଉଡ୍‌ର ବିଶିଷ୍ଟ ପ୍ରଯୋଜକ କରନ ଜୋହର ପ୍ରଥମେ ବ୍ରେକ୍ ଦେଇଥିଲେ। ଫିଲ୍ମଟିର ଟାଇଟଲ ଥିଲା 'ଷ୍ଟୁଡେଣ୍ଟ ଅଫ ଦ ଇୟର ୨'। ଖାସ୍ କଥା ହେଲା ଏହି ସିନେମା ପାଇଁ ତାଙ୍କୁ ଶ୍ରେଷ୍ଠ ନବାଗତା ଭାବରେ ଜୀ ସିନେ ଫିଲ୍ମ ପୁରସ୍କାର ମିଳିଥିଲା। ଏ ବିଷୟରେ ତାରା କହନ୍ତି, ''କରନ୍ ସାର୍ ଯେତେବେଳେ ମୋତେ ଏହି ଅଫରଟି ଦେଲେ ସେତେବେଳେ ତାହାକୁ ମୁଁ ସହଜରେ ବିଶ୍ୱାସ କରିପାରି ନ ଥିଲି। କାରଣ ତାଙ୍କ ଭଳି ଜଣେ ନାମୀ ପ୍ରଯୋଜକଙ୍କ ସିନେମାରୁ ବଲିଉଡ୍‌ରେ ନାୟିକା ସାଜିବାର ସୁଯୋଗ ଭାଗ୍ୟରେ ଥିଲେ ହିଁ ମିଳେ। କେବଳ ସେତିକି ନୁହେଁ, ଏହି ଫିଲ୍ମ ପାଇଁ ମୋତେ ଶ୍ରେଷ୍ଠ ନବାଗତା ଅଭିନେତ୍ରୀ ପୁରସ୍କାର ମିଳିଥିଲା। ଆଉ ତାକୁ ପାଥେୟ କରି ମୁଁ ମୋ ଆକ୍ଟିଂ କ୍ୟାରିୟରକୁ ଆଗେଇ ନେବାରେ ସକ୍ଷମ ହୋଇଥିଲି। ଏକଥା ସତ ଯେ ମୋର ଛୋଟ ଆକ୍ଟିଂ କ୍ୟାରିୟରରେ ଅଳ୍ପ ସିନେମାରେ ଅଭିନୟ କରିବାର ସୁଯୋଗ ମିଳିଛି। ହେଲେ ନିଜ ଉପରେ ଶତ ପ୍ରତିଶତ ଭରସା ରହିଛି। ଆଗକୁ ମୋତେ ଭଲ ଭଲ ବ୍ୟାନରରେ ନିଶ୍ଚୟ ସୁଯୋଗ ମିଳିବ ଏବଂ ମୁଁ ଭିନ୍ନ ଭିନ୍ନ ରୋଲ୍‌ରେ ଦର୍ଶକଙ୍କ ସାମନାକୁ ଆସିବି ବୋଲି ଆଶା ରଖିଛି।'' ତାରାଙ୍କର ଜଣେ ଯାଆଁଳା ଭଉଣୀ ଅଛନ୍ତି ଯାହାଙ୍କର ନାଁ ହେଉଛି ପିୟା। ସେ ମଧ୍ୟ ଜଣେ ଡ୍ୟାନ୍ସର ଏବଂ ମଡେଲ। ଅଭିନୟ କରିବା ପୂର୍ବରୁ ତାରା ହିନ୍ଦୀ ସିନେମା 'ତାରେଁ ଜମିନ ପର' ଏବଂ 'ଗୁଜାରିସ୍' ପାଇଁ ଭଏସ ଦେଇଥିଲେ। ତାରାଙ୍କ ଅଭିନୀତ ସିନେମାଗୁଡିକ ହେଲା–'ମରଜାଓ୍ୱାଁ', 'ତଡପ', 'ହୀରୋପନ୍ତି ୨', 'ଏକ ଭିଲେନ୍ ରିଟର୍ନ୍‌ସ' ଏବଂ 'ଅପୂର୍ବା'। ବର୍ତ୍ତମାନ ସେ ପୋଷ୍ଟ ପ୍ରଡକ୍ସନ କାମ ଚାଲିଥିବା କନ୍ନଡ–ଇଂଲିଶ ସିନେମା 'ଟକ୍ସିକ'ରେ ଅଭିନୟ କରୁଛନ୍ତି।

## 'ବର୍ଡର' ଫ୍ଲପ୍ ହୋଇଥିଲେ...


ଅକ୍ଷୟ

ଜେ.ପି. ଦତ୍ତାଙ୍କ ଦେଶାତ୍ମବୋଧକ ହିନ୍ଦୀ ଚଳଚ୍ଚିତ୍ର 'ବର୍ଡର' ବକ୍ସ ଅଫିସରେ ରେକର୍ଡ ସୃଷ୍ଟି କରିଥିଲା। କେବଳ ସେତିକି ନୁହେଁ, ଏହି ଫିଲ୍ମ ନବାଗତ ଅକ୍ଷୟ ଖାନ୍ନାଙ୍କ କ୍ୟାରିୟର ପାଇଁ ଟର୍ନିଂ ପଏଣ୍ଟ ଆଣିଥିଲା। ସେ ଅଭିନୟ କରିଥିବା ପ୍ରଥମ ଫିଲ୍ମ ଥିଲା 'ହିମାଳୟପୁତ୍ର'। କିନ୍ତୁ ଫିଲ୍ମଟିକୁ ଆଶାନୁରୂପ ସଫଳତା ମିଳି ନ ଥିଲା। ହେଲେ ଠିକ୍ ଏହା ପରେ ଜେ.ପି. ଦତ୍ତାଙ୍କ ଅଫର ତାଙ୍କର ଭାଗ୍ୟ ବଦଳାଇ ଦେଇଥିଲା। ଏ ବିଷୟରେ ଅକ୍ଷୟ କହନ୍ତି, ''ମୋର ପ୍ରଥମ ଫିଲ୍ମକୁ ନେଇ ବହୁତ ଆଶା ଥିଲା, କିନ୍ତୁ ରିଲିଜ ପରେ ତାହା ଭଲ ବିଜନେସ କରି ନ ଥିଲା। 'ବର୍ଡର' ଥିଲା ମୋ ଅଭିନୀତ ଦ୍ୱିତୀୟ ସିନେମା ଆଉ ଏହା ବ୍ଲକ ବଷ୍ଟର ସାବ୍ୟସ୍ତ ହୋଇଥିଲା। ଯଦି ଏହି ଫିଲ୍ମଟି ଫ୍ଲପ୍ ହୋଇଥାଆନ୍ତା ତେବେ ମୋ ଆକ୍ଟିଂ କ୍ୟାରିୟର ଏଭଳି ଆଗକୁ ବଢ଼ି ନ ଥା'ନ୍ତା। ପରବର୍ତ୍ତୀ ସମୟରେ ମୋ ଅଭିନୀତ ଅନେକ ସିନେମାକୁ ଦର୍ଶକ ଗ୍ରହଣ କରିଛନ୍ତି। ଆଉ ସେଥିଲାଗି ଆଜି ପର୍ଯ୍ୟନ୍ତ ମୁଁ ବଲିଉଡ୍‌ରେ ତିଷ୍ଠି ରହିଛି ବୋଲି କହନ୍ତି ବିଗତ ଦିନର ବିଶିଷ୍ଟ ଅଭିନେତା ବିନୋଦ ଖାନ୍ନାଙ୍କ ପୁତ୍ର ଅକ୍ଷୟ।''

## ରିଲିଜ ଅପେକ୍ଷାରେ...

# ମନ୍ତ୍ରମୁଗ୍ଧ


'ମନ୍ତ୍ରମୁଗ୍ଧ' ଫିଲ୍ମର ଏକ ପୋଷ୍ଟର

ଚଳିତ ବର୍ଷ ସିନେମା ରିଲିଜ ତାଲିକାରେ ଆଉ ଏକ ଚିତ୍ର ସାମିଲ ହେବାକୁ ଯାଉଛି। ଏହାର ଟାଇଟଲ ରହିଛି 'ମନ୍ତ୍ରମୁଗ୍ଧ'। ଏହି ବିଗ୍ ବଜେଟ୍ ତଥା ଚର୍ଚ୍ଚିତ ସିନେମାର ନିର୍ଦ୍ଦେଶନା ଦେଇଛନ୍ତି ଜାତୀୟ ଚଳଚ୍ଚିତ୍ର ପୁରସ୍କାରପ୍ରାପ୍ତ ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକ। ଫିଲ୍ମଟି ଆସନ୍ତା ମାସ ୧ ତାରିଖରେ ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଏହାର କାହାଣୀ ଅନୁପମ ଓ ରୋଶନ ବିଶୋଇ ଲେଖିଥିବା ବେଳେ ଚିତ୍ରନାଟ୍ୟ ରଚନା କରିଛନ୍ତି ରୋହିତ ଗେହଲୋଟ ଓ ଅନୁପମ ପଟ୍ଟନାୟକ। ସଂଳାପ ଲେଖିଛନ୍ତି ପ୍ରଣବ ରଥ। ଫିଲ୍ମର ସଙ୍ଗୀତକୁ ସଜେଇଛନ୍ତି ପାଞ୍ଚ ଜଣ ସଙ୍ଗୀତ ନିର୍ଦ୍ଦେଶକ– ଆଶିଷ ପ୍ରଧାନ,ଅନୁରାଗ ପଟ୍ଟନାୟକ, ସଙ୍ଗୀତ ପଟ୍ଟନାୟକ, ଅନୁରାଗ ପଣ୍ଡା ଓ ରୌମ୍ୟ ରାଜ ପ୍ରଧାନ। ଏହି ନୂଆ ସିନେମାର କାଷ୍ଟିଂରେ ଦୀପନ୍ୱିତ ଦାଶମହାପାତ୍ର, ସୂର୍ଯ୍ୟମୟୀ ମହାପାତ୍ର, ଭୂମିକା ଦାଶ, ହର ରଥ, ଚୌଧୁରୀ ଜୟପ୍ରକାଶ ଦାସ, ସନୋଜ କୁମାର, ମନ୍ମୟ ଦେ', ନବାଗତ ସାର୍ଥକ ଭରଦ୍ୱାଜ, ନିଶାନ୍ତ ମଜିଠିଆ, ସୋମା ହୋତା, ଭକ୍ତି ଦାସ , ଟେଲି ଅଭିନେତ୍ରୀ ପିହୁ ମହାପାତ୍ର ଓ ଡିଜିଟାଲ କ୍ରିଏଟର ମିଷ୍ଟର ରାଉତ ରହିଛନ୍ତି। 'ମନ୍ତ୍ରମୁଗ୍ଧ'ର ପ୍ରଚାର ଏବଂ ପ୍ରସାର ଦାୟିତ୍ୱରେ ଅଛନ୍ତି ପ୍ରଣୟ ଜେଠୀ।

## ପରଦାରେ...

# କାଙ୍ଗୁଲା : ଦଣ୍ଡକାଳୀର ନାଚ

ଆମ ରାଜ୍ୟର ପ୍ରାଚୀନ ପରମ୍ପରା ମଧ୍ୟରେ ଦଣ୍ଡନାଚ ଅନ୍ୟତମ। ସେଭଳି ଏକ ବିଷୟବସ୍ତୁକୁ ଆଧାର କରି ନିର୍ମିତ ହୋଇଛି ଓଡ଼ିଆ ସିନେମା 'କାଙ୍ଗୁଲା : ଦଣ୍ଡକାଳୀର ନାଚ'। ଫିଲ୍ମଟି ଚଳିତ ମାସ ୨୪ ତାରିଖରେ ପରଦା ଉପରକୁ ଆସୁଛି। ଖାସ୍ କଥା ହେଲା ଅନ୍ୟତମ ଆଗଧାଡିର ଅଭିନେତା ସମ୍ୱିତ ଆଚାର୍ଯ୍ୟ ଏହାର ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ତା'ସହ ସେ ହେଉଛି ଏହି ଫିଲ୍ମର ଅନ୍ୟତମ ପ୍ରଯୋଜକ। ପ୍ରଥମ ଥର ପାଇଁ ସେ ପ୍ରଯୋଜନା ପରି ଗୁରୁ ଦାୟିତ୍ୱ ବ୍ୟକ୍ତ କରନ୍ତି ସମ୍ୱିତ।'' କାହାଣୀ ଅନୁସାରେ କାଙ୍ଗୁଲା ନାମକ ଏକ ଗାଁ, ଆଉ ସେଠାରେ ମା' କାଙ୍ଗୁଲାଙ୍କୁ ଗ୍ରାମବାସୀ ଦୃଢ଼ ବିଶ୍ୱାସ କରନ୍ତି। ସେଠାକାର ପ୍ରସିଦ୍ଧ ଦଣ୍ଡ ନାଚର ପ୍ରଚାର ପ୍ରସାର ପାଇଁ ସେହି ଗ୍ରାମର ଜଣେ ଯୁବକ ଆଗଭର ହେଉଛି। ଆଉ ଏହି ସମୟରେ ତାଙ୍କ ସହ ଆଉ କେତେ ଜଣ ମଧ୍ୟ ହାତ ମିଳାଉଛନ୍ତି। ତେବେ ଏଭଳି ଏକ ପ୍ରାଚୀନ ଲୋକନୃତ୍ୟକୁ ଯୁବକ ଜଣକ କେତେ ଲୋକାଦୃତ କରାଇପାରୁଛି ତାହା ଏହି ସିନେମାରେ ଦେଖିବାକୁ ମିଳିବ। ଶୁଭେନ୍ଦୁ କୁମାର ମଲ୍ଲ (ଲିଟୁ) ଏବଂ ସମ୍ୱିତଙ୍କ ପ୍ରଯୋଜିତ ଏହି ଭିନ୍ନ ଧରଣର ଫିଲ୍ମର ନାୟିକା



'କାଙ୍ଗୁଲା : ଦଣ୍ଡକାଳୀର ନାଚ' ଫିଲ୍ମରେ (ବାମରୁ)ସମ୍ୱିତ–ଚେଣ୍ଟ–ସୂର୍ଯ୍ୟମୟୀ

ନିର୍ବାହ କରିଛନ୍ତି। ''ଦଣ୍ଡନାଚ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ନେଇ ଫିଲ୍ମଟି ନିର୍ମିତ ହୋଇଛି। ଏହାର କାହାଣୀ, ସଂଳାପ, ସଙ୍ଗୀତ ଏବଂ ଦୃଶ୍ୟାୟନ ଏଭଳି କରାଯାଇଛି ଯେ ତାହା ଦର୍ଶକଙ୍କ ମନ ଜିଣିବାରେ ନିଶ୍ଚୟ ସକ୍ଷମ ହେବ । ଆମ ପରିଶ୍ରମର ମୂଲ୍ୟ ନିଶ୍ଚୟ ମିଳିବ ବୋଲି ଦୃଢ଼ୋକ୍ତି ସାଜିଛନ୍ତି ସୂର୍ଯ୍ୟମୟୀ ମହାପାତ୍ର। ଅଶ୍ୱିନୀ ତ୍ରିପାଠୀଙ୍କ ନିର୍ଦ୍ଦେଶିତ ଉକ୍ତ ସିନେମାରେ ସମ୍ୱିତ ଏବଂ ସୂର୍ଯ୍ୟମୟୀଙ୍କ ବ୍ୟତୀତ ଅଭିଷେକ ଗିରି, ପୁପିନ୍ଦର, ଶ୍ରୀତମ ଦାସ, ପ୍ରଦ୍ୟୁମ୍ନ ଲେଙ୍କା ଏବଂ ୟୁଟ୍ୟୁବର ଚେଣ୍ଟ ପ୍ରମୁଖ ଅଭିନୟ କରୁଛନ୍ତି। ସମ୍ୱିତ ଆଚାର୍ଯ୍ୟ ଫିଲ୍ମସ ଏବଂ ସତ୍ୟନାରାୟଣ ପ୍ରଡକ୍ସନ ବ୍ୟାନରରେ ଏହାକୁ ପ୍ରସ୍ତୁତ କରାଯାଇଛି।

## ମୋନଷ୍ଟର : ଦ ଅଲ୍‌ଟିମେଟ

ଏକ ଭିନ୍ନ ଧରଣର କାହାଣୀକୁ ଆଧାର କରି ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'ମୋନଷ୍ଟର : ଦ ଅଲ୍‌ଟିମେଟ'। ଖାସ୍ କଥା ହେଲା ଏହି


ଆଦିତ୍ୟ

ଫିଲ୍ମର ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି ଆଦିତ୍ୟ। 'ଆଇ ଲଭ୍ ୟୁ–୨'ରୁ ସେ ଓଲିଉଡ୍‌ରେ ଏଣ୍ଟ୍ରି କରିଥିଲେ। ଏହାର ପ୍ରଯୋଜକ ସଞ୍ଜୟ ନାୟକ (ଟୁଟୁ) ତାଙ୍କୁ ପ୍ରଥମେ ବ୍ରେକ୍ ଦେଇଥିଲେ। ଗୋପିନାଥ ମୋସନ ପିକ୍ଚର୍ସ ବ୍ୟାନରରେ ପ୍ରସ୍ତୁତ ଏହି ଫିଲ୍ମରେ ଆକ୍ସନ ଭରି ରହିଛି। ଆଦିତ୍ୟଙ୍କ ଅଭିନୀତ ପ୍ରଥମ ସିନେମାର ନିର୍ଦ୍ଦେଶନା ଦେଇଥିଲେ ବରିଷ୍ଠ ନିର୍ଦ୍ଦେଶକ ସୁଧାଂଶୁ ସାହୁ। ସେ ମଧ୍ୟ ଏହି ଫିଲ୍ମର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି। ଉକ୍ତ ବିଗ୍ ବଜେଟ୍ ସିନେମାରେ ରୋବୋଟିକ୍ ଆର୍ମ ମେସିନ୍ ବ୍ୟତୀତ ଆହୁରି ଅନେକ ଆଧୁନିକ ଟେକ୍ନୋଲୋଜିର ପ୍ରୟୋଗ କରାଯାଇଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ଏହି ଫିଲ୍ମଟିର ସଫଳତାକୁ ନେଇ ଢ଼େର ଆଶା ବାନ୍ଧିଛନ୍ତି ଆଦିତ୍ୟ। ପ୍ରଥମ ସିନେମାରେ ରୋମାଣ୍ଟିକ ଭୂମିକାରେ ସେ ଦର୍ଶକଙ୍କ ମନ ଜିଣିବାରେ ସକ୍ଷମ ହୋଇଥିଲେ। ଆଉ ଏବେ ନିଜର ଦ୍ୱିତୀୟ ସିନେମା ମଧ୍ୟ ଦର୍ଶକଙ୍କୁ ଶତ ପ୍ରତିଶତ ମନୋରଞ୍ଜନ ଯୋଗାଇବ ବୋଲି ସେ ଆଶା ରଖିଛନ୍ତି। ଏହି ଫିଲ୍ମର ଶୁଟିଂ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ଏବଂ କେତୋଟି ଗୀତର ଦୃଶ୍ୟାୟନ ବାକି ରହିଛି ବୋଲି ସୂଚନା ଦେଇଛନ୍ତି ନିର୍ଦ୍ଦେଶକ।

# ମନେ ପକାନ୍ତି ବିଦ୍ୟା

ଅଭିନୟରେ ବିଦ୍ୟା ବାଲାନ କେତେ ଦକ୍ଷ ତାହାର ପ୍ରମାଣ ସେ ଅନେକ ସିନେମାରେ ଦେଇସାରିଛନ୍ତି। ଅନ୍ୟପକ୍ଷରେ ସେ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ହାସଲ କରିବାରେ ମଧ୍ୟ ସକ୍ଷମ ହୋଇଛନ୍ତି। ତେବେ ନିଜ ପ୍ରଥମ ହିନ୍ଦୀ ସିନେମା 'ପରିଣୀତା'ର ଅନୁଭୂତିକୁ ସେ ଏବେ ମଧ୍ୟ ମନେ ପକାନ୍ତି। ୨୦୦୫ରେ ରିଲିଜ ହୋଇଥିବା ଏହି ଫିଲ୍ମରେ ନାୟିକା ସାଜିବା ପାଇଁ ତାଙ୍କୁ ବେଶ୍ କଷ୍ଟ କରିବାକୁ ପଡିଥିଲା। ଏଥିଲାଗି ବିଦ୍ୟା ୪୦ ଥର ସ୍କ୍ରିନ୍ ଟେଷ୍ଟ ଏବଂ ୧୭ ଥର ମେକ୍‌ଅପ୍ ଟେଷ୍ଟ ଦେଇଥିଲେ। ପରିଶେଷରେ ତାଙ୍କର ପରିଶ୍ରମ ସାର୍ଥକ ହୋଇଥିଲା। ଏ ବିଷୟରେ ସେ କହନ୍ତି, ''ମୋ ପ୍ରଥମ ସିନେମା ଲାଗି ମୋତେ ଯେ ଏତେ କଷ୍ଟ କରିବାକୁ ପଡିବ ତାହା କେବେ ମୁଁ କଳ୍ପନା କରି ନ ଥିଲି। ଏଥିଲାଗି ମୁଁ ୪୦ ଥର ସ୍କ୍ରିନ୍ ଟେଷ୍ଟ ଦେଇଥିଲି। କେବଳ ସେତିକି ନୁହେଁ, ୧୭ ଥର ମେକ୍‌ଅପ୍ ଟେଷ୍ଟ ଦେବା ପରେ ମୋତେ ସିଲେକ୍ଟ କରାଯାଇଥିଲା। ଏ ନେଇ ଏହାର ନିର୍ଦ୍ଦେଶକ ପ୍ରଦୀପ ସରକାରଙ୍କୁ ମୁଁ ଯେତେ ଧନ୍ୟବାଦ ଦେବି ତାହା ସେତେ କମ୍ ହେବ। ଯାହାହେଉ ମୋ ପ୍ରଥମ ସିନେମାକୁ ଦର୍ଶକ ଗ୍ରହଣ କରିଥିଲେ। ଫିଲ୍ମଟି ହିଟ୍ ହେବା ପରେ ମୋତେ ଅଫର ପରେ ଅଫର ମିଳିଚାଲିଲା। ହେଲେ ଯେତେବେଳେ ମୁଁ ଅଭିନୟ କରିବାକୁ ସ୍ଥିର କଲି ସେତେବେଳେ ମୋତେ ଗୁଡାଏ ଅଫର ମିଳିଥିଲା। କିନ୍ତୁ କେତେକ କାରଣରୁ ସେଗୁଡିକ ସଫଳ ହୋଇ ନ ଥିଲା। ହେଲେ ସେଥିରେ ମୁଁ ଭାଙ୍ଗି ନ ପଡି ଧୈର୍ଯ୍ୟର ସହ ଅପେକ୍ଷା କରିଥିଲି। ୨୦୦୫ରେ ଭାଗ୍ୟଦେବୀ ମୋ ପ୍ରତି ପ୍ରସନ୍ନ ହେଲେ ଆଉ ମୋ ଅଭିନୀତ 'ପରିଣୀତା' ହିଟ୍ ହେଲା।'' ଏବେ ବିଦ୍ୟାଙ୍କ ଅଭନୀତ ତଥା ରିତେଶ ଦେଶମୁଖଙ୍କ ନିର୍ଦ୍ଦେଶିତ ହିନ୍ଦୀ ସିନେମା 'ରାଜା ଶିବାଜୀ' ଆସନ୍ତା ମାସ ୧ରେ ରିଲିଜ ହେବାକୁ ଯାଉଛି।


ବିଦ୍ୟା

## ଅତୀତରୁ

→ଓଡ଼ିଆ ସିନେମା 'ନବଜନ୍ମ'ର ମୁଖ୍ୟ ପ୍ରଯୋଜନା କରିଥିଲେ ଧୀରେନ୍ଦ୍ର ନାଥ ବିଶ୍ୱାଳ। ନିର୍ଦ୍ଦେଶନା ଦେଇଥିଲେ ସଚିନ ମୁଖାର୍ଜୀ। ଗୀତଗୁଡିକୁ ସ୍ୱରାୟିତ କରିଥିଲେ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ବାଳକୃଷ୍ଣ ଦାଶ। ଶରତ ପୂଜାରୀ, ଝରଣା ଦାସ, ଅକ୍ଷୟ ମହାନ୍ତି ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ।

→ରାଜାରାଣୀ ଫିଲ୍ମସ, କଟକ ବ୍ୟାନରରେ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ଚଳଚ୍ଚିତ୍ର 'ବନ୍ଧନ'। ସ୍ୱର୍ଣ୍ଣ ପଟ୍ଟନାୟକ ଏହାର ପ୍ରଯୋଜନା କରିଥିବା ବେଳେ ନିର୍ଦ୍ଦେଶନା ଦେଇଥିଲେ ନିତାଇ ପାଲିତ। ପ୍ରଶାନ୍ତ ନନ୍ଦ, ଗୀତାଞ୍ଜଳି, ସାମୁଏଲ ସାହୁ (ବାବି) ପ୍ରମୁଖଙ୍କୁ ଏଥିରେ ଦେଖିବାକୁ ମିଳିଥିଲା।

→ସୁକୁମାର ଗାଙ୍ଗୁଲିଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ଓଡ଼ିଆ ଚିତ୍ର 'ଶ୍ରୀ ଶ୍ରୀ ପତିତପାବନ'ର ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ଶ୍ୟାମସୁନ୍ଦର। ଲକ୍ଷ୍ମୀପ୍ରିୟା ଏବଂ ଚିତ୍ରମଣି ମଧ୍ୟ ଏହାର ପ୍ରମୁଖ ଭୂମିକାରେ ରହିଥିଲେ।

# ମୌନିଙ୍କୁ ଭଲ ଲାଗେ...


ମୌନି

ଟିଭି ସିରିଜ 'ନାଗିନ୍' ଏବଂ ହିନ୍ଦୀ ସିନେମା 'ବ୍ରହ୍ମାସ୍ତ୍ର'ରେ ଅଭିନୟ କରି ଦର୍ଶକଙ୍କ ମନ ଜିଣିବାରେ ସକ୍ଷମ ହୋଇଥିଲେ ସେ। କଥକ ନୃତ୍ୟରେ ନିଜର ଦକ୍ଷତା ମଧ୍ୟ ଦେଖାଇ ସାରିଛନ୍ତି। ଆଉ ଏବେ କେବଳ ଆକ୍ଟିଂ ଉପରେ ଫୋକସ୍ କରୁଛନ୍ତି। ହଁ, ସେ ହେଲେ ମୌନି ରୟ। ଅଭିନୟ ବ୍ୟତୀତ ତାଙ୍କର ଆଉ କିଛି ରୁଚି ରହିଛି। ଅବସର ମିଳିବା ମାତ୍ରେ ସେ ତୂଳୀ ଧରି ଚିତ୍ର ଆଙ୍କିବାକୁ ବସି ପଡନ୍ତି। ଏ ବିଷୟରେ ମୌନି କହନ୍ତି, ''ପିଲାଟି ଦିନରୁ ମୋର ପେଣ୍ଟିଂ ପ୍ରତି ଆଗ୍ରହ ଥିଲା। ବିଶେଷଭାବରେ କଲେଜରେ ପଢ଼ିବା ସମୟରେ ମୋର ଏହି ନିଶା ଦ୍ୱିଗୁଣିତ ହୋଇଯାଇଥିଲା। ଏବେ ମଧ୍ୟ ସମୟ ମିଳିବା ମାତ୍ରେ ମୁଁ ଚିତ୍ର ଆଙ୍କିବାକୁ ବସିପଡେ। ଏଥିରୁ ମୋତେ ବେଶ୍ ଆତ୍ମତୃପ୍ତି ମିଳିଥାଏ।'' ମାସ୍ କମ୍ୟୁନିକେଶରେ ମଧ୍ୟ ସେ ଡିଗ୍ରୀ ହାସଲ କରିଛନ୍ତି। ହେଲେ ସେ ଅଭିନୟ ପ୍ରତି ଢଳିବା ଦିଗରେ କାହାର ଅଧିକ ଅବଦାନ ଅଛି ଜାଣନ୍ତି ? ତାଙ୍କ ମା' ମୁକ୍ତି ରୟଙ୍କର। କାରଣ ସେ ଥିଲେ ଜଣେ ଥିଏଟର ଅଭିନେତ୍ରୀ। ତାଙ୍କ ପରି ତାଙ୍କର ଝିଅ ମଧ୍ୟ ଆକ୍ଟିଂକୁ କ୍ୟାରିୟର କରୁ ବୋଲି ସେ ଚାହୁଁଥିଲେ। ଯାହାହେଉ ଶେଷରେ ନିଜ ମା'ଙ୍କର ଲକ୍ଷ୍ୟ ମଧ୍ୟ ପୂରଣ କରିବାରେ ସକ୍ଷମ ହୋଇଛନ୍ତି ମୌନି।



ପୁରୀରେ ବୁଧବାର କୋଷ୍ଟାଲ ମାରାଥନର ଲୋଗୋ ଓ ଟ୍ୟାଗ୍ ଲାଇନ୍ ଉନ୍ମୋଚନ ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ଅନ୍ୟ ଅତିଥିବୃନ୍ଦ।


ପୁରୀ ବ୍ଲୁ ଫ୍ଲାଗ ବିଚରେ ଉପସ୍ଥିତ ରାଜ୍ୟର କିମ୍ବଦନ୍ତୀ କ୍ରୀଡ଼ାବିତ୍।

# 'କୋଷ୍ଟାଲ ମାରାଥନ ଓଡ଼ିଶା ପର୍ଯ୍ୟଟନକୁ ଋଦ୍ଧିମନ୍ତ କରିବ'

**ପୁରୀ,୨୨।୪(ଅଜିତ୍ କୁମାର ମହାନ୍ତି)**

''କୋଷ୍ଟାଲ ମାରାଥନ୍ ଓଡ଼ିଶା ପର୍ଯ୍ୟଟନକୁ ଅଧିକ ଋଦ୍ଧିମନ୍ତ କରିବ। ଏହି ମାରାଥନ ପୁରୀରେ ଆସନ୍ତା ଡିସେମ୍ବର ୧୩ରେ ଅନୁଷ୍ଠିତ ହେବ। ମାରାଥନ୍ ପାଇଁ ୧ କୋଟି ଟଙ୍କାର ପୁରସ୍କାର ରାଶି ରଖାଯାଇଛି'' ବୋଲି ବୁଧବାର ଏଠାରେ ଅନୁଷ୍ଠିତ ଲୋଗୋ ଓ ଟ୍ୟାଗ୍ ଉନ୍ମୋଚନ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପ୍ରକାଶ କରିଛନ୍ତି। ଓଡ଼ିଶା ପର୍ଯ୍ୟଟନ ବିଭାଗ ଏବଂ ଓଏମ୍‌ସି ସହଯୋଗରେ 'ପୁରୀ କୋଷ୍ଟାଲ ମାରାଥନ୍' ଅନୁଷ୍ଠିତ ହେବ। ସଚେତନତା ଉଦ୍ଦେଶ୍ୟରେ ପୂର୍ବାହ୍ନରେ ପୁରୀ ବ୍ଲୁ ଫ୍ଲାଗ୍ ବିଚ୍‌ଠାରୁ ତାଜ୍ ହୋଟେଲ ପର୍ଯ୍ୟନ୍ତ ୬ କିଲୋମିଟର ବିଶିଷ୍ଟ ମାରାଥନ୍ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଅନ୍ତର୍ଜାତୀୟ ବାଲୁକାଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ବାଲୁକାକଳାରେ ପ୍ରସ୍ତୁତ ଲୋଗୋକୁ ଉଦ୍‌ଘାଟନ କରିଥିଲେ। ପରେ ଉପମୁଖ୍ୟମନ୍ତ୍ରୀ


ସଚେତନତା ସୃଷ୍ଟି ପାଇଁ ପୁରୀ ବିଚ୍‌ରେ ବୁଧବାର ଅନୁଷ୍ଠିତ ମାରାଥନ। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

- ପ୍ରତିଯୋଗିତା ପାଇଁ ୧ କୋଟିର ପୁରସ୍କାର ରାଶି
- ଲୋଗୋ, ଟ୍ୟାଗ୍ ଲାଇନ୍ ଉନ୍ମୋଚିତ

ଓ ଅନ୍ୟ ଅତିଥିମାନେ ପୁରୀ ବ୍ଲୁ ଫ୍ଲାଗ୍ ବିଚ୍‌ଠାରେ ପତାକା ଦେଖାଇ ମାରାଥନ୍ କ୍ରୀଡ଼ାବିତ୍‌ମାନଙ୍କୁ ଉତ୍ସାହିତ କରିଥିଲେ। ମାରାଥନ୍‌ରେ ଅଂଶଗ୍ରହଣକାରୀମାନେ ପହଞ୍ଚିବା ପରେ ତାଜ୍ ହୋଟେଲ ପରିସରରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ନୂତନ ଟ୍ୟାଗ୍ ଲାଇନ୍ 'ଥିଙ୍କ୍ ଇଣ୍ଡିଆ, ଥିଙ୍କ୍ ଓଡ଼ିଶା'କୁ ଉନ୍ମୋଚନ କରାଯାଇଥିବା ବେଳେ ଓଡ଼ିଶା ପର୍ଯ୍ୟଟନ ବିଭାଗ ଏବଂ ଓଏମ୍‌ସି ଦ୍ୱାରା ହେବାକୁଥିବା ଏହି କୋଷ୍ଟାଲ ମାରାଥନ୍‌ରେ ଭାଗନେବା ପାଇଁ ବିଭିନ୍ନ କ୍ରୀଡ଼ାବିତ୍‌ମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ନିଜ ବକ୍ତବ୍ୟରେ କହିଥିଲେ ଯେ, ''ପର୍ଯ୍ୟଟନ ଆମ ଜୀବନରେଖା। ପୁରୀକୁ ମହାପ୍ରଭୁଙ୍କ ଦର୍ଶନ ସହ ପର୍ଯ୍ୟଟନ ଲାଗି ଲୋକମାନେ ଆସିଥାନ୍ତି। ତେଣୁ ଆମକୁ ଏପରି ଭାବରେ ପର୍ଯ୍ୟଟନର ବିକାଶ କରିବାକୁ ପଡ଼ିବ, ଯାହା ଅଧିକ ପର୍ଯ୍ୟଟକଙ୍କୁ ଅଧିକ ଦିନ ପର୍ଯ୍ୟନ୍ତ ପୁରୀ ଓ ଓଡ଼ିଶାରେ ରହିବାକୁ ଉତ୍ସାହିତ କରିବ''। ବିଭିନ୍ନ ସ୍ଥାନରେ ଏହିଭଳି ଡମି ମାରାଥନ୍ ମାଧ୍ୟମରେ ସଚେତନତା ଓ ଆଗ୍ରହ ସୃଷ୍ଟି ପାଇଁ ଉଦ୍ୟମ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ରାଜ୍ୟ ପର୍ଯ୍ୟଟନ ସଚିବ ବଲବନ୍ତ ସିଂ ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ ସିଂ, ଡିଏଫ୍‌ଓ ଧନଜ ରାକୋଶ ମଗର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବରିଷ୍ଠ କ୍ରୀଡ଼ାବିତ୍‌ମାନଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ସେମାନଙ୍କ ମଧ୍ୟରେ ଅର୍ଜୁନ ପୁରସ୍କାରପ୍ରାପ୍ତ ସାଇକ୍ଲିଷ୍ଟ ମିନତି ମହାପାତ୍ର, ଭାରୋତ୍ତୋଳକ କେ. ରବିକୁମାର, ଅଲିମ୍ପିଆନ୍ ଅନୁରାଧା ବିଶ୍ୱାଳ, ପାରାଲିମ୍ପିଆନ୍ ମାର୍କଣ୍ଡ ରେଡ୍ଡୀ, ଭାରତୀୟ ମହିଳା ଫୁଟ୍‌ବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, କରାଟେକା ଅନୁପମା ସ୍ୱାଇଁ, ଏଭରେଷ୍ଟ ଆରୋହୀ ଗଣେଶ ଜେନା ପ୍ରମୁଖ ଅନ୍ୟତମ।

# ଦ୍ୱିତୀୟକୁ ଉଠିଲା ରାଜସ୍ଥାନ

**ଲକ୍ଷ୍ନୌ,୨୨।୪**

ରବୀନ୍ଦ୍ର ଜାଡେଜାଙ୍କ ଅଲରାଉଣ୍ଡ ପ୍ରଦର୍ଶନ ଓ ବୋଲରଙ୍କ ଘାତକ ବୋଲିଂ ବଳରେ ରାଜସ୍ଥାନ ରୟାଲ୍ସ ଏଠାରେ ବୁଧବାର ଖେଳାଯାଇଥିବା ଆଇପିଏଲ୍ ମ୍ୟାଚ୍‌ରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସକୁ ୪୦ ରନରେ ପରାସ୍ତ କରିଛି। ଏହା ରାଜସ୍ଥାନ ଲାଗି ସପ୍ତମ ମ୍ୟାଚ୍‌ରେ ପଞ୍ଚମ ବିଜୟ। ଏଥିସହିତ ଦଳ ୧୦ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନକୁ ଉଠିଛି। ପ୍ରଥମେ ବ୍ୟାଟିଂ କରିଥିବା ରାଜସ୍ଥାନ ୨୦ ଓଭରରେ ୬ ଉଇକେଟ ହରାଇ ୧୫୯ ରନ କରିଥିଲା। ଜଶସ୍ୱୀ ଜୟସ୍ୱାଲ (୨୨), ଅଧିନାୟକ ରିୟାନ ପରାଗ (୨୦), ଶିମରନ ହେଟମାୟର (୨୨) ଓ ଡୋନୋଭାନ ଫରେରା (୨୦)ଙ୍କୁ ଭଲ ଆରମ୍ଭ ମିଳିଥିଲେ ହେଁ ସେମାନେ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ଶେଷ ଆଡ଼କୁ ରବୀନ୍ଦ୍ର ଜାଡେଜା ୨୯ ବଲରେ ୪୩ (୨ ଚୌକା ଓ ୧ ଛକା) ଓ ଶୁଭମ ଦୁବେ ୧୧ ବଲରେ ୧୯ (୩ ଚୌକା) ରନ କରିଥିଲେ।

| ଆଇପିଏଲ୍ କାର୍ଯ୍ୟସୂଚୀ |
|---|
| (ଆଜିର ମ୍ୟାଚ) |
| ମୁମ୍ବାଇ ବନାମ ଚେନ୍ନାଇ |
| ସ୍ଥାନ: ମୁମ୍ବାଇ |
| ସମୟ: ସନ୍ଧ୍ୟା ୭.୩୦ |
| ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ |


ପ୍ଲେୟର ଅଫ୍ ଦି ମ୍ୟାଚ୍ ରବୀନ୍ଦ୍ର ଜାଡେଜା।

ଲକ୍ଷ୍ନୌ ପାଇଁ ମହମ୍ମଦ ଶାମି, ପ୍ରିନ୍ସ ଯାଦବ ଓ ମହସିନ ଖାନ ଦୁଇ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ରାଜସ୍ଥାନ ଭଳି ଲକ୍ଷ୍ନୌ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଏକାକୀ ମିଚେଲ ମାର୍ଶ (୪୧ ବଲ, ୫୫ ରନ, ୬ ଚୌକା ଓ ୨ ଛକା) ଅର୍ଦ୍ଧଶତକୀୟ ଇନିଂସ ଖେଳିଥିବା ବେଳେ ଅନ୍ୟ କୌଣସି ବ୍ୟାଟର ଆଖିଦୃଶିଆ ପ୍ରଦର୍ଶନ କରିପାରି ନ ଥିଲେ। ଆୟୁଷ ବଦୋନୀ, ଅଧିନାୟକ ଋଷଭ ପନ୍ତ ଓ ଏଡେନ ମାରକ୍ରାମ ଖାତା ଖୋଲିପାରି ନ ଥିବା ବେଳେ ନିକୋଲାସ ପୁରନ ୨୨, ମୁକୁଲ ଚୌଧାରୀ ୭ ଓ ହିମତ ସିଂ ୧୫ ରନ କରିଥିଲେ। ଫଳରେ ଲକ୍ଷ୍ନୌ ୧୮ ଓଭରରେ ୧୧୯ ରନରେ ଅଲଆଉଟ୍ ହୋଇଯାଇଥିଲା। ବିଜୟୀ ଦଳ ପାଇଁ ଜୋଫ୍ରା ଆର୍ଚ୍ଚର ୩ ଉଇକେଟ ନେଇଥିବା ବେଳେ ବ୍ରିଜେଶ ଶର୍ମା ଓ ନାନ୍ଦ୍ରେ ବର୍ଗର ଦୁଇଟି ଲେଖାଏ ଏବଂ ଜାଡେଜା ଗୋଟିଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ରାଜସ୍ଥାନ ରୟାଲ୍ସ: ୨୦ ଓଭରରେ ୧୫୯/୬ (ରବୀନ୍ଦ୍ର ଜାଡେଜା-୪୩*, ଶୁଭମ ଦୁବେ-୧୯*, ମହସିନ ଖାନ-୨/୧୭, ପ୍ରିନ୍ସ ଯାଦବ-୨/୨୯, ମହମ୍ମଦ ଶାମି-୨/୩୦)। ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ: ୧୮ ଓଭରରେ ୧୧୯/ଅଲଆଉଟ୍ (ମିଚେଲ ମାର୍ଶ-୫୫, ଜୋଫ୍ରା ଆର୍ଚ୍ଚର-୩/୨୦, ନାନ୍ଦ୍ରେ ବର୍ଗର-୨/୨୭, ବ୍ରିଜେଶ ଶର୍ମା-୨/୧୮)।

# ଆଶୁତୋଷ ଚାମ୍ପିୟନ, ଆକାଶ ରନରଅପ୍


ଅତିଥିଙ୍କ ଗହଣରେ ରନରଅପ୍ ଆକାଶ ମହାପାତ୍ର ଓ ଚାମ୍ପିୟନ ଆଶୁତୋଷ ପାଢ଼ୀ (ବାମରୁ ଦ୍ୱିତୀୟ ଓ ତୃତୀୟ)।

**ଭୁବନେଶ୍ୱର, ୨୨।୪(ତପନ ସ୍ୱାଇଁ)**

ବିଲିୟାର୍ଡ୍ସ ଆଣ୍ଡ ସ୍ନୁକର ଆସୋସିଏଶନ ଅଫ୍ ଓଡ଼ିଶା (ବିଏସ୍‌ଏଓ) ଆନୁକୂଲ୍ୟରେ ପଟିଆସ୍ଥିତ ୬ ପକେଟ୍ସ କ୍ଲବ୍ ପରିସରରେ ଅଲ୍ ଓଡ଼ିଶା ଓପନ୍ ୧୦ରେଡ୍ ସ୍ନୁକର ଚାମ୍ପିୟନଶିପ୍ ବୁଧବାର ଉଦ୍‌ଯାପିତ ହୋଇଛି। ତୀବ୍ର ସଂଘର୍ଷପୂର୍ଣ୍ଣ ଫାଇନାଲରେ ଆଶୁତୋଷ ପାଢ଼ୀ ୪-୨ (୫୩-୪୧, ୨୪-୩୫, ୫୭-୬, ୫୫-୩୭, ୩୩-୩୪, ୫୬-୧) ଫ୍ରେମ୍‌ରେ ଆକାଶ ମହାପାତ୍ରଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ତେବେ ପ୍ରତିଯୋଗିତାରେ ସର୍ବାଧିକ ୪୪ ବ୍ରେକ୍ ପଏଣ୍ଟ ରେକର୍ଡ ନିଶାନ୍ତ ବିଶ୍ୱାଳଙ୍କ ନାମରେ ରହିଛି। ଚାମ୍ପିୟନ ଆଶୁତୋଷଙ୍କୁ ପଦକ ସହ ୧୫,୦୦୦ ଓ ରନରଅପ୍ ଆକାଶ ମହାପାତ୍ରଙ୍କୁ ୭,୫୦୦ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି। ଦୁଇ ସେମିଫାଇନାଲିଷ୍ଟ ରାକେଶ ରୋଶନ ପ୍ରଧାନ ଓ ଚେତନ ଆନନ୍ଦଙ୍କୁ ୫୦୦୦ ଟଙ୍କା ଲେଖାଏ ଏବଂ ସର୍ବାଧିକ ବ୍ରେକ୍ ପଏଣ୍ଟ ପାଇଁ ନିଶାନ୍ତ ବିଶ୍ୱାଳଙ୍କୁ ୨୫୦୦ ଟଙ୍କା ପ୍ରଦାନ କରାଯାଇଛି। ଆୟୋଜକ ଆସୋସିଏଶନ ସମ୍ପାଦକ ସମୀର ଅଲ୍ଲୀ, ଟୁର୍ନାମେଣ୍ଟ ନିର୍ଦ୍ଦେଶକ ଗୋବିନ୍ଦ ଶର୍ମା, ୬ ପକେଟ୍ସ କ୍ଲବ୍ ମାଲିକ ଚେତନ ଆନନ୍ଦ, ଆୟୋଜକ କାର୍ଯ୍ୟନିର୍ବାହୀ ଋତ୍ୱିକ ମହାନ୍ତି ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

# ଭଦ୍ରକକୁ ଜିତାଇଲେ ଶୁଭାଶିଷ

**କଟକ,୨୨।୪(କୁମାରଶ୍ରୀ)**

ଓସିଏ ଆନୁକୂଲ୍ୟରେ ଚାଲିଥିବା ୧୬ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ ଟୁର୍ନାମେଣ୍ଟର ଏକ ରୋମାଞ୍ଚକ ମ୍ୟାଚ୍‌ରେ ଭଦ୍ରକ ୪ ଉଇକେଟରେ ଝାରସୁଗୁଡାକୁ ପରାସ୍ତ କରିଛି। ବିଜୟୀ ଦଳର ଶୁଭାଶିଷ ନାୟକ ଉଭୟ ବ୍ୟାଟିଂ ଓ ବୋଲିଂରେ ଶ୍ରେଷ୍ଠ ପ୍ରଦର୍ଶନ କରି ପ୍ଲେୟର ଅଫ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଖୋର୍ଦ୍ଧା ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଝାରସୁଗୁଡା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ଦଳ ମାତ୍ର ୧୧୫ରନରେ ଅଲଆଉଟ ହୋଇଥିଲା। ଶୁଭାଶିଷ ୧୩ରନ ବ୍ୟୟ କରି ୫ଟି ଉଇକେଟ ଦଖଲ କରିଥିଲେ। ୧୧୬ରନର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ଭଦ୍ରକ କ୍ରମାଗତ ଭାବେ ଗୋଟିଏ ପାର୍ଶ୍ୱରୁ ଉଇକେଟ ହରାଉଥିବା ସତ୍ତ୍ୱେ ଶୁଭାଶିଷ ବିସ୍ଫୋରକ ଅର୍ଦ୍ଧଶତକୀୟ ଇନିଂସ ଖେଳି ଦଳକୁ ଜିତାଇଥିଲେ। ସେ ୫୫ବଲରୁ ୧୪ଟି ଚୌକା ଏବଂ ଗୋଟିଏ ଛକା ସହାୟତାରେ ୭୯ରନର ଅପରାଜିତ ଇନିଂସ ଖେଳିଥିଲେ। ଅନ୍ୟ କୌଣସି ବ୍ୟାଟର ଦୁଇ ଅଙ୍କ ଛୁଇଁ ପାରିନଥିଲେ। ବୁଧବାର ଖେଳାଯାଇଥିବା ଅନ୍ୟ ମ୍ୟାଚ୍ ଗୁଡ଼ିକରେ କେନ୍ଦ୍ରାପଡା ୧୫୭ରନରେ ବରଗଡକୁ, ଭୁବନେଶ୍ୱର-ବି ୯୦ରନରେ ନୟାଗଡକୁ, କେନ୍ଦୁଝର ୭ ଉଇକେଟରେ ପାରାଦୀପକୁ, ଜଗତସିଂହପୁର ୧୪୪ରନରେ କଳାହାଣ୍ଡିକୁ ଏବଂ ସୋନପୁର ୧୬୫ରନରେ ରାୟଗଡାକୁ ହରାଇଛି।


ଶୁଭାଶିଷ ନାୟକ

# ସର୍ବଭାରତୀୟ ନୀଳାଚଳ ଟ୍ରଫିରେ ଭାଗନେବେ ୮ ଦଳ

**ପୁରୀ, ୨୨।୪ (ଅଜିତ୍ କୁମାର ମହାନ୍ତି)**

ରାଜ୍ୟର ଅନ୍ୟତମ ପ୍ରତିଷ୍ଠିତ ପାୟୋନିୟର କ୍ଲବ୍ ଆନୁକୂଲ୍ୟରେ ପୁରୀର ଜଗନ୍ନାଥ ଷ୍ଟାଡିୟମରେ ଚଳିତ ମାସ ୨୬ ତାରିଖରୁ ଆରମ୍ଭ ହେବାକୁ ଯାଉଛି ସର୍ବଭାରତୀୟ ନୀଳାଚଳ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟ। ମେ' ୩ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ପାୟୋନିୟର କ୍ଲବ୍‌ର ବିଶିଷ୍ଟ ସଦସ୍ୟ ତଥା ପୁରୀ ଆଥ୍‌ଲେଟିକ୍ ଆସୋସିଏଶନର ପୂର୍ବତନ କ୍ରିକେଟ ସମ୍ପାଦକ ସ୍ୱର୍ଗତ ଜଗଦୀଶ ଚନ୍ଦ୍ର ରାଉତରାୟଙ୍କ ସ୍ମୃତିରେ ଅନୁଷ୍ଠିତ ହେବ। ମ୍ୟାଚ୍‌ଗୁଡ଼ିକ ୪୦ ଓଭରବିଶିଷ୍ଟ ହେବ। ଚାମ୍ପିୟନ ଦଳକୁ ୧,୦୦,୦୦୦ ଏବଂ ରନରଅପ୍ ଦଳକୁ ୭୦,୦୦୦ ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯିବ ବୋଲି ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପାୟୋନିୟର କ୍ଲବ ସଭାପତି ଶକ୍ତି ମିଶ୍ର ପ୍ରକାଶ


ଟୁର୍ନାମେଣ୍ଟ ସମ୍ପର୍କରେ କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି।

**୨୬ରୁ ମେ' ୩ ପର୍ଯ୍ୟନ୍ତ ପୁରୀ ଜଗନ୍ନାଥ ଷ୍ଟାଡିୟମରେ ହେବ ଟୁର୍ନାମେଣ୍ଟ**

କରିଛନ୍ତି। ଟୁର୍ନାମେଣ୍ଟ କାର୍ଯ୍ୟସୂଚୀ ଅନୁସାରେ ଏପ୍ରିଲ ୨୬ରେ ପୁରୀର ପାୟୋନିୟର ସହ ଭୁବନେଶ୍ୱର ମୁକ୍ତେଶ୍ୱର କ୍ରିକେଟ କ୍ଲବ ମଧ୍ୟରେ ଉଦ୍‌ଘାଟନୀ ମୁକାବିଲା ତଥା ପ୍ରଥମ କ୍ୱାର୍ଟର ଫାଇନାଲ ଖେଳାଯିବ। ସେହିପରି ଏପ୍ରିଲ ୨୭ରେ କଟକର ୟୁନିୟନ ସ୍ପୋର୍ଟିଂ ଓ ବାଲେଶ୍ୱରର ଆଦର୍ଶ କ୍ରିକେଟ କ୍ଲବ, ୨୯ରେ କୋଲ୍‌କାତାର ଏଲଆରଏସ୍ ବାଂଲା କ୍ରିକେଟ ଏକାଡେମୀ ଓ ଭୁବନେଶ୍ୱରର ପ୍ରଗତି ସ୍ପୋର୍ଟିଂ ଏବଂ ୩୦ରେ ଦିଲ୍ଲୀର ପାଲାମ ବିହାର କ୍ରିକେଟ କ୍ଲବ ଓ ରାଉରକେଲା ୟୁଥ୍ କ୍ରିକେଟ କ୍ଲବ ମଧ୍ୟରେ ଅନ୍ୟ ୩ଟି କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହେବ। ୨୮ରେ ପ୍ରଥମ ଓ ମେ' ୧ରେ ଦ୍ୱିତୀୟ ସେମିଫାଇନାଲ ଏବଂ ୩ ତାରିଖରେ ଫାଇନାଲ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପାୟୋନିୟର କ୍ଲବ ସମ୍ପାଦକ ସଞ୍ଜୀବ ଦଇତାପତି, ଉପସଭାପତି ମୋହନ ପ୍ରତିହାରୀ ଏବଂ ନୀଳାଚଳ ଟ୍ରଫି ଅଭ୍ୟର୍ଥନା କମିଟି ଚେୟାରମ୍ୟାନ ରାଜେଶ କୁମାର ମିଶ୍ର, ସଭାପତି ମାଧବ ଚନ୍ଦ୍ର ଖୁଣ୍ଟିଆ, ସମ୍ପାଦକ ହରେଶ କୁମାର ମିଶ୍ର, ଯୁଗ୍ମ ସମ୍ପାଦକ ଅଗ୍ନେଶ ରାୟ ପ୍ରମୁଖ ଉପସ୍ଥିତ ଥିଲେ। ପାୟୋନିୟର କ୍ଲବ ସଦସ୍ୟ କୈଳାସ ଜେନା, ରଜନିକାନ୍ତ ପୃଷ୍ଟି, ଦୀପକ ମହାନ୍ତି, ଦେବକାନ୍ତ ରାୟ, ପୁଲକ ମହାନ୍ତି, ସିଦ୍ଧାର୍ଥ ଜେନା, ସୁମନ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

# ଡୋପ୍ ଟେଷ୍ଟରେ ନୱାଜ୍ ପଜିଟିଭ

**କରାଚୀ,୨୨।୪:** ଗତ ଟି୨୦ ବିଶ୍ୱକପ୍ ବେଳେ କରାଯାଇଥିବା ଡୋପ୍ ଟେଷ୍ଟରେ ପାକିସ୍ତାନ ଅଲ୍‌ରାଉଣ୍ଡର ମହମ୍ମଦ ନୱାଜ୍ ପଜିଟିଭ ଚିହ୍ନଟ ହୋଇଛନ୍ତି। ତାଙ୍କ ନମୁନାରେ ନିଷିଦ୍ଧ ରିକ୍ରିଏଶନାଲ ଡ୍ରଗ୍‌ର ଉପସ୍ଥିତି ଠାବ କରାଯାଇଛି। ଏଥିଯୋଗୁ ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ପକ୍ଷରୁ ଆନୁଷ୍ଠାନିକ ଭାବେ ତଦନ୍ତ ପ୍ରକ୍ରିୟା ଆରମ୍ଭ କରାଯାଇଛି।

ଇଏସ୍‌ପିଏନ୍‌କ୍ରିକ୍‌ଇନ୍‌ଫୋ ଅନୁଯାୟୀ, ଚଳିତ ବର୍ଷ ବିଶ୍ୱକପ୍ ବେଳେ କରାଯାଇଥିବା ରୁଟିନ୍ ଟେଷ୍ଟିଂରେ ପଜିଟିଭ୍ ଫଳାଫଳ ସାମ୍ନାକୁ ଆସିଛି। ୩୨ ବର୍ଷୀୟ ନୱାଜ୍ ପାକିସ୍ତାନ ପାଇଁ ଶ୍ରୀଲଙ୍କାରେ ସମସ୍ତ ୭ ମ୍ୟାଚ୍ ଖେଳିଥିଲେ, ଯେଉଁଠାରେ ତାଙ୍କ ଦଳ ସୁପର-୮ ପର୍ଯ୍ୟାୟରୁ ବିଦାୟ ନେଇଥିଲା।






4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ Business queries: <advt@dharitri.com>